# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

♦VOLUME- 43 ♦ISSUE-178 ♦WEDNESDAY ♦24 DECEMBER 2025 ♦PAGE-12 ♦₹ 6.00

PANIKOILI

♦ବର୍ଷ-୪୩ ♦ସଂଖ୍ୟା-୧୭୮ ♦ବୁଧବାର ♦୨୪ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦





ପ୍ରିଆନ୍ଦନାଙ୍କ ବିଶ୍ୱ ରେକର୍ଡ: ଗୋଟିଏ ଓଭରରେ ୫ ୱିକେଟ୍

▶ପୃଷ୍ଠା ୧୨ ଦେଖନ୍ତୁ...

# ଭାରତରେ 'ବାଂଲା' ତାତି

## ଦିଲ୍ଲୀରେ ବାଂଲାଦେଶ ହାଇକମିସନ ଆଗରେ ବିକ୍ଷୋଭ

■ ନୂଆଦିଲ୍ଲୀ, ୨୩।୧୨ (ଏଜେନ୍ସି): ବାଂଲାଦେଶରେ ସଂସଦ ନିର୍ବାଚନ ପାଇଁ ସମୟ ଯେତେ ପାଖେଇ ଆସୁଛି, ସେଠାରେ ଉତ୍ତେଜନା ସେତିକି ତୀବ୍ର ହେବାରେ ଲାଗିଛି। ପ୍ରଥମେ ଜଣେ ଛାତ୍ର ନେତାଙ୍କୁ ହତ୍ୟା ପରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଗତକାଲି ଜଣେ ଶ୍ରମିକ ନେତାଙ୍କୁ ଗୁଳି କରାଯାଇଛି। ଏହାପରେ ବାଂଲାଦେଶରେ ଏକ ପ୍ରକାର ଅରାଜକତା ସୃଷ୍ଟି ହୋଇଛି। ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ କାମଚଳା ସରକାର ଅସହାୟ ହୋଇପଡ଼ିଥିବା ଭଳି ମନେ ହେଉଛି। ସେନାବାହିନୀ ଚୁପ ହାଇ ବସିଥିବା ବେଳେ ପୁଲିସ ଫୋର୍ସ ଉତ୍ୟକ୍ତ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଡରୁଛି। ଫଳରେ ଆନ୍ଦୋଳନ ନାମରେ ଦୁର୍ବୃତ୍ତ ଖୁଲାଖୁଲି ଆତଙ୍କରାଜ ଚଳାଇଛନ୍ତି। ଏବେ ସେମାନେ ବିତାଡ଼ିତ ପ୍ରଧାନମନ୍ତ୍ରୀ ହାସିନାଙ୍କ ସମର୍ଥକ ଏବଂ ହିନ୍ଦୁ ସଂପ୍ରଦାୟ ଉପରେ ଆକ୍ରମଣ କରିବା ଆରମ୍ଭ କରିଛନ୍ତି। ଗତ ୧୮ ତାରିଖରେ ସେମାନେ ଦୀପୁ ଦାସ ନାମକ ଜଣେ ୨୫ ବର୍ଷୀୟ ହିନ୍ଦୁ ଯୁବକଙ୍କୁ ହତ୍ୟା କରି ନିଆଁ ଲଗାଇଦେଇଥିଲେ। ଏହାକୁ ନେଇ ଭାରତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଜି ହଜାର ହଜାର ସଂଖ୍ୟାରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ କର୍ମୀ ନୂଆଦିଲ୍ଲୀ ସ୍ଥିତ ବାଂଲାଦେଶ ହାଇକମିସନ ଆଗରେ ବିକ୍ଷୋଭ କରିଥିଲେ। ସେମାନେ ଦୀପୁ ଦାସ ହତ୍ୟାକାଣ୍ଡର ପ୍ରତିବାଦ ଜଣାଇବା ସହିତ ହତ୍ୟାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ବାଂଲାଦେଶରେ ହିନ୍ଦୁ ସଂପ୍ରଦାୟକୁ ଟାର୍ଗେଟ କରାଯାଉଥିବାରୁ ଏହାର ନିନ୍ଦା କରିବା ସହିତ ସେଠାରେ ସଂଖ୍ୟାଲଘୁ ସଂପ୍ରଦାୟକୁ ସୁରକ୍ଷା ଦେବାଲାଗି ଦାବି କରିଛନ୍ତି। ବିକ୍ଷୋଭକାରୀମାନେ ପୁଲିସ ବ୍ୟାରିକେଡ୍ ଭାଙ୍ଗି ବାଂଲା ହାଇକମିସନ ଆଡ଼କୁ ଅଗ୍ରସର ହୋଇଥିଲେ। ତେବେ ପୁଲିସ ସେମାନଙ୍କୁ ହାଇକମିସନ ଅଫିସ ଠାରୁ ୮୦୦ ମିଟର ଦୂରରେ ଅଟକାଇଥିଲା। ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ ବାଂଲାଦେଶ ହାଇକମିସନ ପାଇଁ ୭ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ଏବଂ ୧୫୦୦ ଯବାନଙ୍କୁ ମୁତୟନ କରାଯାଇଥିଲା। ଦିଲ୍ଲୀ ସମେତ ଦେଶର ୭ଟି ସହରରେ ଆଜି ବାଂଲାଦେଶ ବିରୋଧରେ ଏଭଳି ବିକ୍ଷୋଭ ହୋଇଥିବାର ଖବର ମିଳିଛି।



### ଢାକାରେ ଭାରତୀୟ ହାଇକମିସନରଙ୍କୁ ସମନ୍

### ଉଦବେଗ ଜଣାଇଲା ଜାତିସଂଘ

### ଭାରତ ଉପରେ ଆକ୍ରମଣ ପାଇଁ ପାକ୍ ନେତାଙ୍କ ଧମକ

ଅନ୍ୟପକ୍ଷରେ ଏଭଳି ବିକ୍ଷୋଭ ପ୍ରଦର୍ଶନକୁ ନେଇ ବାଂଲାଦେଶ ଉଦବେଗ ପ୍ରକାଶ କରିଛି। ବାଂଲାଦେଶର ବୈଦେଶିକ ସଚିବ ଆଜି ଢାକାରେ ଭାରତୀୟ ହାଇକମିସନର ପ୍ରଣୟ ବର୍ମାଙ୍କୁ ସମନ୍ କରି ନୂଆଦିଲ୍ଲୀ ଏବଂ ସିଲିଗୁଡ଼ିରେ ବାଂଲାଦେଶ କୂଟନୈତିକ କେନ୍ଦ୍ରକୁ ଟାର୍ଗେଟ କରି ହୋଇଥିବା ହିଂସାର ପ୍ରତିବାଦ ଜଣାଇଛନ୍ତି। ଦୁଇ ଅଧିକାରୀଙ୍କ ମଧ୍ୟରେ ୫ମିନିଟ ସାକ୍ଷାତ ପରେ ବାଂଲାଦେଶ ପକ୍ଷରୁ ଏକ ବିବୃତି ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ ଭାରତରେ ବାଂଲାଦେଶ କୂଟନୈତିକ ଅଧିକାରୀଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି। ଆପୋସ ସମ୍ମାନ, ▶ପୃଷ୍ଠା-୭

# ଏସଆଇଆର ଝଟକା ୭ ରାଜ୍ୟରୁ କଟିଲା ୨ କୋଟି ୭୦ ଲକ୍ଷ ନାମ

### ମଧ୍ୟପ୍ରଦେଶରୁ କଟିଲା ୪୨.୭୪ ଲକ୍ଷ ନାମ

### ଗୁଜରାଟରୁ ୭୩ ଲକ୍ଷ, ପଶ୍ଚିମବଙ୍ଗରୁ ୫୮ ଲକ୍ଷ

### ଛତିଶଗଡ଼ରୁ ୨୭ ଲକ୍ଷ, କେରଳରୁ ୨୨ ଲକ୍ଷ ହଟିଲେ

### ତାମିଲନାଡୁରେ କଟିଲା ସର୍ବାଧିକ ୯୫ ଲକ୍ଷ ନାମ

■ ଭୋପାଳ, ୨୩।୧୨ (ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ (ଏସଆଇଆର) ପରେ ମଙ୍ଗଳବାର ନିର୍ବାଚନ କମିଶନ (ଇସି) ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ କେରଳର ଚିଠା ଭୋଟର ତାଲିକା ଜାରି କରିଛନ୍ତି। ମଧ୍ୟପ୍ରଦେଶ ଭୋଟର ତାଲିକାରୁ ୪୨.୭୪ ଲକ୍ଷ ଭୋଟରଙ୍କୁ ହଟାଇ ଦିଆଯାଇଛି। ଏଥିରେ ୧୯.୧୯ ଲକ୍ଷ ପୁରୁଷ ଏବଂ ୨୩.୬୪ ଲକ୍ଷ ମହିଳା ସାମିଲ ଅଛନ୍ତି। ଏହା ବ୍ୟତୀତ ମ୍ୟାପିଂ ହୋଇ ନ ଥିବା ୮.୪୦ ଲକ୍ଷ ନାମ ରହିଛି। ୩୧.୫୧ ଲକ୍ଷ ଲୋକ ଅନ୍ୟତ୍ର ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ୨.୭୭ ଲକ୍ଷ ଲୋକ ଏକାଧିକ ସ୍ଥାନରେ ପଞ୍ଜିକରଣ କରିଥିବା ଚିହ୍ନଟ ହୋଇଛି। ସେହିପରି କେରଳରୁ ୨୨ ଲକ୍ଷ ନାମ ହଟାଇ ଦିଆଯାଇଛି। ଏହି ରାଜ୍ୟରୁ ୨,୫୪, ୪୨, ୩୫୨ ଫର୍ମ (୯୧.୩୫ ପ୍ରତିଶତ) ସଂଗ୍ରହ କରାଯାଇଛି। ହଟା ଯାଇଥିବା ଭୋଟରଙ୍କ ମଧ୍ୟରେ ୬, ୪୯, ୮୮୫ ମୃତ ବ୍ୟକ୍ତି ସାମିଲ ଅଛନ୍ତି। ୧୪, ୬୧, ୭୬୯ ଜଣ ଅନ୍ୟତ୍ର ସ୍ଥାନାନ୍ତର ହୋଇ ସାରିଛନ୍ତି। ୧, ୩୬, ୦୨୯ ଜଣ ଏକାଧିକ ସ୍ଥାନରେ ପଞ୍ଜୀକରଣ କରିଛନ୍ତି।

ଛତିଶଗଡ଼ରୁ ୨୭ ଲକ୍ଷ ଭୋଟରଙ୍କୁ ଚିଠା ତାଲିକାରୁ ବାଦ ଦିଆଯାଇଛି। ଏମାନଙ୍କ ମଧ୍ୟରେ ୬, ୪୨, ୨୩୪ ଜଣ ପ୍ରାଣ ହରାଇଥିବାବେଳେ ▶ପୃଷ୍ଠା-୭

## ମହାନଦୀ ବିବାଦ ସମାଧାନ ପାଇଁ ଉଚ୍ଚସ୍ତରୀୟ କମିଟି ବୈଠକ

# ରାଜ୍ୟ ସ୍ୱାର୍ଥ ସହ ଆଦୌ ସାଲିସ୍ ହେବ ନାହିଁ

■ ଭୁବନେଶ୍ୱର, ୨୩।୧୨ (ସମିସ): ମହାନଦୀ ଓଡ଼ିଶାର ଜୀବନରେଖା। ଏହାର ସ୍ୱାର୍ଥ ସହ କୌଣସି ପ୍ରକାର ସାଲିସ କରାଯାଇପାରିବ ନାହିଁ। ମହାନଦୀ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ କଣ ରହିଛି, ଛତିଶଗଡ଼ ସହ କଣ ଆଲୋଚନା ହୋଇଛି ସେନେଇ ରାଜ୍ୟବାସୀଙ୍କୁ ସରକାର ଅବଗତ କରାନ୍ତୁ। ମହାନଦୀ ଜଳ ବିବାଦରେ ଗଠିତ ଉଚ୍ଚସ୍ତରୀୟ କମିଟିର ପ୍ରଥମ ବୈଠକରେ ଏପରି ଦାବି ରଖିଛନ୍ତି ସଦସ୍ୟ ତଥା ବରିଷ୍ଠ ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ। କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ ମଧ୍ୟ ସମାନ ଆଭିମୁଖ୍ୟ ରଖିବା ସହ ଏହି ମାମଲାକୁ ଅଧିକ ବିଳମ୍ବିତ ନକରି ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ମଙ୍ଗଳବାର ରାଜୀବ ଭବନଠାରେ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଆସନ୍ତା ଜାନୁଆରୀରେ ଏହାର ପରବର୍ତ୍ତୀ ବୈଠକ ଅନୁଷ୍ଠିତ କରିବାକୁ ନିଷ୍ପତ୍ତି ନିଆଯାଇଛି।

ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ଆଜି କମିଟିର ସମସ୍ତ ସଦସ୍ୟ ମାନଙ୍କୁ ମହାନଦୀ ବିବାଦରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ, ଛତିଶଗଡ ସହ ଏଯାବତ ହୋଇଥିବା ଆଲୋଚନା ସମ୍ପର୍କରେ ଅବଗତ କରାଗଲା। କମିଟିର ଆସନ୍ତା ବୈଠକ ପୂର୍ବରୁ

### ସରକାର ଛତିଶଗଡ଼ ସହ ଆଲୋଚନା କରି ରାଜ୍ୟବାସୀଙ୍କୁ ଜଣାନ୍ତୁ: ବିରୋଧୀ

### ସମସ୍ୟାର ସମାଧାନ ଦିଗକୁ ନେଇ କମିଟି ଆଗକୁ ବଢ଼ିବ: ଉପ ମୁଖ୍ୟମନ୍ତ୍ରୀ

ସମସ୍ତ ସଦସ୍ୟ ମାନଙ୍କୁ ଆବଶ୍ୟକୀୟ କାଗଜପତ୍ର ଯୋଗାଇ ଦିଆଯିବ। ଆଲୋଚନା ମାଧ୍ୟମରେ କିପରି ସମସ୍ୟାର ସମାଧାନ ହୋଇପାରିବ, ସେନେଇ କମିଟି ଆଗକୁ ବଢ଼ିବ। ଓଡ଼ିଶାର ସ୍ୱାର୍ଥକୁ ରାଜ୍ୟ ସରକାର ସୁରକ୍ଷା ପ୍ରଦାନ କରିବେ ବୋଲି ସେ କହିଛନ୍ତି। ▶ପୃଷ୍ଠା-୭

# ୧୪ କୋଟି ଠକେଇ; ଡିଜେ ମାଲିକ ଗିରଫ



■ ଭଦ୍ରକ, ୨୩।୧୨ (ସମିସ): ୧୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗରେ ଭଦ୍ରକର ଭଦ୍ରାଣି ଡିଜେ ମାଲିକ ରାମ ନାରାୟଣ ବଳ ଗିରଫ ହୋଇଛନ୍ତି। ରାମନାରାୟଣ ପୂର୍ବରୁ ଏସ୍‌ବିଆଇ କ୍ୟାପ୍ ସିକ୍ୟୁରିଟି ସଂସ୍ଥାରେ ସେଲ୍ସ ମ୍ୟାନେଜର୍ ଭାବେ କାମ କରୁଥିବା ବେଳେ ତାଙ୍କ ବିରୋଧରେ ଠକେଇ ଅଭିଯୋଗ ଆସିଥିଲା। ପାଖାପାଖି ୯ଜଣ ଗ୍ରାହକଙ୍କଠାରୁ ୨୦୨୩-୨୪ ଆର୍ଥିକ ବର୍ଷରେ ରାମ ନାରାୟଣ ନକଲି କାଗଜପତ୍ର ଜରିଆରେ କୋଟି କୋଟି ଟଙ୍କା ହେର୍‌ଫେର୍ କରିଥିଲେ। ଏପରିକି ଏସ୍‌ବିଆଇ ଡିଜିଏମ୍‌ଙ୍କ ଦସ୍ତଖତ ନକଲ କରି ସାଧାରଣ ଲୋକଙ୍କ ନାମରେ ଠକେଇ କରିଥିବା ▶ପୃଷ୍ଠା-୭





INDIA'S FIRST 5 YEAR WARRANTY *Conditions apply

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. I CIN: L35911DL 1984PLC017354 I For further information, contact your nearest Hero MotoCorp authorized outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. *Offer amount and combination of offer may vary for model/variant and states and it is applicable on select models only, for a limited time period or till stock lasts.*T&C apply.

TOLL FREE 1800 266 0018

**Authorized Dealers: Bhubaneswar:** Rohan Hero - 9289922474, Bharat Hero - 9289922180, Arundhati Hero - 9289923183, DD Hero - 9439650824, **Jatni:** Vishal Hero - 9289922984, **Nayagarh:** Bhagabati Hero - 9289922687, **Puri:** Sanjib Hero - 9289923107, **Authorized HeroSure Dealers: Bhubaneshwar:** Arundhati Motobikes - 7682841658, **Associate Dealers: Nimapara:** Basudev Automobiles - 9861020724, **Pipili:** Shri Ram Motors - 9437110789, **Balugaon:** Mahamayee Motors - 9437004624, **Khurdha:** Dinesh Trading Co. - 9778097876, **Sakhigopal:** Sai Motors - 9439765820, **Begunia:** Rashmi Automobiles - 9178316145, **Balipatna:** Jagannath Motors - 7064309702, **Chandpur:** Apsara - 9861418161, **Banamalipur:** Duladei Motors - 7735425890, **Sunderpada:** Basudev Motors - 6371525029, **Nakhra:** S.G. Automobiles - 9778779778.

VML.5868.2025

# ବେଆଇନ ପ୍ରବାସୀଙ୍କୁ ଟ୍ରମ୍ପ ଅଫର

ୱାସିଂଟନ, ୨୩।୧୨ (ଏଜେନ୍ସି): ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରପତି ହେବା ପରେ ଡୋନାଲ୍ଡ ଟ୍ରମ୍ପ ବେଆଇନ ପ୍ରବାସୀଙ୍କୁ ହଟାଇବା ପ୍ରୟାସ କରିଛନ୍ତି। ସେ ଏ ପର୍ଯ୍ୟନ୍ତ ୨.୫ ନିୟୁତରୁ ଅଧିକ ବେଆଇନ ପ୍ରବାସୀଙ୍କୁ ନିଜ ଦେଶକୁ ପଠାଇ ସାରିଲେଣି। ଏହି କ୍ରମରେ ବାକି ପ୍ରବାସୀଙ୍କୁ ବାହାର କରିବା ପାଇଁ ସେ ନିଆରା ପଦକ୍ଷେପ ନେଇଛନ୍ତି। ଏଥିପାଇଁ ଖ୍ରୀଷ୍ଟମାସ ପ୍ରୋତ୍ସାହନ ଘୋଷଣା କରିଛନ୍ତି। ସେମାନଙ୍କୁ ସ୍ୱେଚ୍ଛାକୃତ ଭାବରେ ଆମେରିକା ଛାଡିବା ପାଇଁ ଅର୍ଥ ଦେବାକୁ ଏବଂ ଦେୟମୁକ୍ତ ଯାତ୍ରା ପ୍ରଦାନ କରାଯିବ ବୋଲି କହିଛନ୍ତି।


**ସ୍ୱଇଚ୍ଛାରେ ଦେଶ ଛାଡ଼ିଲେ ମାଗଣା ବିମାନ ଯାତ୍ରା, ୩ ହଜାର ଡଲାର**

ଏଥିପାଇଁ ପ୍ରବାସୀଙ୍କୁ ୩ ହଜାର ଡଲାର ତଥା ୨.୭ ଲକ୍ଷ ଟଙ୍କା ଏବଂ ମାଗଣା ବିମାନ ଟିକଟ ଦିଆଯିବ। କେବଳ ସେତିକି ନୁହେଁ, ଯେଉଁମାନେ ଏହି ପ୍ରସ୍ତାବ ଗ୍ରହଣ କରିବେ ସେମାନେ ସିଭିଲ୍ ଜୋରିମାନା କିମ୍ବା ଅଧିକ ସମୟ ରହିବା ସହିତ ଜଡିତ ଦଣ୍ଡରୁ କ୍ଷମା ପାଇବା ପାଇଁ ଯୋଗ୍ୟ ହେବେ।ନୂତନ ପ୍ରସ୍ତାବଟି, ମେ' ମାସରେ ସରକାର ଦ୍ୱାରା ଘୋଷଣା କରାଯାଇଥିବା ହଜାରେ ଡଲାରର ପ୍ରୋତ୍ସାହନ ଅପେକ୍ଷା ତିନି ଗୁଣ ଅଧିକ। ଆମେରିକା ଗୃହ ବିଭାଗ ଚେତାବନୀ ଦେଇ କହିଛି ଯେ ଯେଉଁମାନେ ଏହି ପ୍ରସ୍ତାବର ସୁଯୋଗ ନେଇ ନାହାନ୍ତି ସେମାନେ ପ୍ରବର୍ତ୍ତନ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବେ। ଯେଉଁ ଅବୈଧ ବିଦେଶୀମାନେ ଆଜି ଏହି ସ୍ୱତନ୍ତ୍ର ଅଫରର ସୁଯୋଗ ନେଉନାହାଁନ୍ତି ସେମାନଙ୍କ ପାଖରେ କେବଳ ଗୋଟିଏ ବିକଳ୍ପ ରହିଛି। ସେମାନଙ୍କୁ ଗିରଫ କରାଯିବ, ନିର୍ବାସିତ କରାଯିବ ଏବଂ କେବେବି ସେମାନେ ଆମେରିକା ଫେରିବେ ନାହିଁ।

# ବାଂଲାଦେଶକୁ ୧୯୭୧ କଥା ମନେ ପକାଇଲା ରୁଷିଆ

ମସ୍କୋ, ୨୩।୧୨ (ଏଜେନ୍ସି): ବାଂଲାଦେଶରେ ହିନ୍ଦୁ ଭୟରେ କାଳତିପାତ କରୁଛନ୍ତି। ଜାଣିଶୁଣି ଏବଂ ମିଥ୍ୟା ଅଭିଯୋଗ ଲଗାଇ ଚରମପନ୍ଥୀ ଏବଂ ସରକାରରେ ସାମିଲ ଲୋକେ ସଂଖ୍ୟାଲଘୁଙ୍କୁ ନିଶାଣ କରୁଛନ୍ତି। ନିର୍ବାଚନ ତାରିଖ ଘୁଞ୍ଚାଇବା ପାଇଁ ଆରମ୍ଭ ହୋଇଥିବା ହିଂସାରେ ହିନ୍ଦୁଙ୍କୁ ମାରୁଛନ୍ତି। ସାରା ବିଶ୍ୱ ବାଂଲାଦେଶରେ ଚାଲିଥିବା ହିଂସାକୁ ଦେଖୁଛି। ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ର ଦାସଙ୍କୁ ମାରି ଜାଳିଦେବା ଘଟଣା ସାରା ବିଶ୍ୱକୁ ଥରାଇ ଦେଇଛି। ଯେଉଁ

**ବାଂଲାଦେଶକୁ ପରାମର୍ଶ: ଭାରତ ସହ ଶାନ୍ତି ବଜାୟ ରଖ**



ଭାରତ ପାଇଁ ବାଂଲାଦେଶ ଗଠନ ହେଲା ସେହି ଭାରତ ବିରୋଧୀ ଷଡ଼ଯନ୍ତ୍ର କରାଯାଉଛି। ବିନା ଦୋଷରେ ଭାରତକୁ ବଦନାମ କରାଯାଉଛି। ଏବେ ବାଂଲାଦେଶରେ ଚାଲିଥିବା ହିଂସାକୁ ରୁଷ ତୀବ୍ର ନିନ୍ଦା କରିଛି। ବାଂଲାଦେଶରେ ରୁଷ ରାଷ୍ଟ୍ରଦୂତ ଆଲେକଜାଣ୍ଡର ଗ୍ରିଗୋରିଭିଚ୍ ଖୋଜିନ୍ ଢାକାକୁ ଭାରତ ସହିତ ଉତ୍ତେଜନା ହ୍ରାସ କରିବାକୁ କହିଛନ୍ତି। ତାଙ୍କ ମତରେ, ରୁଷ ସ୍ଥିତି ଉପରେ ନଜର ରଖିଛି। ଶାନ୍ତି ପ୍ରତିଷ୍ଠା ଉଭୟ ଦେଶ ସମେତ ସମଗ୍ର ଅଞ୍ଚଳ ତଥା ଦକ୍ଷିଣ ଏସିଆ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ତେଜନାକୁ ଯଥାଶୀଘ୍ର କମ କରିବାକୁ ଉପାୟ ଖୋଜିବା ଉଚିତ। ପଡ଼ୋଶୀମାନଙ୍କ ମଧ୍ୟରୁ ଆମେ ଜଣଙ୍କୁ ବାଛିପାରିବୁ ନାହିଁ। ଉଭୟ ଦେଶ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଭାରତ ସହ ଯେତେ ଶୀଘ୍ର ସମ୍ପର୍କ ସୁଧୁରିବ ସେତେ ଭଲ। ୧୯୭୧ ରେ ବାଂଲାଦେଶକୁ ଯେଉଁ ସ୍ୱାଧୀନତା ମିଳିଥିଲା ତାହା ଭାରତ ପାଇଁ ସମ୍ଭବ ହୋଇଥିଲା ବୋଲି ସେ କହିଛନ୍ତି।

# ଟ୍ରମ୍ପଙ୍କ ଉପରେ ଧନବର୍ଷା

## ବର୍ଷକରେ ନେଇଛନ୍ତି ୧୮ ହଜାର କୋଟିର ଚାନ୍ଦା



ୱାସିଂଟନ, ୨୩।୧୨ (ଏଜେନ୍ସି): ବିଶ୍ୱରେ ଶୁଳ୍କ ଏବଂ ବ୍ୟାବସାୟିକ କଟକଣା ଲଗାଇ ସଙ୍କଟ ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତିଙ୍କ ଉପରେ ଧନବର୍ଷା ହେବାରେ ଲାଗିଛି। ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ନିଜ ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ଟ୍ରମ୍ପଙ୍କ ବଡ଼ ବଡ଼ କର୍ପୋରେଟ ସଂସ୍ଥା ସଦୟ ହୋଇଛନ୍ତି। ଭୟରେ ହେଉ ଅବା କଟକଣାରୁ ବର୍ତ୍ତିବା ପାଇଁ ଏହି ସଂସ୍ଥା ଗୁଡ଼ିକ ଟ୍ରମ୍ପଙ୍କୁ କୋଟି କୋଟି ଟଙ୍କା ଚାନ୍ଦା ଦେଇଛନ୍ତି। ବର୍ଷେ ମଧ୍ୟରେ ଟ୍ରମ୍ପଙ୍କ ଟିମ୍‌କୁ ବିପୁଳ ଚାନ୍ଦା ମିଳିଛି। ନିର୍ବାଚନ ପରେ ଟ୍ରମ୍ପ ଏବଂ ତାଙ୍କ ଘନିଷ୍ଠଙ୍କୁ ପ୍ରାୟ ୨ ବିଲିୟନ ଡଲାର ତଥା ୧୮ ହଜାର କୋଟି ଟଙ୍କା ଚାନ୍ଦା ମିଳିଛି। ଅଲଗା ଅଲଗା ପାଣ୍ଠି ଏବଂ ଯୋଜନା ପାଇଁ ଏହା ଆଦାୟ କରାଯାଇଛି ଆମେରିକାର ଏକ ଖବରକାଗଜର ଯାଞ୍ଚରୁ ଜଣାପଡ଼ିଛି। ଏହି ରାଶି ନିର୍ବାଚନୀ ପ୍ରଚାର ପାଇଁ ଟ୍ରମ୍ପଙ୍କୁ ମିଳିଥିବା ପାଣ୍ଠିଠୁ ଅଧିକ।

ରିପୋର୍ଟ ଅନୁଯାୟୀ, ସରକାରୀ କାଗଜପତ୍ର, ଫଣ୍ଡିଂ ରେକର୍ଡ, ଏବଂ ଅନେକ ଲୋକଙ୍କ ସହ ଆଲୋଚନାରୁ ଜଣାପଡ଼ିଛି ଯେ ଅତିକମରେ ୩୪୬ ଜଣ ବଡ଼ ବ୍ୟକ୍ତି ୨.୫ ଲକ୍ଷ ଡଲାର କିମ୍ବା ଏହାଠାରୁ ଅଧିକ ଚାନ୍ଦା ଦେଇଛନ୍ତି। ଏମାନଙ୍କଠାରୁ କେବଳ ୫୦ କୋଟି ଡଲାରରୁ ଅଧିକ ରାଶି ମିଳିଛି। ଏହି ବ୍ୟକ୍ତିଙ୍କ ମଧ୍ୟରେ ଏଭଳି ୨୦୦ ବ୍ୟବସାୟୀ ସାମିଲ ଅଛନ୍ତି, ଯେଉଁମାନଙ୍କୁ ଟ୍ରମ୍ପଙ୍କ ନିଷ୍ପତ୍ତି ଦ୍ୱାରା ଲାଭ ମିଳିଛି। ଏଥିରେ ସୁନ୍ଦର ପିଚାଇ ଏବଂ ସତ୍ୟ ନାଡ଼େଲାଙ୍କ ସମେତ ୬ ଭାରତୀୟ ବଂଶୋଦ୍ଭବ ବ୍ୟବସାୟୀ ସାମିଲ ଅଛନ୍ତି। ଟ୍ରମ୍ପଙ୍କଠାରୁ ମିଳିଥିବା ସୁବିଧାଗୁଡ଼ିକ ମଧ୍ୟରେ ବିଭିନ୍ନ ସହାୟତା ସାମିଲ ରହିଛି। କେତେକଙ୍କୁ ରାଷ୍ଟ୍ରପତିଙ୍କ କ୍ଷମା ମିଳିଛି ତ ଆଉ କିଛିଙ୍କ ମାମଲା ଖାରଜ ହୋଇଛି। ସେହିପରି କିଛି କମ୍ପାନୀ ପ୍ରମୁଖ ସରକାରୀ ଠିକା ପାଇଥିବାବେଳେ ଅନ୍ୟମାନେ ହ୍ୱାଇଟ୍ ହାଉସ୍ କିମ୍ବା ଏକ ପ୍ରମୁଖ ସରକାରୀରେ ବଡ଼ ପଦବୀ ଦିଆଯାଇଛି।


- **ପ୍ରତିବଦଳରେ ବ୍ୟବସାୟୀଙ୍କୁ ଦେଇଛନ୍ତି ଅଜସ୍ର ଲାଭ**
- **ତାଲିକାରେ ସୁନ୍ଦର ପିଚାଇ, ସତ୍ୟ ନାଡେଲା**

ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ କେହି ଟଙ୍କା ଦେଇଛନ୍ତି ଏବଂ ପ୍ରତିବଦଳରେ ସିଧାସଳଖ ଲାଭ ପାଇଛନ୍ତି ବୋଲି ପ୍ରମାଣ କରିବା କଷ୍ଟକର। ମାତ୍ର ଏହା ନିଶ୍ଚିତ ଯେ ଟଙ୍କା ଏବଂ ସୁବିଧାର ଏହି ସମ୍ପର୍କ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ଗୁଗଲ ସିଇଓ ସୁନ୍ଦର ପିଚାଇ ଟ୍ରମ୍ପଙ୍କ ସମର୍ଥିତ ପାଣ୍ଠିକୁ ୧୦ କୋଟି ଟଙ୍କା ଦେଇଛନ୍ତି। ଏଆଇକୁ ନେଇ ଆଇନରେ ନରମ ଆଭିମୁଖ୍ୟ ଗ୍ରହଣ କରିଥିବାରୁ ଗୁଗଲ ଲାଭ ମିଳୁଛି। ହ୍ୱାଇଟ ହାଉସ କାର୍ଯ୍ୟକ୍ରମରେ ଡକରା ଏବଂ ପ୍ରଶଂସା ମିଳୁଛି। ସେହିପରି ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡ଼େଲା ୨୯ କୋଟି ଟଙ୍କା ଦାନ କରିଛନ୍ତି। କାରଣ ଟ୍ରମ୍ପ ଟେକ୍ ନିୟମର ଚାପ ହ୍ରାସ ପାଇଛି। ସିଧାସଳଖ ଟ୍ରମ୍ପଙ୍କ କାର୍ଯ୍ୟକ୍ରମରେ ପହଞ୍ଚି ପାରୁଛନ୍ତି। ଆଇବିଏମ ସିଇଓ ଅରବିନ୍ଦ କ୍ରିଷ୍ଣା ୬.୨ କୋଟି ଟଙ୍କା, ଆଡୋବ ସିଇଓ ଶାନ୍ତନୁ ନାରାୟଣ, ମାଇକ୍ରନ ସିଇଓ ସଞ୍ଜୟ ମେହରୋତ୍ରା, ବ୍ୟବସାୟୀ ଅଞ୍ଜନି ସିହ୍ନା ଟ୍ରମ୍ପଙ୍କ ପାଣ୍ଠିକୁ ୮.୩ କୋଟି ଟଙ୍କା ଲେଖାଏଁ ଦାନ କରିଛନ୍ତି। ଅଞ୍ଜନୀ ଆମେରିକା ରାଷ୍ଟ୍ରଦୂତ ଭାବେ ମନୋନୀତ ହୋଇଥିବାବେଳେ ସଞ୍ଜୟଙ୍କୁ ସେମିକଣ୍ଡକ୍ଟର କ୍ଷେତ୍ରରେ ଲାଭ ମିଳିଛି। ଏହି ପାଣ୍ଠି ସଂଗ୍ରହ ପାଇଁ ଟ୍ରମ୍ପଙ୍କ ଟିମ୍ ଅଲଗା ଅଲଗା ପନ୍ଥା ଆପଣାଇ ଥିଲା। ଏଥିରେ ସବୁଠୁ ଆଗରେ ମେକ୍ ଆମେରିକା ଗ୍ରେଟ ଏଗେନ (ମାଗା) ରହିଛି। ଏହ ପିଏସି ମାଧ୍ୟମରେ ରଣନୀତି ପାଇଁ ଟଙ୍କା ସଂଗ୍ରହ କରାଯାଉଛି। ଏହା ଦଳୀୟ ପ୍ରାର୍ଥୀଙ୍କ ପାଇଁ ଟଙ୍କ ବ୍ୟୟ କରିଥାଏ। ସେହିପରି ଟ୍ରମ୍ପଙ୍କ ଶପଥ ଗ୍ରହଣ ସମାରୋହ ପାଇଁ ୨୪୦ ନିୟୁତ ଡଲାର ସଂଗ୍ରହ କରାଯାଇଥିଲା। ଏହା ଆମେରିକା ଇତିହାସରେ ସର୍ବାଧିକ ଥିଲା। କେବଳ ସେତିକି ନୁହେଁ, ହ୍ୱାଇଟ ହାଉସରେ ନିର୍ମାଣ ହେଉଥିବା ବଲ୍‌ରୁମ୍ ପାଇଁ ମଧ୍ୟ ଟ୍ରମ୍ପ ଟଙ୍କା ନେଉଛନ୍ତି।

# ୧୮୮ ବର୍ଷ ପର୍ଯ୍ୟନ୍ତ ତ୍ରାହି ନାହିଁ

ନୂଆଦିଲ୍ଲୀ, ୨ ।୧୨(ଏଜେନ୍ସି): ସମ୍ପୂର୍ଣ୍ଣ ଭାବେ ପ୍ରଦୂଷଣ ମୁକ୍ତ ହେବାକୁ ବା ପ୍ରଦୂଷଣକୁ ହଟାଇବା ପାଇଁ ଭାରତକୁ ପାଖାପାଖି ଦୁଇ ଶତାବ୍ଦୀ ଲାଗିବ। ୧୫୦ଟି ଦେଶକୁ ନେଇ ଆମେରିକାର ଷ୍ଟାନଫର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଏହା ଜଣାପଡ଼ିଛି। ଚଳିତ ହାରରେ ଯଦି ଭାରତ ସ୍ୱଚ୍ଛଶକ୍ତି ବ୍ୟବହାର କରେ ତେବେ ଭାରତକୁ ପ୍ରଦୂଷଣ ମୁକ୍ତ ହେବାକୁ ୧୮୮ ବର୍ଷ ଲାଗିବ ବୋଲି କୁହାଯାଇଛି। ଅର୍ଥାତ ଶତ ପ୍ରତିଶତ ସ୍ୱଚ୍ଛ ଶକ୍ତି ବ୍ୟବହାର କରିବାକୁ



ଭାରତକୁ ଆହୁରି ପାଖାପାଖି ୧୮୮ ବର୍ଷ ଲାଗିବ। ସ୍ୱଚ୍ଛ ଶକ୍ତି ବ୍ୟବହାରରେ ବୃଦ୍ଧି ହେଲେ ପ୍ରଦୂଷଣ ହାର କମିବ ବୋଲି କୁହାଯାଇଛି। ଅପରପକ୍ଷରେ ଏହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଚୀନ୍‌କୁ ୨୫ ବର୍ଷ ଲାଗିବ ଓ ଆମେରିକା

- **ସ୍ୱଚ୍ଛ ଶକ୍ତି ନେଇ ଆସିଲା ନୂଆ ରିପୋର୍ଟ**
- **ପ୍ରଦୂଷଣ ମୁକ୍ତ ହେବାକୁ ଭାରତକୁ ଲାଗିବ ଆହୁରି ୧୮୮ ବର୍ଷ**

୨୧୨୮ ବେଳକୁ ସମ୍ପୂର୍ଣ୍ଣ ଭାବେ ପ୍ରଦୂଷଣ ମୁକ୍ତ ହେବ। ବାୟୁ ପ୍ରଦୂଷଣ କାରଣରୁ ଭାରତରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ମୃତ୍ୟୁବରଣ କରୁଛନ୍ତି। ଏଥିରେ ଜୀବାଶ୍ମ ଇନ୍ଧନ ବ୍ୟବହାର ହିଁ ମୁଖ୍ୟ କାରଣ ବୋଲି କୁହାଯାଇଛି। ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ ବିଭିନ୍ନ ଯୋଜନା ଓ ନୀତିରେ ଉନ୍ନତ ଆଣିଲେ ପ୍ରଦୂଷଣ ଓ ଶକ୍ତି ସଂକଟକୁ ଆହୁରି ଭଲ ଭାବେ ସାମ୍ନା କରିହେବ। ଭାରତ ପୂର୍ବରୁ ସବୁଠାରୁ ପ୍ରଦୂଷିତ ଦେଶଗୁଡିକ ମଧ୍ୟରେ ସାମିଲ ରହିଛି। ବିଶ୍ୱର ସବୁଠାରୁ ୧୦୦ଟି ପ୍ରଦୂଷିତ ସହରଗୁଡିକ ମଧ୍ୟରୁ କେବଳ ୮୦ଟି ଭାରତରେ ହିଁ ରହିଛି। ଭାରତରେ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି ବିଭିନ୍ନ ଶିଳ୍ପାନୁଷ୍ଠାନ, ବାହନରୁ ବାହରୁଥିବା ଧୂଆଁ, ନିର୍ମାଣ କାର୍ଯ୍ୟରୁ ବାହରୁଥିବା ଧୂଳି, କୋଇଲା ଦ୍ୱାରା ଚାଲୁଥିବା ତାପଜ ବିଦ୍ୟୁତ କେନ୍ଦ୍ର, ଅଳିଆ ଆବର୍ଜନା ଜଳାଇବା ଓ ଗାଁ ଗହଳିରେ କାଠ ଜଳାଇ ଖାଦ୍ୟ ପ୍ରସ୍ତୁତ କରିବା। ତେଣୁ ସ୍ୱଚ୍ଛ ଶକ୍ତି ଓ ଅକ୍ଷୟ ଶକ୍ତିର ବହୁଳ ବ୍ୟବହାର ହେଲେ ଓ ପାରମ୍ପରିକ ଶକ୍ତିର ବ୍ୟବହାରକୁ ପରିହାର କଲେ ପ୍ରଦୂଷଣ କମିବ ଓ ବାୟୁମଣ୍ଡଳରେ ଶୁଦ୍ଧତା ଆସିବ। ସ୍ୱଚ୍ଛ ଶକ୍ତିର ଅର୍ଥ ହେଉଛି ଯାହାର ବ୍ୟବହାରରେ ବିଷାକ୍ତ ଗ୍ୟାସ ବାହାରୁ ନଥିବା। ଅକ୍ଷୟ ଶକ୍ତି ହେଉଛି ପ୍ରକୃତିରୁ ମିଳୁଥିବା ଶକ୍ତି। ଏହାର ଉଦାହରଣ ହେଉଛି ସୌର, ପବନ ଓ ଜଳ ଶକ୍ତି।

# ରାଜସ୍ଥାନରେ ଝିଅ-ବୋହୂଙ୍କୁ କ୍ୟାମେରା ଫୋନ ମନା

ଜୟପୁର, ୨୩।୧୨ (ଏଜେନ୍ସି): ରାଜସ୍ଥାନ ଜାଲୋରର ଏକ ପଞ୍ଚାୟତରୁ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି। ଏଠାକାର ୧୫ ଗ୍ରାମରେ ଝିଅ-ବୋହୂଙ୍କୁ କ୍ୟାମେରା ଫୋନ ବ୍ୟବହାର ଉପରେ କଟକଣା ଲଗାଇ ଦିଆଯାଇଛି। ପିଲାଙ୍କ ମୋବାଇଲ ବ୍ୟବହାର ବୃଦ୍ଧିକୁ ଦେଖି ଏହି ନିଷ୍ପତ୍ତି ନିଆଯାଇଛି। ତେବେ ଏହି ନିଷ୍ପତ୍ତିକୁ ନେଇ ବିବାଦ ସୃଷ୍ଟି ହୋଇଛି। କାରଣ ମହିଳା ଏବଂ ଝିଅଙ୍କୁ କ୍ୟାମେରା ଫୋନ ବଦଳରେ କିପ୍ୟାଡ ଫୋନ ବ୍ୟବହାର କରିବାକୁ କୁହାଯାଇଛି। ୨୬ ତାରିଖରୁ ଏହି ନିୟମ କାର୍ଯ୍ୟକାରୀ ହେବ। ସମ୍ପ୍ରଦାୟର ବୋହୁ ଏବଂ ଅବିବାହିତ ଝିଅଙ୍କ ପାଇଁ ଏହି ନିୟମ ଲାଗୁ ହେବ। ଚୌଧୁରୀ ସମାଜର ସୁନ୍ଧମାତା ପଟ୍ଟିର ପଞ୍ଚାୟତ ୧୫ଟି ଗାଁ ପାଇଁ ଏହି ନିଷ୍ପତ୍ତି ନେଇଛି। କିନ୍ତୁ ସ୍କୁଲ ଏବଂ କଲେଜ ଯାଉଥିବା ଝିଅଙ୍କୁ ପାଠପଢ଼ା ପାଇଁ ଏହି ନିୟମରୁ ବାଦ୍ ଦିଆଯାଇଛି।


ପଞ୍ଚାୟତର ନିଷ୍ପତ୍ତି ଅନୁଯାୟୀ, ଏବେ ମହିଳାମାନେ ସ୍ମାର୍ଟଫୋନ୍ ବଦଳରେ କେବଳ କିପ୍ୟାଡ୍ ଫୋନ୍ ବ୍ୟବହାର କରିପାରିବେ। ବିବାହ, ସାମାଜିକ କାର୍ଯ୍ୟକ୍ରମ ଏବଂ ପଡ଼ୋଶୀଙ୍କ ଘରକୁ ଯିବା ସମୟରେ ସେମାନଙ୍କୁ ମୋବାଇଲ୍ ଫୋନ୍ ନେବାକୁ ମଧ୍ୟ ବାରଣ କରାଯିବ। ଏହି ନିଷ୍ପତ୍ତି ନେବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଖୁବ ଭାଇରାଲ ହେବାରେ ଲାଗିଛି। ରବିବାର ଗାଜିପୁର ଗ୍ରାମରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା। ୧୪ପଟ୍ଟିର ସଭାପତି ସୁଜନାରାମ ଚୌଧୁରୀ ଏହାର ଅଧ୍ୟକ୍ଷତା କରିଥିଲେ। ସେ କହିଛନ୍ତି ଯେ ଏହି ପ୍ରସ୍ତାବ ଦେବରାମ କର୍ଣ୍ଣୋଲଙ୍କ ପକ୍ଷରୁ ଦିଆଯାଇଥିଲା। ଆଲୋଚନା ପରେ ସମସ୍ତ ପଞ୍ଚ ଏଥିରେ ସହମତ ହୋଇଥିଲେ। ଏହା ଜାଲୋର ଜିଲ୍ଲାର ଗାଜିପୁରା, ପାଓ୍ୱଲି, କାଲଡା, ମନୋଜିଆବାସ, ରାଜିକାଓ୍ୱାସ, ଦାତଲାଓ୍ୱାସ, ରାଜପୁରା, କୋଡି, ସିଦ୍ରୋଡି, ଆଲଡି, ରୋପସି, ଖାନଦେଓ୍ୱଲ, ସାବିଧର, ଭିନମାଲ ଏବଂ ଖାନପୁର ଗ୍ରାମ ଉପରେ କାର୍ଯ୍ୟକାରୀ ହେବ।

ସୁଜନାରାମ ଚୌଧୁରୀ କହିଛନ୍ତି ଯେ ସ୍କୁଲ ଏବଂ କଲେଜ ଯାଉଥିବା ଝିଅଙ୍କୁ ଘରେ ସ୍ମାର୍ଟଫୋନ ବ୍ୟବହାର କରିବାକୁ ଅନୁମତି ଦିଆଯାଇଛି। ମହିଳାଙ୍କ ପାଖରେ ମୋବାଇଲ୍ ଫୋନ୍ ରହିଲେ ପିଲାମାନେ ସେଗୁଡ଼ିକୁ ଅଧିକ ବ୍ୟବହାର କରୁଛନ୍ତି। ଏହା ସେମାନଙ୍କ ଆଖି ଉପରେ ଖରାପ ପ୍ରଭାବ ପକାଉଛି।ତାଙ୍କ ଦୃଷ୍ଟିଶକ୍ତି ହ୍ରାସ ପାଉଛି। ତେଣୁ ମୋବାଇଲ୍ ବ୍ୟବହାରକୁ ନିୟନ୍ତ୍ରଣ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି।

### ଜର୍ମାନୀରେ ରାହୁଲଙ୍କ ଅଭିଯୋଗ

# ବିଜେପି ସମ୍ବିଧାନ ଶେଷ କରିବାକୁ ଚାହୁଁଛି

ନୂଆଦିଲ୍ଲୀ, ୨୩।୧୨ (ଏଜେନ୍ସି): ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିଜ ଜର୍ମାନୀ ଗସ୍ତରେ ବିଜେପିକୁ ତୀବ୍ର ସମାଲୋଚନା କରିଛନ୍ତି। ରାହୁଲ ଅଭିଯୋଗ କରିଛନ୍ତି ଯେ ବିଜେପି ଭାରତର ସମ୍ବିଧାନକୁ ଶେଷ କରିବା ପାଇଁ ଷଡ଼ଯନ୍ତ୍ର କରୁଛି। ସବୁ ନାଗରିକଙ୍କୁ ସମାନ ଅଧିକାରୀ ଦେଉଥିବା ମୂଳ ଭାବନାକୁ ହଟାଇବାକୁ ଚାହୁଁଛି। ଭାରତର ପ୍ରତିଷ୍ଠାନଗୁଡ଼ିକୁ ବିଜେପି କବଜା କରିଛି। କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଅପବ୍ୟବହାର କରୁଛି। ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକ ସ୍ୱାଧୀନ ଭାବେ କାର୍ଯ୍ୟ କରିପାରୁନାହାନ୍ତି।



ବିଜେପି ଭାରତର ସାଂଗଠନିକ ବ୍ୟବସ୍ଥାକୁ ଦଖଲ କରିସାରିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ସିବିଆଇ ଭଳି ଏଜେନ୍ସିଗୁଡ଼ିକୁ ରାଜନୈତିକ ଅସ୍ତ୍ରରେ ପରିଣତ କରାଯାଇଛି। ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ଆକ୍ରମଣ କେବଳ ଭାରତ ଉପରେ ନୁହେଁ, ବରଂ ସାରା ବିଶ୍ୱରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ଆକ୍ରମଣ। ବର୍ଲିନର ହର୍ଟି ସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି ରାହୁଲ ଏହି ଟିପ୍ପଣୀ ଦେଇଥିଲେ।

ରାହୁଲ କହିଥିଲେ ଯେ ବିଜେପି ଏହାର ରାଜନୈତିକ ଶକ୍ତି ବୃଦ୍ଧି ପାଇଁ ପ୍ରତିଷ୍ଠାନଗୁଡ଼ିକୁ ବ୍ୟବହାର କରୁଛି। ଏଜେନ୍ସି ମାଧ୍ୟମରେ ବିରୋଧୀ ଦଳକୁ ନିଶାଣ କରୁଛି। । ବିଜେପି ବିରୋଧରେ ଇଡି ଏବଂ ସିବିଆଇରେ କୌଣସି ମାମଲା ନାହିଁ। କିନ୍ତୁ ଅଧିକାଂଶ ବିରୋଧୀ ରାଜନେତାଙ୍କ ବିରୋଧରେ ମାମଲା ରହିଛି। ଅନ୍ୟପଟେ ରାହୁଲଙ୍କ ଏହି ମନ୍ତବ୍ୟକୁ ବିଜେପି ମୁଖପାତ୍ର ଶେହଜାଦ ପୁନାୱାଲା ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ରାହୁଲ ବିଦେଶୀ ମାଟିରେ ଭାରତକୁ ବଦନାମ କରୁଛନ୍ତି। ତାଙ୍କୁ ବିରୋଧୀ ଦଳର ନେତା ନୁହେଁ, ଅପପ୍ରଚାରର ନେତା କହିବା ଉଚିତ। ସେ ବିଦେଶରେ ଭାରତ ବିରୋଧୀ ଲୋକଙ୍କ ଭେଟନ୍ତି। ମିଥ୍ୟା ଅଭିଯୋଗ ଏବଂ ପ୍ରଚାର ପ୍ରସାର ରାହୁଲଙ୍କ ପୂର୍ଣ୍ଣକାଳୀନ ବେଉସା ପାଲଟି ଯାଇଛି।

# ଅଖଲାକ୍ ହତ୍ୟା ମାମଲାରେ ୟୁପି ସରକାରଙ୍କୁ ଝଟକା

ଲକ୍ଷ୍ନୌ, ୨୩।୧୨ (ଏଜେନ୍ସି): ଗ୍ରେଟର ନୋଏଡ଼ାର ବହୁ ଚର୍ଚ୍ଚିତ ଅଖଲାକ ମବ୍ ଲିଞ୍ଚିଂ (ଭିଡ଼ ହିଂସା) ମାମଲାରେ ସୁରଜପୁର ଜିଲ୍ଲା କୋର୍ଟ ବଡ଼ ରାୟ ଦେଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ରୁଜୁ ମାମଲାକୁ ପ୍ରତ୍ୟାହାର କରିବା ପାଇଁ ପ୍ରଶାସନ କରିଥିବା ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି। ଦୈନିକ ଆଧାରରେ ମାମଲାର ଟ୍ରାଏଲ ଚଲାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ଅଭିଯୁକ୍ତଙ୍କୁ ଆଶ୍ୱସ୍ତି ଦେବା ପାଇଁ ଚାଲିଥିବା ପ୍ରୟାସକୁ ବଡ଼ ଝଟ୍‌କା ଲାଗିଛି। ଆଜି ଶୁଣାଣି ସମୟରେ ମାମଲା ପ୍ରତ୍ୟାହାର ପାଇଁ ସରକାରଙ୍କ ପକ୍ଷରୁ ନିବେଦନ କରାଯାଇଥିଲା। ତେବେ କୋର୍ଟ ଏହାକୁ ଆଧାରହୀନ କହି ଖାରଜ କରିଦେଇଥିଲେ। ମାମଲା ପ୍ରତ୍ୟାହାର ପାଇଁ କୌଣସି ସ୍ପଷ୍ଟ ଆଇନଗତ ଆଧାର ନାହିଁ ବୋଲି କହିଥିଲେ। ଏହା ସହିତ ମାମଲାର ନ୍ୟାୟିକ ପ୍ରକ୍ରିୟା ଜାରି ରହିବ ଏବଂ ମାମଲାର ଶୁଣାଣି ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ଜାନୁଆରୀ ୬ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଅଖ୍‌ଲାକଙ୍କ ପରିବାରର ଓକିଲ ଏହି ରାୟକୁ

**ସମସ୍ତ ଅଭିଯୁକ୍ତଙ୍କ ମୁକ୍ତି ପାଇଁ ସରକାରଙ୍କ ପିଟିସନକୁ ଖାରଜ କଲେ କୋର୍ଟ**

ସ୍ୱାଗତ କରିଛନ୍ତି। କୋର୍ଟ ଉଦାହରଣ ସୃଷ୍ଟି କରିଛନ୍ତି ଏବଂ ପରିବାରକୁ ନ୍ୟାୟ ମିଳିଛି ବୋଲି କହିଛନ୍ତି।

ସୂଚନାଯୋଗ୍ୟ ଯେ ବିସାହାଡା ଅଖଲାକ ହତ୍ୟାକାଣ୍ଡ ସାରା ଦେଶରେ ଚର୍ଚ୍ଚାରେ ଥିଲା। ଏହାକୁ ନେଇ ସାମାଜିକ ଏବଂ ରାଜନୈତିକ ସ୍ତରରେ ବିତର୍କ ଲାଗି ରହିଥିଲା। ୨୦୧୫ ସେପ୍ଟେମ୍ବର ୨୮ରେ ଉତ୍ତର ପ୍ରଦେଶ ଦାଦରୀ ନିକଟସ୍ଥ ବିସାହଡ଼ା ସ୍ଥିତ ମହମ୍ମଦ ଅଖଲାକଙ୍କ ଗ୍ରାମରେ ଭିଡ଼ ଏକାଠି ହୋଇଥିଲେ। ସେ ବାଛୁରୀ କାଟି ମାଂସ ଖାଇଥିବା ଅଭିଯୋଗ ଲଗାଇ ଥିଲେ। ଏହାକୁ ନେଇ ଲୋକେ ହଙ୍ଗାମା କରିଥିଲେ। ତେଣୁ ସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ଲୋକେ ଏଠାରେ ପିଟି ପିଟି ଅଖେଲାକଙ୍କୁ ହତ୍ୟା କରିଥିଲେ। ଏହି ମାମଲାରେ ୧୯ ଜଣଙ୍କୁ ଅଭିଯୁକ୍ତ କରାଯାଇଥିଲା। ଏଥିରେ ସ୍ଥାନୀୟ ବିଜେପି ନେତାଙ୍କ ପୁଅ ବିଶାଲ ରାଣା ଏବଂ ତା ସାଙ୍ଗ ସଗା ଶିବମ ମୁଖ୍ୟ ଅଭିଯୁକ୍ତ ଥିଲା। ଉଭୟଙ୍କ ବିରୋଧରେ ହତ୍ୟା, ଦଙ୍ଗା, ଧମକ ସମେତ ଅନେକ ମାମଲା ଲଗା ଯାଇଥିଲା। ଗତ ଅକ୍ଟୋବରରେ ସମସ୍ତଙ୍କ ବିରୋଧରେ ଲାଗିଥିବା ଅଭିଯୋଗ ପ୍ରତ୍ୟାହାର ପାଇଁ ସରକାର ଆବେଦନ କରିଥିଲେ।

# ବିଜେପିର ପୂର୍ବତନ ବିଧାୟକ କୁଲଦୀପ ସେଙ୍ଗରଙ୍କୁ ଜାମିନ

ନୂଆଦିଲ୍ଲୀ, ୨୩।୧୨ (ଏଜେନ୍ସି): ଉତ୍ତରପ୍ରଦେଶର ଉନ୍ନାଓରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ମାମଲାରେ ଆଜୀବନ ଜେଲ୍ ଦଣ୍ଡ ଭୋଗୁଥିବା ବିଜେପିର ପୂର୍ବତନ ବିଧାୟକ କୁଲଦୀପ ସେଙ୍ଗରଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ଦିଲ୍ଲୀ ହାଇକୋର୍ଟ ତାକୁ ଜାମିନ ପ୍ରଦାନ କରିଛନ୍ତି। ଏହା ସହିତ ଶୁଣାଣି ଶେଷ ହେବା ପର୍ଯ୍ୟନ୍ତ ସେଙ୍ଗରଙ୍କ ଦଣ୍ଡକୁ ଜଷ୍ଟିସ ସୁବ୍ରମଣ୍ୟନ ପ୍ରସାଦ ଏବଂ ହରୀଶ ବୈଦ୍ୟନାଥଙ୍କ ଖଣ୍ଡପୀଠ ହଟାଇ ଦେଇଛନ୍ତି। ଏହି ଦଣ୍ଡ ବିରୋଧରେ ସେଙ୍ଗର ଆବେଦନ କରିଥିଲେ। ୧୫ ଲକ୍ଷ ଟଙ୍କାର ବ୍ୟକ୍ତିଗତ ମୁଚାଲିକା ସହିତ କୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ଦେଇଛନ୍ତି। ସେ ପୀଡ଼ିତାଙ୍କଠାରୁ ୫ କିମି ଦୂରରେ ରହିବେ। ସବୁ ସୋମବାର ଥାନାରେ ହାଜର ହେବେ। ପାସପୋର୍ଟ ଜମା କରିବେ ଏବଂ ଦେଶ ଛାଡ଼ି ଯାଇପାରିବେ ନାହିଁ। ଗୋଟିଏ ବି ସର୍ତ୍ତ ଭାଙ୍ଗିଲେ ଜାମିନକୁ ରଦ୍ଦ କରିଦିଆଯିବ ବୋଲି କୋର୍ଟ କହିଛନ୍ତି।

ସୂଚନାଯୋଗ୍ୟ ଯେ କୁଲଦୀପ ସେଙ୍ଗର ଏବଂ ତାଙ୍କ ସହଯୋଗୀ ୨୦୧୭ରେ ନାବାଳିକାଙ୍କୁ ଉଠାଇ ନେଇ ଦୁଷ୍କର୍ମ କରିଥିଲେ। ସିବିଆଇ ଏହି ମାମଲାର ଯାଞ୍ଚ କରିଥିଲା। ଦିଲ୍ଲୀର ତିସ୍ ହଜାରି କୋର୍ଟ ୨୦୧୯ ଡିସେମ୍ବର ୨୦ରେ କୁଲଦୀପକୁ ଆଜୀବନ ଜେଲ୍‌ଦଣ୍ଡରେ ଦଣ୍ଡିତ କରି ମୃତ୍ୟୁ ପର୍ଯ୍ୟନ୍ତ ଜେଲ୍‌ରେ ରଖିବାକୁ କହିଥିଲେ। ୨୫ ଲକ୍ଷ ଟଙ୍କା ଜୋରିମାନା ମଧ୍ୟ ଲଗାଇ ଥିଲେ। ଏହା ପରେ ସେଙ୍ଗରର ବିଧାନସଭା ସଦସ୍ୟତା ରଦ୍ଦ କରିଦିଆଯାଇଥିଲା। ବିଜେପି ତାଙ୍କୁ ଦଳରୁ ବାହାର କରି ଦେଇଥିଲା। ଏହି ମାମଲାର ତଦନ୍ତ ଏବଂ ଟ୍ରାଏଲ ଠିକ୍‌ରେ ହେଉ ନ ଥିବାରୁ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିଥିଲେ। ମାମଲାକୁ ଦିଲ୍ଲୀ ଟ୍ରାନ୍ସଫର କରିଥିଲେ। ସେହିପରି ପୀଡ଼ିତା ଏବଂ ତାଙ୍କ ମାଆ କୋର୍ଟରେ ହାଜର ହେବାକୁ ଯାଉଥିବାବେଳେ ସେଙ୍ଗର ଗାଡ଼ି ଦୁର୍ଘଟଣାରେ ଉଭୟଙ୍କୁ ମାରିବାକୁ ଚେଷ୍ଟା କରିଥିଲା। ତେବେ ଉଭୟେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହା ବ୍ୟତୀତ ନାବାଳିକାଙ୍କ ପିତାଙ୍କୁ ପୁଲିସ ହେପାଜତରେ ମାରି ଦିଆଯାଇଥିଲା। ଏଭଳି ଜଘନ୍ୟ ମାମଲାରେ କୁଲଦୀପଙ୍କୁ ଜାମିନ ମିଳିଥିବାରୁ ଲୋକେ ରାୟକୁ ସମାଲୋଚନା କରୁଛନ୍ତି।

# ଦୁଇ ପିଲାଙ୍କୁ ମାରି ବାପା ଓ ଜେଜେମାଙ୍କ ଆତ୍ମହତ୍ୟା

ତିରୁଅନନ୍ତପୁରମ, ୨୩।୧୨ (ଏଜେନ୍ସି): କେରଳ କନ୍ନୁର ଜିଲ୍ଲାର ରାମନଥାଲି ଗ୍ରାମରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ୨ ସନ୍ତାନଙ୍କୁ ହତ୍ୟା କରି ବାପା ଏବଂ ତାଙ୍କ ମା ଆତ୍ମହତ୍ୟା କରିଛନ୍ତି। ପିଲାଙ୍କ ହେପାଜତକୁ ନେଇ ସ୍ୱାମୀ ଏବଂ ଅଲଗା ରହୁଥିବା ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଚାଲିଥିଲା। ଏହି ହତ୍ୟାକାଣ୍ଡ ପୂର୍ବରୁ ୨ ସନ୍ତାନ ହିମା (୬) ଏବଂ କାନନ (୨) ନିଜ ବାପାଙ୍କ ପାଖରେ ରହୁଥିଲେ। ମାତ୍ର ଅଲଗା ହୋଇ ରହିଥିବା ସ୍ତ୍ରୀଙ୍କ ପାଖକୁ ସନ୍ତାନଙ୍କୁ ପଠାଇବାର ସମୟ ନିକଟତର ହେବାରୁ ସ୍ୱାମୀ କଲାଧରଣ କେଟି (୩୬) ସୋମବାର ରାତିରେ ଏଭଳି ଜଘନ୍ୟ କାଣ୍ଡ ଘଟାଇ ଥିଲେ। ମାଆ ଉଷା (୫୬) ଏବଂ ପୁଅ ୨ ପିଲାଙ୍କୁ କ୍ଷୀରରେ ବିଷ ଦେଇ ହତ୍ୟା କରିଥିଲେ ବୋଲି ପୁଲିସ କହିଛି। ଘରୁ ବିଷାକ୍ତ କ୍ଷୀର ମିଳିଛି। ସୂଚନା ଅନୁଯାୟୀ, କଲାଧରନଙ୍କ ସ୍ତ୍ରୀ ନୟନତାରା ପିଲାଙ୍କ ହେପାଜତ ପାଇଁ ପୁଲିସର ଦ୍ୱାରସ୍ଥ ହୋଇଥିଲେ। ପୂର୍ବରୁ କୋର୍ଟ ସନ୍ତାନଙ୍କୁ ସ୍ତ୍ରୀଙ୍କ ପାଖକୁ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ମଙ୍ଗୋଲିଆ ସୀମାରେ ଚୀନ୍‌ର ପରମାଣୁ ଅସ୍ତ୍ର ଭଣ୍ଡାର

ୱାସିଂଟନ, ୨୩।୧୨ (ଏଜେନ୍ସି): ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ଚୀନ୍ ନିଜକୁ ଆଗରେ ରଖିବା ପାଇଁ ପ୍ରୟାସ ଜାରି ରଖିଛି। ଏହି କ୍ରମରେ କମ୍ୟୁନିଷ୍ଟ ରାଷ୍ଟ୍ର ବର୍ଷକୁ ପ୍ରାୟ ୧୦୦ ଅସ୍ତ୍ରଶସ୍ତ୍ର ନିର୍ମାଣ କରୁଛି। ଏହି ପରମାଣୁ ଅସ୍ତ୍ରଶସ୍ତ୍ର ଘାଟୀକୁ ନେଇ ଆମେରିକା ପ୍ରତିରକ୍ଷା ମନ୍ତ୍ରାଳୟ ପେଣ୍ଟାଗନ ପକ୍ଷରୁ ବଡ଼ ସୂଚନା ଦିଆଯାଇଛି। ନିଜ ପରମାଣୁ ପରମାଣୁ ଅସ୍ତ୍ରଶସ୍ତ୍ର ଗଚ୍ଛିତ ରଖିବାକୁ ପାଇଁ ଚୀନ୍ ମଙ୍ଗୋଲିଆ ସୀମା ନିକଟରେ ଏକ ସିଲ୍ଲ ତଥା ଉଚ୍ଚ ସୁରକ୍ଷା ବ୍ୟବସ୍ଥା ଥିବା ଭୂତଳ ଠିକଣା ନିର୍ମାଣ କରିଛି। ଭାରତ ସୀମାରୁ ପ୍ରାୟ ୨୫୦୦ କିମି ଦୂର ସ୍ଥିତ ସହର ୟୁମେନ୍ ଏବଂ ହାମିରେ ଚୀନ୍ ସର୍ବାଧିକ ପରମାଣୁ କ୍ଷେପଣାସ୍ତ୍ର ରହିଛି। ଚୀନ୍ ନିଜ ପରମାଣୁ କାର୍ଯ୍ୟକ୍ରମକୁ ହ୍ରାସ କରିବା ପରିବର୍ତ୍ତେ ବୃଦ୍ଧି କରିଚାଲିଛି।ଆମେରିକାର ଚାପ ସତ୍ତ୍ୱେ ୧୦୦ଟି ପରମାଣୁ କ୍ଷେପଣାସ୍ତ୍ରକୁ ଚୀନ୍ ଏକ ସିଲ୍ଲ ମଧ୍ୟରେ ଲୁଚାଇ ରଖିଛି। ଅଟୋମିକ ସାଇନ୍ସ ଜର୍ଣ୍ଣାଲରେ ଏହି ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ଅନୁଯାୟୀ, ଏବେ ଚୀନ୍ ନିକଟରେ ୬୦୦ ପରମାଣୁ ଅସ୍ତ୍ର ରହିଛି। ଏହା ମଧ୍ୟରେ ୧୨ଟି ପରମାଣୁ ବୁଡ଼ାଜାହାଜ ସାମିଲ ରହିଛି। ଚୀନ ବର୍ଷକୁ ପ୍ରାୟ ୧୦୦ଟି ପରମାଣୁ ଅସ୍ତ୍ର ପ୍ରସ୍ତୁତ କରୁଛି। ଅଧିକାଂଶ ପରମାଣୁ ଅସ୍ତ୍ରକୁ ଏହି ଦେଶ ମଙ୍ଗୋଲିଆ କିମ୍ବା ଆଫଗାନିସ୍ତାନ ସୀମାରେ ନିର୍ମାଣ କରୁଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ପରମାଣୁ ଅସ୍ତ୍ରଶସ୍ତ୍ର ଦୌଡ଼ରେ ଚୀନ୍ ରୁଷ ଏବଂ ଆମେରିକାକୁ ପଛରେ ପକାଇବାକୁ ଚେଷ୍ଟା କରୁଛି। ଏବେ ଆମେରିକା ଏବଂ ରୁଷ୍ ନିକଟରେ ୫୦୦୦ରୁ ଅଧିକ ପରମାଣୁ ଅସ୍ତ୍ର ଅଛି। ଭାରତ ପାଖରେ ୧୮୦ଟି ଏବଂ ପାକିସ୍ତାନ ପାଖରେ ୧୭୦ଟି ପରମାଣୁ ଅସ୍ତ୍ର ରହିଛି। ଏସିଆରେ କେବଳ ଚୀନ୍, ଭାରତ ଏବଂ ପାକିସ୍ତାନ ପାଖରେ ପରମାଣୁ ଅସ୍ତ୍ର ରଖିଛନ୍ତି। ପୂର୍ବରୁ ଟ୍ରମ୍ପ ପରମାଣୁ ଅସ୍ତ୍ରଶସ୍ତ୍ରର ପୁନଃ ପରୀକ୍ଷଣ ଆରମ୍ଭ କରିବା ପାଇଁ ନିଜ ସେନାକୁ ନିର୍ଦ୍ଦେଶ ଦେଇଥିଲେ। ସେ ଚୀନ୍ ଏବଂ ରୁଷ୍‌ର ପରମାଣୁ ଅସ୍ତ୍ରଶସ୍ତ୍ର ବୃଦ୍ଧିକୁ ଦେଖି ଏହି ନିଷ୍ପତ୍ତି ନେଇଥିଲେ।

- **ଚୀନ୍ ପାଖରେ ୬୦୦ ପରମାଣୁ ଅସ୍ତ୍ର**
- **ବର୍ଷକୁ ୧୦୦ ପରମାଣୁ ଅସ୍ତ୍ର ନିର୍ମାଣ**




ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ବର୍ଷବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ପାଳନ ହେବ। ଏହି ଅବସରରେ ଜାନୁଆରୀ ୩ ତାରିଖରେ ତାଙ୍କ ଜନ୍ମ ଦିନରେ କ୍ୟାପିଟାଲ୍ ହାଇସ୍କୁଲ ପଡ଼ିଆରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଜାନକୀବଲ୍ଲଭ ସ୍ମୃତିକମିଟିର ଅଧ୍ୟକ୍ଷ ନିରଞ୍ଜନ ପଟ୍ଟନାୟକଙ୍କ ସମେତ କମିଟିର ବହୁ ବରିଷ୍ଠ ସଦସ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଅନୁରୋଧ କରିଛନ୍ତି।

# ଚାଷୀଙ୍କୁ ନ୍ୟାୟ ନମିଳିଲେ ରାଜରାସ୍ତାକୁ ଓହ୍ଲାଇବ ବିଜେଡି

ଭୁବନେଶ୍ୱର, ୨୩।୧୨ (ସମିସ): ଧାନକିଣାକୁ ନେଇ ରାଜ୍ୟର ଚାଷୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଇନପୁଟ୍ ସବ୍‌ସିଡି ବାବଦକୁ କୁଇଣ୍ଟାଲ ପିଛା ୮୦୦ ଟଙ୍କା ଦେଉଛୁ କହି ବାହାଦୂରୀ ମାରୁଥିବା ଡବଲ ଇଞ୍ଜିନ ସରକାର ବାସ୍ତବରେ ସମ୍ପୂର୍ଣ୍ଣ ଫେଲ୍ ମାରିଛି। ତେବେ କୃଷକଙ୍କୁ ନ୍ୟାୟ ନଦେଲେ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି ବିଜେଡି। ମଙ୍ଗଳବାର ଶଙ୍ଖଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକ, ଉପସଭାପତି ସଞ୍ଜୟକୁମାର ଦାସବର୍ମା, ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ପ୍ରମୁଖ ଧାନକିଣା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ମଙ୍ଗଳବାର କୃଷକ ଦିବସ ଉପଲକ୍ଷେ ରାଜ୍ୟର କୃଷକମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଚାଷୀଙ୍କ ସ୍ୱାର୍ଥ ପାଇଁ ଦଳ ସବୁବେଳେ ଆଗରେ ରହିବ ବୋଲି ସେମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଶ୍ରୀ ଦାସବର୍ମା କହିଥିଲେ ଯେ ଇନପୁଟ୍ ସବ୍‌ସିଡି ୮୦୦ ଟଙ୍କା ଦେଉଛୁ କହି ନିଜ ପିଠି ଥାପୁଡ଼ାଉଥିବା ରାଜ୍ୟ ବିଜେପି ସରକାର ବାସ୍ତବରେ ଚାଷୀଙ୍କୁ ଉପଯୁକ୍ତ ପ୍ରାପ୍ୟ ଦେବାରେ ଫେଲ ମାରିଛନ୍ତି। ୨୦୨୪-୨୫ ବର୍ଷରେ ୨୦ ପ୍ରତିଶତ ଧାନ ସଂଗ୍ରହ ହୋଇପାରି ନଥିଲା। ଏବର୍ଷ ଖରିଫ ଧାନ ସଂଗ୍ରହ ପାଇଁ ସମୟ ଉପନୀତ ହୋଇସାରିଥିଲେ ମଧ୍ୟ ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇନାହିଁ। ରାଜ୍ୟର ୧୧ଟି ଜିଲ୍ଲାରେ ଧାନ ମଣ୍ଡି ଖୋଲା ହେଲା ବୋଲି ସରକାର ଘୋଷଣା କରିଥିଲେ ମଧ୍ୟ କୌଣସି ଜାଗାରେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ୧୧ଟି ଜିଲ୍ଲାର ଚାଷୀ ଆଜି ରାସ୍ତାରେ। ଟୋକନ୍ ପିଛା କେତେ ଧାନ ସରକାର କିଣିବେ ବୋଲି ସନ୍ଦେହ ସୃଷ୍ଟି ହେଲାଣି। କୁହାଯାଉଛି, ଟୋକନ୍ ପିଛା ୧୦୦ କୁଇଣ୍ଟାଲ ଧାନ କିଣା ହେବ। ଧାନକିଣାକୁ ନେଇ ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରୀମାନଙ୍କ ମନ୍ତବ୍ୟ ଚିନ୍ତାଜନକ ଥିବା ବେଳେ ମନ୍ତ୍ରୀମାନଙ୍କ ମନ୍ତବ୍ୟରେ ତାଳ ମେଳ ରହୁନାହିଁ। ଯୋଗାଣ ମନ୍ତ୍ରୀ ଚଳିତ ବର୍ଷ ସ୍ଥିରୀକୃତ ହୋଇଥିବା ପରିମାଣରୁ ଅଧିକ ଧାନ କିଣାଯିବ ନାହିଁ ବୋଲି କହିଥିଲା ବେଳେ ସମବାୟ ମନ୍ତ୍ରୀ ଟୋକନ୍ ପିଛା ୧୫୦ କୁଇଣ୍ଟାଲ ଧାନ କିଣାଯିବ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ କ୍ୟାବିନେଟ୍ ବୈଠକରେ ସମସ୍ତ ବଳକା ଧାନକୁ କିଣାଯିବ ବୋଲି ସୂଚନା ଦେଇଥିଲେ। ଏଥିରୁ କେଉଁଟା ଠିକ୍ ବୋଲି ଆମେ ବୁଝିବା ବୋଲି ସେ ପ୍ରଶ୍ନ କରିଥିଲେ।




- ୧୧ଟି ଜିଲ୍ଲାରେ ମଣ୍ଡି ଖୋଲିଥିଲେ ମଧ୍ୟ ଧାନ ଉଠିନାହିଁ
- ଅଧାରୁ ଅଧିକ ଚାଷୀଙ୍କୁ ଟୋକନ୍ ମିଳୁନାହିଁ
- ମନ୍ତ୍ରୀମାନଙ୍କ ମନ୍ତବ୍ୟରେ ରହୁନାହିଁ ସମନ୍ୱୟ
- ଏଫଏକ୍ୟୁ ନାମରେ କଟନୀ ଛଟନୀ ଜାରି ରହିଛି

ଶ୍ରୀମତୀ ମଲ୍ଲିକ କହିଥିଲେ ଯେ ମିଲ୍ ମାଲିକ ଓ ରାଜ୍ୟ ସରକାରଙ୍କ ଭିତରେ ମଧୁଚନ୍ଦ୍ରିକା ଚାଲିଥିବାରୁ ରାଜ୍ୟର ଚାଷୀ ହତାଶ ହୋଇ ପଡ଼ିଛନ୍ତି। ଏଫଏକ୍ୟୁ ନାମରେ କଟନୀଛଟନୀ ଚାଲିଛି। ଚାଷୀମାନଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।

ଶ୍ରୀ ବକ୍ସିପାତ୍ର କହିଥିଲେ ଯେ ଚାଷୀମାନେ ଟୋକନ୍‌କୁ ଚାହିଁ ବସିଛନ୍ତି। ଟୋକନ୍ ବିତରଣ ନେଇ କୌଣସି ସ୍ପଷ୍ଟତା ନାହିଁ। ଅଧାରୁ ଅଧିକ ଚାଷୀଙ୍କୁ ଟୋକନ ମିଳୁନାହିଁ। ସରକାର ଧାନକିଣା ନେଇ ବଡ଼ବଡ଼ କଥା କହୁଛନ୍ତି, କିନ୍ତୁ ବାସ୍ତବ ଚିତ୍ର ଅଲଗା। ୨୦୨୪-୨୫ ବର୍ଷରେ ୧୯ ଡିସେମ୍ବର ସୁଦ୍ଧା ୯୮,୬୭୦ ଜଣ ଚାଷୀଙ୍କଠାରୁ ୪,୬୨,୬୭୫ ମେଟ୍ରିକ୍ ଟନ୍ ଧାନ କିଣା ହୋଇସାରିଥିଲା ବେଳେ ଚଳିତ ବର୍ଷ ୧୯ ଡିସେମ୍ବର ସୁଦ୍ଧା ୫୮,୨୦୬ ଜଣ ଚାଷୀଙ୍କଠାରୁ ୨,୬୫,୯୦୬ ମେଟ୍ରିକ ଟନ ଧାନ କିଣାଯାଇଛି। ଏହି ତଥ୍ୟରୁ ରାଜ୍ୟରେ ଧାନ କିଣା ସ୍ଥିତି କିପରି ମାନ୍ଦା ରହିଛି, ତାହା ସ୍ପଷ୍ଟ ହେଉଛି। ଏହାଛଡ଼ା ଧାନକିଣା ପ୍ରକ୍ରିୟା ଶେଷ ହେବାର ୨୪ଘଣ୍ଟା ଭିତରେ ଧାନର ମୂଲ୍ୟ କୃଷକମାନଙ୍କୁ ମିଳିବା ନିୟମ ରହିଥିଲେ ମଧ୍ୟ ଏହା ୨୪ ଦିନ ପର୍ଯ୍ୟନ୍ତ ମିଳୁନାହିଁ। ବିଲରୁ ମଣ୍ଡିକୁ ପହଞ୍ଚାଇବା ପାଇଁ ଲାଗୁଥିବା ପରିବହନ ଖର୍ଚ୍ଚ ସହିତ ଏବେ ମଣ୍ଡିରୁ ମିଲରଙ୍କ ଗୋଦାମ ପର୍ଯ୍ୟନ୍ତ ଖର୍ଚ୍ଚ ମଧ୍ୟ ଚାଷୀଙ୍କୁ ବହନ କରିବାକୁ ପଡୁଛି ବୋଲି ଶ୍ରୀ ବକ୍ସିପାତ୍ର କହିଥିଲେ।

### ନୂଆବର୍ଷ ଓ ବଡ଼ଦିନ ପୂର୍ବରୁ ଗାଡ଼ି ଯନ୍ତ୍ରଣା

# ଆଗ ଜରିମାନା; ପରେ ପ୍ରଦୂଷଣ ସାର୍ଟିଫିକେଟ୍

ଭୁବନେଶ୍ୱର,୨୩।୧୨(ସମିସ): ରାଜ୍ୟରେ ପଲ୍ୟୁସନ ଅଣ୍ଡର କଣ୍ଟ୍ରୋଲ ସାର୍ଟିଫିକେଟ୍ (ପିୟୁସିସି) ନବୀକରଣକୁ ନେଇ ଆରମ୍ଭ ହୋଇଛି ଲମ୍ବାଧାଡ଼ି। ରାଜ୍ୟ ପରିବହନ ବିଭାଗର ୧୫ ଦିନିଆ ମହଲତ ପରେ ରାଜ୍ୟରେ ବିଶେଷକରି ଭୁବନେଶ୍ୱରରେ ଆଜି ସବୁ ପିୟୁସି କେନ୍ଦ୍ର ଆଗରେ ଲମ୍ବା ଧାଡ଼ି ଦେଖିବାକୁ ମିଳିଛି। ଅନେକ ଲୋକ ପଲ୍ୟୁସନ୍ ସାର୍ଟିଫିକେଟ୍ ନବୀକରଣ କରୁଥିବା ବେଳେ ଅଧିକାଂଶ ଲୋକ ନିଜର ପୁରୁଣା ଚାଲାଣ ପାଇଁ ଫସି ରହିଛନ୍ତି। ଯେଉଁ ଗାଡ଼ି ମାଲିକମାନଙ୍କ ନାମରେ କୌଣସି ନିୟମ ଉଲ୍ଲଙ୍ଘନ ପାଇଁ ଚାଲାଣ ରହିଛି, ସେମାନେ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର ସାର୍ଟିଫିକେଟ୍ କରାଇବାରେ ବିଫଳ ହେଉଛନ୍ତି। ଏଥିପାଇଁ ସେମାନଙ୍କୁ ପ୍ରଥମେ ନିଜର ଚାଲାଣ ଅନୁଯାୟୀ ଆର୍ଥିକ ଜରିମାନା ରାଶି ପୈଠ କରିବାକୁ ବାଧ୍ୟତାମୂଳକ କରାଯାଇଛି। ପରିବହନ ବିଭାଗର

- ପୁରୁଣା ଚାଲାଣ ଥିଲେ ହୋଇପାରୁନି ପିୟୁସି
- ପରିବହନ ବିଭାଗର ନିର୍ଦ୍ଦେଶ ପରେ ଲୋକେ ଛାନିଆ

ଏଭଳି ନିୟମ ଓ ଚାଲାଣ ଯୋଗୁଁ ଏବେ ଯେଉଁମାନେ ଦୀର୍ଘ ଦିନ ହେବ ଚାଲାଣ ପାଇଁ ଜରିମାନା ଦେଇ ନ ଥିଲେ ସେମାନଙ୍କ ମୁଣ୍ଡରେ ଚିନ୍ତା ପଶିଛି।

ନିକଟରେ ରାଜ୍ୟ ପରିବହନ ବିଭାଗ ଯେଉଁମାନଙ୍କର ପଲ୍ୟୁସନ୍ ସାର୍ଟିଫିକେଟ୍ ନାହିଁ, ସେମାନଙ୍କୁ ପେଟ୍ରୋଲ ଟାଙ୍କିରେ ତେଲ ଦିଆଯିବ ନାହିଁ ବୋଲି ନିୟମ କରିଛି। ଆସନ୍ତା ଜାନୁଆରୀ ୧ ପର୍ଯ୍ୟନ୍ତ ଏହି ନିୟମ ବିଷୟରେ ସଚେତନ କରିବା ସହ ଏହାପରେ କଡ଼ାକଡ଼ି ନିୟମ ପାଳନ ପାଇଁ ବିଭାଗ ନିଷ୍ପତ୍ତି ନେଇଛି। ଯଦି ଏହି କ୍ଷେତ୍ରରେ କେହି ନିୟମ ଉଲ୍ଲଙ୍ଘନ ଅର୍ଥାତ ପଲ୍ୟୁସନ୍ ସାର୍ଟିଫିକେଟ୍ ନ କରିଥାନ୍ତି, ତେବେ ସେମାନଙ୍କଠାରୁ ୧୦ ହଜାର ଟଙ୍କା ଜରିମାନା ରାଶି ଆଦାୟ କରାଯିବା ନେଇ ବ୍ୟବସ୍ଥା ହୋଇଛି। ସରକାରଙ୍କ ଏହି କଡ଼ାକଟକଣା ପରେ ଲୋକେ ଏବେ ପଲ୍ୟୁସନ୍ ସାର୍ଟିଫିକେଟ୍ କରାଇବା ପାଇଁ ଏହି କେନ୍ଦ୍ରଗୁଡ଼ିକ ନିକଟରେ ଧାଡ଼ି ଲଗାଇଛନ୍ତି। ମଙ୍ଗଳବାର ରାଜଧାନୀର ଅଧିକାଂଶ ପଲ୍ୟୁସନ୍ ସାର୍ଟିଫିକେଟ୍ ପ୍ରଦାନକାରୀ କେନ୍ଦ୍ର ଆଗରେ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଛି। ଏପରି ସ୍ଥଳରେ ଭୁବନେଶ୍ୱରରେ ଟ୍ରାଫିକ୍ ଚାଲାଣ ବାବଦକୁ ଜରିମାନା ପୈଠ କେନ୍ଦ୍ରଗୁଡ଼ିକରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ଅନେକ ଗାଡ଼ି ଚାଳକ ବିନା କାରଣରେ ଜରିମାନା ହୋଇଥିବା ନେଇ ଅଭିଯୋଗ ଆଣିଛନ୍ତି। ଭୁବନେଶ୍ୱର ଟ୍ରାଫିକ୍ ଥାନା-୧ ନିକଟରେ ଜରିମାନା ପୈଠ କରିବାକୁ ଆସିଥିବା ଜଣେ ବ୍ୟକ୍ତି କହିଛନ୍ତି ଯେ, ପୁରୀରେ ଜଣେ ବାଇକ୍ ଚାଳକ ଆଇନ ଉଲଙ୍ଘନ କରୁଛି। ହେଲେ ଭୁବନେଶ୍ୱରରେ ଥିବା କାର ମାଲିକଙ୍କ ପାଖକୁ ଚାଲାଣ ଆସିଛି। ପରିବହନ ବିଭାଗର ଏହି ବିଚିତ୍ର ବ୍ୟବସ୍ଥାକୁ ନେଇ ସେ ପ୍ରଶ୍ନ କରିବା ସହ ନୋ ପାର୍କିରେ ଗାଡି, ହେଲେ ବିନା ହେଲମେଟରେ ଫାଇନ୍ ଆସିଥିବା ସେ କହିଛନ୍ତି। ଏମିତି ଫାଇନ ଆସୁଛି ଯେ କ'ଣ କରିବେ ବୋଲି ଉପାୟ ପାଇ ପାରୁନାହାନ୍ତି। ଚାକିରି କରିବେ ନା ଫାଇନ ଭରିବେ, ତାକୁ ନେଇ ଗାଡ଼ି ଚାଳକ ଚିନ୍ତାରେ ପଡ଼ିଛନ୍ତି।

ରାଜ୍ୟରେ ଏଭଳି ଚାଲାଣ କରିବା ଦ୍ୱାରା ପ୍ରାୟ ୩୧ ଲକ୍ଷ ଚାଲାଣ ପଡ଼ି ରହିଥିଲା। ଏହାକୁ ଦୃଷ୍ଟିରେ ରଖି ପରବିନ ବିଭାଗ ଅଧିକାଂଶ ନିୟମ ଉଲ୍ଲଙ୍ଘନ କ୍ଷେତ୍ରରେ ହୋଇଥିବା ଜରିମାନା ରାଶିକୁ ଅଧାକୁ ହ୍ରାସ କରି ଏହି ଚାଲାଣ ପୈଠ କରିବାକୁ ଲୋକଙ୍କୁ ଉତ୍ସାହିତ କରିଥିଲା। ମାତ୍ର ଏଥିରେ ବି ଆଶାନୁରୂପ ସଫଳତା ନ ମିଳିବା ପରେ ଏବେ ପିୟୁସି ସାର୍ଟିଫିକେଟ୍‌କୁ ଆୟୁଧ କରାଯାଇଛି। ଯେହେତୁ ପିୟୁସିସି କରିବା ପାଇଁ ହେଲେ ଚାଲାଣ ପୈଠ କରିବା ବାଧ୍ୟତାମୂଳକ ରହିଛି, ତେଣୁ କିଛି ଲୋକ ଏବେ ଚାଲାଣ ବାବଦରେ ଜରିମାନା ରାଶି ପୈଠ କରିବାକୁ ବାଧ୍ୟ ହେଉଛନ୍ତି। ଅନ୍ୟପଟେ ଚାଲାଣ ଓ ପିୟୁସି ପାଇଁ ବିଭିନ୍ନ ସ୍ଥାନରେ ଭିଡ଼ ହେବା ପରେ ଆଜି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି ଇ-ଚାଲାଣ ବକେୟା ଥିଲେ ପ୍ରଦୂଷଣ ଯାଞ୍ଚରେ ପ୍ରତିବନ୍ଧକ କଥା ପ୍ରଚାରିତ ହେଉଛି। ମାତ୍ର ଏଠାରେ ସ୍ପଷ୍ଟ କରାଯାଉଛି ଯେ କେନ୍ଦ୍ରୀୟ ମୋଟର ଯାନ ନିୟମାବଳୀ (ନିୟମ ୧୬୭) ଅନୁଯାୟୀ ୯୦ ଦିନରୁ ଅଧିକ ଦିନ ଧରି ବକେୟା ଥିବା ଇ-ଚାଲାଣ ପାଇଁ ଏହା ଲାଗୁ ହୋଇଥାଏ। ୯୦ ଦିନରୁ କମ୍ ଦିନ ବକେୟା ଥିବା ଚାଲାଣ ପାଇଁ ବୈଧ ପ୍ରଦୂଷଣ ପତ୍ର ପାଇବାରେ କୌଣସି ପ୍ରତିବନ୍ଧକ ନାହିଁ ବୋଲି ବିଭାଗ କହିଛି।

### ହାଇକୋର୍ଟରେ ରତ୍ନଭଣ୍ଡାର ପ୍ରସଙ୍ଗରେ ଏଏସ୍‌ଆଇର ସତ୍ୟପାଠ

# ଏସ୍‌ଓପି ପରେ ଗଣତିମଣତି

କଟକ, ୨୩।୧୨ (ସମିସ): ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାର ମରାମତି ଓ ଚାବି ହଜିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ) ପକ୍ଷରୁ ଏକ ସତ୍ୟପାଠ ଦାଖଲ କରାଯାଇଛି। ଏଏସ୍‌ଆଇ ପକ୍ଷରୁ ଦର୍ଶାଯାଇଛି ଯେ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଉଭୟ ଭିତର ଓ ବାହାର ମରାମତି କାମ ସମ୍ପୂର୍ଣ୍ଣ କରାଯାଇ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯାଇ ସରିଛି। ଅନ୍ୟପଟରେ ରତ୍ନଭଣ୍ଡାରର ଅଳଙ୍କାର ଗଣତିମଣତି ପାଇଁ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର(ଏସ୍‌ଓପି) ରାଜ୍ୟ ସରକାର ପ୍ରସ୍ତୁତ କରୁଛନ୍ତି ବୋଲି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଆଜି ହାଇକୋର୍ଟଙ୍କୁ ଅବଗତ କରିଛନ୍ତି। ଏହା ଚୂଡ଼ାନ୍ତ ହୋଇ ନଥିବାରୁ ପରବର୍ତ୍ତୀ ଶୁଣାଣି ସମୟରେ ଏହାର ସ୍ଥିତି ସମ୍ପର୍କରେ ଜଣାଇବେ ବୋଲି ଆଡଭୋକେଟ ଜେନେରାଲ କହିଥିଲେ। ଏହାକୁ ଦୃଷ୍ଟିରେ ରଖି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୦୨୬ଜାନୁଆରି୨୭ ତାରିଖକୁ ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ। ଦିଲ୍ଲୀପ କୁମାର ବରାଳଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ତଦନ୍ତ କମିସନ ରିପୋର୍ଟ ସାର୍ବଜନୀନ କରିବା ଓ ରତ୍ନଭଣ୍ଡାର ମରାମତି ସହ ରତ୍ନ ଅଳଙ୍କାରର ଗଣତିମଣତିକୁ ନେଇ ଏହି ମାମଲା ରୁଜୁ ହୋଇଛି। ଚାବି ହଜିବା ଘଟଣାରେ ଜଷ୍ଟିସ ରଘୁବୀର ଦାସ ତଦନ୍ତ କମିସନ ରିପୋର୍ଟ ଅଦ୍ୟାବଧି ସାର୍ବଜନୀନ ହୋଇନଥିବାରୁ ଏହାର ବର୍ତ୍ତମାନର ସ୍ଥିତି ନେଇ ଆବେଦନକାରୀ ଉଠାଇଥିବା ପ୍ରସଙ୍ଗ ଉପରେ ପରବର୍ତ୍ତୀ ତାରିଖରେ ଶୁଣାଣି ହେବ ବୋଲି ଜଣାପଡ଼ିଛି। ପ୍ରକାଶଥାଉକି, ଏହି ମାମଲାରେ ରାଜ୍ୟ ସରକାର ପୂର୍ବରୁ ଦେଇଥିବା ସତ୍ୟପାଠରେ ତଦନ୍ତ କମିସନ ରିପୋର୍ଟ କ୍ୟାବିନେଟ୍‌ରେ ଉପସ୍ଥାପନ ହେବ ବୋଲି ଜଣାଇଥିଲେ। ପୁନର୍ବାର ଆଉ ଏକ ସତ୍ୟପାଠରେ ତଦନ୍ତ କମିସନଙ୍କ ରିପୋର୍ଟ ସାର୍ବଜନିନ କରିବା ବାଧ୍ୟତାମୂଳକ ନୁହେଁ ବୋଲି ମଧ୍ୟ ଜଣାଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

### ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଘଟଣା

# ଅନିଶ୍ଚିତତାରେ ପରୀକ୍ଷା, ଚିନ୍ତାରେ ଆଶାୟୀ

ଭୁବନେଶ୍ୱର, ୨୩।୧୨(ସମିସ): ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ମାମଲା ଧରା ପଡ଼ିବା ପରେ ପରୀକ୍ଷାକୁ ନେଇ ସୃଷ୍ଟି ହୋଇଛି ଅନିଶ୍ଚିତତା। ବିଜ୍ଞପ୍ତି ପ୍ରକାଶ ପାଇବାର ବର୍ଷେ ପୂରିବାକୁ ଯାଉଥିବାବେଳେ ପରୀକ୍ଷା କେବେ ହେବ, ସେ ନେଇ ସରକାର ମୁହଁ ଖୋଲୁ ନାହାନ୍ତି। ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ଅଧିକାରୀ ଓ ବୋର୍ଡ ସଦସ୍ୟମାନେ ସିବିଆଇ ସ୍କାନରରେ ଥିବାରୁ ସେମାନେ ନିରବ

- ଓପିଆର୍‌ବି ଓ ସରକାରଙ୍କ ନିରବତା ନେଇ ପ୍ରଶ୍ନ
- ତୁରନ୍ତ ପରୀକ୍ଷା କରିବାକୁ ଆଶାୟୀଙ୍କ ଦାବି

ରହିବାକୁ ଶ୍ରେୟସ୍କର ମଣୁଛନ୍ତି। ଏପରିକି ପରୀକ୍ଷା କରିବାକୁ କୌଣସି ପ୍ରକାର ଆଗ୍ରହ ମଧ୍ୟ ପ୍ରକାଶ କରୁ ନାହାନ୍ତି। ଏପରି ଅନିଶ୍ଚିତତା ମଧ୍ୟରେ ନିଯୁକ୍ତି ବିଜ୍ଞପ୍ତିକୁ ବାତିଲ କରାଯିବ ବୋଲି ଓପିଆର୍‌ବି ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁସାରେ ପୂର୍ବରୁ ପ୍ରକାଶ ପାଇଥିବା ନିଯୁକ୍ତି ବିଜ୍ଞପ୍ତିକୁ ବାତିଲ୍ କରାଯାଇ ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟାକୁ ପୁଣିଥରେ ମୂଳରୁ ଆରମ୍ଭ କରାଯିବ। ଏଥିପାଇଁ ପୁନଃ ବିଜ୍ଞପ୍ତି ପ୍ରକାଶ କରାଯିବ। ଓପିଆର୍‌ବି ପକ୍ଷରୁ ଏ ନେଇ ଅଧିକାରିକ ଭାବେ ସୂଚନା ମଧ୍ୟ ଦିଆଯାଇଛି। ପରୀକ୍ଷା ସମ୍ବନ୍ଧୀୟ ଏକ ଅଭିଯୋଗ ଉପରେ ଓପିଆର୍‌ବି ପକ୍ଷରୁ କୁହାଯାଇଛି ଯେ, ପୁଲିସ୍ ନୂତନ ବିଜ୍ଞପ୍ତି ପ୍ରକାଶ କରି ପୁନଃ ଏସ୍‌ଆଇ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯିବ। ଓପିଆର୍‌ବି ଏସ୍‌ପିଙ୍କ ପକ୍ଷରୁ କଟକ ମୁଖ୍ୟାଳୟର ଅତିରିକ୍ତ ଏସ୍‌ପିଙ୍କୁ ଗତ ୧୫ ତାରିଖରେ ଏନେଇ ମଧ୍ୟ ଅବଗତ କରାଯାଇଛି। ଓପିଆର୍‌ବିର ଏହି ଚିଠି ପରେ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ତେଜିଛି। ପରୀକ୍ଷାକୁ ବିଳମ୍ବିତ କରିବା ପାଇଁ ଜାଣିଶୁଣି ଓପିଆର୍‌ବି ପକ୍ଷରୁ ଏପରି ପଦକ୍ଷେପ ନିଆଯାଉଥିବା ଆବେଦନକାରୀମାନେ ଅଭିଯୋଗ କରିଛନ୍ତି। ପରୀକ୍ଷା ପରିଚାଳନା ପାଇଁ ଟେଣ୍ଡର ପାଇଥିବା କମ୍ପାନୀକୁ କଳା ତାଲିକାଭୁକ୍ତ କରାଯାଇଥିଲେ ମଧ୍ୟ ଆବେଦନକାରୀଙ୍କ ତଥ୍ୟ ସମ୍ପୃକ୍ତ କମ୍ପାନୀ ଆଇଟିଆଇ ଲିମିଟେଡ୍ ଓ ଓପିଆର୍‌ବି ପାଖରେ ଅଛି। ଟେଣ୍ଡର ନିୟମ ଅନୁଯାୟୀ ସମସ୍ତ ତଥ୍ୟ ଦେବାକୁ କମ୍ପାନୀ ବାଧ୍ୟ। ତେଣୁ ନୂତନ ଟେଣ୍ଡର କରି ଅଭିଜ୍ଞତା ସମ୍ପନ୍ନ ସଂସ୍ଥାକୁ ପରିଚାଳନା ଦାୟିତ୍ୱ ଦିଆଯାଇପାରିବ। ତ୍ୱରିତ ପରୀକ୍ଷା ପାଇଁ ପଦକ୍ଷେପ ନ ନେଇ ପ୍ରାୟ ଦେଢ଼ ଲକ୍ଷ ଆଶାୟୀଙ୍କ ଜୀବନ ସହ ସରକାର ଓ ଓପିଆର୍‌ବି ଖେଳୁଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି।

ଅପରପକ୍ଷରେ ସିବିଆଇ ତଦନ୍ତରେ ଓପିଆର୍‌ବି ଅଧିକାରୀଙ୍କ ସମେତ ଆଉକିଛି ବଡ଼ବାବୁ ଆକ୍ରାମାକ୍ରା ହୋଇଛନ୍ତି। ଓପିଆର୍‌ବି ଏସ୍‌ପିଙ୍କୁ ସିବିଆଇ ଜେରା କରିଥିବାବେଳେ ଅନ୍ୟ ଅଧିକାରୀଙ୍କ ପାଳି କୌଣସି ମୂହୁର୍ତ୍ତରେ ମଧ୍ୟ ଆସିପାରେ। ଏଣୁ ସେମାନେ ପରୀକ୍ଷାକୁ ତ୍ୱରାନ୍ୱିତ କରିବାରେ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏପରିକି ପରୀକ୍ଷା ତ୍ୱରାନ୍ୱିତ କରିବାକୁ ସରକାର ମଧ୍ୟ କୌଣସି ନିର୍ଦ୍ଦେଶନାମା ଜାରି କରୁ ନାହାନ୍ତି। ଫଳରେ ଅଧିକାରୀମାନେ ନିରବ ରହିବାକୁ ଶ୍ରେୟସ୍କର ମଣୁଛନ୍ତି। ଗତ ମାସରେ ଆଶାୟୀମାନେ ଓପିଆର୍‌ବି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ତ୍ୱରିତ ପରୀକ୍ଷା କରିବାକୁ ଦାବି କରିଥିଲେ। ହେଲେ ମଧ୍ୟ ସରକାର ବା ଓପିଆର୍‌ବି କର୍ଣ୍ଣପାତ କରୁ ନ ଥିବାରୁ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବେ ବୋଲି ଯୋଜନା କରୁଛନ୍ତି। ପୁଣି ସମସ୍ତ ବର୍ଦ୍ଧିଧାରୀଙ୍କ ନିଯୁକ୍ତି ପାଇଁ ସରକାର ଓଡ଼ିଶା ୟୁନିଫର୍ମ କର୍ମଚାରୀ ଚୟନ ଆୟୋଗ (ଓୟୁଏସ୍‌ଏସ୍‌ସି) ଗଠନ କରିଥିବାରୁ ବିଜ୍ଞପ୍ତି ବାତିଲ୍ ହେଲେ ଓପିଆର୍‌ବି କିପରି ଏହି ପରୀକ୍ଷା ପରିଚାଳନା କରିବ ବୋଲି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ବସଷ୍ଟାଣ୍ଡ ପାଇଁ ଗଛ ବଳି

# ଏନ୍‌ଜିଟିରେ ଶୁଣାଣି ଆରମ୍ଭ

ବାରିପଦା, ୨୩।୧୨(ସମିସ): ପାଲବଣୀଠାରେ ପ୍ରସ୍ତାବିତ ଅନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ବ୍ୟାପକ ଗଛ କଟାଯିବା ଘଟଣାକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ରୁଜୁ ମାମଲାର ଆଜି ଶୁଣାଣି ହୋଇଛି। କୋଲକତାସ୍ଥିତ ଇଷ୍ଟର୍ଣ୍ଣ ବେଞ୍ଚର ଜୁଡିସିଆଲ ମେମ୍ବର ବିଚାରପତି ଅରୁଣ କୁମାର ତ୍ୟାଗୀ ଓ ଏକ୍ସପୋର୍ଟ ମେମ୍ବର ଇଶ୍ୱର ସିଂ ଆଜି ମାମଲାର ଶୁଣାଣି ଆରମ୍ଭ କରିଥିଲେ। ଆବେଦନକାରୀ ପ୍ରମୋଦ କୁମାର ହେମ୍ବ୍ରମଙ୍କ ଅଭିଯୋଗ ଓ ତାଙ୍କ ପକ୍ଷରୁ ଉପସ୍ଥାପିତ ସମସ୍ତ ତଥ୍ୟ ପ୍ରମାଣକୁ ଭିତ୍ତି କରି ଏହି ମାମଲାରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ, ବାରିପଦା ବନଖଣ୍ଡ ଅଧିକାରୀ, ରାଜ୍ୟ ସରକାରଙ୍କ ଜୈବବିବିଧତା ସଦସ୍ୟ ସଚିବ, ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟର ମୁଖ୍ୟ ଉପନିର୍ଦ୍ଦେଶକ, ରାଜ୍ୟ ରାସ୍ତା ଓ ପରିବହନ ବିଭାଗର ପରିଚାଳନା ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି। ସରକାରୀ ଆଇନଜୀବୀ ଓ ପ୍ରମୋଦଙ୍କ ତରଫରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି। ପ୍ରତିପକ୍ଷ ସେମାନଙ୍କର ସମସ୍ତ ତଥ୍ୟ ଉପସ୍ଥାପନ ସହ ପରବର୍ତ୍ତୀ ଶୁଣାଣି ଜାନୁଆରୀ ୬ ତାରିଖରେ କରାଯିବ ବୋଲି କୋର୍ଟ ସିଦ୍ଧାନ୍ତ ନେଇଥିବା ନେଇ ଆଇନଜୀବୀ ଶ୍ରୀ ପାଣି କହିଛନ୍ତି।

### ମାଲକାନଗିରି ପୁଲିସର ସଫଳତା

# ବନ୍ଧୁକ ଛାଡ଼ି ଗୋଲାପ ଧରିଲେ ୨୨ ମାଓବାଦୀ



ମାଲକାନଗିରି, ୨୩।୧୨ (ସମିସ): ବନ୍ଧୁକ ଛାଡ଼ି ଗୋଲାପ ଧରିଲେ ମାଓବାଦୀ। ମାଲକାନଗିରି ଜିଲ୍ଲା ପୁଲିସ ନିକଟରେ ଆଜି ୨୨ଜଣ ଦୁର୍ଦ୍ଧର୍ଷ ମାଓବାଦୀ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତକୁ ଫେରିଛନ୍ତି। ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ଜଣେ ଡିଭିଜନାଲ କମିଟି ମେମ୍ବର (ଡିଭିସିଏମ୍) ରହିଥିବା ବେଳେ ୬ଜଣ ଏରିଆ କମିଟି ମେମ୍ବର (ଏସିଏମ୍) ଏବଂ ୧୫ଜଣ ପାର୍ଟି ମେମ୍ବର୍ ରହିଛନ୍ତି। ଆତ୍ମସମର୍ପଣ ବେଳେ ସେମାନେ ୧୪ଟି ଲ୍ୟାଣ୍ଡମାଇନ୍ ବୋମା ସହ ଗୋଟିଏ ଏକେ-୪୭, ଗୋଟିଏ ଏସ୍‌ଏଲ୍‌ଆର୍ ବନ୍ଧୁକ, ୨ଟି ଇନସାସ୍ ରାଇଫଲ୍, ୩ଟି ୩୦୩ ରାଇଫଲ୍, ଦୁଇଟି ସିଙ୍ଗଲ୍-ବୋର୍ ରାଇଫଲ୍, ୯ଟି ମାଗାଜିନ୍, ୧୫୦ଟି ଗୁଳି, ୨୦ କେଜି ବିସ୍ଫୋରକ, ୧୩ଟି ଉନ୍ନତ ବିସ୍ଫୋରକ, ଜିଲେଟିନ୍ ଷ୍ଟିକ୍, କୋଡେକ୍ସ ତାର ଏବଂ ମାଓବାଦୀ ପୁସ୍ତକ ପୁଲିସକୁ ହସ୍ତାନ୍ତର କରିଛନ୍ତି। ଅନେକ ବଡ଼ବଡ଼ ହିଂସାକାଣ୍ଡରେ ଜଡ଼ିତ ଥିବା ଏହି ମାଓବାଦୀମାନେ ପୁଲିସ୍ ଡିଜି ୱାଇ.ବି ଖୁରାନିଆଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି।

ସେମାନେ ହେଲେ, ଡିଭିସିଏମ ସଦସ୍ୟ ମୁୟେ ମାଡକମ ଓରଫ ଲିଙ୍ଗେ(୪୫), ଏସିଏମ କମାଣ୍ଡର ବାମନ ମାଡକାମି (୨୭), ମୁକ୍କା ମୁଚାକି(୨୨), ଆଇତୁ ଆଭଲାମି(୨୬), କୋସା କାବାସି(୨୫), ବାଟି ମାଡକାମ(୨୨), ଯୋଗୀ ମୁଚାକି(୧୯), ପାର୍ଟି ମେମ୍ବର ରୀତା ପଡିଆମି (୨୨), ଯୋଗୀ ସୋଡି (୧୮), ଭୀମେ କାଲମୁ (୨୦), ମଙ୍ଗଳି ବାଞ୍ଜାମି (୨୪), ଜଗା ମୁଚାକି (୨୩), ଆଡମେ ମୁଚାକି (୧୮), ମାଡଲି କୋସା (୨୨), କୁଞ୍ଜାମ କର୍ରା (୨୫), ମାଡା ମାଡଲି (୩୦), ମୁଚାକି ଆଡମା (୧୯), ଦେବା ମାଡଲି (୩୫), ଅର୍ଜୁନ ମାଡଲି (୩୫), ସାନ୍ନା ପୁନେମ (୨୫), ସୋମେୟମିଡିଆମ(୧୯) ଏବଂ ବୁଦ୍ରି ମିଡିଆମ(୨୫)। ଏମାନଙ୍କ ମୁଣ୍ଡ ଉପରେ ୧କୋଟି ୮୪ ଲକ୍ଷ ୨୫ ହଜାର ଟଙ୍କାର ପୁରସ୍କାର ରାଶି ରହିଥିଲା। ଏହି ପୁରସ୍କାର ରାଶି ସେମାନଙ୍କୁ ହସ୍ତାନ୍ତର କରାଯିବା ସହ ସମସ୍ତଙ୍କୁ ସରକାରଙ୍କ ତରଫରୁ ୨୫ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ଅନ୍ୟ ନକ୍ସଲମାନଙ୍କୁ ମଧ୍ୟ ହିଂସା ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହେବାକୁ ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏଡିଜି ସଞ୍ଜୀବ ପଣ୍ଡା, ଡିଆଇଜି ଏସ୍‌ଆଇଡବ୍ଲୁ ଅଖିଳେଶ ସିଂ, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ବି.କେ ସିଂ, ବିଏସଏଫ ଡିଆଇଜି ବିଜୟ ସିଂ, ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ, ଏସ୍‌ପି ବିନୋଦ ପାଟିଲ ଏଚ୍, ଅତିରିକ୍ତ ଏସପି ଆର.କେ ଦାସ ଓ ପ୍ରମୋଦ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

### ଟ୍ରେନ ଶୌଚାଳୟ ନିକଟରେ ବସି କୁସ୍ତି ଖେଳାଳିଙ୍କ ଯାତ୍ରା ପ୍ରସଙ୍ଗ

# ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ: ମନ୍ତ୍ରୀ

ଭୁବନେଶ୍ୱର, ୨୩।୧୨ (ସମିସ): ଜାତୀୟ ସ୍କୁଲ କୁସ୍ତିର ୬୯ତମ ସଂସ୍କରଣରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶାର ୧୮ଜଣ ଖେଳାଳିଙ୍କୁ ନିକଟରେ ଟ୍ରେନରେ ଶୌଚାଳୟ ନିକଟରେ ବସି ଯାତ୍ରା କରିବାକୁ ବାଧ କରାଯାଇଥିଲା। ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଯୁବ ଖେଳାଳିଙ୍କୁ ଏଭଳି ଚରମ ଅବହେଳା ଲାଗି ଓଡ଼ିଶା ଏବେ ଜାତୀୟସ୍ତରରେ ଲଜ୍ଜିତ ହୋଇଛି। ଏହି ପ୍ରସଙ୍ଗ ମଧ୍ୟ ଜାତୀୟ ଗଣମାଧ୍ୟମରେ ଖବରର ଶିରୋନାମାରେ ରହିଛି। ଗଣଶିକ୍ଷା ବିଭାଗର ଏହି ଚରମ ଅବହେଳାକୁ ନେଇ କ୍ରୀଡ଼ା ମହଲ ସମେତ ଚାରିଆଡ଼ୁ ଏହାକୁ କଡ଼ା ନିନ୍ଦା କରାଯାଇଥିଲା। ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ପ୍ରବଳ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଘଟଣାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। 'ଆମେ ଏହି ଘଟଣାର ତଦନ୍ତ କରୁଛୁ। ଆମକୁ ଜାଣିବାକୁ ପଡ଼ିବ ଯେ କେଉଁଠି ଭୁଲ ରହିଲା ଏବଂ କିଏ ଏଥିଲାଗି ଦାୟୀ। ତଦନ୍ତ ପରେ ଏହି ଘଟଣାରେ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ' ବୋଲି ଗଣଶିକ୍ଷା ମନ୍ତ୍ରୀ ଗଣ୍ଡ ଗଣମାଧ୍ୟମକୁ କହିଛନ୍ତି। ଅପରପକ୍ଷେ ଏହି ଘଟଣାରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରିପୋର୍ଟ ତଲବ କରାଯାଇଛି।

ପ୍ରକାଶଯୋଗ୍ୟ, ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ୧୦ଜଣ ପୁଅ ଓ ୮ଜଣ ଝିଅଙ୍କ ସମେତ ୧୮ଜଣଙ୍କ କ୍ରୀଡ଼ାବିତଙ୍କୁ ଏହି ଜାତୀୟସ୍ତରୀୟ ସ୍କୁଲ କୁସ୍ତି ଲାଗି ଉତ୍ତରପ୍ରଦେଶକୁ ପଠାଯାଇଥିଲା। ତେବେ ସେମାନଙ୍କର ଟ୍ରେନ ଟିକଟ୍ ସଂରକ୍ଷିତ ନ କରି ଗଣଶିକ୍ଷା ବିଭାଗ ଏହି ଯୁବ କ୍ରୀଡ଼ାବିତ୍‌ଙ୍କୁ ଅସହ୍ୟ ଥଣ୍ଡାରେ ସାଧାରଣ ବଗିରେ ଟ୍ରେନ୍ ଶୌଚାଳୟ ପାଖରେ ବସି ଯାତ୍ରା କରିବାକୁ ବାଧ କରିଥିଲା। ସବୁଠୁ ବିଡ଼ମ୍ବନାର ବିଷୟ ଯେ ଖେଳାଳିମାନେ ଫେରିଲାବେଳେ ମଧ୍ୟ ସମାନ ଭାବେ ଟ୍ରେନ ଶୌଚାଳୟ ନିକଟ କବାଟ ପାଖରେ ବସି ଘରକୁ ଫେରିଥିଲେ। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାପରେ ଘଟଣାକୁ ଚାରିଆଡ଼ୁ ନିନ୍ଦା କରାଯାଇଥିଲା। ନବୀନ ପଟ୍ଟନାୟକ ସରକାରଙ୍କ ସମୟରେ ଏକାଧିକ ବିଶ୍ୱସ୍ତରୀୟ କ୍ରୀଡ଼ା ଇଭେଣ୍ଟ ଆୟୋଜନ କରି ଓଡ଼ିଶା ଯେଉଁ ସୁନାମ ଅର୍ଜନ କରିଥିଲା ଏହି ଘଟଣା ପରେ ତାହା ରାଜ୍ୟକୁ ଲଜ୍ଜିତ କରିଛି ବୋଲି ମତ ପ୍ରକାଶ ପାଇଛି।

## ରାସ୍ତାକଡ଼ ସରକାରୀ ଜାଗା ଅବରୋଧ




କାଳିପଦା, ୨୩।୧୨ (ସମିସ): ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଛକ ନିକଟ ରାସ୍ତା କଡ଼ ଦୀର୍ଘ ଦିନରୁ ଅବରୋଧ ହୋଇ ଥିଲେ ବି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଉ ନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜଳ ନିଷ୍କାସନ ଓ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ହୋଇ ପାରୁ ନାହିଁ। ମୁଖ୍ୟରାସ୍ତାକୁ ଦୋକାନୀ ଓ ବ୍ୟବସାୟୀ ମାନେ କଂକ୍ରିଟ କରି ସେମାନଙ୍କ ବ୍ୟକ୍ତିଗତ ଜାଗାକୁ ଲଗାଇ ଦେଇଛନ୍ତି। ସିମୁଳିଆ ଛକ, ବ୍ଲକ ଛକ, ପାରୁଳିଆ ଛକ, ଜାମ କୁଣ୍ଡା ଛକ, ପୁରୁଣା ବସ ଷ୍ଟାଣ୍ଡ, ଗେଙ୍ଗୁଟିଆ ଛକ, ଘଣ୍ଟିଆଡ଼ି ଛକ, ଦାନ୍ତୁଣିଦା ଛକ, ଦେଭୋଗ ଛକ ଆଦି ଛକରେ ସମାନ ଅବସ୍ଥା ହୋଇଛି। ଏଗୁଡିକୁ ହଟା ନ ଗଲେ ଆଗାମୀ ବର୍ଷା ଋତୁ ବେଳକୁ ଜଳ ନିଷ୍କାସନ ନେଇ ଘୋର ସମସ୍ୟା ସୃଷ୍ଟି ହେବ ବୋଲି ସାଧାରଣରେ ଆଲୋଚନା ହେଉଛି।

## ସମବାୟ କାର୍ଯ୍ୟାଳୟ ନିକଟରେ କୁଢ କୁଢ ଅଳିଆ



ଜଳେଶ୍ୱର, ୨୩।୧୨ (ସମିସ) : ଲକ୍ଷ୍ମଣନାଥ ପଞ୍ଚାୟତର ଦୁର୍ଗାପୂଜା ମେଳା ପଡିଆ ରାସ୍ତା ପାର୍ଶ୍ୱରେ ଥିବା ସେବା ସମବାୟ ସମିତି ନିକଟରେ କୁଢ କୁଢ ଅଳିଆ ଆବର୍ଜନା ଠୁଳ ହୋଇଥିବା ଦେଖିବାକୁ ମିଳିଛି। ସେଥିରୁ ବାହାରୁଥିବା ଦୁର୍ଗନ୍ଧ ସମସ୍ତଙ୍କୁ ଅଣନିଶ୍ୱାସୀ କରି ଦେଉଛି। ପଂଚାୟତ ପକ୍ଷରୁ ଯେତେପ୍ରକାର ଚେଷ୍ଟା କରି ନିଆଁ ଲଗାଯାଉଥିଲେ ମଧ୍ୟ ତାହା ନଷ୍ଟ ହେଉନଥିବାରୁ ସମିତି ସଦସ୍ୟ ଜିତେନ୍ଦ୍ର ଦାସ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପରିବେଶକୁ ସୁରକ୍ଷା ରଖି ତୁରନ୍ତ ସଫେଇ କରିବାକୁ ସେ ବିଡିଓ ଗୌରାଙ୍ଗ ଘୋଷଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ନେଇ ସମାଜସେବୀ ଅନୁପ ପ୍ରଧାନ ମଧ୍ୟ ଅନୁରୂପ ଭାବରେ ଦାବି କରିଛନ୍ତି।

# ଘୋଷଣାରେ ସୀମିତ ରହିଯିବ କି ବସ୍ତା ଏନ୍‌ଏସି ?

ବସ୍ତା ବ୍ଲକ, ୨୩।୧୨ (ସମିସ)




ବାଲେଶ୍ୱର ଜିଲ୍ଲା ବସ୍ତା ସଦ୍ୟ ଏନ୍‌ଏସି ଚୂଡ଼ାନ୍ତ ତାଲିକାରେ ସ୍ଥାନ ନ ପାଇବା ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଘୋଷଣାରେ ସୀମିତ ହୋଇ ରହିଯିବନି ତ ବସ୍ତା ଏନ୍‌ଏସି, ତାହାକୁ ନେଇ ଉଠିଛି ବଡ଼ ପ୍ରଶ୍ନ। ବିଜେଡି, କଂଗ୍ରେସ ସହିତ ଅନ୍ୟ ରାଜନୈତିକ ଦଳ ବସ୍ତାକୁ ଏନ୍‌ଏସିରୁ ବାଦ ଦିଆଯାଇଥିବା ଅଭିଯୋଗ ଆଣିଛନ୍ତି। ଏହି ଘଟଣାକୁ ନେଇ ଖୋଦ୍ ବସ୍ତା ବିଧାୟିକା ସୋସିଆଲ ମିଡ଼ିଆରେ ନିଜ ଅସନ୍ତୋଷ ଜାହିର କରିବା ସହିତ କଂଗ୍ରେସର ନେତୃମଣ୍ଡଳୀ ସହିତ ବୁଦ୍ଧିଜୀବୀ ରାଜ୍ୟରେ ମୋହନ ମାଝୀ ସରକାରଙ୍କ ଉପରେ ପ୍ରବଳ ଅସନ୍ତୋଷ ଝାଡି ଛନ୍ତି। ବସ୍ତା ଏନ୍‌ଏସିକୁ ନେଇ ରାଜନୈତିକ ବାତାବରଣ ଉଷ୍ମତା ଭରି ଦେଇଥିବା ବେଳେ ସାମ୍ବାଦିକ ସମ୍ମିଳନୀ କରି ବସ୍ତା ବିଜେପି ତା'ର ବିବୃତି ରଖିଛି। ବସ୍ତା ଏନ୍‌ଏସି ତାଲିକାରୁ ବାଦ ପଡ଼ିବନି ଖୁବ୍‌ଶୀଘ୍ର ବସ୍ତା ଚୂଡାନ୍ତ ତାଲିକାରେ ଘୋଷଣା ହେବା ନେଇ ଦଳର ନେତାଙ୍କ ପ୍ରତିକ୍ରିୟା ପରିସ୍ଥିତିକୁ ଗୋଳ ମାଳିଆ କରି ଦେଇଥିବା ଚର୍ଚ୍ଚା ହେଉଛି।

ପ୍ରକାଶ ଯେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସେତେବେଳର ବିଜେଡି ସରକାର ଘୋଷଣା କରିଥିବା ଏନ୍‌ଏସି ତାଲିକାରେ ବସ୍ତାକୁ ଘୋଷଣା କରିଥିଲେ। ଏହି ଘୋଷଣାକୁ ନେଇ ବସ୍ତା ବାସୀଙ୍କ ମନରେ ଆନନ୍ଦର ଲହରୀ ଖେଳି ଯାଇଥିବା ବେଳେ ନିର୍ବାଚନ ପୂର୍ବରୁ ଏହି ଘୋଷଣା ଭୋଟ ବ୍ୟାଙ୍କକୁ ସୁରକ୍ଷିତ ରଖିବା ପାଇଁ ଘୋଷଣା କରା ଯାଇଥିବା ବିଜେପି, କଂଗ୍ରେସ ସହିତ ଅନ୍ୟ ରାଜନୈତିକ ଦଳ ପକ୍ଷରୁ କୁହା ଯାଇଥିଲା। ମାତ୍ର ନିର୍ବାଚନ ପରେ ରାଜ୍ୟରେ ବିଜେପି ସରକାର ଆସିବା ପରେ ଏନ୍‌ଏସି ଘୋଷଣାକୁ କୌଣସି ସରକାରୀ ସ୍ୱୀକୃତି ମିଳିନଥିବା ଭଳି ଚାଞ୍ଚଲ୍ୟକର ତଥ୍ୟ ବସ୍ତା ବିଜେପି ପକ୍ଷରୁ କୁହା ଯାଇଥିଲା। ନୂଆ ସରକାର ଆସିବା ପରେ ଗତ ଅଗଷ୍ଟ ମାସରେ ପୁଣି ଖୋଦ୍ ମୁଖ୍ୟମନ୍ତ୍ରୀ ଏନ୍‌ଏସି ଓ ମହାନଗର ନିଗମ ଘୋଷଣାରେ ବସ୍ତା କୁ ଏନ୍ ଏ ସି ଘୋଷଣା କରିଥିଲେ। ଏ ନେଇ ବସ୍ତା ବିଜେପି ପକ୍ଷରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେବା ସହିତ ବିଭାଗୀୟ ମନ୍ତ୍ରୀ ଓଡ଼ିଶା ସରକାର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଭେଟି ସ୍ୱାଗତ ସହ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଘୋଷଣା ହୋଇ ଥିବା ଏନ୍ ଏ ସି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ। ମୋହନ ମାଝୀ ସରକାର ଙ୍କ ବସ୍ତା କୁ ନିର୍ବାଚନୀ ଭେଟି ଦେଇଥିବା ବସ୍ତା ବିଜେପି ପକ୍ଷରୁ ପ୍ରତିକ୍ରିୟା ରଖା ଯାଇଥିଲା। ମାତ୍ର ଘୋଷଣାକୁ ୪ ମାସ ପରେ ଆଗକୁ ନବବର୍ଷ ପାଳନର ଅବ୍ୟବହିତ ପୂର୍ବରୁ ସୋମବାର ଏନ୍ ଏ ସି ର ଚୂଡାନ୍ତ ବିଜ୍ଞପ୍ତିରେ ବସ୍ତା ନାମ ନ ଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ବସ୍ତାର ବିଭିନ୍ନ ବର୍ଗର ଲୋକଙ୍କୁ ବ୍ୟଥିତ କରିଛି। ନାନା ସମସ୍ୟା ରେ ଜର୍ଜରିତ ବସ୍ତାବାସୀ ବିକାଶ ର ସ୍ୱପ୍ନ ଦେଖୁଥିବା ବେଳେ ଏନ୍‌ଏସି ମାନ୍ୟତାକୁ ନେଇ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ବିଗତ ବର୍ଷ ମାନଙ୍କ ମଧ୍ୟରେ ବସ୍ତା ଆଦର୍ଶ ବିଦ୍ୟାଳୟ, କୋର୍ଟ, ମୁକ୍ତାକାଶ କାରାଗାର, ବସ୍‌ଷ୍ଟାଣ୍ଡ, ରେଳ ଓଭର ବ୍ରିଜ, ଟ୍ରେନ ରହଣୀ ନେଇ ରାଜନୈତିକ ଚକ୍ରାନ୍ତର ଶିକାର ହୋଇ ହରାଇଛି ବୋଲି ଅଭିଯୋଗ ହୋଇଛି। ଏ ନେଇ ବିଭିନ୍ନ ରାଜନୈତିକ ଦଳ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଗଣମାଧ୍ୟମକୁ ପ୍ରତିକ୍ରିୟା ମିଳିଛି। ବସ୍ତା ବିଧାୟିକା ସୁବାସିନୀ ଜେନା କହିଛନ୍ତି ରାଜ୍ୟ ସରକାରଙ୍କ ୨୪ଟି ଏନ୍ ଏ ସି ଚୂଡ଼ାନ୍ତ ତାଲିକାରେ ବସ୍ତା ବାଦ ପଡ଼ିବାକୁ ଦୃଢ଼ ନିନ୍ଦା କରିବା ସହିତ ବସ୍ତା ଏନ୍ ଏ ସି ଘୋଷଣା ଚୂଡାନ୍ତ ନ ହେବା ପର୍ଯ୍ୟନ୍ତ ସଂଘର୍ଷ ଜାରି ରଖିବି ବୋଲି ସୋସିଆଲ ମିଡ଼ିଆ ରେ ପୋଷ୍ଟ କରିଛନ୍ତି।

**ସବୁ ମହଲରେ ତୀବ୍ର ପ୍ରତିକ୍ରିୟା**

**ସାମ୍ବାଦିକ ସମ୍ମିଳନୀ କରି ବିବୃତି ରଖିଲା ବସ୍ତା ବିଜେପି**

ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା ଓଡ଼ିଶା ସରକାର ବସ୍ତା କୁ ଏନ୍ ଏ ସି ରୁ ବାଦ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ। ଯଥା ଶୀଘ୍ର ଏନ୍ ଏ ସି ଘୋଷଣା କରନ୍ତୁ। ନହେଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି କହିଛନ୍ତି।

ଜେଏମଏମ ଜିଲ୍ଲା ସଭାପତି କମଳ ଲୋଚନ ବାରିକ ବସ୍ତାକୁ ଏନ୍ ଏ ସି ନ କରିବା ମନ୍ତ୍ରୀ ପାତର ଅନ୍ତର ଓ ଭେଦ ଭାବ କରାଯିବା ଦୁର୍ଭାଗ୍ୟ ଜନକ। ଏହା ବସ୍ତା ପ୍ରତି ପ୍ରତାରଣା। ଖୁବ ଶୀଘ୍ର ସରକାର ବସ୍ତାକୁ ତାଙ୍କ ନାର୍ଯ୍ୟ ଦାବି ଦିଅନ୍ତୁ ବୋଲି ଦାବି କରିଛନ୍ତି।

ବୁଧବାର ବସ୍ତା କଂଗ୍ରେସ ପକ୍ଷରୁ ବସ୍ତା ବଜାରରେ ଏକ ପ୍ରତିବାଦ ସଭା ଓ ବିକ୍ଷୋଭ ଡାକରା ଦେଇଥିବା ବେଳେ ମଙ୍ଗଳବାର ଅପରାହ୍ନ ରେ ବସ୍ତା ବିଜେପି ପାର୍ଟି କାର୍ଯ୍ୟାଳୟ ରେ ବିଜେପି ଜିଲ୍ଲା ସଭାପତି ( ଉତ୍ତର) ପ୍ରଦୀପ କୁମାର ପଣ୍ଡା, ବସ୍ତା ବିଜେପି ନେତା ରବୀନ୍ଦ୍ର ନାଥ ଅଣ୍ଡିଆ, ରବୀନ୍ଦ୍ର କୁମାର ଜୈନଙ୍କ ସହିତ ଅନ୍ୟ ବିଜେପି ନେତୃବୃନ୍ଦଙ୍କୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡି ସରକାର ପକ୍ଷରୁ ଘୋଷଣା ଏକ ରାଜନୈତିକ ଚକ୍ରାନ୍ତ ଥିଲା ବୋଲି କହିଥିଲେ। ୧୬ ଅଗଷ୍ଟରେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ୩୦ ଦିନ ଅଭିଯୋଗ ଗ୍ରହଣ କରିବାର ସମୟ ଥିଲା। ସାମ୍ବିଧାନିକ ପ୍ରକ୍ରିୟା ଚାଲିଥିବା ବେଳେ ଏହା ଖୁବ୍ ଶୀଘ୍ର ପରବର୍ତ୍ତୀ ପର୍ଯ୍ୟାୟରେ ଘୋଷଣା କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀ ରେ ମତବ୍ୟକ୍ତ କରିଥିଲେ।

## ଗୋଚର ଜମିରେ ରାସ୍ତା ନିର୍ମାଣକୁ କେନ୍ଦ୍ରକରି ଉତ୍ତେଜନା

ରୂପସା,୨୩।୧୨ (ସମିସ) : ସଦର ବ୍ଲକ ଅଧିନସ୍ଥ ଶ୍ରୀରାମପୁର ପଞ୍ଚାୟତ ଉଇଟିକିରି ଗ୍ରାମରେ ଥିବା ଏକ ଗୋଚର ଜମିରେ ସରକାରୀ ଅନୁଦାନ ଅର୍ଥକୁ ଖର୍ଚ୍ଚରେ ନୂତନ କଂକ୍ରିଟ ରାସ୍ତା ନିର୍ମାଣ କରିବା ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର ଅଭିଯୋଗକୁ ଅଣଦେଖା କରି ଆଜି ଏଠାରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଗ୍ରାମବାସୀ କାମ ବନ୍ଦ କରିଛନ୍ତି। ଅଭିଯୋଗ ମୁତାବକ ନିର୍ମାଣ ହୋଇଥିବା ରାସ୍ତାଟି ଉଇଟିକିରି ମୌଜାର ଖାତା ନମ୍ବର ୧୮୭ ଓ ପ୍ଲଟ ନମ୍ବର ୬୭ ଉପରେ ହୋଇଛି। ରେକର୍ଡ ମୁତାବକ ଏହି ପ୍ଲଟ ଟି ଏକ ଗୋଚର ଜମି ଅଟେ। ଗୋଚର ଜମିରେ ସରକାରୀ ଯୋଜନା ଅନ୍ତର୍ଭୁକ୍ତ କୌଣସି କାର୍ଯ୍ୟ କରାଯାଇ ନ ପାରିବାର ନିୟମ ଥିବାବେଳେ ଏଠାରେ ରାସ୍ତା ନିର୍ମାଣ ପୂର୍ବରୁ ଗ୍ରାମବାସୀ ମାନେ ଘଟଣା ସମ୍ପର୍କରେ ଜିଲ୍ଲା ପାଳଙ୍କ ନିକଟରେ ଅଭିଯୋଗ କରିବା ସହିତ ସଦର ବିଡ଼ିଓ ଓ ବିଭାଗୀୟ ଯନ୍ତ୍ରୀଙ୍କୁ ମଧ୍ୟ ଅଭିଯୋଗ କରିଥିଲେ, ମାତ୍ର ଏହି ସବୁ ଅଭିଯୋଗ କୁ ଅଣଦେଖା କରି ଆଜି ଏଠାରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଗ୍ରାମବାସୀ ମାନେ ସେଠାରେ ପହଞ୍ଚି କାମ ବନ୍ଦ କରିଥିଲେ। ଫଳରେ ସେଠାରେ ଉତ୍ତେଜନା ଦେଖା ଦେଇଥିଲା। ନିର୍ମାଣ ହୋଇଥିବା କାମର ବିଲ ନ କରିବାକୁ ଲୋକେ ଦାବି କରିଛନ୍ତି।

## ଗ୍ରାମରେ କାର୍ଯ୍ୟ ନ ହୋଇ ଅର୍ଥ ହଡ଼ପ ଅଭିଯୋଗ




ଭୋଗରାଇ, ୨୩।୧୨ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଗୋପୀନାଥପୁର ପଞ୍ଚାୟତ ଶିଆଳିଆ ଗ୍ରାମର ନାରାୟଣ ଘରଠାରୁ ଶିଆଳିଆ ପିଏମ୍‌ଜି ଏସ ୱାଇ ରାସ୍ତା ପର୍ଯ୍ୟନ୍ତ ଡ୍ରେନେଜ ଓ ହୋମପାଇପ ବିଛାଇବା ନିମନ୍ତେ ଆର ଡବ୍ଲୁ ଏସ ଏସ ପକ୍ଷରୁ୪ ୮ ହଜାର ୫ ଶହ ୧୦ ଟଙ୍କା ମଞ୍ଜୁର ହୋଇଥିବାବେଳେ ଉକ୍ତ କାର୍ଯ୍ୟ ଗ୍ରାମରେ ନ ହୋଇ ସମସ୍ତ ସରକାରୀ ଅର୍ଥକୁ ହଡପ କରାଯାଇଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଘଟଣାକୁ ନେଇ ପଞ୍ଚାୟତ ଏବଂ ଗ୍ରାମରେ ରାଜନୈତିକ ତୁମ୍ବି ତୋଫାନ ଓ ଚାପା ଉତ୍ତେଜନା ଦେଖାଦେଇଛି। ଏଭଳି ସ୍ଥିତିରେ ଗ୍ରାମବାସୀମାନେ ଉଚ୍ଚ ସ୍ତରୀୟ ନିରପେକ୍ଷ ତଦନ୍ତ ଦାବି କରିବା ସହିତ ଭୋଗରାଇ ବିଡ଼ିଓ ଏବଂ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି ଘଟଣାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସରପଞ୍ଚ ତୁତୁ ମେ ମେ ହେଉଥିବାବେଳେ ଭୁଲରେ ଶିଆଳିଆ ଗ୍ରାମର କାର୍ଯ୍ୟ ନିମନ୍ତେ ଅର୍ଥ ଉଠାଣ ହୋଇଥିବାର ସ୍ୱୀକାର କରିଛନ୍ତି। ଉକ୍ତ ପଞ୍ଚାୟତର ମନ୍ମଥ ଦତ୍ତ, ଅନାଦି ବେହେରା, ନାରାୟଣ ଘଡ଼ାଇ, ପ୍ରଦୀପ କୁମାର ପଣ୍ଡା, ଅଧୀରଥ ଜେନା, ସୂର୍ଯ୍ୟକାନ୍ତ ଦତ୍ତ, ଅନିରୁଦ୍ଧ ପରିଡା, ଆଶିଷ ବିଶ୍ୱାଳ, ହରିପଦ ଦାସ, ଶଙ୍କରପାଳ ସମେତ ଗ୍ରାମବାସୀ ସୋମବାର ଅପରାହ୍ନରେ ଏକ ସାମ୍ବାଦିକ ସମ୍ମିଳନୀ କରି ପଞ୍ଚାୟତ କାର୍ଯ୍ୟକାରୀ ନିର୍ବାହୀ ଅଧିକାରୀ ଓ ନେତାଙ୍କ ସଲାସୁତୁରାରେ ସରକାରୀ ଅର୍ଥକୁ ହଡପ କରିଥିବାର ଅଭିଯୋଗ କରିବା ସହିତ ଦୋଷୀଙ୍କୁ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନନେଲେ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏଭଳି ଘଟଣାରେ ଭୋଗରାଇ ବିଡ଼ିଓ ପ୍ରଶାନ୍ତ କୁମାର ମହାରଣା ତଦନ୍ତ ହେବ ବୋଲି ସୂଚନା ଦେଇଛନ୍ତି।

## ଜଳେଶ୍ୱର ସ୍ୱରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ




ଜଳେଶ୍ୱର,୨୩।୧୨(ସମିସ): ଜଳେଶ୍ୱର ଅଞ୍ଚଳରେ ଗୁରୁକୁଳ ଶିକ୍ଷା ଦାନ ରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ଜଳେଶ୍ୱର ବଡ଼ ବଜାରସ୍ଥିତ ସ୍ୱରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୫ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଶିକ୍ଷା ବିକାଶ ସମିତି ପରିଚାଳିତ ବିଦ୍ୟାଳୟରେ ଆୟୋଜିତ ସଭାରେ ଅନୁଷ୍ଠାନର ସଭାପତି ଶଶିକାନ୍ତ ପ୍ରଧାନ ଅଦ୍ଧକ୍ଷତା କରି ଗୁରୁକୂଳ ଶିକ୍ଷାଦାନର ମହତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଭାବେ ଜଳେଶ୍ୱର ଜୀବନ ବୀମା ନିଗମର ମୁଖ୍ୟ ପରିଚାଳକ ଦିଲ୍ଲୀପ କୁମାର ବିହାରୀ, ମୁଖ୍ୟବକ୍ତା ଭାବେ ଓଡ଼ିଶା ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସ ପ୍ରାନ୍ତ ସହ ସଂଯୋଜକ ହେମନ୍ତ କୁମାର ଜେନା, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ସମ୍ପାଦକ ଗିରିଶ ପାଣିଗ୍ରାହୀ ସାରଗର୍ଭକ ଭାଷଣ ରଖିଥିଲେ। ପ୍ରଧାନ ଆଚାର୍ଯ୍ୟ ରାଧା ରଞ୍ଜନ ବାଗ ବାର୍ଷିକ ବିବରଣୀ ପାଠ କରିଥିଲେ। ନାଟ୍ୟାଚାର୍ଯ୍ୟ ରାଧାକୃଷ୍ଣ ଗିରିଙ୍କ ରଚିତ ନିର୍ଦ୍ଦେଶିତ ଏବଂ ପ୍ରଫୁଲ୍ଲ ଘୋଷଙ୍କ ସହଯୋଗରେ ସାମାଜିକ ନାଟକ "ନିଅ ମୋର ମୁଣ୍ଡ ବଳି' ମଞ୍ଚସ୍ଥ ହୋଇ ଥିଲା। ଗୁରୁଜୀ ଉମା ଶଙ୍କର ପାଳ ମଞ୍ଚ ସଞ୍ଚାଳନ, ନରହରି ବେହେରା ବୃକ୍ଷଚାରା ଦେଇ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ଉପସଭାପତି ରାଜେନ୍ଦ୍ର କୁମାର ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶିଷ୍ଟ ପୂଜକ ବଂଶୀଧର ପଣ୍ଡାଙ୍କ ତିରୋଧାନ



ନୀଳଗିରି, ୨୩।୧୨ (ସମିସ): ନୀଳଗିରି ବ୍ଲକ୍ ନରଣପୁର ପଞ୍ଚାୟତ ଡାଳିମ୍ବପାଳ ଗ୍ରାମର ବିଶିଷ୍ଟ ପୂଜକ ତଥା ସମାଜସେବୀ ବଂଶୀଧର ପଣ୍ଡା ୮୦ବର୍ଷ ବୟସରେ ପରଲୋକ ଘଟିଛି। ଜଣେ ବିଶିଷ୍ଟ ବାସ୍ତୁବିତ୍ ଭାବରେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ଦୀର୍ଘଦିନ ଧରି ନିକଟସ୍ଥ ନରଣପୁର ଗ୍ରାମର ଶିବମନ୍ଦିରର ପୂଜକ ଭାବରେ କାର୍ଯ୍ୟକରି ପ୍ରିୟଭାଜନ ହୋଇପାରିଥିଲେ। ଉଚ୍ଚ ରକ୍ତଚାପ, ମୂତ୍ରାଶୟରୋଗରେ ପୀଡିତ ଥିବାବେଳେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ତାଙ୍କର ମରଶରୀର ପ୍ରଥମେ ନରଣପୁର ପହଞ୍ଚିବାପରେ ଶହଶହ ସଂଖ୍ୟାରେ ପୁରୁଷ ଓ ମହିଳା ତାଙ୍କ ପାର୍ଥିବ ଶରୀରକୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରେ ଡାଳିମ୍ବପାଳ ନିଆଯାଇ ଗ୍ରାମ ପରିକ୍ରମା କରି ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ବିଜେପି ଜିଲ୍ଲା କମିଟିରେ ଗଣମାଧ୍ୟମ ସହସଂଯୋଜକ ହେଲେ ଲୋକନାଥ ପରିଡ଼ା



ବାଲେଶ୍ୱର/ଖନ୍ତାପଡ଼ା,୨୩।୧୨(ସମିସ): ବାଲେଶ୍ୱର ଜିଲ୍ଲା ବିଜେପି କମିଟି ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ସଂଗଠନ ମନ୍ତ୍ରୀ ମାନସ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ତଥା ବାଲେଶ୍ୱର ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ଅନୁମୋଦନ କ୍ରମେ ଜିଲ୍ଲା ଗଣମାଧ୍ୟମ ସହ-ସଂଯୋଜକ ଭାବେ ଲୋକନାଥ ପରିଡାଙ୍କ ନାମ ଘୋଷଣା ହୋଇଛି। ଏ ନେଇ ଶ୍ରୀ ପରିଡ଼ା ବିଜେପି ରାଜ୍ୟ ସଭାପତି, ସଂଗଠନ ମନ୍ତ୍ରୀ, ଜିଲ୍ଲା ସଭାପତି, ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କୁ ସାଧୁବାଦ ଜଣାଇଛନ୍ତି। ଆଗାମୀ ଦିନରେ ସରକାରଙ୍କ ଜନହିତାଧିକାରୀ ଯୋଜନା ତଥା ଅନ୍ୟ ବିଷୟବସ୍ତୁକୁ ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇବାରେ ଗଣମାଧ୍ୟମର ସୁଚାରୁ ରୂପେ ସଂଯୋଜନା କରିବେ ବୋଲି ଶ୍ରୀ ପରିଡ଼ା କହିଛନ୍ତି।

# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଠକେଇ

ବାଲେଶ୍ୱର(ଉତ୍ତର)/ ଭୋଗରାଇ,୨୩।୧୨(ସମିସ)



ପ୍ରଧାନମନ୍ତ୍ରୀ ଫସଲ ବୀମା ପ୍ରଦାନରେ ଚାଷୀଙ୍କ ସହ ପ୍ରତାରଣା କରାଯାଉଛି। ଯାହାର ପ୍ରମାଣ ଦେଖିବାକୁ ମିଳିଛି ସରକାରଙ୍କ ୨୦୨୪/୨୫ ଖରିଫ ଫସଲ ବୀମା ରିପୋର୍ଟରେ। ଚଳିତ ବର୍ଷ ସୁବର୍ଣ୍ଣରେଖା ନଦୀରେ ବାରମ୍ବାର ଆସିଥିବା ବନ୍ୟାରେ ପ୍ରଭାବିତ ହୋଇଥିବା ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ୧୨ଟି ପଞ୍ଚାୟତର ହଜାର ହଜାର ହେକ୍ଟର ଜମିରେ ଖରିଫ ଧାନ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିଲା। ଚାଷୀଙ୍କର ୯୦ ପ୍ରତିଶତ ଫସଲ ବେଳେ ଫସଲ କଟା (କ୍ରପ କଟିଂ) ରିପୋର୍ଟ ଅନୁଯାଇ ମାତ୍ର ତିନିଟି ପଞ୍ଚାୟତରେ ୧୦ପ୍ରତିଶତ କ୍ଷତି ଦର୍ଶା ଯାଇଛି। ଯାହା ସମ୍ପୂର୍ଣ୍ଣ ଭାବେ ଚାଷୀଙ୍କ ସହିତ ପ୍ରତାରଣା କରାଯାଇଛି ବୋଲି ଆଜି ଭୋଗରାଇ ବିଜୁ ଜନତା ଦଳ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଗୁରୁତର ଅଭିଯୋଗ ଆଣିଛନ୍ତି। ଏପରିକି ଯଦି ଏହାର ସଠିକ ଓ ନିରପେକ୍ଷ ତଦନ୍ତ ଏବଂ ଚାଷୀମାନଙ୍କୁ ଉଚିତ କ୍ଷତିପୂରଣ ନ ମିଳେ ତେବେ ଦଳ ପକ୍ଷରୁ ଏକ ବିରାଟ କୃଷକ ଆନ୍ଦୋଳନ ସଂଗଠିତ କରାଯିବ ବୋଲି ଆଜି ଏହି ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦିଆଯାଇଛି।

ଦେହୁର୍ଦ୍ଦା ସ୍ଥିତ ବିଜେଡି ପାର୍ଟି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଦଳର କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗଣପତି ଗିରି ସଭାପତିତ୍ୱ କରିଥିଲେ। ଏଥିରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗ ଦେଇ ସୂଚନା ଦେଇଥିଲେ ଯେ ୨୦୧୬ରୁ ବୀମା କମ୍ପାନୀଙ୍କ ଦ୍ୱାରା "ପ୍ରଧାନମନ୍ତ୍ରୀ ଫସଲ ବୀମା' ଯୋଜନା କାର୍ଯ୍ୟକାରୀ ହୋଇ ଆସୁଛି। ଭୋଗରାଇରେ ୮୦ ପ୍ରତିଶତ ଚାଷୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ଗତ ୨ ବର୍ଷ ମଧ୍ୟରେ ଫସଲ କ୍ଷତିରେ ଚାଷୀମାନେ ବୀମା ସହାୟତା ରାଶି ଅତି ନଗଣ୍ୟ ଭାବେ ପାଇଛନ୍ତି। ସଂଗୃହୀତ ମୋଟ ପ୍ରିମିୟମ ରାଶିରୁ ଘରୋଇ କମ୍ପାନୀମାନେ ବେଶ ମୋଟା ଅଙ୍କର ମୁନାଫା କମେଇଛନ୍ତି। ବିଧାୟକ ଶ୍ରୀ ଦାସ ଆହୁରି କହିଛନ୍ତି ଯେ ୨୦୨୪ ଖରିଫ ଋତୁରେ ଭୋଗରାଇ ବ୍ଲକ ସୁବର୍ଣ୍ଣରେଖା ନଦୀରେ ବହୁବାର ବନ୍ୟା ଏବଂ ପ୍ରବଳ ବର୍ଷାର ସମ୍ମୁଖୀନ ହୋଇଥିଲା, ଯାହା ଫଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ବ୍ଲକର ୫୦ଟି ଗ୍ରାମ ପଞ୍ଚାୟତ ମଧ୍ୟରୁ ୧୨ଟି ଗ୍ରାମ ପଞ୍ଚାୟତ ଗୁରୁତର ଭାବରେ ପ୍ରଭାବିତ ହୋଇଥିଲା, ହଜାର ହଜାର ହେକ୍ଟର ଧାନ କ୍ଷେତ ଦୀର୍ଘ ସମୟ ପାଇଁ ପାଣି ତଳେ ବୁଡ଼ି ରହିଥିଲା। ଏହି ପ୍ରଭାବିତ ଗ୍ରାମ ପଞ୍ଚାୟତଗୁଡ଼ିକର ସରକାରୀ ଫସଲ କଟା ରିପୋର୍ଟ ଅନୁଯାୟୀ, ଚାଷୀମାନେ ୯୦%ରୁ ଅଧିକ ଫସଲ କ୍ଷତି କରିଥିଲେ, ଯାହା ଫଳରେ ସେମାନଙ୍କ ଜୀବିକା ବିପଦପୂର୍ଣ୍ଣ ହୋଇଯାଇଥିଲା। ତେବେ ଓଡିଶା ରେ ଫସଲ ବୀମା କରାଇବା ଦାୟିତ୍ୱ ରେ ଥିବା ଏସ ବି ଆଇ ଜେନେରାଲ ଇନସ୍ୟୁରେନ୍ସ ପ୍ରତାରଣାମୂଳକ ଭାବରେ ମୂଳ ରିପୋର୍ଟଗୁଡ଼ିକୁ ପରିବର୍ତ୍ତନ କରିଛି। ଫଳସ୍ୱରୂପ, କେବଳ ୩ଟି ପଂଚାୟତ ଆରୁହାବୃତ୍ତି, କୁସୁଡ଼ା ଏବଂ ମହାଗବ କେବଳ କ୍ଷତିପୂରଣ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି, ଏବଂ ଏହି କ୍ଷେତ୍ରରେ ମଧ୍ୟ, ଫସଲ କ୍ଷତିକୁ ୧୦ଧ ରୁ କମ୍ ଦର୍ଶାଯାଇଛି। ଏହି ହେରଫେର ଯୋଗୁଁ ସମଗ୍ର ଭୋଗରାଇ ବ୍ଲକର ଚାଷୀମାନଙ୍କ ପାଇଁ ମାତ୍ର ୧୯ ଲକ୍ଷ ଟଙ୍କାର ସାମାନ୍ୟ ମଞ୍ଜୁର ହୋଇଛି। ଆଶ୍ଚର୍ଯ୍ୟଜନକ ଭାବରେ, ବାକି ୯ ପ୍ରଭାବିତ ପଞ୍ଚାୟତକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି, କୌଣସି କ୍ଷତିପୂରଣ ମଞ୍ଜୁର କରାଯାଇ ନାହିଁ। ଏହି ସ୍ପଷ୍ଟ ହେରଫେର କେବଳ ଗରିବ ଚାଷୀମାନଙ୍କୁ ସେମାନଙ୍କର ନ୍ୟାଯ୍ୟ ପ୍ରାପ୍ୟରୁ ବଞ୍ଚିତ କରି ନାହିଁ ବରଂ ବୀମା କମ୍ପାନୀ ଦ୍ୱାରା ସଂଗଠିତ ଏକ ବିଶାଳ ଆର୍ଥିକ ଠକେଇକୁ ମଧ୍ୟ ପ୍ରମାଣିତ କରୁଛି ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା କାର୍ଯ୍ୟକାରୀ ହେବାଠାରୁ ଚାଷୀ ଲାଭବାନ ହେବା ପରିବର୍ତ୍ତେ ସରକାର ଓ ଘରୋଇ କମ୍ପାନୀମାନେ ଲାଭଖୋର ପାଲଟିଛନ୍ତି ଏବଂ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବାର ଜରୁରୀ ଆବଶ୍ୟକତା ରହିଛି ବୋଲି ବିଧାୟକ ଶ୍ରୀ ଦାସ ଦାବି କରିଛନ୍ତି। ପ୍ରାସଙ୍ଗିକ ଯେ ରାଜ୍ୟ ସରକାର ଫସଲ ବୀମା ଯୋଜନା ଅଧୀନରେ ପ୍ରିମିୟମ୍ ଖର୍ଚ୍ଚ ବହନ କରନ୍ତି ଯାହା ଦ୍ୱାରା ଚାଷୀମାନଙ୍କୁ ଏପରି ପରିସ୍ଥିତିରୁ ରକ୍ଷା କରାଯାଇପାରିବ। ମାତ୍ର ଚାଷୀମାନଙ୍କୁ ଠକି ଏବଂ ସେମାନଙ୍କ ଦାବି ଠାରୁ କମ୍ ଦେଇ, ବୀମା କମ୍ପାନୀ ସରକାରଙ୍କ ଦ୍ୱାରା ଆବଣ୍ଟିତ ସାଧାରଣ ପାଣ୍ଠିକୁ ପ୍ରଭାବଶାଳୀ ଭାବରେ ଲୁଟ କରୁଛନ୍ତି। ତେଣୁ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବାର ଆବଶ୍ୟକତା ରହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକଙ୍କ ସମେତ ବ୍ଲକ ଅଧ୍ୟକ୍ଷ ପ୍ରବୀର ଗିରି, ଜିଲ୍ଲା ପରିଷଦ ସଭ୍ୟା ଦମୟନ୍ତୀ ସାହୁ, କବିତା ମହାନ୍ତି, ନିବେଦିତା ମହାନ୍ତି, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ସନ୍ତୋଷ କୁମାର ସାସମଲ ପ୍ରମୁଖ ଉପସ୍ଥିତ ହୋଇ ରାଜ୍ୟ ସରକାର ଓ ପ୍ରଶାସନ ଉକ୍ତ ଘଟଣାର ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।

**ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କଲା ଭୋଗରାଇ ବିଜୁ ଜନତା ଦଳ**

## ବିଦ୍ୟାଳୟରେ ବିଜ୍ଞାନ ଓ ଖାଦ୍ୟ ପ୍ରଦର୍ଶନୀ




ଭୋଗରାଇ, ୨୩।୧୨ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଦେହୁର୍ଦ୍ଦା ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଦେବ ଇଣ୍ଟରନ୍ୟାସନାଲ ସ୍କୁଲରେ ମଙ୍ଗଳବାର ଛାତ୍ରୀ ଛାତ୍ରଙ୍କ ପକ୍ଷରୁ ବିଜ୍ଞାନ ଓ ବିଭିନ୍ନ ସ୍ୱାଦର ଖାଦ୍ୟ ପ୍ରଦର୍ଶନୀ କରାଯାଇଥିଲା। ଏଥିରେ ୨ଟି ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନର ମୁଖ୍ୟ ଅଧ୍ୟାପକ ଦିଲ୍ଲୀପ କୁମାର ଜେନା। ଶିକ୍ଷାନୁଷ୍ଠାନର ମୁଖ୍ୟ ଦେବାଶିଷ ବିଶ୍ୱାଳ ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବାର ଉକ୍ତ ସ୍କୁଲର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଆପ୍ରାଣ ଉଦ୍ୟମ ଜାରିରଖିଛନ୍ତି। ସମ୍ମାନିତ ଅତିଥିଭାବେ ଶିକ୍ଷକ ଭରତ ଭୂଷଣ ଦାସ, ଜଗଦୀଶ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇ ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ଭିତ୍ତିକ ଆଲୋଚନା କରିଥିଲେ। ବିଜ୍ଞାନ ପ୍ରଦର୍ଶନୀରେ ଦକ୍ଷ ବିଜ୍ଞାନ ଶିକ୍ଷକଙ୍କ ଦ୍ୱାରା ଜୁନିୟର ଓ ସିନିୟରରୁ ୮ ଜଣ କୃତି ଛାତ୍ରୀଛାତ୍ରଙ୍କୁ ଶିକ୍ଷାନୁଷ୍ଠାନ ପକ୍ଷରୁ ସାର୍ଟିଫିକେଟ, ମାନପତ୍ର, ସମ୍ବର୍ଦ୍ଧନା ଓ ଟ୍ରଫି ପ୍ରଦାନ କରାଯାଇଥିଲା।

## ନୟନଯୋରୀକୁ ଓଲଟିଲା ପିକ୍‌ଅପ୍

ଜଳେଶ୍ୱର, ୨୩।୧୨ (ସମିସ) : ଗତ ସୋମବାର ରାତିରେ ଏକ ପିକ୍‌ଅପ୍ ରାଜ୍ୟ ରାଜପଥ ୫୭ର ଆମ୍ବିଳିଅଠା ପେଟ୍ରୋଲ ପମ୍ପ ନିକଟରେ ଭାରସାମ୍ୟ ହରାଇ ନୟନଯୋରୀକୁ ଖସିପଡିଛି। ପିକ୍‌ଅପ୍‌ଟି ଛକ ନିକଟରେ ଏକ କାର୍‌କୁ ଧକ୍କା ଦେଇ ଦ୍ରୁତଗତିରେ ଗଲାବେଳେ ପ୍ରାୟ ୩୦ଫୁଟ ଗଭୀର ଖାତ ଖସିଥିବା ଜଣାଯାଇଛି। ପିକଅପ୍‌ଟି ଇଫକୋ ସାର କମ୍ପାନୀର ବିଜ୍ଞାପନ ପ୍ରଚାର କରୁଥିବା ବେଳେ ଡ୍ରାଇଭର ନିଶାସକ୍ତ ଭାବେ ଗାଡି ଚଳାଉଥିବା ଜଣାଯାଇଛି। ସ୍ଥାନୀୟ ଯୁବକ ସହାୟତାରେ ପୁଲିସ୍ ଡ୍ରାଇଭରକୁ ଉଦ୍ଧାର କରି ହସ୍‌ପିଟାଲରେ ଚିକିତ୍ସାର ବ୍ୟବସ୍ଥା କରିଥିବା ଜଣାଯାଇଛି। ସୂଚନାଯୋଗ୍ୟ ହସ୍‌ପିଟାଲ ଅଣ୍ଡରପାସ୍‌ଠାରୁ ଆମ୍ବିଳିଅଠା ଛକ ମଧ୍ୟରେ ରାସ୍ତା ପ୍ରବଳ ଗହଳି ଲାଗି ରହୁଥିବା ଡିଭାଇଡର ଲଗାଇବାକୁ ଦାବି ହେଉଛି।

## ନୂଆବର୍ଷ ପାଇଁ ଅସୁରଘାଟିରେ ଜମୁଛି ଭିଡ଼

# ଏବେ ବି ଅବହେଳିତ; ସଫେଇ ଅଭାବରୁ ଆବର୍ଜନାମୟ



**ରାଇରଙ୍ଗପୁର, ୨୩ା୧୨(ସମିସ)**

ଆଉ ଦିନ କେଇଟା ପରେ ନବବର୍ଷକୁ ସ୍ୱାଗତ କରିବେ ଲୋକେ। ପ୍ରକୃତି କୋଳରେ ଜମିବ ଭୋଜି ଭାତର ଆସର। ଏବେଠୁ ମୟୂରଭଞ୍ଜ ଜିଲ୍ଲାର ଅସୁରଘାଟିରେ ପର୍ଯ୍ୟଟକ ଭିଡ଼ ଜମାଇଲେଣି। ତେବେ ଏହି ପର୍ଯ୍ୟଟନ ସ୍ଥଳୀ ଏବେ ବି ଅବହେଳିତ ଅବସ୍ଥାରେ ରହିଛି। ସଫେଇ ଅଭାବରୁ ଆବର୍ଜନାମୟ ପରିବେଶ ସୃଷ୍ଟି ହୋଇଛି। ଏଥିସହ କୌଣସି ସୁରକ୍ଷା ବ୍ୟବସ୍ଥା ନାହିଁ। ଯାହାକି ପର୍ଯ୍ୟଟକଙ୍କୁ ନିରାଶ କରୁଛି।

ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ମୟୂରଭଞ୍ଜ ଜିଲ୍ଲାରେ ଅନେକ ସ୍ଥାନ ରହିଛି। ଯାହାର ଅପରୂପ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଟାଣି ଆଣିଥାଏ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଅସୁରଘାଟି ଜଳପ୍ରପାତକୁ ଉପଭୋଗ କରିବାକୁ ଲୋକେ ଧାଇଁ ଆସନ୍ତି। ବାମନଘାଟି ଉପଖଣ୍ଡର ଗୋରୁମହିଷାଣୀ ଅଞ୍ଚଳରେ ଥିବା ଅସୁରଘାଟି ଜଳପ୍ରପାତରେ ବଣଭୋଜି କରି ମଜା ଉଠାଇଥା'ନ୍ତି। ରାଇରଙ୍ଗପୁରରୁ ପ୍ରାୟ ୨୫ କିମି ଦୂରରେ ଏହା ଅବସ୍ଥିତ ଅଟେ। ରାଇରଙ୍ଗପୁରରୁ ଗୋରୁମହିଷାଣୀ ଯିବା ବାଟରେ ସୁଣ୍ଢଳ ଗ୍ରାମରୁ ଡାହାଣ ପଟ ରାସ୍ତାରେ ଗଲେ ସିଧା ଅସୁରଘାଟି ଜଳପ୍ରପାତ ପଡ଼େ। କିମ୍ବଦନ୍ତୀ ଅନୁଯାୟୀ ପାହାଡ଼ ଉପରେ ଅସୁରଘାଟି ଜଳପ୍ରପାତ ନିକଟରେ ପାଣ୍ଡୁପୁତ୍ର ମହାବଳୀ ଭୀମ ବିରାଟ ନଗର (ବର୍ତ୍ତମାନ କୁଲେଇଶିଳା)ରେ ଅଜ୍ଞାତ ବାସ କରିଥିଲେ। ସେ ସମୟରେ ଷଣ୍ଢାସୁର ନାମକ ଅସୁରକୁ ବଧ କରି ଗ୍ରାମବାସୀଙ୍କୁ ରକ୍ଷା କରିଥିଲେ। ସେବେଠାରୁ ଉକ୍ତ ସ୍ଥାନର ନାମ ଅସୁରଘାଟି ନାମରେ ବିଖ୍ୟାତ ହୋଇଛି। ଘଞ୍ଚ ଜଙ୍ଗଲ ଘେରା ସବୁଜ ବନାନ ପାହାଡ଼ରେ ଥିବା ଏହି ମନୋରମ ସ୍ଥାନକୁ ବିଶେଷ କରି ପିକନିକ ଋତୁରେ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ରାଜ୍ୟ ସମେତ ରାଜ୍ୟ ବାହାରୁ ଅନେକ ପର୍ଯ୍ୟଟକ ବଣଭୋଜି କରିବାକୁ ଏଠାକୁ ଆସିଥା'ନ୍ତି। ନୂଆବର୍ଷର ଆଗମନ ସହ ସେଲିବ୍ରେସନ କରିବା ସହିତ ଏବେ ପିକନିକ୍ ଋତୁ ପାଇଁ ଅସୁରଘାଟି ଚଳଚଞ୍ଚଳ ହୋଇଛି। ଗଛଲତା ଭରା ସୁନ୍ଦର ପାହାଡ, ବିଭିନ୍ନ ପ୍ରକାର ଚଢେଇଙ୍କ କିଚିରି ମିଚିରି ରାବ, ପଥର ଦେଇ ବହିଯାଉଥିବା ଝରଣାର କଳକଳ ଶବ୍ଦ ପର୍ଯ୍ୟଟକଙ୍କୁ ବର୍ଷ ତମାମ ଏଠାକୁ ଟାଣିଥାଏ। ବର୍ଷତମାମ ଏଠାରେ ଗହଳି ଲାଗୁଥିଲେ ସୁଦ୍ଧା ଏହି ଅସୁରଘାଟି ଜଳପ୍ରପାତକୁ ଏବେ ସୁଦ୍ଧା ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିନାହିଁ। ଏଠାକୁ ଯିବାକୁ ହେଲେ ଅଣଅସାରିଆ ରାସ୍ତା ଦେଇ ବିପଦସଂକୁଳ ଅବସ୍ଥାରେ ପର୍ଯ୍ୟଟକଙ୍କୁ ଯିବାକୁ ପଡ଼ିଥାଏ। ଏଥିସହିତ ନା ଅଛି ପାନୀୟଜଳର ସୁବିଧା ନା ଅଛି ଶୌଚାଳୟ। ପ୍ରଶାସନ ପକ୍ଷରୁ ମଧ୍ୟ କୌଣସି ଆନୁସଙ୍ଗିକ ବ୍ୟବସ୍ଥା କରାଯାଇନାହିଁ। ଏମିତିକି ପିକନିକ ଋତୁ ସମୟରେ ସୁଉଚ୍ଚ ଜଳପ୍ରପାତରେ ଲୋକଙ୍କ ସୁରକ୍ଷା ନିମନ୍ତେ କୌଣସି ବ୍ୟବସ୍ଥା ନାହିଁ। ପର୍ଯ୍ୟଟନ ସ୍ଥଳୀ ପରିସର ମଧ୍ୟ ଅଳିଆ ଆବର୍ଜନାରେ ଭରି ରହିଛି। ପିକନିକ କରିବାକୁ ଆସୁଥିବା ଲୋକେ କୁଢ଼ କୁଢ଼ ଅଳିଆ ଆବର୍ଜନା ପକାଉଥିବାବେଳେ ସଫେଇ ହେଉନାହିଁ। ଫଳରେ ସ୍ଥାନୀୟ ଲୋକଙ୍କଠୁ ଆରମ୍ଭ କରି ପର୍ଯ୍ୟଟକଙ୍କ ମନରେ ଅଶାନ୍ତି ଦେଖାଦେଇଛି। ଅସୁରଘାଟିକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପ୍ରଦାନ ସହ ଏହାର ଉନ୍ନତିକରଣ କରାଗଲେ ରାଜ୍ୟ ତଥା ବାହାରର ପର୍ଯ୍ୟଟକଙ୍କ ଆହୁରି ଭିଡ଼ ଜମିବ। ଯଦ୍ୱାରା ସ୍ଥାନୀୟ ଲୋକଙ୍କ ରୋଜଗାର ବୃଦ୍ଧି ହେବ। ପ୍ରଶାସନର ଦୃଷ୍ଟି ଆଢୁଆଳରେ ଅବହେଳିତ ଅବସ୍ଥାରେ ଅସୁରଘାଟି ରହିଥିବାବେଳେ ଏବେ ବି ତାହାର ପରିଚୟ ଖୋଜୁଛି। ଏହାର ବିକାଶ ନିମନ୍ତେ ସ୍ଥାନୀୟ ଜନପ୍ରତିନିଧି ମନ ନିବେଶ କରିବାକୁ ଜନସାଧାରଣ ଦାବି କରିଛନ୍ତି।

**ନାହିଁ କୌଣସି ସୁରକ୍ଷା ବ୍ୟବସ୍ଥା**

## ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ



**ରାଇରଙ୍ଗପୁର, ୨୩ା୧୨(ସମିସ):** ରାଇରଙ୍ଗପୁର ସହରରେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ଏହି କ୍ରମରେ ନୂଆଗାଁ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅନ୍ତର୍ଗତ ଭାଲୁବସା ଓ ନାଗବନ୍ଧ ଅଞ୍ଚଳରେ ଉଚ୍ଛେଦ ହୋଇଛି। ଉକ୍ତ ସ୍ଥାନରେ ଜବରଦଖଲ କରିଥିବା ୨୯ଟି ଜବରଦଖଲ ଘର ଉଚ୍ଛେଦ ହୋଇଛି। ସେଥିରୁ ୮ଟି ଘର ଲୋକେ ନିଜେ ଭାଙ୍ଗିଥିବାବେଳେ ଅନ୍ୟ ଘର ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ୨୫ ତାରିଖ ପର୍ଯ୍ୟନ୍ତ ଉକ୍ତ ଉଚ୍ଛେଦ ପ୍ରକ୍ରିୟା ଜାରି ରହିବ। ଯେଉଁମାନେ ବସୁନ୍ଧରା ଯୋଜନାରେ ଘର ପାଇଁ ଯୋଗ୍ୟ ହିତାଧିକାରୀ ଅଟନ୍ତି, ସେମାନଙ୍କୁ ଘର ପ୍ରଦାନ କରାଯିବ ବୋଲି ରାଇରଙ୍ଗପୁର ତହସିଲଦାର ବିଶ୍ୱନାଥ ବିଶ୍ୱାଳ କହିଛନ୍ତି। ରାଇରଙ୍ଗପୁର ସହରର ସୌନ୍ଦର୍ଯ୍ୟକରଣ ନିମନ୍ତେ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ନିୟମିତ ଜାରି ରହିବ ବୋଲି ତହସିଲଦାର ଶ୍ରୀ ବିଶ୍ୱାଳ କହିଛନ୍ତି।

## ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ

**ବେତନଟୀ, ୨୩ା୧୨(ସମିସ):** ବେତନଟୀ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଧର୍ମଶାଳା ପରିସରରେ ସପ୍ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଭାପତି ବରିଷ୍ଠ ଆଇନଜୀବୀ ହିମାଂଶୁ ପରିଡ଼ାଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ଜୟନ୍ତ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଉପସଭାପତି ଅମରେନ୍ଦ୍ର ଦାସ, ଉପସଭାପତି ଗୌତମ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ ବେତନଟୀରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବେତନଟୀରେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସ୍ଥାନ ନଥିବା, ପରିବେଶ ପ୍ରଦୂଷଣ, ରେଲୱେ ସମସ୍ୟା ଭଳି ଅନେକ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏଥିରେ ସଂଘର ଶତାଧିକ କାର୍ଯ୍ୟକର୍ତ୍ତାଙ୍କ ସମେତ ୟଙ୍ଗ ମେନ ଆସୋସିଏସନ, ରେଲୱେ ପାସେଞ୍ଜର ଫୋରମ, ପଦ୍ମମାଳି ମହିଳା ସଂଗଠନ, ବେତନଟୀ ଓକିଲ ସଂଘ, ଆନନ୍ଦ ବଜାର ଦୁର୍ଗାପୂଜା କମିଟି, ବସଷ୍ଟାଣ୍ଡ ଦୁର୍ଗାପୂଜା କମିଟି, ବେତନଟୀ ବ୍ଲକ ମିଡିଆ ଆସୋସିଏସନ, ବ୍ଲକ ସାମ୍ବାଦିକ ସଂଘ ସମେତ ବିଭିନ୍ନ ସଂଗଠନର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ମର୍ଣ୍ଣିଂ ଷ୍ଟାର ପବ୍ଲିକ୍ ସ୍କୁଲ ଛାତ୍ରୀକୁ ସମ୍ବର୍ଦ୍ଧନା

**ଉଦଳା, ୨୩ା୧୨(ସମିସ):** ମର୍ଣ୍ଣିଂ ଷ୍ଟାର ପବ୍ଲିକ ସ୍କୁଲର ଛାତ୍ରୀ ଅଭିଲିପ୍ସା ମାଦୁଲି ରାଜ୍ୟ ସ୍ତରରେ କୃତିତ୍ୱ ଅର୍ଜନ କରିଥିବାରୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ସେ ରାଜ୍ୟସ୍ତରୀୟ ସର୍ଗିଫୁଲ-୨୦୨୫ ପ୍ରତିଯୋଗିତାର ଏକକ ସଙ୍ଗୀତରେ ଦ୍ୱିତୀୟ ସ୍ଥାନ ଲାଭ କରିଥିଲେ। ବିଦ୍ୟାଳୟ ପରିସରରେ ସ୍ୱତନ୍ତ୍ର ସଭା କରାଯାଇ କୃତୀ ଛାତ୍ରୀଙ୍କୁ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପଦେଷ୍ଟା ରମେଶ ବେହେରା, ସମ୍ପାଦକ ସ୍ୱରୂପ ଭୂୟାଁ ପୁଷ୍ପଗୁଚ୍ଛ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଭେଙ୍କଟେଶ୍ୱର ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବାରିପଦା, ୨୩ା୧୨(ସମିସ):** ବାରିପଦାସ୍ଥ ସହିଦ ସ୍ମୃତି ଭବନ ପରିସରରେ ଭେଙ୍କଟେଶ୍ୱର ବିଦ୍ୟାଳୟର ବାର୍ଷିକ ଉତ୍ସବ 'ରିନାଇସେନ୍ସ-୨୦୨୫' ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ ଗୋଚ୍ଛାୟତ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଜୀବନର ଉଦ୍ଦେଶ୍ୟ ଓ ନୈତିକ ମୂଲ୍ୟବୋଧ ପ୍ରତିଷ୍ଠା କରିବାରେ ଶିକ୍ଷାର ଭୂମିକା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ସ୍ୱରୂପ ରଞ୍ଜନ ଦାସ, ଟ୍ରଷ୍ଟି ଶୁଭ୍ରାନ୍ତି ମହାନ୍ତି, ସୌମେନ କାନ୍ତି ମହାନ୍ତି, ଶୁଭସ୍ମିତା ମହାନ୍ତି, ଅମିତ ବେହେରା, ଉପଦେଷ୍ଟା ଦୀପାୟନ ସେନ ଓ ସଂଯୋଜକ ଶାନ୍ତନୁ ସିଂହ ପୁରସ୍କୃତ କରିଥିଲେ। କୁନି କୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ଶୁଭଜିତ ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

## ବେଲଡିହାରେ ସାନ୍ତାଳୀ ଭାଷା ଦିବସ ପାଳିତ

**ବୈଶିଙ୍ଗା, ୨୩ା୧୨(ସମିସ):** ରଘୁପୁର ପଞ୍ଚାୟତର ବେଲଡିହା ଗ୍ରାମସ୍ଥ ସାନ୍ତାଳୀ ଶିକ୍ଷାନୁଷ୍ଠାନ ବିଦୁ ଚାନ୍ଦାନ ଅଲ ଇତୁନ୍ ଆଶ୍ଡା ପକ୍ଷରୁ ସାନ୍ତାଳି ଭାଷା ଦିବସ ଶିକ୍ଷକ ବିଟଲ ମୁର୍ମୁଙ୍କ ପୌରୋହିତ୍ୟରେ ପାଳନ କରାଯାଇଛି। ସାନ୍ତାଳି 'ଅଲଚିକି' ଭାଷା ୨୦୦୩ ଡିସେମ୍ବର ୨୨ ତାରିଖରେ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସ୍ଥାନ ପାଇଥିଲା। ଏହି ଦିବସକୁ ମନେ ପକାଇବା ପାଇଁ ୨୨ ଡିସେମ୍ବରକୁ ଭାଷା ବିଜୟ ଦିବସ ରୂପେ ପାଳନ କରାଯାଉଥିବା ନେଇ ଅତିଥିମାନେ କହିଥିଲେ। ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଉପସ୍ଥିତ ହୋଇ ସେମଲେଦ୍ ଚିର ଉତ୍ତୋଳନ କରିଥିଲେ। ଏହି ସେମଲେଦ୍ ଚିରକୁ ଗ୍ରାମର ମାଝିବାବା କାଳୀଚରଣ ମାର୍ଣ୍ଡିଙ୍କ ନିର୍ଦ୍ଦେଶ କ୍ରମେ ଗ୍ରାମର ପ୍ରସନ୍ନ ହାଁସଦା ଉତ୍ତୋଳନ କରିଥିଲେ। ଛାତ୍ରଛାତ୍ରୀ 'ହିତାଲ' ପାଠ କରିଥିବାବେଳେ ବିଟଲ ମୁର୍ମୁ ଅଲଗୁରୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଭାଦବ ହାଁସଦା, ସନାତନ ମୁର୍ମୁ, ରଣଜିତ ସୋରେନ, ପିଣ୍ଟୁ ମୁର୍ମୁ, ସୁଗି ସୋରେନ, ସୁଗି ମୁର୍ମୁ, ଗୌରିମଣୀ ହାଁସଦା ପ୍ରମୁଖ ସହଯୋଗ କରିଥିଲେ।

## ମହିଳାଙ୍କୁ ଦୁଷ୍କର୍ମ ଓ ଲୁଟ୍ ଘଟଣା

# ୮ ମାସ ପରେ ଯୁବକ ଗିରଫ

**କରଞ୍ଜିଆ, ୨୩ା୧୨(ସମିସ):** ୮ ମାସ ପୂର୍ବେ କରଞ୍ଜିଆ ସହରର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ମହିଳାଙ୍କୁ ଦୁଷ୍କର୍ମ ଓ ଲୁଟ୍ ଘଟଣାରେ ଅଭିଯୁକ୍ତ ଯୁବକକୁ ଗିରଫ କରାଯାଇଛି। କରଞ୍ଜିଆ ଥାନାର ତଦନ୍ତକାରୀ ଅଫିସର ସୁଧାଂଶୁ ସେଠୀଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ମୟୂରଭଞ୍ଜ ଓ ବାଲେଶ୍ୱର ସୀମାରେ ଯୁବକ ହୀରା ଓରଫ ଖୁସେଡ ଶେଖକୁ ଏକ ଘରୋଇ କମ୍ପାନୀରେ କାମ କରୁଥିବା ସମୟରେ ବାଲେଶ୍ୱର ପୁଲିସ ସହାୟତାରେ ଗିରଫ କରାଯାଇଛି। ଖୁସେଡ ଶେଖ ବିରୋଧରେ କରଞ୍ଜିଆ ଥାନାରେ ଗତ ମାର୍ଚ୍ଚ ୨୭ ତାରିଖରେ ଅଭିଯୋଗ ହୋଇଥିଲା। ଆଜି ଅଭିଯୁକ୍ତ ଖୁସେଡ ଶେଖକୁ ଡାକ୍ତରୀ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଛି।

ସୂଚନା ମୁତାବକ, କରଞ୍ଜିଆ ସହରରେ ପୀଡ଼ିତାଙ୍କ ସ୍ୱାମୀଙ୍କ ହୋଟେଲ ରହିଛି। ହୋଟେଲକୁ ପଶ୍ଚିମବଙ୍ଗର ନଦିଆ ଜିଲ୍ଲାର ଗିରିଧାରୀପୁର ଅଞ୍ଚଳର ଖୁସେଡ ଶେଖ ଜଳଖିଆ ଖାଇବାକୁ ଆସୁଥିଲା। ହୋଟେଲ ମାଲିକ ହୋଟେଲରେ ଶୋଉଥିବା ଜାଣି ଶେଖ ୮ ମାସ ତଳେ ହୋଟେଲ ମାଲିକଙ୍କ ଘରକୁ ଯାଇଥିଲେ। କବାଟ ଠକ ଠକ କରି ଡାକିବାରୁ ପୀଡ଼ିତା ମହିଳା ସ୍ୱାମୀ ଆସିଥିବା ଭାବି କବାଟ ଖୋଲିଥିଲେ। କବାଟ ଖୋଲିବା ପରେ ଖୁସେଡ ପାଣି ପିଇବା ପାଇଁ ମାଗିଥିଲେ। ମହିଳା ପାଣି ଦେବା ମାତ୍ରେ ଅଭିଯୁକ୍ତ ଯୁବକ ଛୁରୀ ଦେଖାଇ ହତ୍ୟା ଧମକ ଦେଇ ଟଙ୍କା ମାଗିଥିଲେ। ମହିଳା ଭୟଭୀତ ହୋଇ ୪୦ ହଜାର ଟଙ୍କା ଦେଇଥିଲେ। ପରେ ଉକ୍ତ ମହିଳାଙ୍କ ପାଟିକୁ ବନ୍ଦ କରି ଧର୍ଷଣ କରିଥିଲା। ଏହି କଥା ପ୍ରକାଶ ନ କରିବାକୁ ଧମକ ଦେଇଥିଲା ଖୁସେଡ। ପରେ ପୀଡିତା ମହିଳା କରଞ୍ଜିଆ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଖୁସେଡର ମୋବାଇଲ ବନ୍ଦ ଥିବାରୁ ଟ୍ରାକିଂ କରିବା ସମ୍ଭପର ହେଉ ନ ଥିଲା। ତେବେ ତାର ଉପରେ ନଜର ରଖାଯାଇଥିଲା। ମୋବାଇ ସକ୍ରିୟ ହେବାରୁ ତା'ର ଉପସ୍ଥିତି ସମ୍ପର୍କରେ ଜଣାପଡ଼ିଥିଲା। ଆଇଆଇସି ଶରତ ମାହାଲିକଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇଥିଲା। ଦନ୍ତକାରୀ ଅଫିସର ସୁଧାଂଶୁ ସେଠୀ ଓ ତାଙ୍କ ଟିମ ମୟୂରଭଞ୍ଜ-ବାଲେଶ୍ୱର ସୀମାକୁ ଯାଇ ଖୁସେଡକୁ ଗିରଫ କରିଥିବା ଜଣାପଡ଼ିଛି।

## ବିସିପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସାମ୍ବତ୍ସରିକ ଉତ୍ସବ



**ଖୁଣ୍ଟା, ୨୩ା୧୨(ସମିସ):** ଖୁଣ୍ଟା ବ୍ଲକ ଅଧୀନ ବିସିପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଦ୍ୱାଦଶ ସାମ୍ବତ୍ସରିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ମା' ନିଶାମଣି ରାଉତ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଖୁଣ୍ଟା ଏବିଇଓ ଅଞ୍ଜଳି ମହାନ୍ତ, ମୁଖ୍ୟବକ୍ତା ଭାବେ ଖୁଣ୍ଟା ବାଳିକା ଉଚ୍ଚବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମନୋରଞ୍ଜନ ବେହେରା, ସମ୍ମାନିତ ଅତିଥି ଭାବେ ଶୁଭକାନ୍ତ ସାହୁ, ବେଣୁଧର ଜେନା ଓ ଶିବ ଶଙ୍କର ଭୂୟାଁ, ସମ୍ମାନିତ ବକ୍ତା ଭାବେ ଉମାକାନ୍ତ ରାଉତ ଓ ଜଗୁ ହାଁସଦା ଯୋଗ ଦେଇଥିଲେ। ଗୁରୁଜୀ ଷ୍ଟାର୍ଲିନ ମାଇତି ମଞ୍ଚ ପରିଚାଳନା କରିଥିବାବେଳେ ଗୁରୁଜୀ ଚନ୍ଦନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବିଜ୍ଞାନ ପତାକା ଉତ୍ତୋଳନ ପରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସ ପ୍ରାରମ୍ଭରେ ଜିଲ୍ଲାସ୍ତରୀୟ ପ୍ରତିଭା ସମ୍ମାନ ସମାରୋହ ଓ କବିତା ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ମା' ନିଶାମଣି ରାଉତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ତପନ ମହାନ୍ତି, ମୁଖ୍ୟବକ୍ତା ଭାବେ ମିନତି ଦାସ, ସମ୍ମାନିତ ବକ୍ତା ଭାବେ ନିମାଇଁ ଦାସ, ସମ୍ମାନିତ ଅତିଥି ଭାବେ ଶ୍ରୀକାନ୍ତ ବେହେରା ଓ ସୁନୀତି ମାର୍ଣ୍ଡି, ଅତିଥି ଭାବେ କରୁଣାକର ଦାସ ଓ ସାଗରିକା ମହାପାତ୍ର ଯୋଗ ଦେଇଥିଲେ। ଗୁରୁଜୀ ପରେଶ ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ଗୁରୁଜୀ ସୁନାରାମ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ଶିଶୁମେଳା ଅନୁଷ୍ଠିତ ହୋଇଥିଲା।

ତୃତୀୟ ତଥା ଶେଷ ଦିବସରେ ମା' ନିଶାମଣି ରାଉତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଲିଙ୍ଗରାଜ ନାୟକ, ମୁଖ୍ୟବକ୍ତା ଭାବେ ଜୟଦେବ ରଥ, ସମ୍ମାନିତ ଅତିଥି ଭାବେ ବେଣୁଧର ଜେନା, ବିଦ୍ୟାଳୟର ସମ୍ପାଦକ ଶାନ୍ତି ପ୍ରବୀର ରାଉତ ଓ ପ୍ରଧାନ ଆଚାର୍ଯ୍ୟା ମଧୁସ୍ମିତା ସାମଲ ଯୋଗ ଦେଇଥିଲେ। ମଧୁସ୍ମିତା ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଗୁରୁଜୀ ପ୍ରଭଞ୍ଜନ ମହାପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ଗୁରୁଜୀ ରାଜକିଶୋର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ



**ବହଳଦା, ୨୩ା୧୨(ସମିସ):** ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅନ୍ତର୍ଗତ ପିଏମଶ୍ରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଓଷ୍ଟା ସଂଘ ପକ୍ଷରୁ ୧୦ମ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ ଉଦଯାପିତ ହୋଇଯାଇଛି। ଓଷ୍ଟା ମୟୂରଭଞ୍ଜ ୨ର ସଭାପତି ଦୁର୍ଯ୍ୟୋଧନ ବେହେରାଙ୍କ ସଭାତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ମୁଖ୍ୟଅତିଥି, ୨୫ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟା ଭଗବତୀ ମିଶ୍ର ଓ ବ୍ଲକ ଶିକ୍ଷାଧିକାରୀ ଶୁଭଶ୍ରୀ ସିଂହ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ତିରିଂ ବ୍ଲକ ଯଦୁନାଥପୁର ସୀମାନ୍ତ ଉଚ୍ଚବିଦ୍ୟାଳୟ ଛାତ୍ରୀ ରେଖା କିସ୍କୁ ବିତର୍କ, ରାଇରଙ୍ଗପୁର ବ୍ଲକ ଏଚଏନ ଉଚ୍ଚବିଦ୍ୟାଳୟ ଦୁବଲାବେଡା ଛାତ୍ରୀ ସୁଶ୍ରୀତା ପାତ୍ର କଣ୍ଠ ସଙ୍ଗୀତ, ଯଦୁନାଥପୁର ସୀମାନ୍ତ ଉଚ୍ଚବିଦ୍ୟାଳୟ ଛାତ୍ର ଗଣେଶ ବାଣ୍ଡରା ଚିତ୍ରାଙ୍କନ, ବହଳଦା ବ୍ଲକ ଅନ୍ତର୍ଗତ ତାରଣୀ ଏଫଏମ ଏକାଡେମୀ ଛାତ୍ରୀ ଆଦ୍ୟା ଅନୁପମା ରାଜ ଆବୃତ୍ତି, ଝରାଡିହି ପିଏମଶ୍ରୀ ଉଚ୍ଚବିଦ୍ୟାଳୟ ଛାତ୍ର ସାଧୁ ମାହାଲି ଗଳ୍ପ ଲିଖନ, ଠାକୁରମୁଣ୍ଡା ବ୍ଲକ ଯୋଡିବିଲ ଉଚ୍ଚବିଦ୍ୟାଳୟର ସୁନ୍ଦର ମୋହନ ଟୁଡୁ କବିତା ଲିଖନ, ସୁନାରାମ ସିଂହ ସାଧାରଣ ଜ୍ଞାନ ଓ କୁଇଜ ପ୍ରତିଯୋଗିତାରେ ଦିବାକର ସିଂହ ଓ ଦ୍ରୌପଦୀ ବାଳିକା ଉଚ୍ଚବିଦ୍ୟାଳୟ ନିଶାପୋଷି ଛାତ୍ରୀ ଶ୍ରୀଦେବୀ ଦେହୁରୀ ଏକକ ନୃତ୍ୟ ଓ ମନିଷା ମହାନ୍ତ ମନୋ ଡ୍ୟାନ୍ସରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ମୟୂରଭଞ୍ଜ ଓଷ୍ଟା ଉପଦେଷ୍ଟା ଶରତ ଚନ୍ଦ୍ର ମହାନ୍ତ ବିଶିଷ୍ଟ ଅତିଥି, ସମ୍ମାନିତ ଅତିଥି ଭାବେ ରାଜ୍ୟ ଉପସଭାପତି ଜ୍ଞାନରଞ୍ଜନ ପାଣିଗ୍ରାହୀ, କାର୍ଯ୍ୟକାରିଣୀ ସଦସ୍ୟ ସୁବଳ ଦାସମହାପାତ୍ର, ମୟୂରଭଞ୍ଜ ୧ ସଭାପତି ଚିତ୍ତରଞ୍ଜନ ପଲତା, ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ପର୍ଶୁରାମ ମହାନ୍ତ ଯୋଗ ଦେଇଥିଲେ। ଉପସଭାପତି ସତ୍ୟନାରାୟଣ ଭୋଳ ଧନ୍ୟବାଦ ଅର୍ପଣ କରିଥିଲେ।

## ପଶ୍ଚିମ ମୟୂରଭଞ୍ଜ କଂଗ୍ରେସ ପକ୍ଷରୁ ବିକ୍ଷୋଭ




**ରାଇରଙ୍ଗପୁର, ୨୩ା୧୨(ସମିସ):** ଉପଜିଲ୍ଲାପାଳଙ୍କ କାର୍ଯାଳୟ ସମ୍ମୁଖରେ ଜିଲ୍ଲା ସଭାପତି ଭୂବନ ବିହାରୀ ସାହୁଙ୍କ ନେତୃତ୍ୱରେ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ପକ୍ଷରୁ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଜେପି ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗାରଣ୍ଟି ଆଇନ (ମନରେଗା)କୁ ରଦ୍ଦ କରିବାକୁ ଯୋଜନା କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏହା ରାଜନୈତିକ ଚକ୍ରାନ୍ତ ଅଟେ। ମନରେଗା ଜନସାଧାରଣଙ୍କୁ କାମ ଯୋଗାଇ ଥାଏ। ଏହା ସମଗ୍ର ଗ୍ରାମୀଣ ଭାରତରେ ୧୦୦ ଦିନର ରୋଜଗାର ନିଶ୍ଚିତ ଯୋଜନା ଥିଲା। ମନରେଗାକୁ କେନ୍ଦ୍ର ସରକାର ଦୁର୍ବଳ କରିଛନ୍ତି। ଏଥିରେ ଗାନ୍ଧୀଙ୍କ ନାମ ଅପସାରଣ, ରୋଜଗାର ଗାରେଣ୍ଟିର ବିନାଶ ଓ କେନ୍ଦ୍ର ସରକାରଙ୍କ ଦାୟିତ୍ୱ ପ୍ରତ୍ୟାହାର କରାଯାଇଛି। ମନରେଗାର ମୂଳ କଳେବର ଓ ନାମକରଣ ଅକ୍ଷୁର୍ଣ୍ଣ ରଖିବାକୁ କଂଗ୍ରେସ କର୍ମୀ ବିକ୍ଷୋଭ ଓ ଧାରଣା ଦେଇଥିଲେ। ପରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଲକ୍ଷ୍ମୀଧର ସିଂ, ବରିଷ୍ଠ ନେତା ନୀଳରତନ ସାହୁ, ଅଶୋକ ଅଗ୍ରୱାଲା, ସୁବାସ ପାତ୍ର, ଭାଗୀରଥି ପାତ୍ର, ହେଲେନା ବାଗେ, ଇନତେଖାବ ଆଲାମ, ଏସଟି ସେଲ ଜିଲ୍ଲା ଚେୟାରମ୍ୟାନ ବେରେଲ ସିର୍କା, ପିଥ ମୁର୍ମୁ, ଅମର ସିଂ ମହାନ୍ତ, ରୂପକ ମହାନ୍ତି, କିରନ ବାଲ୍ମିକୀ, ଚନ୍ଦ୍ରମୋହନ ସୋରେନ, ସୁନାରାମ ସୋରେନ ପ୍ରମୁଖ ସାମିଲ ଥିଲେ।

## ସୁଶାସନ ସପ୍ତାହ ଉପଲକ୍ଷେ କର୍ମଶାଳା

**ବାରିପଦା, ୨୩ା୧୨(ସମିସ):** ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ସୁଶାସନ ସପ୍ତାହ ପାଳନ ଉପଲକ୍ଷେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ସପ୍ତାହ ବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାମାଞ୍ଚଳରେ ସୁଶାସନ ଓ ଉନ୍ନୟନ କାର୍ଯ୍ୟକ୍ରମର ପ୍ରଚାର ଓ ପ୍ରସାର। ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି କାର୍ଯ୍ୟକ୍ରମ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ ଅର୍ପିତ ହୋଇଛି। ଉକ୍ତ ସଭାରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଅଧ୍ୟକ୍ଷତା କରି ସୁଶାସନ ଓ ଉନ୍ନୟନ କାର୍ଯ୍ୟକ୍ରମର ପ୍ରଚାର ଓ ପ୍ରସାର ବିଷୟରେ ଆଲୋଚନା କରିଛନ୍ତି। ଏଥିସହିତ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ନିଷ୍ପାପର ସହ କାର୍ଯ୍ୟ କରିବାକୁ ଗୁରୁତ୍ୱ ଦେଇଛନ୍ତି। ସେହିପରି ଡିଜିଟାଲ ପ୍ଲାଟଫର୍ମର ବ୍ୟବହାର ଓ ବିଭିନ୍ନ ଅଭିଯୋଗର ନିରାକରଣ କରିବାକୁ ସୁବ୍ୟବସ୍ଥା କରି ସେବା ପ୍ରଦାନ କରିବା ଓ ପ୍ରଶାସନ ଗାଁ କି ଔର ଦୃଷ୍ଟିକୋଣକୁ ପୂରଣ କରିପାରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବାରିପଦା ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା, ଉଦଳା ପ୍ରକଳ୍ପ ଅଧିକାରୀ ନରେନ୍ଦ୍ର ଖମାରୀ, ସହକାରୀ ଜିଲ୍ଲାପାଳ ମାନସୀ ତରାଇଙ୍କ ସମେତ ସ୍ଥାନୀୟ ପ୍ରଶାସନ ଓ ସରକାରୀ ଅଧିକାରୀ ଉପସ୍ଥିତ ଥିଲେ।

## ୨ ଦଫା ଦାବିରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ପକ୍ଷରୁ ହସ୍ପିଟାଲ ସମ୍ମୁଖରେ ଧାରଣା

# ଦୁଇମାସ ଦିଆଗଲା ସମୟ, ଫେବୃଆରୀରେ ରାସ୍ତାରୋକ ଚେତାବନୀ

**ମୋରଡା, ୨୩ା୧୨(ସମିସ)**



ମୋରଡ଼ା ବ୍ଲକ ଅନ୍ତର୍ଗତ ବାରମାଇଲଠାରେ ଥିବା କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଦୁଇଦଫା ଦାବିରେ ମଙ୍ଗଳବାର ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଜେଏମଏମ କର୍ମୀ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ପ୍ରଥମେ ସମସ୍ତ କର୍ମୀ ଗେଟ ସମ୍ମୁଖରେ ସ୍ଲୋଗାନ ଓ ନାରାବାଜି କରି ହସ୍ପିଟାଲକୁ ପ୍ରବେଶ କରି ମେଡ଼ିକାଲ ଅଫିସର ଦାୟିତ୍ୱରେ ଥିବା ଡାକ୍ତର ଶାଶ୍ୱତ ଷଡଙ୍ଗୀଙ୍କୁ ଦୁଇ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପ୍ରାୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରୁଥିବାବେଳେ ଡାକ୍ତର ପଦବୀ ଫାଙ୍କା ଥିବାରୁ ରୋଗୀଙ୍କୁ ବାରିପଦାକୁ ସ୍ଥାନାନ୍ତରିତ କରାଯାଉଛି। ଫଳରେ ଉକ୍ତ ହସ୍ପିଟାଲ ରେଫର ସେଣ୍ଟର ପାଲଟିଛି। ତେଣୁ ହସ୍ପିଟାଲରେ ଖାଲିପଡ଼ିଥିବା ସମସ୍ତ ପଦବୀ ପୂରଣ ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦ୍ୱିତୀୟତଃ ମୋରଡା ବ୍ଲକ ଦେଇ ୬୧ ନମ୍ବର ରାଜ୍ୟ ରାଜପଥ ଯାଇଥିବାରୁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏତଦ୍‌ବ୍ୟତୀତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାବେଳେ ଗର୍ଭବତୀ ମହିଳାଙ୍କୁ ଅଲ୍ଟ୍ରାସାଉଣ୍ଡ ପାଇଁ ବାରିପଦାକୁ ରେଫର କରାଯାଉଛି। ଫଳରେ ୨୫କିଲୋମିଟର ଯାଇ ଗରିବ ଶ୍ରେଣୀର ଲୋକେ ଖର୍ଚ୍ଚାନ୍ତ ହେଉଛନ୍ତି। ତୁରନ୍ତ ଏକ୍ସରେ ଓ ଅଲ୍ଟ୍ରାସାଉଣ୍ଡ ମେସିନ ସ୍ଥାପନ ପାଇଁ ଶ୍ରୀ ଦାସ ଦାବି କରିଛନ୍ତି। ଯଦି ଦୁଇମାସ ମଧ୍ୟରେ ଦୁଇ ଦଫା ଦାବି ପୂରଣ ନ ହୁଏ, ତେବେ ହସ୍ପିଟାଲ ଘେରଉ କରିବା ସହ ରାଜରାସ୍ତାକୁ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।


## ଏମ୍‌କେସି ହାଇସ୍କୁଲର ପୂର୍ବତନ ଶିକ୍ଷକ ମାନସ ଦାସଙ୍କ ପରଲୋକ

**ବାରିପଦା, ୨୩ା୧୨(ସମିସ):** ଏମ୍‌କେସି ହାଇସ୍କୁଲର ପୂର୍ବତନ ଶିକ୍ଷକ ମାନସ ରଞ୍ଜନ ଦାସ (୯୧)ଙ୍କ ତାଙ୍କ ବାସଭବନରେ ହୃଦଘାତରେ ପରାଲୋକ ଘଟିଛି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ସେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷକ ରହିବା ସହିତ ବାଘାଯତୀନ ହାଇସ୍କୁଲ, ରାଇରଙ୍ଗପୁର ହାଇସ୍କୁଲ, ବାରିପଦା ଏମକେସି ହାଇସ୍କୁଲରେ ଶିକ୍ଷକତା କରି ଭଦ୍ରକ ଜିଲ୍ଲା ଦୋଳସାହି ହାଇସ୍କୁଲରେ ପ୍ରଧାନଶିକ୍ଷକ ଭାବେ ୧୯୯୧ରେ ଅବସର ଗ୍ରହଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ଜ୍ୟେଷ୍ଠକନ୍ୟା ସାମ୍ବାଦିକା ସ୍ମିତାରାଣୀ ଦାସ, ମଧ୍ୟମା କନ୍ୟା କନକ ମଞ୍ଜରୀ ଦାସ ଓ କନିଷ୍ଠ କନ୍ୟା ଶିକ୍ଷୟିତ୍ରୀ ସୁନୀତାରାଣୀ ଦାସ ଓ ପୁତ୍ର ଆଇନଜୀବୀ ଶ୍ରୀରାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ସକାଳ
THE SAKALA

# ସମ୍ପାଦକୀୟ



ମା' ପରି ମାତୃଭୂମି ମଧ୍ୟ ତୁମକୁ ଜନ୍ମ ଦେଇଛି । ତେଣୁ ମାତୃଭୂମି ପାଇଁ ତୁମେ ଗର୍ବ ଅନୁଭବ କରିବା ଆବଶ୍ୟକ ।
-ସତ୍ୟ ସାଇବାବା

## ଆରାବଳି ପରେ ମହେନ୍ଦ୍ରଗିରି!

ଉତ୍ତର-ପଶ୍ଚିମ ଭାରତର ଦିଲ୍ଲୀଠାରୁ ଗୁଜରାଟ୍ ପର୍ଯ୍ୟନ୍ତ ୬୭୦ କିମି ବ୍ୟାପ୍ତ ଆରାବଳୀ ପର୍ବତମାଳାର ସଂଜ୍ଞା ପରିବର୍ତ୍ତନ ହୋଇଥିବା ଅଭିଯୋଗ ସହିତ ବିରୋଧାଭାସ ତୀବ୍ର ହେବାରେ ଲାଗିଛି । ଜୈବବିବିଧତା ଓ ପରିବେଶ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏହି ପାର୍ବତ୍ୟାଞ୍ଚଳରେ ଖଣି ଖନନ ଓ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟକ୍ରମ ଆରମ୍ଭ ହୋଇସାରିଥିବାରୁ ପରିବେଶବିତ୍‌ମାନେ ବିରୋଧ କରିଆସୁଛନ୍ତି । ଏପରିକି ଗତ ପ୍ରାୟ ୭ ବର୍ଷ ମଧ୍ୟରେ ଅଦାଲତ ୧୦ ଥର କେନ୍ଦ୍ର ସମେତ ବିଭିନ୍ନ ରାଜ୍ୟ ସରକାରମାନଙ୍କୁ ତାଗିଦ କରି ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏବେ ଏହି ନିର୍ମାଣ କାର୍ଯ୍ୟାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଆଇନଗତ ପ୍ରତିବନ୍ଧକ ହଟାଇବାକୁ ଚତୁରତାର ସହିତ ଆରାବଳୀର ସଂଜ୍ଞାରେ ପରିବର୍ତ୍ତନ କରିଦିଆଯାଇଥିବା ଅଭିଯୋଗ ହୋଇଛି । ଏପରିକି ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଏହି ପରିବର୍ତ୍ତିତ ସଂଜ୍ଞାକୁ ଗ୍ରହଣ କରିନେଇଥିବାରୁ ଆଗାମୀ ଦିନରେ ସେଠାରେ ଖଣି ଖନନ ଓ ଅନ୍ୟାନ୍ୟ ପରିବେଶ ପ୍ରତିକୂଳ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବ, ଯାହାଫଳରେ ରାଜଧାନୀ ଦିଲ୍ଲୀର ପରିବେଶ ସମସ୍ୟା ଆହୁରି ଉତ୍କଟ ହେବ ବୋଲି ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଅପରପକ୍ଷରେ ସଂଜ୍ଞାକୁ ଭୁଲ୍ ତର୍ଜମା କରାଯାଇଥିବା ଏବଂ ଆରାବଳୀର ୧.୪୪ ଲକ୍ଷ ବର୍ଗକିମି ଅଞ୍ଚଳରୁ ମାତ୍ର ୦.୧୯% ଖଣିଜ କାର୍ଯ୍ୟକଳାପ ପାଇଁ ଅନୁମତି ଦିଆଯାଇଥିବା କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ସ୍ପଷ୍ଟୀକରଣ ଦେଇଛନ୍ତି । କିନ୍ତୁ ହଠାତ୍ ସଂଜ୍ଞା ପରିବର୍ତ୍ତନର ଆବଶ୍ୟକତା କାହିଁକି ସୃଷ୍ଟି ହେଲା ତାହାକୁ ନେଇ ଆଉ ଏକ ଗୁରୁତର ପ୍ରଶ୍ନ ଉଠିଛି ।

ପରିବେଶ-ସମ୍ବେଦନଶୀଳ ଅଞ୍ଚଳରେ ବିକାଶ ଆଧାରିତ ନିର୍ମାଣ ମାର୍ଗଦର୍ଶିକା ଏବଂ ବିଭିନ୍ନ ବିଶେଷଜ୍ଞ କମିଟିର ପରାମର୍ଶ ଓ ସୁପାରିସକୁ ଉପେକ୍ଷା କରିବାର ପରିଣତି ଆମେ ପଶ୍ଚିମଘାଟ ପର୍ବତମାଳା ଅଧୀନ କେରଳର ୱାଇନାଡ଼ ଓ ହିମାଳୟ ପାର୍ବତ୍ୟାଞ୍ଚଳର ଉତ୍ତରାଖଣ୍ଡରେ ଘଟିଥିବା ବିଭୀଷିକା ଅଙ୍ଗେ ନିଭାଇଛେ । ତଥାପି ଅର୍ଥନୀତିକୁ ଅଗ୍ରାଧିକାର ଦେଇ ପରିବେଶକୁ ଉପେକ୍ଷା କରିବାର ବେପରୱା ମନୋବୃତ୍ତିକୁ ପରିହାର କରିପାରୁନେ । ତେଣୁ ଏବେ ଏହି ଧାରାରେ ଆରାବଳୀ ସାମିଲ୍ ହେବା ଆଶ୍ଚର୍ଯ୍ୟଜନକ ନୁହେଁ । ଏହି ପାର୍ବତ୍ୟାଞ୍ଚଳରେ ଅନେକ ଅଭୟାରଣ୍ୟ, ସଂରକ୍ଷିତ ଜୈବମଣ୍ଡଳ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଆଦି ରହିଛି । ଖଣିଜ କାର୍ଯ୍ୟକଳାପ ଦ୍ୱାରା ସେଗୁଡ଼ିକ ପ୍ରଭାବିତ ହେବା ନିଶ୍ଚିତ । କିନ୍ତୁ ଯାହାକୁ ନେଇ ସବୁଠାରୁ ବିବାଦ ଉଠିଛି ତାହା ହେଲା ଆରାବଳୀର ଉଚ୍ଚତାକୁ ଯେପରି ୧୦୦ ମିଟର ପର୍ଯ୍ୟନ୍ତ ଅବାଧରେ ହ୍ରାସ କରାଯାଇପାରିବ ତାହାକୁ ଦୃଷ୍ଟିରେ ରଖି ନୀତି ନିୟମକୁ ମୋଡ଼ିମକଚି ଦିଆଯାଇଛି । ସଂଜ୍ଞାର ବ୍ୟୁତ୍ପତ୍ତି କରିବାର ଅଧିକାର ଆମର ନାହିଁ । କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ସବୁଜସଂକେତ ଦେଇସାରିଥିବାରୁ ଏବେ କେବଳ ଆଞ୍ଚଳିକ ବିରୋଧ ହିଁ ଆରାବଳୀକୁ ସୁରକ୍ଷା ଦେଇପାରିବ ବୋଲି ମତ ପ୍ରକାଶ ପାଇଛି ।

ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ସଂସ୍ଥାର ଆଭ୍ୟନ୍ତରୀଣ ସର୍ବେକ୍ଷଣ ରିପୋର୍ଟକୁ ଉଦ୍ଧାର କରି ପରିବେଶବତ୍ ଓ ଭୂବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି ଯେ ନୂତନ ସଂଜ୍ଞା ବଳରେ ଆରାବଳୀ ପାର୍ବତ୍ୟାଞ୍ଚଳର ପ୍ରାୟ ୯୦% ଅଞ୍ଚଳ 'ନିଷିଦ୍ଧାଞ୍ଚଳ' ମାନ୍ୟତା ହରାଇବ ଏବଂ ବ୍ୟବସାୟିକ କାର୍ଯ୍ୟକଳାପ ପାଇଁ କଟକଣାମୁକ୍ତ ହୋଇଯିବ । ଏହି ରିପୋର୍ଟ ଅନୁଯାୟୀ ଆରାବଳୀ ପାର୍ବତ୍ୟାଞ୍ଚଳରେ ଥିବା ୧୨, ୦୮୧ ପର୍ବତ ଓ ମାଳଭୂମି ମଧ୍ୟରୁ ମାତ୍ର ୧, ୪୦୮ ଟି ୧୦୦ ମିଟର ଉଚ୍ଚତାର ସଂଜ୍ଞା ପୂରଣ କରୁଛି । ଏହାଛଡ଼ା କେନ୍ଦ୍ର ସରକାରଙ୍କ ସଂଶୋଧନ ପରେ ଆରାବଳୀର ନିଷିଦ୍ଧ ଅଞ୍ଚଳ ତାଲିକାରେ ରାଜସ୍ଥାନର ସାୱାଇ ମାଧୋପୁର ଜିଲ୍ଲାର ରାନ୍ଥମଭୋର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ, ଚିତ୍ତୋରଗଡ଼ ଆଦି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ସ୍ଥାନ ପାଇନାହିଁ । ଅର୍ଥାତ୍ ସେଠାରେ ନିର୍ମାଣ କାର୍ଯ୍ୟ ଅବାଧରେ ଚାଲିବ ଏବଂ ସେହିସବୁ ଐତିହ୍ୟ ଓ ସ୍ମାରକୀ ପ୍ରତି ବିପଦ ଅବଶ୍ୟମ୍ଭାବୀ ।

ଏହି ପୃଷ୍ଠଭୂମିରେ ଓଡ଼ିଶାର ମହେନ୍ଦ୍ରଗିରି ବିଷୟରେ କିଞ୍ଚିତ ଆଲୋଚନା କରିବା ପ୍ରାସଙ୍ଗିକ ହେବ । ବିରଳ ଜୈବବିବିଧତାରେ ପରିପୂର୍ଣ୍ଣ ଏବଂ ଐତିହାସିକ-ପୌରାଣିକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ଗଜପତି ଜିଲ୍ଲାର ପ୍ରସିଦ୍ଧ ମହେନ୍ଦ୍ରଗିରିକୁ ସଂରକ୍ଷିତ ଜୈବ ମଣ୍ଡଳ ମାନ୍ୟତା ପାଇଁ ବହୁଦିନରୁ ଦାବି ହୋଇ ଆସୁଛି । ସମସ୍ତ ଐତିହାସିକ, ବୈଜ୍ଞାନିକ ଓ ଭୌଗୋଳିକ ତଥ୍ୟ ପ୍ରମାଣ ସତ୍ତ୍ୱେ ଏହି ମାନ୍ୟତା ପାଇବାରେ ଓଡ଼ିଶା ଗତାନୁଗତିକ ଐତିହାସିକ ଅବହେଳାର ଶିକାର ହୋଇଛି । ମାନ୍ୟତା ଦୂରେ ଥାଉ ଏବେ ମହେନ୍ଦ୍ରଗିରିକୁ ପର୍ଯ୍ୟଟନ ଅର୍ଥନୀତିର ଏକ ଅଂଶ କରିବା ପାଇଁ ବିଧିବଦ୍ଧ ଉଦ୍ୟମ ଆରମ୍ଭ ହୋଇସାରିଛି । ସେଠାରେ 'ମହେନ୍ଦ୍ରଗିରି ପରିକ୍ରମା ପ୍ରକଳ୍ପ' ପାଇଁ ସଂରକ୍ଷିତ ଜଙ୍ଗଲର ୦.୯ ହେକ୍ଟର ଜମିର କିସମ ପରିବର୍ତ୍ତନ କରି ଜିଲ୍ଲା ରାଜସ୍ୱ ପ୍ରଶାସନକୁ ହସ୍ତାନ୍ତର କରାଯାଇଛି । ତେଣୁ ଆରାବଳୀ ଧାରାରେ ମହେନ୍ଦ୍ରଗିରି ଜୈବମଣ୍ଡଳର ସଂଜ୍ଞା ମଧ୍ୟ ବଳି ପଡ଼ିବା ଅସମ୍ଭବ ନୁହେଁ । ଏଠାରେ ସୂଚାଇ ଦେବା ଉଚିତ ହେବ ଯେ ଇକୋ ଟୁରିଜିମ୍‌କୁ ପ୍ରୋତ୍ସାହନ ଦେବା ପାଇଁ ଖନନ କାର୍ଯ୍ୟ ଯୋଗୁଁ ନିକଟରେ ମହେନ୍ଦ୍ରଗିରି ପର୍ବତ ଅଞ୍ଚଳରେ ଭୂସ୍ଖଳନ ଘଟି ଜୀବନହାନି ଘଟଣା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି ।

ଦିଲ୍ଲୀର ପରିବେଶକୁ ଆରାବଳୀ ସୁରକ୍ଷା ଦେବା ଭଳି ଦକ୍ଷିଣ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଜଳବାୟୁ ନିୟନ୍ତ୍ରଣରେ ମହେନ୍ଦ୍ରଗିରି ପର୍ବତମାଳାର ବଳିଷ୍ଠ ଭୂମିକା ଥିଲେ ହେଁ ଏହା ସରକାରୀ ସ୍ତରରେ ସେଭଳି ଗୁରୁତ୍ୱ ପାଇନାହିଁ । ଏହି ପୃଷ୍ଠଭୂମିରେ ଯଦି ସେଠାରେ ଭବ୍ୟମନ୍ଦିର ନିର୍ମାଣ ଆଳରେ ପରିବେଶ-ପ୍ରତିକୂଳ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହେବ ତେବେ ସ୍ଥିତି ଆହୁରି ବିଗିଡ଼ିଯିବାର ଆଶଙ୍କା ରହିଛି । ମହେନ୍ଦ୍ରଗିରି ପୂର୍ବ-ଘାଟ ପର୍ବତମାଳାର ଅଂଶଭାବେ ଗଣ୍ଡୱାନା ଅଞ୍ଚଳାଧୀନ ଏବଂ ଏହାର ମୃତ୍ତିକା ପୃଥିବୀର ସର୍ବପୁରାତନ । ମହେନ୍ଦ୍ରଗିରିର କେନ୍ଦ୍ରୀୟ ଅଞ୍ଚଳ ପର୍ଯ୍ୟଟନ ଅର୍ଥନୀତିରେ ପ୍ରମୁଖତା ହାସଲ କରିବା ପରେ ତାହାର ଦୁର୍ଲ୍ଲଭ ଜୈବବିବିଧତା ଧୀରେଧୀରେ ହିମାଳୟ ପାର୍ବତ୍ୟାଞ୍ଚଳ ଅନୁରୂପ ବିଭିନ୍ନ ବହୁଦେଶୀୟ ଓ ଦେଶୀୟ ଔଷଧ କମ୍ପାନୀ, ସୌଖୀନ କାଠ ଓ ଖେଳନା କମ୍ପାନୀର ପଞ୍ଝାକୁ ଚାଲିଯିବ ବୋଲି ପରିବେଶବିତ୍‌ମାନେ ଆଶଙ୍କା କରୁଛନ୍ତି । ପରିଶେଷରେ ପୁଣି ଏକ 'ଚିପ୍‌କୋ ଆନ୍ଦୋଳନ' କିମ୍ବା 'ହିମାଳୟ ପରିବେଶ ବଞ୍ଚାଅ ଆନ୍ଦୋଳନ' ଭଳି 'ଆରାବଳୀ ବଞ୍ଚାଅ ଆନ୍ଦୋଳନ' କିମ୍ବା 'ମହେନ୍ଦ୍ରଗିରି ବଞ୍ଚାଅ ଆନ୍ଦୋଳନ' ହୁଏତ ଜନ୍ମ ନେଇପାରେ । କିନ୍ତୁ ସେଥିପାଇଁ ଜନସଚେତନତା ସୃଷ୍ଟି, ଏକତା ଓ ସ୍ୱର ଉତ୍ତୋଳନ ପୂର୍ବରୁ କେତେବେଳେ ଯେ ପ୍ରତିପତ୍ତିଶାଳୀ ଶିଳ୍ପୋଦ୍ୟୋଗୀଙ୍କ ହାତକୁ ଓଡ଼ିଶାର ଏହି ବିଶ୍ୱପ୍ରସିଦ୍ଧ ବିରଳ ଜୈବମଣ୍ଡଳ ଚାଲି ନ ଯିବ କିଏ କହିବ?

## ସମ୍ଭ୍ରାନ୍ତ ସନ୍ତ୍ରାସବାଦ ଓ ଆମ ବିଶ୍ୱବିଦ୍ୟାଳୟ

ନାଥ କପିଳେନ୍ଦ୍ର ଦେବ

ହରିୟାଣା ସ୍ଥିତ ଅଲ ଫଲହା ବିଶ୍ୱବିଦ୍ୟାଳୟର ଡାକ୍ତରୀ ଶିକ୍ଷା ପ୍ରଧ୍ୟାପକମାନଙ୍କର ଲାଲକିଲ୍ଲା ବିସ୍ଫୋରଣ ସହ ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଥିବାର ପ୍ରାରମ୍ଭିକ ପ୍ରମାଣ ହସ୍ତଗତ ହେବା ପରେ ସାରା ଦେଶରେ ଏବେ ବିଶ୍ୱବିଦ୍ୟାଳୟମାନଙ୍କ କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନଚିହ୍ନ ଲାଗିଛି । ଏହା ପୂର୍ବରୁ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ବିଚ୍ଛିନ୍ନତାବାଦୀ ସ୍ୱର, ଦେଶର ପ୍ରସିଦ୍ଧ ଶିକ୍ଷାୟତନର ଗରିମା ନଷ୍ଟ କରିଥିଲା । ୨୦୦୮ ମସିହାରେ ମୁମ୍ବାଇ ଆକ୍ରମଣ ସହ ସମ୍ପୃକ୍ତ ହାଫିଜ ମହମ୍ମଦ ସୟିଦ ଜଣେ ପ୍ରଫେସର ଭାବେ କାର୍ଯ୍ୟରତ ଥିବା ସହିତ ପାକିସ୍ତାନର ଆତଙ୍କବାଦୀ ସଂଗଠନ 'ଲସ୍କର-ଇ-ତୋଇବା' ର ଜଣେ ସେନାପତି ମଧ୍ୟ ଥିଲେ । ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଆରବ ଭାଷା ଅଧ୍ୟାପକ ସୟିଦ ଅବଦୁଲ ଗିଲାନୀ ୨୦୦୧ ମସିହା ସଂସଦ ଆକ୍ରମଣ ସହ ଜଡ଼ିତ ଥିବାର ଅଭିଯୋଗ ହୁଏ, ଯଦିଓ ସେ ସମୟରେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ସେ ଦୋଷମୁକ୍ତ ହୋଇଥିଲେ । କାଶ୍ମୀର ବିଶ୍ୱବିଦ୍ୟାଳୟର ସମାଜଶାସ୍ତ୍ରୀ ମହମ୍ମଦ ରଫି ଭଟ୍ଟ ହିଜ୍‌ବୁଲ ମୁଜାହିଦିନ ଓ ରସାୟନ ବିଭାଗ ପ୍ରାଧ୍ୟାପକ ଅଲତାଫ ହୁସେନ ଜାମୁ କାଶ୍ମୀର ମୁକ୍ତି ସାମ୍ମୁଖ୍ୟ ସହ ରହି ଦେଶବିରୋଧୀ କାର୍ଯ୍ୟରେ ଜଡ଼ିତ ଥିଲେ । ଭାରତରେ କିଛି ବିଶ୍ୱବିଦ୍ୟାଳୟ ଅଧ୍ୟାପକ ନକ୍ସଲମାନଙ୍କୁ ପ୍ରୋତ୍ସାହିତ କରୁଥିବାର ଖବର ଆଗରୁ ଗଣମାଧ୍ୟମର ଶିରୋନାମା ହୋଇଥିଲା । ଏ ସବୁ ଅନୁଧ୍ୟାନ କଲେ ମନରେ ବିଶ୍ୱବିଦ୍ୟାଳୟଗୁଡ଼ିକର ଶିକ୍ଷାପଦ୍ଧତି, ଶୈକ୍ଷିକ ବାତାବରଣ, ପରିଚାଳନାଗତ ଶୃଙ୍ଖଳା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ ।



ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରତିଦାନ ସାରା ବିଶ୍ୱର ସମୃଦ୍ଧି ପାଇଁ ଉଦ୍ଦିଷ୍ଟ । ପଞ୍ଚମରୁ ସପ୍ତମ ଶତାବ୍ଦୀ ବେଳର ପ୍ରାଚୀନ ଭାରତରେ ଗଢ଼ି ଉଠିଥିବା ନାଳନ୍ଦା, ତକ୍ଷଶୀଳା, ବିକ୍ରମଶିଳା ବିଶ୍ୱବିଦ୍ୟାଳୟଗୁଡ଼ିକରେ ହଜାର ହଜାର ଛାତ୍ର ଶିକ୍ଷା ଗ୍ରହଣ କରି ମାନବ ସଭ୍ୟତାକୁ ଆଲୋକ ଦେଖାଇଛନ୍ତି । ହିନ୍ଦୁ ସଂସ୍କୃତିରେ ଏଗୁଡ଼ିକ କେବଳ ଶିକ୍ଷାୟତନ ନୁହନ୍ତି, ବରଂ ବିଦ୍ୟାଦାତ୍ରୀ ମାଆ ସରସ୍ୱତୀଙ୍କର ମନ୍ଦିର । ସେଠାରେ ସେତେବେଳେ ବେଦ, ଉପନିଷଦ, ଭାଷା, ସଂସ୍କୃତି ସହ ସାମାଜିକ ବିଜ୍ଞାନ, ଭେଷଜ ବିଜ୍ଞାନ, ଶରୀର ବିଜ୍ଞାନ, କୃଷି ବିଜ୍ଞାନ ଆଦି ଉପରେ ଶିକ୍ଷାଦାନ କରାଯାଉଥିଲା । ବିଦେଶୀ ପରିବ୍ରାଜକମାନେ ଏ ବିଷୟରେ ସେମାନଙ୍କ ବିବରଣୀରେ ଯଥେଷ୍ଟ ଆଲୋଚନା କରିଛନ୍ତି ।

ଏବେ ମଧ୍ୟ ପୃଥିବୀର ଅନେକ ବିଶ୍ୱବିଦ୍ୟାଳୟ ଶିକ୍ଷାଦାନ ଓ ଗବେଷଣା ଦ୍ୱାରା ସୃଷ୍ଟିକୁ ବହୁ ଚମତ୍କାର ଉପହାର ଦେଇ ଚାଲିଛନ୍ତି । ସର୍ବପୁରାତନ ୟୁରୋପୀୟ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଶିକ୍ଷାଦାନରେ ମାସାଚୁସେଟସ ବୈଷୟିକ ଅନୁଷ୍ଠାନ, ବୈଷୟିକ ଶିକ୍ଷା ଓ ନବଉନ୍ମେଷରେ, ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ଆଇନ ଓ ନାଟକରେ, ଷ୍ଟାନ୍‌ଫୋର୍ଡ ବ୍ୟବସାୟ ଓ ଉଦ୍ୟୋଗ କ୍ଷେତ୍ରରେ, କେମ୍ବ୍ରିଜ କଳା ଓ ଗଣିତ ଶାସ୍ତ୍ରରେ ଉଚ୍ଚକୋଟୀର ଗବେଷଣା କରି ବିଶ୍ୱର ସର୍ବଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ ପରିଗଣିତ ହେଉଛନ୍ତି । ବିଶ୍ୱର ସମୁଦାୟ ନୋବେଲ ବିଜେତାମାନଙ୍କ ମଧ୍ୟରୁ କେବଳ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ରୁ ୧୬୦ ଜଣ ଅଛନ୍ତି । ଅତଏବ ବିଶ୍ୱବିଦ୍ୟାଳୟ ହିଁ ସୃଜନଶୀଳତା, ଆତ୍ମମନ୍ଥନ, ନୂତନ ଆଲୋକ ସନ୍ଧାନକାରୀଙ୍କ ବାସସ୍ଥଳୀ । ଏହାର ଶିକ୍ଷାନବିସମାନେ ନୂତନ ବିଶ୍ୱର ପଥପ୍ରଦର୍ଶକ, ଏଥିରେ ଅନ୍ୟଥା ନାହିଁ ।

ନିକଟ ଅତୀତରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଆମିଟି ବିଶ୍ୱବିଦ୍ୟାଳୟର ଜନୈକ ଛାତ୍ରୀ ଆୟେଶା ଜୈନଙ୍କର ମାମଲା ଗ୍ରହଣ କରି ଦେଶର ବେସରକାରୀ ବିଶ୍ୱବିଦ୍ୟାଳୟମାନଙ୍କର ସ୍ଥିତି, ପରିଚାଳନା ଓ ନିୟନ୍ତ୍ରଣବିଧି ଉପରେ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ସବିଶେଷ ତଥ୍ୟ ମାଗିଥିଲେ । ସ୍ୱାଧୀନ ହେଲା ବେଳକୁ ଦେଶରେ ୧୭ ଟି ବିଶ୍ୱବିଦ୍ୟାଳୟ ଥିବା ସମୟରେ ଏହାର ସଂଖ୍ୟା ୨୦୨୫ ମଇ ମାସ ସୁଦ୍ଧା ୧୩୩୮ ହେଲାଣି । ଏଥିରେ କୃଷି ବିଶ୍ୱବିଦ୍ୟାଳୟ ପରି ବୃତ୍ତି ଉପରେ ନିବେଶିତ ବିଶ୍ୱବିଦ୍ୟାଳୟ ସାମିଲ ନୁହନ୍ତି । ଏବେ ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପ୍ରାୟ ୩.୨୫ କୋଟି ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ୧୯୪୮-୪୯ ମସିହାର ରାଧାକୃଷ୍ଣନ କମିଟିଠାରୁ ଜାତୀୟ ଶିକ୍ଷା ନୀତି ୨୦୨୦ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ଓ ଗବେଷଣା ପାଇଁ ପଦକ୍ଷେପ ନିଆଯାଇଛି । କିନ୍ତୁ ବିଶ୍ୱବିଦ୍ୟାଳୟଗୁଡ଼ିକର ମୌଳିକ କର୍ତ୍ତବ୍ୟକୁ କିଏ କିପରି ନିୟନ୍ତ୍ରଣ କରୁଛି, ତାହା ହିଁ ପ୍ରଶ୍ନ । ରାଜ୍ୟସରକାରମାନଙ୍କର ଖାମଖିଆଲି ମନୋଭାବ ଯୋଗୁଁ ଘରୋଇ ବିଶ୍ୱବିଦ୍ୟାଳୟ ସଂଖ୍ୟା ଲଗାମଛଡ଼ା ପରି ବଢ଼ି ଚାଲିଛି । ପୁଞ୍ଜିପତିମାନେ ଏହାର ଫାଇଦା ନେଇ ନିଜସ୍ୱ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରୁଛନ୍ତି । ସରକାରୀ ତଥ୍ୟ ଅନୁସାରେ ୨୦୧୧-୧୨ ରୁ ୨୦୨୧-୨୨ ମଧ୍ୟରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀ ସଂଖ୍ୟା ୨୬ ପ୍ରତିଶତ, ରାଜ୍ୟ ବିଶ୍ୱବିଦ୍ୟାଳୟରେ ୨୨ ପ୍ରତିଶତ ବଢ଼ିଥିଲା ବେଳେ ଘରୋଇ ବିଶ୍ୱବିଦ୍ୟାଳୟରେ ୪୯୭ ପ୍ରତିଶତ ବଢ଼ିଛି । ସରକାରୀ ବିଶ୍ୱବିଦ୍ୟାଳୟରେ ବିଶୃଙ୍ଖଳା, ଅଧ୍ୟାପକ ଅଭାବ, ଅଧ୍ୟାପନାର ପକ୍ଷପାତିତା, ଶୈକ୍ଷିକ ବାତାବରଣର ଅଭାବ ଯୋଗୁଁ ଘରୋଇ ବିଶ୍ୱବିଦ୍ୟାଳୟମାନେ ନିଜର ପ୍ରଭୁତ୍ୱ ବିସ୍ତାର କରିଚାଲିଛନ୍ତି ଏବଂ ଶିକ୍ଷାକୁ ବ୍ୟବସାୟ କରିସାରିଛନ୍ତି । ସେହି ଅନୁଷ୍ଠାନମାନଙ୍କର ଆର୍ଥିକ ପରିଚାଳନା, ନିୟନ୍ତ୍ରଣ ଆଦି ବ୍ୟକ୍ତିଗତ ମାଲିକାନାରେ ଥିବାରୁ ଏବଂ ସରକାରୀ ନିୟନ୍ତ୍ରଣ ବାହାରେ ଥିବାରୁ ବହୁ କ୍ଷେତ୍ରରେ ଅନିୟମିତତା ପରିଲକ୍ଷିତ ହୁଏ । ଅଲ ଫଲହା ବିଶ୍ୱବିଦ୍ୟାଳୟ ଏହାର ଏକ ଉଦାହରଣ ।

ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ଶିକ୍ଷା ଆହୁରି ଦୁର୍ଦ୍ଦିନ ଦେଇ ଗତି କରୁଛି । ରାଜ୍ୟର ସର୍ବପୁରାତନ, ସର୍ବୋତ୍ତମ ତଥା ବହୁ ଜ୍ଞାନୀ, ଗୁଣୀ ବ୍ୟକ୍ତିବିଶେଷ, ପ୍ରଶାସକ, ବୈଜ୍ଞାନିକଙ୍କ ଏନ୍ତୁଡ଼ିଶାଳ ଉତ୍କଳ ବିଶ୍ୱବିଦ୍ୟାଳୟର ପରିସର ଏବେ ବହୁ ଅସାମାଜିକ ବ୍ୟକ୍ତିଙ୍କ ଆଡାସ୍ଥଳୀ । ଅଣଛାତ୍ର, ମାଦକଦ୍ରବ୍ୟ ଓ ମାରଣାସ୍ତ୍ରରେ ଛାତ୍ରାବାସ ଭରପୂର, ଏ ସବୁ ଗଣମାଧ୍ୟମର ସମ୍ବାଦ । 'ଯା ବିଦ୍ୟା ସେ ବିମୁକ୍ତୟେ', ଆପ୍ତ ବାକ୍ୟରେ ପ୍ରତିଷ୍ଠିତ ଏ ଅନୁଷ୍ଠାନର ସ୍ଥାନ ଏବେ କେଉଁଠି? ରାଜ୍ୟର ବିଶ୍ୱବିଦ୍ୟାଳୟମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ମୁରବିଶୂନ୍ୟ । ସବୁଠି ଏବେ ବିଶୃଙ୍ଖଳା, ସ୍ୱେଚ୍ଛାଚାରିତା, ଅରାଜକତା ।

ଯଦି ଶିକ୍ଷା ପୁଞ୍ଜିପତିଙ୍କର ରୋଜଗାରପନ୍ଥା ହୁଏ, ଛାତ୍ରଛାତ୍ରୀମାନେ ପଥ ଭ୍ରଷ୍ଟ ହୁଅନ୍ତି, ଅଧ୍ୟାପକମାନେ ବି ଗିଲାନୀ, ଭଟ୍, ଓ ସାହିନଙ୍କ ପରି ଅସାମାଜିକ କାମ କରନ୍ତି । ସନ୍ତ୍ରାସବାଦ, ନକ୍ସଲବାଦ ଆଦି ଦେଶ ବିରୋଧୀ ଶକ୍ତି ସହ ଯୋଡ଼ି ହୁଅନ୍ତି ଏବଂ ସାରା ମାନବ ସମାଜ ପ୍ରତି ଶତ୍ରୁ ହୁଅନ୍ତି । ଶିକ୍ଷାର ମନ୍ଦିର ଯେତେବେଳେ ସମାଜ ଗଠନ ବଦଳରେ ସମାଜକୁ ଧ୍ୱଂସ ଆଡ଼କୁ ନେବାକୁ ପ୍ରସ୍ତୁତ, ମାକ୍‌ଲେଙ୍କ ଭୁଲ ଶିକ୍ଷାଦାନ ପଦ୍ଧତି ଯୋଗୁଁ ଭାରତର ନିଜସ୍ୱ ଶିକ୍ଷା ପ୍ରଣାଳୀ ପାଶ୍ଚାତ୍ୟ ଶିକ୍ଷାପ୍ରଣାଳୀ ଦ୍ୱାରା ଅପହୃତ, ସେତେବେଳେ ଏ ବ୍ୟବସାୟିକ ଶିକ୍ଷା ଭାରତକୁ ଆହୁରି ଅନ୍ଧାର ଗହ୍ୱରକୁ ଯେ ଠେଲି ନ ଦେବ, କିଏ କହିବ? ସମ୍ଭ୍ରାନ୍ତ ସନ୍ତ୍ରାସବାଦକୁ ରୋକିବାକୁ ଏବେଠୁ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ବିଶ୍ୱବିଦ୍ୟାଳୟମାନେ ପୁଣି ଜ୍ଞାନର ପ୍ରଦୀପ ଜଳାନ୍ତୁ, ମାନବ ସଭ୍ୟତାକୁ ସମୃଦ୍ଧ କରନ୍ତୁ, ଏହା ହିଁ କାମନା ।

ଭୁବନେଶ୍ୱର, ମୋ: ୮୨୮୦୮୧୩୮୪୨

## ନକଲି ଦକ୍ଷତା ଓ ଶୈକ୍ଷିକ-ଦିବ୍ୟାଙ୍ଗ

ଚିନ୍ତାମଣି ପଣ୍ଡା

ଅଳ୍ପରେ ସନ୍ତୁଷ୍ଟ ହୋଇଯିବା ଯେହେତୁ ଆମର ସହଜାତ ପ୍ରବୃତ୍ତି, ତେଣୁ ଉଚ୍ଚାକାଂକ୍ଷୀ ହୋଇ ସୁନେଲି ଭବିଷ୍ୟତର ସ୍ୱପ୍ନ ଦେଖିବା କ୍ୱଚିତ ଲୋକଙ୍କ ମାନସିକତାରେ ପ୍ରତିଫଳିତ ହୁଏ । ଯଦି କୌଣସି ବର୍ଷ ଓଡ଼ିଶାରୁ କେହି ଜଣେ ଶିକ୍ଷାନବିସ ଭାରତୀୟ ପ୍ରଶାସନିକ ସେବା କିମ୍ବା ସମତୁଲ ପରୀକ୍ଷାରେ କୃତକାର୍ଯ୍ୟ ହୋଇଗଲେ, ସେ ମେଧା ତାଲିକାର ନିମ୍ନଆଡ଼କୁ ରହିଲେ ବି ଆମେ ବାଜା ବଜାଇ, ନାଚି କୁଦି, ଘରେ ଘରେ ପିଠା ପଣା କରି ପ୍ରବଳ ଖୁସି ପାଳନ କରୁ । ତେଣିକି ସେ ଓଡ଼ିଆ ହୁଅନ୍ତୁ କି ଅଣଓଡ଼ିଆ ବାସିନ୍ଦା । ଏହା ନିଶ୍ଚିତ ଭାବରେ ଆମ ଅସ୍ମିତାର ପ୍ରତୀକ । କିନ୍ତୁ ନିଜ ଦୋଷଦୁର୍ବଳତାକୁ ସମୀକ୍ଷା କରି ପରବର୍ତ୍ତୀ ବର୍ଷମାନଙ୍କରେ ଶୀର୍ଷସ୍ଥାନ ଅଧିକାର କରିବାକୁ ଉଦ୍ୟମ କରିବା ଆମ ଜାତକରେ ନଥାଏ ।

ଯେତିକି ମିଳିଲା, ତାହା ଆମ ଭାଗ୍ୟ ବୋଲି ଭାବି ସନ୍ତୋଷ ବ୍ୟକ୍ତ କରୁ । କାଁ ଭାଁ ଯଦି କେହି ଆନ୍ତର୍ଜାତିକ କ୍ଷେତ୍ରରେ ଅନ୍ତରୀକ୍ଷ ଗବେଷଣା, ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତ୍ତା, ପ୍ରତିରକ୍ଷା, ଗବେଷଣା କିମ୍ବା ବ୍ୟବସାୟର ଉଚ୍ଚତମ ସୋପାନରେ ପହଞ୍ଚିଗଲେ ତେବେ ତାଙ୍କର ପ୍ରଦର୍ଶନ ଏ ଜାତି ପାଇଁ ଯେତିକି ଗର୍ବ ଓ ଗୌରବର ବିଷୟ, ପରବର୍ତ୍ତୀ ପିଢ଼ି ପାଇଁ ସେତିକି ପ୍ରେରଣାର ଉତ୍ସ ପାଲଟିଥାଏ । ଏ ଦିଗରେ ଉତ୍ତରଦାୟାଦମାନେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଉଦ୍ୟମ କରିବା କଥା । ମାତ୍ର ନିଜର ଶିକ୍ଷା ବ୍ୟବସ୍ଥାର ବିକାଶ ଘଟାଇ ଆମେ ବିଦ୍ୟାର୍ଥୀ ଜୀବନରୁ ଏ ଦିଗରେ ଆଗେଇ ପାରୁନା ।

ଅନେକ ବର୍ଷ ତଳେ ଓଡ଼ିଶା ଶିକ୍ଷାର୍ଥୀମାନଙ୍କର ସର୍ବଭାରତୀୟ ପରୀକ୍ଷାରେ ନୈରାଶ୍ୟଜନକ ପ୍ରଦର୍ଶନ ଉପରେ ତର୍ଜମା କରି ପ୍ରାଥମିକ ସ୍ତରରୁ ଶିକ୍ଷାଦାନ ବ୍ୟବସ୍ଥାକୁ ଉନ୍ନତ ତଥା ଅତ୍ୟାଧୁନିକ କରାଯିବାର ମନ୍ତବ୍ୟ ଦିଆଯାଇଥିଲା । ତଦନୁଯାୟୀ ଏକ ଶୃଙ୍ଖଳିତ ତଥା ସୁବ୍ୟବସ୍ଥିତ ଢଙ୍ଗରେ ଶିକ୍ଷାଦାନ ପ୍ରଣାଳୀର ଉନ୍ନତି କଳ୍ପେ ଦୀର୍ଘମିଆଦୀ କାର୍ଯ୍ୟକ୍ରମମାନ ସଂରଚନା କରାଗଲା, ଯହିଁରେ ଯୋଗ୍ୟ ଶିକ୍ଷକ ନିଯୁକ୍ତି ଓ ନିଯୁକ୍ତ ଶିକ୍ଷକମାନଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଗଲା । ଏହାର ପ୍ରାରମ୍ଭିକ ପଦକ୍ଷେପ ସ୍ୱରୂପ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଚୟନରେ 'ଓଡ଼ିଶା ଶିକ୍ଷକ ସାମର୍ଥ୍ୟ ପରୀକ୍ଷା'କୁ ସର୍ବନିମ୍ନ ଯୋଗ୍ୟତା ମାପଦଣ୍ଡ ହିସାବରେ ଧରାଗଲା । ତତ୍‌ସହିତ ପୂର୍ବ ନିଯୁକ୍ତ ଶିକ୍ଷକମାନଙ୍କୁ ମଧ୍ୟ ପଦୋନ୍ନତି ନିମନ୍ତେ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ନିୟମ ନିର୍ଦ୍ଧାରଣ କରାଗଲା । ମହାବିଦ୍ୟାଳୟ ସ୍ତରରେ ଅଧ୍ୟାପକ ନିଯୁକ୍ତି ସମୟରେ ମଧ୍ୟ ଜାତୀୟ ସାମର୍ଥ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ପ୍ରମାଣପତ୍ର ସର୍ବନିମ୍ନ ଯୋଗ୍ୟତାର ମାପକାଠି ହେଲା । ତେବେ ପୁରାତନ ଶିକ୍ଷକମାନଙ୍କ ପାଇଁ ଏହି ପରୀକ୍ଷାର ପ୍ରଶ୍ନପତ୍ରଗୁଡ଼ିକ ଅତି ସରଳ, ସହଜ ଓ ସୁଗମ, ଯାହାକି ଜଣେ ସାଧାରଣ ଶିକ୍ଷକ ଅନାୟାସରେ ଉତ୍ତର କରିପାରିବେ । ଶିକ୍ଷକମାନଙ୍କ ସୁପ୍ତଜ୍ଞାନକୁ ଜାଗ୍ରତ କରାଇବା ତଥା ପରିବର୍ତ୍ତିତ ପରିସ୍ଥିତି ସହିତ ନିଜର ମେଧାଶକ୍ତିକୁ ଖାପ ଖୁଆଇବା ପାଇଁ ଏହା ଏକ ପ୍ରକୃଷ୍ଟ ସୁଯୋଗ । କିନ୍ତୁ ଏ ପରୀକ୍ଷାରେ ଅକୃତକାର୍ଯ୍ୟ ହେବା ନିଶ୍ଚିତ ଭାବରେ ଆମର ବୁଦ୍ଧିମତ୍ତା ତଥା ପ୍ରତ୍ୟୁତ୍ପନ୍ନମତିର ସ୍ତରକୁ ନିର୍ଦ୍ଧାରଣ କରେ ।

ଘଟଣାଟି ଏତିକିରେ ନରହି ଯଦି ଆମେ ଅସାଧୁ ଉପାୟ ଅବଲମ୍ବନରେ ସାମର୍ଥ୍ୟ ପରୀକ୍ଷାରେ କୃତକାର୍ଯ୍ୟ ହେବାକୁ ଚେଷ୍ଟା କରୁ ତାହା ନିଶ୍ଚିତ ଭାବରେ ଏକ ଶୈକ୍ଷିକ ଅଧୋଗତିର ଆଭାସ ଦିଏ । ଉଦ୍‌ବେଗର ବିଷୟ ଯେ, ମଣିଷ ତିଆରି କାରଖାନାର କୁଶଳୀ କାରିଗରଗଣ ଯଦି କଳାବଜାରରୁ ପରୀକ୍ଷା ଆଗରୁ ଉତ୍ତରପତ୍ର କିଣି ସଫଳତା ପାଇବେ, ତେବେ ଶୈକ୍ଷିକ-ଦିବ୍ୟାଙ୍ଗଗୁଡ଼ିଏ ହିଁ ସୃଷ୍ଟି ହେବା ଅବଶ୍ୟମ୍ଭାବୀ ହେବ । ଏମାନେ ଦେଶର ବେକାରି ସମସ୍ୟାକୁ ବହୁଗୁଣିତ କରିବା ସହିତ ଦାଦନ ଖଟିବାକୁ ଯାଇ ବିଦେଶରେ ନିର୍ଯାତିତ ହେବେ । ଆଉ ଥୋକାଏ ହତାଶ ହୋଇ ପେଟପାଟଣା ପାଇଁ ଅପରାଧ ଜଗତରେ ପ୍ରବେଶ କରିଯିବେ । ତେଣୁ ଶିକ୍ଷାର କର୍ଣ୍ଣଧାର ବୋଲାଉଥିବା ବ୍ୟକ୍ତିତ୍ୱମାନଙ୍କ ସାମାନ୍ୟତମ ତ୍ରୁଟିବିଚ୍ୟୁତି ପାଇଁ ଦେଶର ଭବିଷ୍ୟତ ଗଠନରେ କେତେବଡ଼ ଅଧୋପତନ ଯେ ନ ଘଟିବ, ତାହା ଜଳଜଳ ଦିଶେ ।

ବିଡ଼ମ୍ବନାର ବିଷୟ, ପ୍ରଶ୍ନପତ୍ରକୁ ପ୍ରଘଟ କରି ତହିଁରୁ ଆର୍ଥିକ ଫାଇଦା ହାସଲ କରିବାରେ ଯଦି ସଂଗ୍ରାମୀ ଶିକ୍ଷକ ନେତାଗଣ ଲିପ୍ତ ରୁହନ୍ତି, ତା'ହେଲେ ନିଜ ଜାତିଭାଇଙ୍କୁ ଉଦ୍ଧାର କରିବାକୁ ଯାଇ ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥାକୁ ତଳିତଳାନ୍ତ କରୁନାହାନ୍ତି କି? ମନେରଖନ୍ତୁ, ଏହାଦ୍ୱାରା କତିପୟ ମେଧାହୀନ ଶିକ୍ଷକଙ୍କର ତ୍ରାଣକର୍ତ୍ତା ସାଜି ଆପଣ ନିଜର ଆର୍ଥିକ ତଥା ରାଜନୈତିକ ଅଭୀପ୍ସା ପୂରଣ କରିପାରନ୍ତି, କିନ୍ତୁ ଅନେକ ବର୍ଷ ପର୍ଯ୍ୟନ୍ତ ଏହାର କୁପ୍ରଭାବ ଶୈକ୍ଷିକ ବାତାବରଣରେ ପରିଲକ୍ଷିତ ହେବ ।

ନକଲି କଳା-କୁଶଳତାର ପ୍ରମାଣପତ୍ର କେବଳ କ୍ଷଣିକ ଆତ୍ମସନ୍ତୁଷ୍ଟି ଦେଇପାରେ । କିନ୍ତୁ ଆପଣଙ୍କ କାରଖାନାର ଉତ୍ପାଦ ଏତେ ନିମ୍ନମାନର ହେବ ଯେ ତାହା ମୋଟ ଗଛକୁ ଘାସସମ ଛୋଟ ତୁଲ୍ୟ । ନା ଏମାନେ ନିଜ ମେଧାବଳରେ ନିଯୁକ୍ତି ପାଇପାରିବେ ନା ନିଯୁକ୍ତିର ସୁଯୋଗ ସୃଷ୍ଟି କରିପାରିବେ । ଏମାନଙ୍କୁ ନେଇ ଆତ୍ମନିର୍ଭର ଭାରତର ସ୍ୱପ୍ନ ଦେଖିହେବ ତ? ନୋବେଲ ବିଜେତା ନେଲସନ୍ ମାଣ୍ଡେଲାଙ୍କ ଉକ୍ତିର ଅନୁବାଦରେ - 'ଯଦି ତୁମେ କୌଣସି ଏକ ଦେଶକୁ ନଷ୍ଟ କରିବାକୁ ଚାହୁଁଛ, ତା'ହେଲେ ତା'ର ଶିକ୍ଷା ବ୍ୟବସ୍ଥାକୁ ନିମ୍ନମାନର କରିଦିଅ ।' ତେଣୁ ଖାଲି ଆଦର୍ଶ ବିଦ୍ୟାଳୟ ଖୋଲିଦେଲେ ଶିକ୍ଷାବ୍ୟବସ୍ଥା ଯେ ସୁଧୁରିଯିବ ତା' ନୁହେଁ, ବରଂ ଶୈକ୍ଷିକ ଢାଞ୍ଚାରେ ଆଦର୍ଶଗତ ପରିବର୍ତ୍ତନ କରା ନ ଗଲେ ଆଉ ଏହିପରି ଶୈକ୍ଷିକ-ଦିବ୍ୟାଙ୍ଗମାନଙ୍କ ହାତରେ ଶିକ୍ଷାର ବିକାଶକୁ ଟେକିଦେଲେ ଓଡ଼ିଆ ଜାତିର ଉଚ୍ଚାକାଂକ୍ଷା ପୂର୍ତ୍ତି ସୁଦୂର ପରାହତ ହେବ ।

(ପ୍ରାକ୍ତନ ଅଧ୍ୟକ୍ଷ, କୃଷି ମହାବିଦ୍ୟାଳୟ)
ଭବାନୀପାଟଣା, ମୋ: ୮୧୪୪୦୬୬୦୧୬

## ଜଟିଆ ବାବା ମଠ

### ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଜଟିଆ ବାବା ମଠର ପ୍ରତିଷ୍ଠାତା ଜଟିଆ ବାବାଙ୍କର ପ୍ରକୃତ ନାମ ଥିଲା ବିଜୟକୃଷ୍ଣ ଗୋସ୍ୱାମୀ । ସେ ବଙ୍ଗପ୍ରଦେଶର ନଦିଆ ଜିଲ୍ଲାର ଶାନ୍ତିପୁରର ମୂଳ ବାସିନ୍ଦା ଥିଲେ । ତାଙ୍କର ବାପା ଆନନ୍ଦ ଚନ୍ଦ୍ର ଗୋସ୍ୱାମୀ ଚୈତନ୍ୟ ମହାପ୍ରଭୁଙ୍କ ପ୍ରମୁଖ ଶିଷ୍ୟ ଅଦ୍ୱୈତଙ୍କ ବଂଶଧର ଥିଲେ । ବିଜୟକୃଷ୍ଣଙ୍କ ଜନ୍ମ ବିଷୟରେ ଏକ ରୋଚକ କିମ୍ବଦନ୍ତୀ ଶୁଣିବାକୁ ମିଳେ । କୁହାଯାଏ ଯେ ବିବାହର ଅନେକ ବର୍ଷ ପର୍ଯ୍ୟନ୍ତ ଆନନ୍ଦ ଚନ୍ଦ୍ର ଅପୁତ୍ରିକ ଥିଲେ । ଗୋଟିଏ ପୁତ୍ର କାମନା କରି ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶରଣାପନ୍ନ ହେଲେ । ମହାପ୍ରଭୁଙ୍କ ଦର୍ଶନ ପାଇଁ ସେ ଗାଆଁରୁ ଦଣ୍ଡ ମାରି ମାରି ଶ୍ରୀକ୍ଷେତ୍ର ଆଗମନ କରି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ତାଙ୍କ ଭକ୍ତି ଓ ନିଷ୍ଠାରେ ସନ୍ତୁଷ୍ଟ ହୋଇ ମହାପ୍ରଭୁ ତାଙ୍କୁ ଗୋଟିଏ ପୁତ୍ର ସନ୍ତାନ ପ୍ରାପ୍ତି ପାଇଁ ବରଦାନ କରିଥିଲେ । ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ୧୨୪୮ ମସିହା ଝୁଲଣ ପୂର୍ଣ୍ଣିମା ଦିନ ବିଜୟକୃଷ୍ଣ ଜନ୍ମ ଗ୍ରହଣ କରିଥିଲେ ।

ବିଜୟକୃଷ୍ଣ ଜୀବନର ପ୍ରଥମ ଭାଗରେ ଗୃହୀ ଥିଲେ ଏବଂ ଶିଷ୍ୟମାନଙ୍କୁ ବୈଷ୍ଣବ ଦୀକ୍ଷା ଦେଇ ସେମାନଙ୍କଠାରୁ ପାଉଥିବା ଦାନଦକ୍ଷିଣାରେ ପରିବାର ପ୍ରତିପୋଷଣ କରୁଥିଲେ । ଥରେ ତାଙ୍କର ଜଣେ ଶିଷ୍ୟ ଭବସାଗରରୁ ପାର ହେବା ପାଇଁ ଉପାୟ ନିର୍ଦ୍ଦେଶ କରିବାକୁ ଅନୁରୋଧ କଲେ । କିନ୍ତୁ ଶିଷ୍ୟଙ୍କର ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଗୁରୁଙ୍କ ପାଖରେ ନ ଥିଲା । ଉତ୍ତର ଅନ୍ୱେଷଣରେ ବିଜୟକୃଷ୍ଣ ଆଚାର୍ଯ୍ୟ ବେଦାନ୍ତ ଦର୍ଶନ ଅଧ୍ୟୟନ କଲେ । ବେଦାନ୍ତ ଦର୍ଶନର 'ଅହଂ ବ୍ରହ୍ମୋସ୍ମି' ବାକ୍ୟଖଣ୍ଡ ତାଙ୍କ ମନକୁ ଆନ୍ଦୋଳିତ କରିବାରୁ ସେ ବ୍ରାହ୍ମ ସମାଜରେ ଯୋଗ ଦେଲେ । କିଛିବର୍ଷ ପରେ ବ୍ରାହ୍ମ ସମାଜର ନୀତି ତାଙ୍କୁ ଭଲ ନ ଲାଗିବାରୁ ପୁଣି ସନ୍ନ୍ୟାସ ଗ୍ରହଣ କଲେ । ଏହାପରେ ସଦ୍‌ଗୁରୁ ସନ୍ଧାନରେ ବିଜୟକୃଷ୍ଣ ସାରା ଭାରତ ଭ୍ରମଣ କଲେ । ଶେଷରେ ଗୟା ତୀର୍ଥବାସ ସମୟରେ ସିଦ୍ଧ ସାଧକ ବ୍ରହ୍ମାନନ୍ଦ ପରମହଂସଙ୍କୁ ଗୁରୁ ପଦରେ ବରଣ କରି ତାଙ୍କଠାରୁ ଦୀକ୍ଷା ଗ୍ରହଣ କଲେ । ସମୟକ୍ରମେ ଗୁରୁଙ୍କ ନିର୍ଦ୍ଦେଶକ୍ରମେ ବିଜୟକୃଷ୍ଣ ବୈଷ୍ଣବ ଦୀକ୍ଷା ଦେବା ଆରମ୍ଭ କରିବାରୁ ଅଳ୍ପଦିନ ଭିତରେ ହଜାର ହଜାର ଶିଷ୍ୟ ତାଙ୍କଠାରୁ ଦୀକ୍ଷା ଗ୍ରହଣ କଲେ ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ବିଜୟକୃଷ୍ଣଙ୍କୁ ପୁତ୍ର ରୂପେ ପାଇ ଥିବାରୁ ମାଆ ତାଙ୍କୁ ଶ୍ରୀକ୍ଷେତ୍ର ଯିବା ପାଇଁ ବାରଣ କରିଥିଲେ । କାରଣ ସେ ବୋଧହୁଏ ବିଶ୍ୱାସ କରୁଥିଲେ ଯେ ପୁଅ ଥରେ ଜଗନ୍ନାଥ ଧାମକୁ ଗଲେ ମହାପ୍ରଭୁଙ୍କ ମହିମା ଓ ମାହାତ୍ମ୍ୟରେ ପ୍ରଭାବିତ ହୋଇ ଆଉ ଘରକୁ ଫେରିବ ନାହିଁ । କିନ୍ତୁ ସନ୍ନ୍ୟାସୀ ବିଜୟକୃଷ୍ଣ ମାଆଙ୍କ ବାରଣ ସତ୍ତ୍ୱେ ମହାପ୍ରଭୁଙ୍କ ଆକର୍ଷଣରେ ଟାଣି ହୋଇ ନୀଳାଚଳରେ ଆସି ପହଞ୍ଚିଲେ । ସେ ପରିଣତ ବୟସରେ ଶ୍ରୀକ୍ଷେତ୍ର ଆସିଥିବାରୁ ମାଆଙ୍କ ଦେହାନ୍ତ ପରେ ସେ ନୀଳାଚଳ ଆସିଥିବା ପରି ମନେହୁଏ । ଶ୍ରୀକ୍ଷେତ୍ରରେ ପହଞ୍ଚିବା ପରେ ବାକି ଜୀବନ ମହାପ୍ରଭୁଙ୍କ ସେବାରେ ଅତିବାହିତ କରିବା ପାଇଁ ନିଷ୍ପତ୍ତି ନେଇ ପ୍ରଥମେ ବଡ଼ଦାଣ୍ଡରେ ଏକ ଘର ଭଡ଼ାନେଇ ରହିଲେ । କ୍ଷେତ୍ରରେ ଅନେକ ଜନହିତକର ଓ ସଂସ୍କାରମୂଳକ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ସେ ପ୍ରଭୂତ ଲୋକପ୍ରିୟତା ଅର୍ଜନ କଲେ । ତାଙ୍କ ମୁଣ୍ଡରେ ଅନେକ ଲମ୍ବା ଜଟ ଥିଲା । ତେଣୁ ଶିଷ୍ୟ, ସେବକ ଓ କ୍ଷେତ୍ରବାସୀମାନେ ତାଙ୍କୁ ଶ୍ରଦ୍ଧାରେ 'ଜଟିଆ ବାବା' ବୋଲି ସମ୍ବୋଧନ କରିବାକୁ ଲାଗିଲେ । ପରବର୍ତ୍ତୀ ସମୟରେ ତାଙ୍କର ମୂଳ ନାଆଁ ଜନ ସାଧାରଣଙ୍କ ମନରୁ ହଜିଗଲା ।

ଅନ୍ୟ ଏକ କିମ୍ବଦନ୍ତୀ ଅନୁସାରେ ପୁରୀରେ ତାଙ୍କର ଲୋକପ୍ରିୟତା ଏତେ ବଢ଼ିଗଲା ଯେ ଅନେକ ଲୋକ ତାଙ୍କୁ ଈର୍ଷା କରିବାକୁ ଲାଗିଲେ । କ୍ରମଶଃ ଏହି ଈର୍ଷା ଘୃଣାରେ ପରିଣତ ହେଲା ଏବଂ ତାଙ୍କୁ ହତ୍ୟା କରିବା ପାଇଁ ଯୋଜନା କରାଗଲା । ଥରେ ବାବା ସେବା କରିବାକୁ ଥିବା ମହାପ୍ରସାଦରେ ଷଡ଼ଯନ୍ତ୍ରକାରୀମାନେ ବିଷ ମିଶେଇ ଦେଲେ । ବାବା ସେ କଥା ଜାଣି ପାରିଥିଲେ ମଧ୍ୟ ମହାପ୍ରସାଦର ପବିତ୍ରତାରେ ତାଙ୍କର ପ୍ରଗାଢ଼ ବିଶ୍ୱାସ ଥିଲା । ତେଣୁ ସେ ବିଷମିଶା ମହାପ୍ରସାଦ ଆନନ୍ଦରେ ସେବନ କଲେ । ମହାପ୍ରଭୁଙ୍କ କରୁଣାରୁ ବିଷ ତାଙ୍କ ଶରୀରରେ କୌଣସି ପ୍ରଭାବ ପକେଇ ପାରି ନ ଥିଲା ।

ସେତେବେଳେ ନରେନ୍ଦ୍ର ସରୋବରର ଉତ୍ତର ଦିଗରେ ଥିବା ନିଘଞ୍ଚ ଅରଣ୍ୟରେ ବାବା ଆଶ୍ରମ ନିର୍ମାଣ କରି ବାସ କରିବାକୁ ଲାଗିଲେ । ଶିଷ୍ୟମାନେ ଏହି ସୂଚନା ପାଇବା ପରେ ବହୁ ଅର୍ଥ ଦାନ ଓ ଦକ୍ଷିଣା ସ୍ୱରୂପ ପଠାଇଲେ । ସେ ଅର୍ଥର ବିନିଯୋଗ କରି ବାବାଙ୍କ ଆଶ୍ରମ ଏକ ବିରାଟ ଅନୁଷ୍ଠାନରେ ପରିଣତ ହେଲା ଏବଂ ଭକ୍ତମହଲରେ 'ଜଟିଆ ବାବା ମଠ' ରୂପେ ଖ୍ୟାତିଲାଭ କଲା ।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ବାରିପଦାରେ ଟ୍ରାଇବାଲ୍ ଥିଏଟର ସେଣ୍ଟର ଉଦ୍‌ଘାଟିତ

ବାରିପଦା,୨୩।୧୨(ସମିସ): ସ୍ଥାନୀୟ ମୁର୍ଗାବାଡିରେ ସାନ୍ତାଳୀ ଆର୍ଟ ଆଣ୍ଡ ଫିଲ୍ମ ଡେଭେଲପମେଣ୍ଟ ଫାଉଣ୍ଡେସନର ନବନିର୍ମିତ ଟ୍ରାଇବାଲ ଥିଏଟର ସେଣ୍ଟର ଉଦ୍‌ଘାଟିତ ହୋଇଛି। ସମନ୍ୱିତ ଆଦିବାସୀ ବିକାଶ ପରିଷଦ ଦ୍ୱାରା ନିର୍ମିତ ଏହି ସେଣ୍ଟରକୁ ପୂର୍ବତନ ମନ୍ତ୍ରୀ ତଥା ଫାଉଣ୍ଡେସନର ମୁଖ୍ୟ ପୃଷ୍ଠପୋଷକ ସରୋଜିନୀ ହେମ୍ବ୍ରମ ଓ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମିଳିତ ଭାବେ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଦୀପକ ବେଶ୍ରା, ସମ୍ପାଦକ ଅନ୍ତା ଆଲୋକ ବାସ୍କେ, କୋଷାଧ୍ୟକ୍ଷ ନରେନ୍ଦ୍ର ମାଝୀ ଓ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସିଡିପିଓ ବିଡୁ ଟୁଡୁ, ପାୱାର ଫାଇନାନ୍ସ କର୍ପୋରେସନ ଲିମିଟେଡର ପୂର୍ବତନ ସିଜିଏମ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ଟିଟିଆଇ ତକତପୁରର ଅଧ୍ୟକ୍ଷ କାନ୍ଦନ ମାଝୀ, ସାମାଜିକ କର୍ମୀ ଫୁଲମଣୀ ହେମ୍ବ୍ରମ, ଫଗୁ ଚରଣ ମାର୍ଣ୍ଡି, ଗାୟିକା ବୁଲବୁଲି ହେମ୍ବ୍ରମ ଓ ସଂଗୀତ ନିର୍ଦ୍ଦେଶିକା ମିସ ହିସି ମୁର୍ମୁ ଉପସ୍ଥିତ ଥିଲେ। ସନ୍ଧ୍ୟାରେ



ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପିକା ଡଃ ରାଇମଣି ମାର୍ଣ୍ଡିଙ୍କ ଉପସ୍ଥିତିରେ ଟ୍ରାଇବାଲ ଥିଏଟର ସେଣ୍ଟରରେ ଚଳଚ୍ଚିତ୍ର ପ୍ରଦର୍ଶନର ଉଦଘାଟନ କରିଥିଲେ। ଏହି ସେଣ୍ଟର ଆଗାମୀ ଦିନରେ ଆଦିବାସୀ କଳା, ସଂସ୍କୃତି, ନାଟକ ଓ ସିନେମା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ପ୍ରତିଷ୍ଠାତା ଶ୍ରୀ ବେଶ୍ରା ପ୍ରକାଶ କରିଛନ୍ତି। ରାମଚନ୍ଦ୍ର ବେଶ୍ରା, ସୁମି ହାଁସଦା ବେଶ୍ରା, ସୁମାଲି ହେମ୍ବ୍ରମ୍, ଅର୍ଜୁନ୍ ସୋରେନ, ପଦ୍ମପ୍ରିୟା ସୋରେନ୍, ପାର୍ବତୀ ସୋରେନ, ଜାନକୀ ଦେବୀ ମୁର୍ମୁ, ସତ୍ୟନାରାୟଣ ହେମ୍ବ୍ରମ, ଡାଙ୍ଗି ସୋରେନ୍, ଅର୍ଜୁନ ବେଶ୍ରା, ରିକି ହାଁସଦା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିସ୍ଫୋରକ ଖାଇ କ୍ଷତାକ୍ତ ହାତୀ ମୃତ

# ଲୁଚେଇ ପୋତିଦେଲେ

ବାରିପଦା, ୨୩।୧୨(ସମିସ): ବିସ୍ଫୋରକ ମିଶା ଖାଦ୍ୟ ଖାଇ ଗୁରୁତର ୭/୮ ବର୍ଷର ଚିକିତ୍ସାଧୀନ ମାଈ ହାତୀ ଶେଷରେ ଆଖି ବୁଝୁଛି। ୯ଦିନ ଧରି ଡାକ୍ତରୀ ଦଳ ଅକ୍ଳାନ୍ତ ପରିଶ୍ରମ କରିବା ପରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ହାତୀଟି ୪ଦିନ ପୂର୍ବରୁ ଅର୍ଥାତ୍ ୨୦ତାରିଖରେ ଆଖି ବୁଜିଛି। ଅତ୍ୟଧିକ ସଂକ୍ରମଣ ଓ ହାତୀର ଜିଭ ୮୦ପ୍ରତିଶତ ଛିଡ଼ିଯାଇଥିବାରୁ ଖାଦ୍ୟ ଖାଇ ନପାରି ତା'ର ଜୀବନ ଯାଇଛି। ତେବେ ମୃତ୍ୟ ପରେ ବନ ବିଭାଗ ଗଣମାଧ୍ୟମକୁ ନ ଜଣାଇ ଲୁଚାଛପାରେ ଅନ୍ତିମ ସଂସ୍କାର କରିଦିଆଯାଇଛି। ହାତୀର ଏଭଳି ଅବସ୍ଥା କିପରି ହେଲା ବା କିଏ ଦାୟୀ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରିନଥିବାରୁ ପରିବେଶବିତଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି। କୌଣସି ସୂଚନା ନଦେଇ ତରବରିଆ ଭାବେ ବ୍ୟବଚ୍ଛେଦ କରି ଫାଇଲ ବନ୍ଦ କରିବା ତଦନ୍ତସାପେକ୍ଷ।

ସୂଚନାଯୋଗ୍ୟ, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା ମଧ୍ୟରେ ଝାଡଖଣ୍ଡରୁ ପଶ୍ଚିମବଙ୍ଗ ହୋଇ ଆସିଥିବା ହାତୀପଲ ଚଳପ୍ରଚଳ କରୁଥିବା ସମୟରେ ଏହି ମାଈହାତୀ ଗୁରୁତର ଅବସ୍ଥାରେ ଘୁରି ବୁଲୁଥିବା ଦେଖାଯାଇଥିଲା। ଖାଦ୍ୟ ପାନୀୟ ଗ୍ରହଣ କରି ନପାରି ଏଣେତେଣେ ଦୌଡୁଥିବାରୁ ବନବିଭାଗ ଗତ ୧୧ତାରିଖ ହାତୀଟିକୁ ଉଦ୍ଧାର କରିଥିଲା। ହାତୀକୁ ଟ୍ରାଙ୍କୁଲାଇଜ୍ କରି ଶିମିଳିପାଳ ଜାତୀୟ ଉଦ୍ୟାନ ଉତ୍ତର ଡିଭିଜନ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧୀନରେ ଥିବା ତାଳବନ୍ଧ ରେଞ୍ଜ କାନଛିଣ୍ଡା ପ୍ରାଣୀ ଚିକିତ୍ସାଳୟରେ ରଖାଯାଇ ଚିକିତ୍ସା କରାଯାଉଥିଲା। ହାତୀର ଏକ-ତୃତୀୟାଂଶ ଜିଭ ଛିଡି ଯାଇଥିବା ବେଳେ ପାଟିରେ ଅତ୍ୟଧିକ ସଂକ୍ରମଣ ହୋଇଯାଇଥିଲା। ଦୁଇ ଜଣ ଡାକ୍ତର ହାତୀଟିର ଚିକିତ୍ସାର ୯ଦିନ ପରେ ହାତୀଟି ଆଖି ବୁଜିଥିଲା।

■ ୧୯ ବର୍ଷ ପରେ ମହିଳାଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ହାଇକୋର୍ଟଙ୍କ ରାୟ

# ଅଭିଯୁକ୍ତକୁ ଆଜୀବନ ଜେଲ

କଟକ,୨୩।୧୨(ସମିସ): ଜନୈକା ମହିଳାଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ନିମ୍ନ ଅଦାଲତ ପ୍ରଦାନ କରିଥିବା ରାୟକୁ ଚାଲେଞ୍ଜ କରି ଦୁଇ ଅଭିଯୁକ୍ତଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଦୀର୍ଘ ୧୯ ବର୍ଷ ପରେ ରାୟ ପ୍ରକାଶ କରିଛନ୍ତି ହାଇକୋର୍ଟ। କାଠୁ କାରୁଆ ଓ ରମେଶ ଆପଟଙ୍କ ତରଫରୁ ଗତ ୨୦୦୫ରେ ରୁଜୁ ଆବେଦନର ଏକତ୍ର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଚିତ୍ତରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ରାୟ ପ୍ରକାଶ କରିଛନ୍ତି । ଚମ୍ପୁଆ ଆଡହକ ଅତିରିକ୍ତ ଦୌରା ଅଦାଲତ ଗତ ୨୦୦୫ ଅକ୍ଟୋବର୬ରେ ଅଭିଯୁକ୍ତ କାଠୁ କାରୁଆକୁ ପ୍ରଦାନ କରିଥିବା ଆଜୀବନ ଜେଲ ଦଣ୍ଡାଦେଶକୁ କାଏମ ରଖିଛନ୍ତି ହାଇକୋର୍ଟ। ଅନ୍ୟପଟରେ ଅଭିଯୁକ୍ତ ରମେଶଙ୍କୁ ପ୍ରଦାନ କରାଯାଇଥିବା ଆଜୀବନ ଜେଲ ଦଣ୍ଡାଦେଶକୁ ହାଇକୋର୍ଟ ରଦ୍ଦ କରିବା ସହ ସାକ୍ଷୀ ପ୍ରମାଣ ଅଭାବରୁ ଦୋଷମୁକ୍ତ କରିଛନ୍ତି । ମାମଲାରୁ ପ୍ରକାଶ ଯେ, ଗତ ୨୦୦୨ ଅଗଷ୍ଟ୨୩ରେ ଯୋଡା ଥାନା ଅନ୍ତର୍ଗତ କମରଯୋଡା ପୋଖରୀ ନିକଟରେ ଜଣେ ମହିଳାଙ୍କୁ ଗଣଦୁଷ୍କର୍ମ ଓ ହତ୍ୟା କରାଯାଇଥିବା ନେଇ ଯୋଡା ଥାନାରେ ମୃତକଙ୍କ ଭିଣୋଇ ପବିତ୍ର ନାୟକ ଏକ ଏତଲା ଦେଇଥିଲେ । ୨୦୦୨ ଅଗଷ୍ଟ୨୨ରେ ମୃତକ ମହିଳା ଜଣଙ୍କ ଦୁଇ ପିଲାଙ୍କୁ ଘରେ ଛାଡି ତାଙ୍କର ଜନୈକ ଭାଇଙ୍କୁ ରାଖୀ ବାନ୍ଧିବା ପାଇଁ କମାରଜୋଡା ଯାଇଥିଲେ । କିନ୍ତୁ ସେ ଘରକୁ ଫେରି ନଥିଲେ। ପର ଦିନ କମାରଜୋଡା ଜଳାଶୟ ଧାର ତଳେ ତାଙ୍କର କ୍ଷତାକ୍ତ ମୃତଦେହ ମିଳିଥିଲା। ପୁଲିସ ଏହି ଘଟଣାରେ ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିଲା। ଗତ ୨୦୦୫ ଅକ୍ଟୋବର୬ରେ ଚମ୍ପୁଆ ଆଡହକ ଅତିରିକ୍ତ ଦୌରା ଅଦାଲତ ଦୁଇ ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ପ୍ରଦାନ କରିଥିଲେ।

■ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ପଦ ଖାଲି ପଡ଼ିବା ପ୍ରସଙ୍ଗ

# କେତେ ଶିକ୍ଷକଙ୍କୁ ସିଆରସିସି ନିଯୁକ୍ତ କରାଯାଇଛି ଜଣାଅ: ହାଇକୋର୍ଟ

କଟକ,୨୩।୧୨(ସମିସ): ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ସଂକଟ ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଆଜି ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଛନ୍ତି। ଶିକ୍ଷା ଅଧିକାର ଆଇନ ଅନୁସାରେ ସ୍କୁଲରେ ଶିକ୍ଷକ ଛାତ୍ର ଅନୁପାତ ରହୁ ନଥିବା ଓ ଶିକ୍ଷକମାନଙ୍କୁ ସିଆରସିସି ନିଯୁକ୍ତ କରାଯାଉଥିବା ଯୋଗୁଁ ଶିକ୍ଷାଦାନ ପ୍ରଭାବିତ ହେଉଥିବା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ଜବାବ ତଲବ କରିଛନ୍ତି। ରାଜ୍ୟରେ କେତେ ପ୍ରାଥମିକ ଶିକ୍ଷକଙ୍କୁ ସିଆରସିସି ଭାବେ ନିୟୋଜିତ କରାଯାଇଛି ଓ ସେମାନେ ଶିକ୍ଷାଦାନ କରୁନାହାନ୍ତି; ସେ ସମ୍ପର୍କରେ ସତ୍ୟପାଠ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଧାନମଣ୍ଡଳ ଗ୍ରାମଦ୍ୟୋଗ ସଂଗଠନ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ କଟକ ଜିଲ୍ଲା ଧାନମଣ୍ଡଳ ନୋଡାଲ ୟୁପି ସ୍କୁଲରେ ବାଲ୍ ବାଟିକା ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୧୨ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଏଠାରେ ପ୍ରଧାନ ଶିକ୍ଷକଙ୍କ ସମେତ ମାତ୍ର ୩ଜଣ ଶିକ୍ଷକ ଅଛନ୍ତି। ଏଭଳି ସ୍ଥିତିରେ ଶିକ୍ଷାଦାନ ଗଭୀର ପ୍ରଭାବିତ ହେଉଛି। ନିର୍ଦ୍ଦିଷ୍ଟ ବିଷୟ ପାଇଁ ଶିକ୍ଷକ ନାହାନ୍ତି। ଏଥିସହ ଶିକ୍ଷକଙ୍କୁ ସିଆରସିସି ଦାୟିତ୍ୱ ଦିଆଯାଉଛି ଓ ସେମାନେ ପାଠ ପଢ଼ାଉନଥିବାରୁ ଶିକ୍ଷାଦାନ ପ୍ରଭାବିତ ହୋଇଛି। ଶିକ୍ଷା ଅଧିକାର ଆଇନ ଅନୁସାରେ ଏହା ଉଚିତ ନୁହେଁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ରାଜ୍ୟରେ ଏଭଳି ୧ହଜାର ଶିକ୍ଷକ ସିଆରସିସି ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି, ଯାହାଦ୍ୱାରା ଶିକ୍ଷାଦାନ ପ୍ରଭାବିତ ହେଉଛି ବୋଲି ଆବେଦନରେ ଦର୍ଶାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

# ନିଷେଧାଦେଶ କାର୍ଯ୍ୟକାରୀ ନିମନ୍ତେ ପୁଲିସ ସହାୟତା ଆଦେଶ ପ୍ରଦାନ କରିପାରିବେ ଦେୱାନୀ ଅଦାଲତ : ହାଇକୋର୍ଟ

କଟକ,୨୩।୧୨(ସମିସ): ଅଦାଲତ ଦ୍ୱାରା ଜାରି ନିଷେଧାଜ୍ଞା(ଇନଜକ୍ସନ)ଆଦେଶକୁ କାର୍ଯ୍ୟକାରୀ କରିବା ନିମନ୍ତେ ପୁଲିସ ସହାୟତା ପାଇଁ ଆଦେଶ ପ୍ରଦାନ କରିପାରିବେ ଦେୱାନୀ ଅଦାଲତ। ସୟଦ ଏକାମ୍ର ଶାହାଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଶଶୀକାନ୍ତ ମିଶ୍ର ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଯଦିଓ ଏଥିପାଇଁ ସିଭିଲ୍ ପ୍ରୋସିଜିଓର କୋଡ୍ (ସିପିସି)ରେ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନାହିଁ ତଥାପି ଧାରା ୧୫୧ଅନୁଯାୟୀ ପୁଲିସ ସହାୟତା ପାଇଁ ଦେୱନୀ ଅଦାଲତ ଏହାର ଅନ୍ତର୍ନିହିତ କ୍ଷମତା ବ୍ୟବହାର କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି। ପୁଲିସ ସହାୟତା ପାଇଁ ହୋଇଥିବା ଆବେଦନକୁ ପ୍ରତ୍ୟାଖ୍ୟାନ କରି ଭଦ୍ରକ କନିଷ୍ଠ ଦେୱାନୀ ଅଦାଲତର ଆଦେଶକୁ ଖାରଜ କରିଦେଇଛନ୍ତି ହାଇକୋର୍ଟ । ଏଥିସହ ଆବେଦନକାରୀଙ୍କର ଘର ନିର୍ମାଣ ପାଇଁ ଆବଶ୍ୟକ ସହାୟତା ପ୍ରଦାନ ପାଇଁ ପୁଲିସକୁ ଆଦେଶ ପ୍ରଦାନ ପାଇଁ ନିମ୍ନ ଅଦାଲତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମାମଲାରୁ ପ୍ରକାଶ ଯେ, ଆବେଦନକାରୀଙ୍କ ସପକ୍ଷରେ ଅଦାଲତଙ୍କ ଇନଜକ୍ସନ ଆଦେଶ ସତ୍ତ୍ୱେ ପ୍ରତିପକ୍ଷ ମାନେ ନିର୍ମାଣ କାର୍ଯ୍ୟ ଆଗକୁ ବଢ଼ାଇବାକୁ ଅନୁମତି ଦେଇନଥିଲେ ଓ ଅର୍ଦ୍ଧନିର୍ମିତ



କୋଠାକୁ ଭାଙ୍ଗିବାକୁ ଧମକ ଦେଇଥିଲେ। ଆବେଦନକାରୀ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ପାଇଁ ପୁଲିସକୁ ଅନୁରୋଧ କରିଥିଲେ କିନ୍ତୁ ସିଭିଲ୍ କୋର୍ଟଙ୍କ କିଛି ନିର୍ଦ୍ଦେଶ ନଥିବାରୁ ଆଇଆଇସି କୌଣସି ସହାୟତା ମନା କରି ଦେଇଥିଲେ । ଆବେଦନକାରୀଙ୍କ ପକ୍ଷରୁ ପୁଲିସକୁ ଆବଶ୍ୟକ ସହାୟତା ପାଇଁ ନିର୍ଦ୍ଦେଶ ପାଇଁ ଅଦାଲତରେ ପ୍ରାର୍ଥନା କରାଯାଇଥିଲା। କିନ୍ତୁ, ଏପରି ଆବେଦନକୁ ଅଦାଲତ ଖାରଜ କରିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଅନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସମୂହ ଗଛକଟା

# ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଭଞ୍ଜସେନାର ବିକ୍ଷୋଭ




ବାରିପଦା,୨୩।୧୨(ସମିସ): ପାଲବଣିଠାରେ ପ୍ରସ୍ତାବିତ ଅନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ବ୍ୟାପକ ଗଛକଟା ପ୍ରତିବାଦରେ ଭଞ୍ଜସେନା ପକ୍ଷରୁ ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ବହୁ ଯୁବ କର୍ମୀ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଯେପର୍ଯ୍ୟନ୍ତ ମୟୂରଭଞ୍ଜ ମାଟି ମା'କୁ ଲୁଣ୍ଠନ କରାଯାଉଥିବ ଓ ବାରିପଦା ସବୁଜିମା ନ ହେବ, ସେପର୍ଯ୍ୟନ୍ତ ଭଞ୍ଜସେନା ବିରୋଧ ପାଇଁ ପଛଘୁଞ୍ଚା ଦେବନାହିଁ ବୋଲି ଚେତାବନୀ ଦିଆଯାଇଛି।

ଭଞ୍ଜସେନା ପକ୍ଷରୁ ଅଭିଯୋଗ କରାଯାଇଛି ଯେ କେତେକ ପ୍ରଭାବଶାଳୀ ଲୋକଙ୍କୁ ସରକାରୀ ଜାଗା ଲିଜ୍ ସୂତ୍ରରେ ବହୁମାତ୍ରାରେ ଯୋଗାଇବା ପାଇଁ ସେଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜାଗା ଚୟନ କରାଯାଇଛି। ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସହର ନିକଟରେ ବହୁ ସରକାରୀ ଜାଗା ଥିବା ସତ୍ତ୍ୱେ ପାଲବଣୀ ଅଞ୍ଚଳରୁ ପାଖାପାଖି ଥିବା ୨୭୦୦ରୁ ଅଧିକ ଗଛ କଟାଯାଉଛି। ଏ ବାବଦରେ ଗଣମାଧ୍ୟମରେ ଖବର ପ୍ରକାଶ ପରେ ମଧ୍ୟ ସରକାର ଚୁପ୍ ରହିବା ଦୁର୍ଭାଗ୍ୟଜନକ। ୪/୫ ମାସ ତଳେ ଏହି ଘଟଣାରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଭଞ୍ଜସେନା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହା ସ୍ୱତ୍ତେ ହଜାରହଜାର ଗଛ କାଟି ବସଷ୍ଟାଣ୍ଡ କରିବାର ଜିଦ୍ ପ୍ରକୃତରେ ପ୍ରଭାବଶାଳୀ ଲୋକଙ୍କୁ ସରକାରୀ ଜାଗା ପ୍ରଦାନ ପାଇଁ ଜିଲ୍ଲା ପ୍ରଶାସନ ପ୍ରତ୍ୟକ୍ଷ ସହଯୋଗ କରୁଛି ବୋଲି ଭଞ୍ଜସେନା ଅଭିଯୋଗ କରିଛି।

ବାରିପଦା ସହର ବିଶ୍ୱର ଉତ୍ତପ୍ତ ସହର ଭାବେ ମାନ୍ୟତା ପାଇଥିବା ବେଳେ ଏପରି କାର୍ଯ୍ୟକଳାପ ଚିନ୍ତାଜନକ। ଏନେଇ 'ଏକ୍ସ'ରେ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଜିଲ୍ଲା ପ୍ରଶାସନ ଓ ମୁଖ୍ୟମନ୍ତ୍ରୀଙ୍କୁ ଏକ ପ୍ରସ୍ତାବ ଦେଇଛନ୍ତି। ବାରିପଦା ସହର ଓ ଆଖପାଖ ଅଞ୍ଚଳରେ ୧୦ରୁ ୧୨ ଫୁଟ ଉଚ୍ଚତା ବିଶିଷ୍ଟ ଗଛ ରୋପଣ ପାଇଁ ଅନୁରୋଧ କରିଛନ୍ତି।

ଆଜିର ଏହି ବିକ୍ଷୋଭରେ ଆବାହକ ରାକେଶ ବେହେରା, ଯୁବ ସଭାପତି ଏସକେ ରାଜା ଖାନ, ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି, ସଞ୍ଜୟ ମହାର୍ଣ୍ଣା, ରାଜା ଖାନ, ସଞ୍ଜୟ ମହାନ୍ତ, ସୁନୀଲ ମହାପାତ୍ରଙ୍କ ସହ ଏକ ହଜାରରୁ ଅଧିକ କର୍ମୀ ଉପସ୍ଥିତ ଥିଲେ।

**AFFIDAVIT**

By virtue of an Affidavit before Notary Public, Malkangiri, **I, Bhimsen Sondhi,** aged about 31 Years, S/o: Singa Sondhi, resident of village: Lugel, P.O.: Lachipeta, P.S.: M.V-79, Dist.: Malkangiri, Odisha, declare by this Affidavit No.:2086/2025, Dated:23/12/2025 that I have changed my name from Sondhi Bhimsen to Bhimsen Sondhi . Henceforth I shall be known as **Bhimsen Sondhi** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, **I, Kausalya Kabasi,** aged about 22 Years, D/o: Sambaru Kabasi, resident of village: Telimeta, PO.: Jharapalli, P.S./Dist.: Malkangiri, Odisha, declare by this Affidavit No.:2087/2025, Dated:23/12/2025 that I have changed my name from Koushalya Kabasi to Kausalya Kabasi. Henceforth I shall be known as **Kausalya Kabasi** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Dhenkanal dated 10.10.2025, I MAMATAMANJARI ROUT, At KENDUDHIPA, P.O. – DIGI, P.S.- KAMAKHYANAGAR, Dist.- DHENKANAL- 759023 declare that I have changed my name from MAMATA MANJARI JENA to MAMATAMANJARI ROUT. Henceforth I shall be known as **MAMATAMANJARI ROUT** for all purposes.

**AFFIDAVIT**

I, **Faruque Razvi Shaikh,** S/o: Abdul Quddus Shaikh, resident of Mojahitnagar, Dhamnagar, Bhadrak, Odisha, Pin-756117, declare by this affidavit No.: 1693, dated: 22.12.2025, that now onwards I shall be known as **Sk Faruque Razvi** for all future purposes.

**AFFIDAVIT**

By Virtue of an affidavit sworn before Executive Magistrate, Khordha, dtd-10/07/2025. Affidavit No-2109, I **Upendra Prusty,** resident of At/Post- Tirimal, Ps- Jatni, Dist- Khordha, Pin-752050, Odisha declare that my Minor daughter name from **Priya Prusty to Priyanka Prusty.** Henceforth, she shall be known as **Priyanka Prusty** for all purposes.

**AFFIDAVIT**

By virtue of an affidavit before the Notary Public, Sonepur, dtd.23.12.2025, I, Priyabrata Padhan, S/o Sanatan Padhan, Vill/Po- Lupursingha, Lachhipur, Subarnapur (Odisha), declare that my correct name is Priyabrata Padhan but in my Aadhaar its wrongly mentioned as Priyabat Padhan. That both the names belong to the same person i.e. myself.

**Sd/- Priyabrata Padhan**

**AFFIDAVIT**

By virtue of an affidavit sworn before the Executive Magistrate, Sohela vide no.3 dtd. 12/12/2025, I Jarasingh Suna, S/o- Minketan Suna, R/o- Vill.- Arjunda, Po.- Pandakipali, Ps.- Sohela, Dist.- Bargarh state that, my actual name is **Jarasingh Suna**, S/o- Minketan Suna but in my Aadhaar card bearing no. 590446626491 my name has been wrongly mentioned as Darasingh Suna, S/o- Minketan Suna. Hence **Jarasingh Suna** & **Darasingh Suna** is one and same person.

**AFFIDAVIT**

By virtue of an affidavit no- 4501, dated-15/12/2025 sworn before the Executive Magistrate, Banpur, declare that I, **Saraswati Sahoo,** DOB: 01/01/1978, W/o- Satrughna Sahoo of Address: At- Ranipada, Po- Kumaranga Sasan, Ps- Banpur, Dist- Khordha, Odisha, Pin-752031, declare that I have changed my name from **Chanchala Sahoo to Saraswati Sahoo.** Henceforth, now onwards I shall be known as **Saraswati Sahoo** for all future purposes.

**Saraswati Sahoo**

**AFFIDAVIT**

I, Rokiya Bibi, W/o: Sk Faruque Razvi, resident of Jayanagar, Dhamnagar, Bhadrak, Odisha, Pin-756117, declare by this Affidavit No.: 1694, dated: 22.12.2025, that now onwards I shall be known as Rokiya Tabashom Bibi for all future purposes.

**AFFIDAVIT**

By virtue of an affidavit sworn before Executive Magistrate Bhubaneswar, dated- 22.12.2025, I **Reshmi Parbin,** permanent Qtr No.-S/I9, NAC Colony, Unit-3, Kharvel Nagar, BBSR-751001, Odisha declare that I have changed my name from **Reshmi Begum to Reshmi Parbin.** Heneceforth, I shall be known as **Reshmi Parbin** for all purpose.

**Reshmi Parbin**

**LOST**

I **Mr. Diwakar Kumar Chaurasia,** aged about 69 years, S/o.: Late Kishorilal Chaurasia, Caste: Barai, Occupation: Business, R/o: village 215/c, Ashok Nagar, P.O: Basharatpur, P.S/District: Gorakhpur, State: Uttarapradesh. That I have purchased the lands situated at Mouza: Arjunpur, P.S: Sonepur, P.S. No.: 17, Tahasil: Sonepur, Dist.: Subarnapur, Khata No.: 55, Plot No.: 561/768, Kissam: Berna A.J., Area: Ac.0.220 Dec. Full, Bounded by North: Diwakar kumar Chourasia, South: Uddhaba Jal & Others, Plot No.: 566, Kissam: Atta, Area: Ac.0.140 Dec. Full, North: Anabadi, South: Diwakar Kumar Chourasia, Plot No.: 562, Kissam: Atta, Area: Ac.0.470 Dec. Full, Bounded by North/South: Diwakar Kumar Chourasia, Plot No.: 565, Kissam: Patita, Area: Ac.0.150 Dec. Full, Bounded by Road, Khata No.: 136/57, Plot No.: 596/802, Kissam: Atta Sadharana, Area: Ac.0.850 Dec. Full, Bounded by North: Road, South: Diwakar Kumar Chourasia, from Debji Bhai Patel, S/o.: Late Dhanji Bhai Patel, Caste-Chasa, Occupation-Business, R/o.: Gandhinagarpada, Bolangir, PO./P.S./ District: Bolangir, at present R/o.: Village Arjunpur, PO./P.S.: Sonepur, District: Subarnapur, vide Regd. Sale Deed No.: 1010/2009, Dt.20.05.2009 and Regd. Sale Deed No.: 11661202096, Dt.12.09.2012, Registered at DSRO: Sonepur. That, unfortunately the link Regd. Sale Deeds has been lost while I am traveling from Arjunpur to Sonepur on Dt.08.12.2025. If anyone find this deed please **Contact : 9838022380.**

**AFFIDAVIT**

By virtue of an affidavit sworn before Executive Magistrate Bonth, Bhadrak on Dated 22nd December 2025, I LAXMIPRIYA PUHAN wife of SANJAY KUMAR PUHAN, Address: AT-APTIRASADANGI, PO-B.T.PUR ,PS-AGARAPADA, DIST-BHADRAK, ODISHA-756115, have changed my minor Daughter's name from "SANTUSINE PUHAN" to "SANTOSINI PUHAN". Henceforth, she shall be known as **"SANTOSINI PUHAN"** for all purposes.

**AFFIDAVIT**

By virtue of an affidavit no- 2473, dated- 19/6/2025 sworn before the Executive Magistrate, Banpur, declare that I, **Akshay Kumar Parida,** DOB: 15/ 04/1990, S/o- Jagannath Parida of Address At/Po- Kumaranga Sasan, Ps- Banpur, Dist- Khordha, Odisha, Pin-752031, declare that I have changed my name from **Akhaya Jena,** S/o- Joginder Jena to **Akshay Kumar Parida,** S/o- Jagannath Parida. Henceforth, I **Akhaya Jena** and **Akshay Kumar Parida** both are one and same person. But now onwards I shall be known as **Akshay Kumar Parida** for all future purposes.

**Akshay Kumar Parida**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାରତରେ 'ବାଂଲା'...

ଶାନ୍ତି ଓ ସହିଷ୍ଣୁତା ହେଉଛି ଦ୍ୱିପାକ୍ଷିକ ସଂପର୍କର ମୂଳଦୁଆ। ଏହା ବଜାୟ ରହିବା ଉଚିତ। ଭାରତ ଓ ବାଂଲାଦେଶ ମଧ୍ୟରେ ସଂପର୍କ ବିଗୁଡ଼ିଥିବାରୁ ରୁଷିଆ ଉଦବେଗ ପ୍ରକାଶ କରିଛି। ଭାରତ ସହିତ ସଂପର୍କ ସୁଧାରିବା ଲାଗି ବାଂଲାଦେଶ ପଦକ୍ଷେପ ନେଉ ବୋଲି ରୁଷ ପରାମର୍ଶ ଦେଇଛି। ଢାକାରେ ରୁଷ ରାଷ୍ଟ୍ରଦୂତ ଆଲେକଜାଣ୍ଡର ଖୋଜିନ କହିଛନ୍ତି ଯେ ଦୁଇ ଦେଶ ମଧ୍ୟରେ ସଂପର୍କ ଯେତେଶୀଘ୍ର ଶାନ୍ତ ପଡ଼ିବ, ସଂପୃକ୍ତ ଅଞ୍ଚଳ ପାଇଁ ସେତିକି ଭଲ। ୧୯୭୧ କଥା ମନେ ପକାଇ ସେ କହିଛନ୍ତି ଯେ ବାଂଲାଦେଶର ସ୍ୱାଧୀନତା ସଂଗ୍ରାମରେ ଭାରତ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା। ଭାରତ ଯୋଗୁଁ ଆଜି ବାଂଲାଦେଶ ସ୍ୱାଧୀନ ହୋଇପାରିଛି। ତେଣୁ ଭାରତ ସହିତ ବାଂଲାଦେଶ ମିତ୍ରତା ପ୍ରତିଷ୍ଠା କରୁ ବୋଲି ସେ କହିଛନ୍ତି। ବାଂଲାଦେଶରେ ହିଂସା ବୃଦ୍ଧି ପାଉଥିବାରୁ ଜାତିସଂଘ ମଧ୍ୟ ଉଦବେଗ ପ୍ରକାଶ କରିଛି। ଜାତିସଂଘ ମହାସଚିବଙ୍କ ମୁଖପାତ୍ର କହିଛନ୍ତି ଯେ ସେଠାରେ ଜଣେ ହିନ୍ଦୁ ଯୁବକଙ୍କୁ ପିଟିପିଟି ହତ୍ୟା ଘଟଣା ମଧ୍ୟ ନିନ୍ଦନୀୟ। ଦେଶରେ ପ୍ରତ୍ୟେକ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରୁ ବାଂଲାଦେଶ କସରକାର। ଇତିମଧ୍ୟରେ ପାକିସ୍ତାନ ।।ରେ ଶାସକ ଦଳର ଜଣେ ନେତା ଧମକ ଦେଇଛନ୍ତି ଯେ ବାଂଲାଦେଶ ପ୍ରତି ଭାରତ ବିପଦ ସୃଷ୍ଟି କଲେ ତାଙ୍କ ଦେଶର ସେନା ଏବଂ ଲୋକେ ଏହାର ମୁକାବିଲା ପାଇଁ ପ୍ରସ୍ତୁତ ଅଛନ୍ତି। ପ୍ରଧାନମନ୍ତ୍ରୀ ସେହବାଜ ସରିଫଙ୍କ ଦଳର ଜଣେ ନେତା କହିଛନ୍ତି ଯେ ବାଂଲାଦେଶ ଉପରେ ଭାରତ ଆକ୍ରମଣ କଲେ ଭାରତ ଉପରେ ପାକିସ୍ତାନ ଆକ୍ରମଣ କରିବାକୁ ପଛାଇବ ନାହିଁ।

## ୭ ରାଜ୍ୟରୁ...

୧୯, ୧୩, ୫୪୦ ଜଣ ଅନ୍ୟତ୍ର ସ୍ଥାନାନ୍ତର ହୋଇସାରିଛନ୍ତି। ସେହିପରି ୧,୭୯, ୦୪୩ ଜଣ ଏକରୁ ଅଧିକ ସ୍ଥାନରେ ପଞ୍ଜୀକରଣ କରିଛନ୍ତି। ଏବେ ଏହି ସବୁ ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଏସଆଇଆର ଆରମ୍ଭ ହେବ। ଭୋଟର ନିଜ ଦାବି ଉପସ୍ଥାପନ କରି ତାଲିକାରେ ସାମିଲ ହୋଇପାରିବେ। ଏହା ପୂର୍ବରୁ ଇସି ୭ ରାଜ୍ୟ ପଶ୍ଚିମବଙ୍ଗ, ରାଜସ୍ଥାନ, ତାମିଲନାଡୁ, ଗୁଜରାଟ, ଗୋଆ, ଲାକ୍ଷାଦ୍ୱୀପ ଏବଂ ପୁଡୁଚେରୀର ଚିଠା ଭୋଟର ତାଲିକା ଜାରି କରିସାରିଛନ୍ତି। ବିଭିନ୍ନ କାରଣରୁ ଏହି ରାଜ୍ୟଗୁଡ଼ିକରୁ ୨ କୋଟି ୭୦ ଲକ୍ଷ ଭୋଟରଙ୍କୁ ହଟାଇ ଦିଆଯାଇଛି। ଏମାନଙ୍କ ମଧ୍ୟରେ ତାମିଲନାଡୁରୁ ସର୍ବାଧିକ ୯୭ ଲକ୍ଷ, ଗୁଜରାଟରୁ ୭୩ ଲକ୍ଷ, ପଶ୍ଚିମବଙ୍ଗର ୫୮ ଲକ୍ଷ ନାମ ବାଦ ଦିଆଯାଇଛି।

୨୦୨୫ର ସ୍ଥାନୀୟ ନିର୍ବାଚନ ପାଇଁ ପ୍ରସ୍ତୁତ ଭୋଟର ତାଲିକା ଅନୁଯାୟୀ, କେରଳରେ ୨.୮୬ କୋଟିରୁ ଅଧିକ ପଞ୍ଜୀକୃତ ଭୋଟର ଅଛନ୍ତି। କେରଳରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏସଆଇଆର ତାଲିକା ଇସିଙ୍କ ୱେବସାଇଟରେ ଉପଲବ୍ଧ ରହିଛି। ଏହାକୁ ରାଜନୈତିକ ଦଳଙ୍କୁ ପ୍ରଦାନ କରାଯିବ। ଇଆରଓ ନିଷ୍ପତ୍ତି ବିରୋଧରେ ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ସିଇଓଙ୍କ ପାଖରେ ଆବେଦନ କରିବାର ନିୟମ ରହିଛି। ତେବେ ତାମିଲନାଡୁରେ ସର୍ବାଧିକ ୯୫ ଲକ୍ଷ ଭୋଟରଙ୍କ ନାମ କଟିଛି।

## ରାଜ୍ୟ ସ୍ୱାର୍ଥ ସହ...

ସେହିପରି ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ କହିଛନ୍ତି ଯେ ଆନ୍ତରାଜ୍ୟ ନଦୀ ଜଳ ବିବାଦକୁ ନେଇ ବର୍ତ୍ତମାନ ସୁଦ୍ଧା କୌଣସି ଆପୋଷ ସମାଧାନ ହୋଇ ନାହିଁ। ଯାହା ସମାଧାନ ହୋଇଛି ତାହା କୋର୍ଟରେ ଆଇନଗତ ଲଢ଼େଇ ଦ୍ୱାରା ସମ୍ଭବପର ହୋଇପାରିଛି। ସେଥିପାଇଁ ଗତ ସରକାରରେ ମାମଲା ଟ୍ରିବ୍ୟୁନାଲକୁ ନେବା ସହ ଆମେ ଏନେଇ ଲଢ଼େଇ କରିଥିଲୁ। ତେବେ ବର୍ତ୍ତମାନ ଛତିଶଗଡ ସହ ଚାଲିଥିବା ଆଲୋଚନାର ବିଷୟ ବସ୍ତୁ ରାଜ୍ୟବାସୀଙ୍କୁ ଜଣାଯାଉ। ରାଜ୍ୟ ସରକାର ସର୍ବଦଳୀୟ ବୈଠକ ଡାକନ୍ତୁ। ଏହାସହ ବିଶେଷଜ୍ଞମାନଙ୍କ ପରାମର୍ଶ ମଧ୍ୟ ନିଆଯାଉ ବୋଲି ଶ୍ରୀ ପୂଜାରୀ ପ୍ରସ୍ତାବ ଦେଇଛନ୍ତି । କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଛନ୍ତି ଯେ ମହାନଦୀର ସ୍ୱାର୍ଥ ଓ ସୁରକ୍ଷା ପାଇଁ ସମସ୍ତେ ମିଳି ମିଶି ଲଢ଼ିବା । ଦୁଇରାଜ୍ୟର ସ୍ୱାର୍ଥ ପୂରଣ ନହେଲେ ଏହାର ସମାଧାନ କରିବା ବହୁ କଷ୍ଟକର ହୋଇପଡ଼ିବ। ତେଣୁ ଏହି ମାମଲାକୁ ଅଧିକ ଲମ୍ବିତ ନ କରି ଆପୋଷ ଆଲୋଚନା ମାଧ୍ୟମରେ ଏହାର ସମାଧାନ କରିବା ଜରୁରୀ ଅଟେ। ମହାନଦୀ କୁ ନେଇ ଲଢେଇ କରୁଥିବା ସମସ୍ତ ସଂଗଠନକୁ ଏଥିରେ ସାମିଲ କରାଯାଉ। ଆଲୋଚନାର ସମସ୍ତ ପ୍ରସଙ୍ଗ ରାଜ୍ୟବାସୀଙ୍କୁ ଅବଗତ କରାଯାଉ ବୋଲି ସେ ଦାବି କରିଛନ୍ତି।

ବୈଠକରେ ହୀରାକୁଦ ପ୍ରକଳ୍ପ, ମହାନଦୀ ଜଳ ବିବାଦର ଐତିହାସିକ ପୃଷ୍ଠଭୂମି, ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ସମ୍ମୁଖରେ କାର୍ଯ୍ୟ ବର୍ତ୍ତମାନର ସ୍ଥିତି, ମହାନଦୀ-ସମ୍ବନ୍ଧୀୟ ସମସ୍ୟାର ସୌହାର୍ଦ୍ଦପୂର୍ଣ୍ଣ ସମାଧାନ ପ୍ରକ୍ରିୟା ଏବଂ ମହାନଦୀ ଅବବାହିକା ସମ୍ବନ୍ଧୀୟ ବିଷୟଗୁଡ଼ିକର ସାମଗ୍ରିକ ସ୍ଥିତି ଉପରେ ପ୍ରାରମ୍ଭିକ ଆଲୋଚନା ହୋଇଥିଲା। ବୈଠକରେ ମନ୍ତ୍ରୀ ସୁରେଶ ପୂଜାରୀ, ପୃଥ୍ୱୀରାଜ ହରିଚନ୍ଦନ, ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ସରୋଜ କୁମାର ପ୍ରଧାନ, ନିରଞ୍ଜନ ପୂଜାରୀ ଏବଂ ସୋଫିଆ ଫିର୍ଦ୍ଦୋସ ଯୋଗ ଦେଇଥିଲେ । ବିଧାୟକ ଜୟନାରାୟଣ ମିଶ୍ର ଆଭାସୀ ମାଧ୍ୟମରେ ବୈଠକରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ସହିତ ବିଭାଗୀୟ ଅଧିକାରୀ ଏବଂ ଜଳ ସମ୍ପଦ ବିଭାଗର ଅଧିକାରୀ ଓ ଯନ୍ତ୍ରୀମାନେ ମଧ୍ୟ କମିଟିକୁ ଆବଶ୍ୟକୀୟ ସୂଚନା ଦେବା ପାଇଁ ବୈଠକରେ ଉପସ୍ଥିତ ଥିଲେ।

## ୧୪ କୋଟି...

ଜଣାପଡ଼ିଥିଲା। ଏନେଇ ଗତ ୨୦ତାରିଖରେ ଅଭିଯୋଗ ହେବା ପରେ ଭଦ୍ରକ ସାଳନ୍ଦୀ ବାଇପାସ୍ ନୀଳାଦ୍ରି ବିହାରସ୍ଥିତ ରାମ ନାରାୟଣଙ୍କ ଘର, ଭଦ୍ରାଣି ଡିଜେ, ଫଟୋଗ୍ରାଫିକ୍ସ, ଭଦ୍ରାଣି ମୋବାଇଲ ଶୋ' ରୁମ୍ ସମେତ ଏରଡ଼ାସ୍ଥିତ ପୈତୃକ ଘର ଓ ତାଙ୍କ ରମ୍ଭିଳା ଫାର୍ମ ହାଉସରେ କ୍ରାଇମ୍‌ବ୍ରାଞ୍ଚ ଇଓଡବ୍ଲୁର ୩ଟି ଟିମ୍ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ୧୦ଟି ଦାମୀ ଗାଡ଼ି, ଏକାଧିକ ଡିଜେ ଗାଡ଼ି, ୧୪୪ ଦାମୀ ମୋବାଇଲ୍ ଜବତ କରାଯାଇଛି। ସମସ୍ତ ପ୍ରମାଣ ପାଇବା ପରେ ଇଓଡବ୍ଲୁ ରାମ ନାରାୟଣଙ୍କୁ ଗିରଫ କରିଛି। ତଦନ୍ତ ବେଳେ ତାଙ୍କ ନାମରେ ତାଳଚେର, ଭଦ୍ରକ ଓ ବୈଶିଙ୍ଗା ଥାନାରେ ୪ଟି ଅପରାଧିକ ମାମଲା ଥିବା ଜଣାପଡ଼ିଛି।

## କୃଷି କାର୍ଯ୍ୟାଳୟରେ କର୍ମଚାରୀ ଅଭାବ

# କୃଷି ସମ୍ବନ୍ଧୀୟ ସୂଚନା ମିଳିବାରେ ବିଳମ୍ବ

■ ୧୭ ଆବଶ୍ୟକ ଥିବାବେଳେ ଅଛନ୍ତି ୭ କର୍ମଚାରୀ
■ ଖାଲି ପଦବୀ ପୂରଣ ପାଇଁ ଅଞ୍ଚଳବାସୀଙ୍କ ଦାବି

ମୋରଡ଼ା, ୨୩।୧୨(ସମିସ): ଅନେକ ସମୟରେ ବନ୍ୟା, ବାତ୍ୟା, ମରୁଡ଼ି ଓ ଫସଲହାନୀ ଦ୍ୱାରା କବଳିତ ହୋଇଆସୁଥିବା ମୋରଡ଼ା ବ୍ଲକ ଚାଷୀଙ୍କ ପାଖରେ ଠିକ୍ ସମୟରେ କୃଷି ସମ୍ବନ୍ଧୀୟ ସୂଚନା ତଥା ଆନୁସଙ୍ଗିକ ପରାମର୍ଶ ପହଞ୍ଚିପାରୁନାହିଁ, ଯାହାଦ୍ୱାରା କୃଷିରେ ବିଶେଷ ଉନ୍ନତି ହେଉନଥିବା ପରିଲକ୍ଷିତ ହେଉଛି। କିଛିମାସ ତଳେ ଲଗାଣ ବର୍ଷା ଓ ବନ୍ୟା କୃଷକର ମେରୁଦଣ୍ଡ ଭାଙ୍ଗିଦେଇଥିଲା। ଏଭଳି ସମୟରେ ମଧ୍ୟ କୃଷକଙ୍କ ପାଖରେ ପହଞ୍ଚିପାରୁନାହାନ୍ତି କୃଷି କର୍ମଚାରୀ। ମୋରଡ଼ା ବ୍ଲକ ସଦର ମହକୁମା ଚିତ୍ରଡାରେ ଥିବା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ଏହା ଦେଖିବାକୁ ମିଳିଛି। ଏହି କେନ୍ଦ୍ରରେ ଅଧିକାରୀ ଓ କର୍ମଚାରୀ ଅଭାବ ସମସ୍ୟା ଦେଖାଦେଇଛି। ଫଳରେ ଚାଷୀ ସୂଚନା ପାଇବାରେ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି।



ମୋରଡ଼ା ବ୍ଲକରେ ଜଣେ କୃଷି ଅଧିକାରୀ ଓ ଦୁଇଟି ବ୍ଲକ ଟେକନିକାଲ ମ୍ୟାନେଜରଙ୍କ ଆବଶ୍ୟକ ଥିବାବେଳେ ଜଣେ ମାତ୍ର କୃଷି ଅଧିକାରୀ ଭାବେ ସ୍ନେହାଶିଷ ସାହୁ ଦାୟିତ୍ୱରେ ଅଛନ୍ତି। ଫଳରେ ଜଣେ ବ୍ୟକ୍ତି ଏତେ ଦାୟିତ୍ୱକୁ ଠିକ୍ ଭାବେ ତୁଲାଇବା ମୁସ୍କିଲ ହୋଇପଡୁଛି। ତାଙ୍କ କାର୍ଯ୍ୟବ୍ୟସ୍ତତାର ସୁଯୋଗ ନେଇ କିଛି ଗ୍ରାମ୍ୟ କୃଷି କର୍ମଚାରୀ ଏପରିକି ମାସ ମାସ ଧରି ନିଜ କାର୍ଯ୍ୟକ୍ଷେତ୍ରକୁ ଯାଉନାହାନ୍ତି। ଏହି କର୍ମଚାରୀ କିଛି କୃଷକ ସାଥୀଙ୍କ ଜରିଆରେ ସମସ୍ତ କାର୍ଯ୍ୟ ତୁଲାଇ ନେଉଥିବା ଅଭିଯୋଗ ହେଉଛି। ସେହିପରି ମୋରଡ଼ା ବ୍ଲକରେ ୨୦ଟି ପଞ୍ଚାୟତରେ ଫିଲ୍ଡରେ କାର୍ଯ୍ୟ କରିବା ପାଇଁ ୧୧ଟି ଭିଏଡବ୍ଲୁ ଓ ଓଭରସିୟର ପୋଷ୍ଟ ଥିବାବେଳେ ୫ଟି ଖାଲି ପଡ଼ିଛି। ଅଫିସକୁ ଜଗିବା କିମ୍ବା କୌଣସି କାଗଜପତ୍ର ନେବା ଆଣିବା ଅଥବା ଅଫିସ ଖୋଲିବା ପାଇଁ ଜଣେ ମଧ୍ୟ ପିଅନ କିମ୍ବା ରାତି ଜଗୁଆଳି ନାହାନ୍ତି। ତେଣୁ ଖାଲିଥିବା ପଦବୀ ପୁରଣ କରିବା ପାଇଁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ସ୍ନେହାଶିଷ ସାହୁଙ୍କୁ ପଚାରିବାରୁ ଚାଷୀଙ୍କୁ ଠିକ୍ ଭାବେ ସଚେତନ କରାଯାଉଛି। ଆଉ କିଛି କର୍ମଚାରୀ ନିଯୁକ୍ତି ହୋଇଥିଲେ ଭଲ ହୋଇଥା'ନ୍ତା କହିଛନ୍ତି।

## କପ୍ତିପଦା ବ୍ଲକ୍‌ରେ ଉଜୁଡ଼ିଗଲାଣି ଶିକ୍ଷା ବ୍ୟବସ୍ଥା

କପ୍ତିପଦା, ୨୩।୧୨(ସମିସ): କପ୍ତିପଦା ବ୍ଲକରେ ଉଜୁଡ଼ିଯାଇଛି ଶିକ୍ଷା ବ୍ୟବସ୍ଥା। କେଉଁଠି ଶିକ୍ଷକ ବିଳମ୍ବରେ ଆସୁଛନ୍ତି ତ ଆଉ କେଉଁଠି ମଧ୍ୟାହ୍ନଭୋଜନ ପରେ ଗେଟରେ ତାଲା ପକାଇ ପଳାଉଛନ୍ତି ଶିକ୍ଷକ ଶିକ୍ଷୟିତ୍ରୀ। ଏଭଳି ଏକ ଘଟଣା ଜଡିଦା ପଞ୍ଚାୟତ ଘୁଣ୍ଟିବିଲ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ୨୨ ତାରିଖ ଦିନ ମଧ୍ୟାହ୍ନ ଭୋଜନ ପରେ ପ୍ରାୟ ୨ଟା ୪୫ ମିନିଟ୍ ସମୟରେ ଗେଟରେ ତାଲା ପଡ଼ିଥିବା ଚିତ୍ର ମୋବାଇଲରେ ଭାଇରାଲ ହେଉଛି। ଏ ସମ୍ପର୍କରେ ଆମେ ପ୍ରଧାନଶିକ୍ଷକ ପଞ୍ଚାନନ ବେହେରାଙ୍କୁ ଯୋଗାଯୋଗ କରିବାରୁ ଘଟଣା ସତ୍ୟ ବୋଲି ସ୍ୱୀକାର କରିଛନ୍ତି। ମୋ ଦେହ ଖରାପ ଥିବା ଓ ଦିଦିଙ୍କ ଘରୋଇ ଅସୁବିଧା ଥିବା ଯୋଗୁଁ ଆମେ ୨ଟା ୪୫ରେ ସ୍କୁଲ ବନ୍ଦ କରିଦେଇଛୁ। ପୂର୍ବରୁ ଏମିତି କେବେ ହୋଇ ନ ଥିଲା। କେବଳ ଏହି ବିଦ୍ୟାଳୟ ନୁହେଁ, ପ୍ରାୟତଃ ବ୍ଲକ ଅଧୀନରେ ଥିବା ଶତପ୍ରତିଶତ ବିଦ୍ୟାଳୟରେ ଏମିତି ଘଟଣା ନିତିଦିନିଆ। ଦୀର୍ଘଦିନ ହେବ ବିଇଓ ପଦବୀ ଫାଙ୍କା ପଡ଼ିଥିବାବେଳେ ଏବିଓ କାମ ଚଳାଉଛନ୍ତି। ସେ ଅସୁସ୍ଥ ଥିବାରୁ କୌଣସି ବିଦ୍ୟାଳୟ ପରିଦର୍ଶନ କରୁନାହାନ୍ତି। ଫଳରେ ଶିକ୍ଷକ ଶିକ୍ଷୟିତ୍ରୀ ଖାମଖିଆଲ ମନୋଭାବ ନେଇ ବିଦ୍ୟାଳୟକୁ ଆସୁଛନ୍ତି। ଅନେକ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀ ପଢୁଥିବା ଛାତ୍ରଛାତ୍ରୀ ବର୍ଣ୍ଣମାଳା ଲେଖି ପାରୁନାହାନ୍ତି। ଶିକ୍ଷା ବ୍ୟବସ୍ଥା ପୁରାପୁରି ଉପଜୁଡ଼ି ଯାଇଥିବାବେଳେ ପିଲାଙ୍କ ଭବିଷ୍ୟତ ଅନିଶ୍ଚିତତା ନେଇ ଅଭିଭାବକ ଚିନ୍ତା ପ୍ରକଟ କରିଛନ୍ତି।



## ବିଜେପି ମୟୂରଭଞ୍ଜ ପୂର୍ବ ସାଂଗଠନିକ କମିଟିର ନୂତନ କର୍ମକର୍ତ୍ତା

ବାରିପଦା, ୨୩।୧୨(ସମିସ): ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ଜିଲ୍ଲା (ପୂର୍ବ) ସଭାପତି ନିହାର ରଞ୍ଜନ ମୋଦୀ ତାଙ୍କର ନୂତନ ଜିଲ୍ଲା କମିଟି ଘୋଷଣା କରିଛନ୍ତି। ଉପସଭାପତି ଭାବେ ଦୋଳଗୋବିନ୍ଦ ବେହେରା, ମମତା ସାହୁ, ସରୋଜିନୀ କିସ୍କୁ, କୁମାର ମଙ୍ଗଳମ୍, ରାଜକିଶୋର ସାହା, ପ୍ରମୋଦ ସାହୁ, ମମତା ମଣ୍ଡଳ ଓ ରଞ୍ଜନ ମଢୁଆଳ ରହିଥିବାବେଳେ ସାଧାରଣ ସମ୍ପାଦକ ଭାବେ ପ୍ରଦୀପ କୁମାର ମହାନ୍ତି, ପ୍ରବୀଣ ପାତ୍ର ଓ ପ୍ରାଣକୃଷ୍ଣ ବେରା ରହିଛନ୍ତି। ସମ୍ପାଦକ ଭାବେ ଟିଙ୍କିମଣି ନାୟକ, ସୁଜାତା ଷଡ଼ଙ୍ଗୀ, ପ୍ରାଣକୃଷ୍ଣ ବେରା, ଦୁଲାରୀ ସିଂ, ପ୍ରଭାତ ଜେନା, ହରିପ୍ରସାଦ ଭଞ୍ଜବାବୁ, ଉର୍ବଶୀ ମହାନ୍ତ, ପୁରୁଷୋତ୍ତମ ଦେ ଓ ଜୟରାମ ସିଂ ରହିଥିବାବେଳେ କୋଷାଧ୍ୟକ୍ଷ ଭାବେ ପରେଶ ଚନ୍ଦ୍ର ମହାନ୍ତ, କାର୍ଯ୍ୟାଳୟ ସମ୍ପାଦକ ଭାବେ ବୀରକିଶୋର ପଟ୍ଟନାୟକ, ପ୍ରବକ୍ତା/ମୁଖପାତ୍ର ଭାବେ ନରୋତ୍ତମ ପାଣିଗ୍ରାହୀ, ମିଡ଼ିଆ ଦାୟିତ୍ୱରେ ଦିନେଶ ଦାସ, ସୋସିଆଲ ମିଡ଼ିଆ ଦାୟିତ୍ୱରେ ପ୍ରଦୀପ ମହାନ୍ତ ଓ ଅମିୟ ଦାସ ନିଯୁକ୍ତ ହୋଇଛନ୍ତି।

## ବିଜେପି ପଶ୍ଚିମ ମୟୂରଭଞ୍ଜ ଜିଲ୍ଲାର ନୂତନ କମିଟି



ରାଇରଙ୍ଗପୁର/ବିଶୋଇ, ୨୩।୧୨ (ସମିସ): ଭାରତୀୟ ଜନତା ପାର୍ଟି ପଶ୍ଚିମ ମୟୂରଭଞ୍ଜ ଜିଲ୍ଲାର ନୂତନ ଜିଲ୍ଲା କମିଟି ଗଠନ କରାଯାଇ ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ନାମ ଘୋଷଣା କରାଯାଇଛି। ସଭାପତି ଭାବେ ଜୁରିଲାଲ ମହାନ୍ତଙ୍କୁ ପୂର୍ବରୁ ଦାୟିତ୍ୱ ମିଳିଛି। ଉପସଭାପତି ଭାବେ ଆଶିଷ ମହାନ୍ତ, ବିମଳ ସେନାପତି, ରାନୀ ମଣ୍ଡଳ, ତାପସ ଦତ୍ତ, ସତ୍ୟରଞ୍ଜନ ମଣ୍ଡଳ, କାଳୀଚରଣ ନାୟକ, ରଞ୍ଜନ ମହାନ୍ତ, ରହିତ ବୈଦ୍ୟ ଏବଂ ସାଧାରଣ ସମ୍ପାଦକ"ଭାବରେ ବିପିନ ବିହାରୀ ମହାନ୍ତ, ସରୋଜ ମହାନ୍ତ, ଜନାର୍ଦ୍ଦନ ବେହେରାଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ସେହିପରି ସମ୍ପାଦକ ଭାବରେ ନାନୀକା ନାଏକ, ମଞ୍ଜୁଲତା ଗିରି, ସାମନ୍ତ ଶେଖର ଗିରି, ରଞ୍ଜିତା ମହାନ୍ତ, ପ୍ରକାଶିନୀ ପୃଷ୍ଟି, ସଞ୍ଜୀବ ପାଣିଗ୍ରାହୀ, ରୁକ୍ମଣୀ ପାତ୍ର, ପ୍ରତିମା ନନ୍ଦ ଏବଂ କୋଷାଧକ୍ଷ ଭାବେ ବିକାଶ ଚନ୍ଦ୍ର ମହାନ୍ତଙ୍କୁ ନିଯୁକ୍ତି କରାଯାଇଛି।

## ସାନ୍ତାଳୀ ଭାଷା ଦିବସ ପାଳିତ



ରାଇରଙ୍ଗପୁର, ୨୩।୧୨ (ସମିସ): ପଣ୍ଡିତ ରଘୁନାଥ ମୁର୍ମୁ ସ୍ମୃତି କମିଟି ପକ୍ଷରୁ ବିଜତଳା ଉଚ୍ଚବିଦ୍ୟାଳୟ ପଡ଼ିଆରେ ସାନ୍ତାଳୀ ଭାଷା ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ସାରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଜଲେନ ନାୟକ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ନବୀନ ରାମ, ବରିଷ୍ଠ ନେତା ସଞ୍ଜୀବ ମହାନ୍ତି, ସରୋଜ ମହାନ୍ତ, ଅମୋଦ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ରାଇରଙ୍ଗପୁର ସହର ମୁର୍ମୁ ଛକସ୍ଥ ଅଲଗୁରୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ବିଜତଳା ହାଟ ପଡ଼ିଆରୁ ବିଦ୍ୟାଳୟ ପଡ଼ିଆ ପର୍ଯ୍ୟନ୍ତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଆଦିବାସୀ ପାରମ୍ପରିକ ନୃତ୍ୟ ଗୀତ ଓ ପୋଷାକରେ ଶୋଭାଯାତ୍ରା ପରିକ୍ରମା କରିଥିଲେ। ବିଜତଳାଠାରେ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ପ୍ରଥମେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ପରେ ପାରମ୍ପରିକ ସାନ୍ତାଳୀ ପତାକାକୁ ସାରସକଣା ବିଧାୟକ ଶ୍ରୀ ହାଁସଦା ଉତ୍ତୋଳନ କରିଥିଲେ। ଏ ଅବସରରେ ବ୍ଲକ ଅନ୍ତର୍ଗତ ସମସ୍ତ ଗ୍ରାମର ମାଝୀ ବାବାଙ୍କୁ ସମ୍ମାନିତ କରାଯାଇଥିଲା। ୨୦୦୩ ଡିସେମ୍ବର ୨୨ରେ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଆଦିବାସୀ ସାନ୍ତାଳୀ ଭାଷାକୁ ସାମିଲ କରାଯାଇଥିଲା। ସେହି ସ୍ମୃତିରେ ପ୍ରତିବର୍ଷ ଉକ୍ତ ଦିବସ ପାଳନ କରାଯାଉଛି। ସାନ୍ତାଳୀ ଭାଷା, ଲିପି ଓ ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପ୍ରସାର ପାଇଁ ସମସ୍ତେ ଏକତ୍ରିତ ହୋଇ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଅବଦାନକୁ ସ୍ମରଣ କରିଥିଲେ।

## ପ୍ରମୁଖ ଶାସନ ସଚିବଙ୍କ ମହିଳା ମହାବିଦ୍ୟାଳୟ ପରିଦର୍ଶନ

ରାଇରଙ୍ଗପୁର, ୨୩।୧୨(ସମିସ): ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ସେ କର୍ମଚାରୀ ଓ ଛାତ୍ରୀଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ତାଙ୍କ ସହ ବାମନଘାଟି ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ, କରଞ୍ଜିଆ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିହାରିକା ମହାନ୍ତୀ, ଡିସିପିଓ ମମତାମୟୀ ବିଶ୍ୱାଳ, ଅତିରିକ୍ତ ଜିଲ୍ଲାପାଳ ମାନସ ବେହେରା ଉପସ୍ଥିତ ଥିଲେ। ଛାତ୍ରୀ ପାୟଲ ବେହେରାଙ୍କ ପ୍ରଶ୍ନୋତ୍ତର ଅତି ପ୍ରଶଂସନୀୟ ହୋଇଥିଲା। ଅଧକ୍ଷ ରବିଶଙ୍କର ଶତପଥୀ ସଭାପତିତ୍ୱ କରିଥିବାବେଳେ ବିଜୟ ରାମ ଅତିଥି ପରିଚୟ ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଚାଷ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର

କୁଳିଅଣା, ୨୩।୧୨(ସମିସ): ଆଇସିଏଆର କେନ୍ଦ୍ରୀୟ କନ୍ଦ ଫସଲ ଅନୁସନ୍ଧାନ ସଂସ୍ଥା ଭୁବନେଶ୍ୱର ପକ୍ଷରୁ କୁଳିଅଣାରେ ଏକଦିବସୀୟ କନ୍ଦ ଫସଲ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି। କନ୍ଦ ଫସଲ ଉପଯୋଗ ଓ କନ୍ଦ ଫସଲ ମୂଲ୍ୟାଙ୍କନ ନିମନ୍ତେ ଆବଶ୍ୟକୀୟ ଉପକରଣ ବଣ୍ଟନ ସମ୍ପର୍କିତ କର୍ମଶାଳା ଆୟୋଜନ କରାଯାଇଥିଲା। ଯଦ୍ୱାରା ଚାଷୀଙ୍କ ଆର୍ଥିକ ସୁଧାର, ଆୟବୃଦ୍ଧି, ପୁଷ୍ଟି ସାଧନ ଓ କର୍ମସଂସ୍ଥାନ ଯୋଗାଇ ପାରିବ। ଉକ୍ତ କର୍ମଶାଳା ବାଲେଶ୍ୱର ସାମାଜିକ ସେବା ସଂସ୍ଥା ପକ୍ଷରୁ ଆୟୋଜନ କରାଯାଇଥିଲା। ମୁଖ୍ୟ ବୈଜ୍ଞାନିକ କେ. ଲକ୍ଷ୍ମୀନାରାୟଣ ଯୋଗଦେଇ ଚାଷୀଙ୍କୁ ଏହାର ଲାଭ ଉଠାଇବା ନିମନ୍ତେ ପରାମର୍ଶ ଦେଇଥିଲେ। ଉଦ୍ୟାନ ବିଭାଗ ବାରିପଦା ଉପନିର୍ଦ୍ଦେଶକ ଟଙ୍କଧର କାଲୋ, ଚାହୁଆ ପଶୁ ଅଧିକାରୀ ବିଶ୍ୱଦୀପ ବେହେରା, ସରଗଛିଡା କୃଷି ଅଧିକାରୀ ସଞ୍ଜୟ ମହାନ୍ତି ଓ ବାଲେଶ୍ୱର ସାମାଜିକ ସେବା ସଂସ୍ଥା ସଂଯୋଜକ ବଳରାମ ବେହେରା, ନନ୍ଦକିଶୋର ବେହେରା, ବୁଧୁନି ମୁର୍ମୁ, କରୁଣାକର ହାଁସଦା, ବେଞ୍ଜାମିନ ହାଁସଦା, କ୍ଷେତ୍ର ସହାୟକ ସଞ୍ଜୟ ମହାନ୍ତି ଉପସ୍ଥିତ ଥିଲେ।

## ବାରିପଦା ଡିଗ୍ରୀ କଲେଜରେ ଗଣିତ ଦିବସ




ବାରିପଦା, ୨୩।୧୨(ସମିସ): ସ୍ଥାନୀୟ ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ଝାରପୋଖରିଆ ସୀମାନ୍ତ ମହାବିଦ୍ୟାଳୟ ଗଣିତ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡା ଦେବଦତ୍ତ ମହାନ୍ତି, ବିବି ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. କେଦାର ପରିଡ଼ା, ବାରିପଦା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଗଣିତ ଅଧ୍ୟାପକ ଗୋପାଳଚନ୍ଦ୍ର ସାହୁ ଅତିଥି ଭାବେ ଯୋଗଦେଇ ଗାଣିତିକ ଶ୍ରୀନିବାସ ରାମାନୁଜଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ଯଦୁନାଥ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ଶ୍ରୀମତୀ ଇନ୍ଦିରା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଏମ୍‌ସିଏଏମ୍ ଏନ୍‌ଏସ୍‌ଏସ୍ ୟୁନିଟ୍‌ର ହରିପୁରଗଡ଼ ଭ୍ରମଣ




ବାରିପଦା, ୨୩।୧୨(ସମିସ): ସ୍ଥାନୀୟ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଜାତୀୟ ସେବା ଯୋଜନା ୟୁନିଟ୍ ସ୍ୱେଚ୍ଛାସେବୀ ସୋମବାର ରାଜ୍ୟ ଐତିହ୍ୟ ହରିପୁରଗଡ଼ ଭ୍ରମଣରେ ଯାଇ ସଫେଇ କାର୍ଯ୍ୟ କରିଛନ୍ତି। ହରିପୁରଗଡ଼ ଇଟାରେ ତିଆରି ଏକ ଗୋଲାକାର ମନ୍ଦିର ସଦୃଶ। ଯାହାକୁ ବେଙ୍ଗଲ ପ୍ରସିଦ୍ଧ ରସିକ ରାୟ ମନ୍ଦିର ସହ ତୁଳନା କରାଯାଏ। ଏହା ପୂର୍ବ ମୟୂରଭଞ୍ଜ ରାଜ୍ୟର ଭଞ୍ଜ ବଂଶର ରାଜଧାନୀର ଭଗ୍ନାବିଶେଷ। ଏହାକୁ ୧୪ଶହ ଶତାବ୍ଦୀରେ ରାଜା ବୈଦ୍ୟନାଥ ଭଞ୍ଜ ନିର୍ମାଣ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରିଣୀ ସୁଶ୍ରୀ ନାୟକଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀ ଦଳ ଏହି ଐତିହାସିକ ସ୍ଥାନ ପରିଦର୍ଶନ କରିବା ସହ ସଫେଇ କାର୍ଯ୍ୟ କରିଥିଲେ। ସେଠାରେ ଉପସ୍ଥିତ କର୍ମଚାରୀ ସହାୟତା କରିଥିଲେ। ସ୍ନେହାଶ୍ରୀ ଦେ, ନମିତା ବେହେରା, ବନ୍ଦିତା ଦାସ, ଇତିଶ୍ରୀ ମହାନ୍ତ, ସୋନାଲି ମାରାଣ୍ଡି, ଗାୟତ୍ରୀ ପଟ୍ଟନାୟକ, ଶ୍ରୁତିରେଖା ସିଂ, ତନୁଶ୍ରୀ ସିଂ, ମାନସ ନନ୍ଦୀ, ଗାଲୁ ବାସ୍କେ, ଜ୍ୟୋତିପ୍ରକାଶ ଲେଙ୍କା, ପ୍ରକାଶ ମହାନ୍ତ ପ୍ରମୁଖ ସୁଶ୍ରୀ ନାୟକ ତତ୍ତ୍ୱାବଧାନରେ ଭ୍ରମଣ କରିଥିଲେ।

## ଏମ୍‌ପିସି ସ୍ୱୟଂଶାସିତ କଲେଜରେ ଗଣିତ ଦିବସ

ବାରିପଦା, ୨୩।୧୨(ସମିସ): ସ୍ଥାନୀୟ ଏମ୍‌ପିସି ସ୍ୱୟଂଶାସିତ କଲେଜର ଗଣିତ ବିଭାଗ ପକ୍ଷରୁ ଗଣିତ ଦିବସ ପାଳନ ସହ 'ମେମୋରି ଲେଆଉଟ ଅଫ ସି ପ୍ରୋଗ୍ରାମିଂ' ପ୍ରସଙ୍ଗରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ଅଧକ୍ଷତା କରିବା ସହ ସ୍ୱାଗତ ଅଭିଭାଷଣ ଦେଇଥିଲେ। ବିଷୟ ବିଶାରଦ ଭାବେ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଏମସିଏ ବିଭାଗ ସହକାରୀ ପ୍ରଫେସର ଡ. ସ୍ୱରୂପାନନ୍ଦ ବିଶୋଇ ଯୋଗଦେଇ ପାୱାର ପଏଣ୍ଟ ଉପସ୍ଥାପନ ମାଧ୍ୟମରେ ଆଲୋଚ୍ୟ ପ୍ରସଙ୍ଗରେ ବିସ୍ତୃତ ଚର୍ଚ୍ଚା କରିଥିଲେ। ଗଣିତଜ୍ଞ ଶ୍ରୀନିବାସନ ରାମାନୁଜନଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ ଉଭୟ ପିଜି ଓ ୟୁଜି ଛାତ୍ରଛାତ୍ରୀ ଅବିନାଶ ମହାପାତ୍ର, ସୁନୀତା ସାହୁ, ବିପୋସ ପାତ୍ର, ପ୍ରତ୍ୟାସ ଦାସ, ତନ୍ମୟୀ ମିଶ୍ର, ଝରଣା ସାହୁ ସନ୍ଦର୍ଭ ଉପସ୍ଥାପନା କରିଥିଲେ। ବିଭାଗୀୟ ମୁଖ୍ୟ ଡ. ମନମୋହନ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗୀୟ ଅଧ୍ୟାପକ ଡ. ନିଳରତ୍ନ କଳିଆ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମଧୁସ୍ମିତା ମଞ୍ଜରି ସିଂ, ରାଜେନ୍ଦ୍ର ବେହେରା, ଅମୂଲ୍ୟ ଥୟଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ପ୍ରିୟପଦ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ଶିକ୍ଷାନୁଷ୍ଠାନର କ୍ରୀଡ଼ା ଓ ବାର୍ଷିକ ଉତ୍ସବ

ଉଦଳା, ୨୩।୧୨(ସମିସ): ପିଏମଶ୍ରୀ ଉଦଳା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଅନୁଜା ମାଧୁରୀ ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ସ୍ୱତନ୍ତ୍ର ଅତିଥି ଭାବେ ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରୀ, ମୁଖ୍ୟବକ୍ତା ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ଉଷା ଶତପଥୀ, ସମ୍ମାନିତ ବକ୍ତା ଭାବେ ଏଡିଓ ଶଶୀଧର ସିଂ, ସମ୍ମାନିତ ଅତିଥି ଭାବେ ଉଦଳା ଗୋଷ୍ଠୀ ଶିକ୍ଷାଧିକାରୀ ଦୀପକ ମିଶ୍ର ଓ ଏସଏମସି ସଭାପତି ରବୀନ୍ଦ୍ର ପରିଡ଼ା ଯୋଗ ଦେଇଥିଲେ। ନାରୀ ଶିକ୍ଷା କ୍ଷେତ୍ରରେ ଉଦଳା ବାଳିକା ବିଦ୍ୟାଳୟ ଆଦିବାସୀ ଅଧ୍ୟୁଷିତ ଉଦଳା ଅଞ୍ଚଳର ଏକ୍ତୁଡ଼ିଶାଳ ବୋଲି ଅଭିହିତ କରିଥିଲେ। ଶିକ୍ଷା ଓ ସଂସ୍କାର ବଳରେ ସ୍ୱପ୍ନକୁ ସାକାର କରିବା ସମ୍ଭବ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏ ଅବସରରେ କ୍ରୀଡ଼ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସ୍ୱାସ୍ୱତୀ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ବୈଶିଙ୍ଗା:** ମହୁରୀସ୍ଥ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଆରମ୍ଭ ହୋଇଛି। ବୈଶିଙ୍ଗା ଥାନା ଅଧିକାରିଣୀ ବାରିଣୀ ଦାସ ମୁଖ୍ୟଅତିଥି ଭାବେ



ଯୋଗଦେଇ କ୍ରୀଡ଼ାକୁ ଉଦଘାଟନ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବୈଶିଙ୍ଗା ଲକ୍ଷ୍ମୀନାରାୟଣ ମନ୍ଦିରରୁ ବାହାରିଥିବା ମଶାଲ ଶୋଭାଯାତ୍ରାକୁ ବିଦ୍ୟାଳୟ ସମ୍ମୁଖ ଖେଳ ପଡ଼ିଆରେ ସ୍ୱାଗତ କରାଯାଇଥିଲା। ମୁଖ୍ୟଅତିଥି ଶ୍ରୀ ଦାସ, ସମ୍ମାନିତ ଅତିଥି ସମାଜସେବୀ ବିବେକାନନ୍ଦ ପଣ୍ଡା, ଏଏସଆଇ ଶୁଭ୍ରାଂଶୁ ରାଉଳ ଓ ସ୍କୁଲ ପରିଚାଳନା କମିଟି ନିର୍ଦ୍ଦେଶିକା ରଶ୍ମିରେଖା ପାଣିଗ୍ରାହୀଙ୍କ ଦ୍ୱାରା ଜାଭିୟର୍ସ ଅଲିମ୍ପିକ ପତାକା ଉତ୍ତୋଳନ କରାଯାଇଥିଲା। ସ୍କୁଲର ଅଧକ୍ଷା ଇପ୍‌ସିତା କରଙ୍କ ଅନୁପସ୍ଥିତିରେ ଉପାଧକ୍ଷା ସୋନାଲି ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ କ୍ରୀଡା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି କ୍ରୀଡ଼ା ଦୁଇଦିନ ଧରି ଚାଲିବ।

**ବଡସାହି:** ବେଲପାଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳୀ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଛାତ୍ରୀଛାତ୍ରଙ୍କୁ ଉତ୍ତମ ମଣିଷ ଗଠନ ଦିଗରେ ଗୁରୁଙ୍କ ସହ ମାତାପିତାଙ୍କ ଦାୟିତ୍ୱ ରହିବା ଉଚିତ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ବାଲେଶ୍ୱର ଜିଲ୍ଲା ପ୍ରମୁଖ କିରଣ ମହାରଣା ଯୋଗ ଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ପ୍ରଦୀପ ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନଆଚାର୍ଯ୍ୟ ଶାଶ୍ୱତୀ ଦାସ ମହାପାତ୍ର



ବାର୍ଷିକ ବିବରଣୀ ପାଠ କରିଥିଲେ। ଏ ଅବସରରେ ୨୭ ଜଣ କୃତୀ ଭାଇଭଉଣୀଙ୍କୁ ପୁରସ୍କୃତ କରାଯାଇଥିଲା। ବାଞ୍ଛାନିଧି ଶିକ୍ଷାବୃତ୍ତି ଓ ବଟହରି ସୁଶୀଳା ମେମୋରିଆଲ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିବାବେଳେ ଶିକ୍ଷା କ୍ଷେତ୍ରରେ ବେଲପାଳ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସୁର ସୁନ୍ଦର ଭଞ୍ଜବାବୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଚାଳନା ସମିତି ଉପସଭାପତି, କୋଷାଧକ୍ଷ ସନ୍ତୋଷ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ବାରିପଦା:** ବାରିପଦା, ୨୩।୧୨(ସମିସ): ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏଥିସହ ଚଳିତ ବର୍ଷ ସମସ୍ତ କ୍ଷେତ୍ରରେ ସଫଳତା ଲାଭ କରିଥିବା ଶ୍ରେଷ୍ଠ ଛାତ୍ର ଭାବେ ୮ମ ଶ୍ରେଣୀର ପ୍ରତୀକ ସାହୁଙ୍କୁ ଶିରିଶ ଚନ୍ଦ୍ର ମହାପାତ୍ର ସ୍ମାରକୀ



ଟ୍ରଫି ପ୍ରଦାନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା କମିଟି ସଭାପତି କଳ୍ପନା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ପ୍ରବୋଧ ମହାପାତ୍ର ଓ ଅଧ୍ୟକ୍ଷା କବିତାରାଣୀ ସି ବିଦ୍ୟାଳୟର ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ପରିଚାଳନା କମିଟି ସଦସ୍ୟ କଲ୍ୟାଣ ସିହ୍ନା ଧନ୍ୟବାଦ ଅର୍ପଣ କରିଥିଲେ।

**ଉଦଳା/କପ୍ତିପଦା:** ଗୁଡୁଗୁଡିଆ ପଞ୍ଚାୟତର ଗୋଳାଗଡ଼ିଆରେ ଥିବା ଉପେନ୍ଦ୍ର ଦାସ ଉଚ୍ଚ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ସଂସଦ ନବଚରଣ ମାଝୀ ଓ ବିଶିଷ୍ଟ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢ଼େଇ ଯୋଗଦେଇ ବିଭିନ୍ନ କ୍ରୀଡ଼ା ଓ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।




ବିଦ୍ୟାଳୟର ଶେଣୀ ଗୃହ ଓ ଛାତ୍ରାବାସ ନିର୍ମାଣ ନେଇ ବିଧାୟକ ପ୍ରଧାନଶିକ୍ଷକ ମହେଶ୍ୱର ମହାପାତ୍ରଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଶିକ୍ଷକ ସନ୍ତୋଷ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ମଲିକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ସିଂ, ସ୍ଥାନୀୟ ସରପଞ୍ଚ ଲାଲମୋହନ ସିଂ, ସ୍ଥାନୀୟ ସମିତିସଭ୍ୟ ଦିଲ୍ଲୀପ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

**ବଡସାହି:** ଶାଳଗାଁ ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ୩ଦିନ ଧରି ଚାଲିଥିବା ରୌପ୍ୟ ଜୟନ୍ତୀ ଉତ୍ସବ ଉଦଯାପିତ ହୋଇଛି। ଉଦଯାପନୀ ଦିବସରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ନାୟକ ଯୋଗଦେଇ ହୋମିଓପ୍ୟାଥିକ ଓ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। ଅପରାହ୍ନରେ ଅନଷ୍ଠିତ ସଭାରେ ପ୍ରଧାନଶିକ୍ଷକ ସନ୍ତୋଷ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଏସ୍.କେ. ମେହେରବାନ ଅଲ୍ଲୀ, ସହକାରୀ ବନ ସଂରକ୍ଷକ, ମୁଖ୍ୟବକ୍ତା ଭାବେ ଡା .ପ୍ରଦୀପ୍ତ ମିଶ୍ର, ସ୍ୱତନ୍ତ୍ର ବକ୍ତା ଭାବେ ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ. ସରୋଜ ନାୟକ, ସମ୍ମାନୀତ ଅତିଥି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଡା. ରଜନୀକାନ୍ତ ମହାପାତ୍ର,



ଅବସରପ୍ରାପ୍ତ କାରାଗାର ଅଧକ୍ଷ ସନ୍ତୋଷ କୁମାର ଦୁର୍ଗା, ପ୍ରାଧ୍ୟାପକ ଅଶୋକ ପୃଷ୍ଟିଳ ଯୋଗ ଦେଇଥିଲେ। ଏ ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବଙ୍କିମ ବାରିକ ମଞ୍ଚ ପରିଚାଳନା କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପ୍ରମୋଦ ବିନ୍ଧାଣୀଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। ବିଜୟ ଭାସ୍କର ମହାଲିକ ଧନ୍ୟବାଦ ଅର୍ପଣ କରିଥିଲେ।

**କୁଳିଅଣା:** ଜାନକୀଲାଲ ହାଇସ୍କୁଲ ପଡ଼ିଆରେ କୁଳିଅଣା ବ୍ଲକସ୍ତରୀୟ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ନିହାର ବେହେରା କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିତେନ୍ଦ୍ର ମୁର୍ମୁ, ସମ୍ମାନିତ ଅତିଥି ଭାବେ ରାକେଶ ସିଂ, ସମାଜସେବୀ ମକରଧ୍ୱଜ ମୁର୍ମୁ, ଖେଳ ଶିକ୍ଷକ ଦିଲ୍ଲୀପ ଦାସ ଓ ପ୍ରଧାନଶିକ୍ଷୟିତ୍ରୀ କବିତା ଜେନା ଯୋଗ ଦେଇଥିଲେ। ଆୟୋଜକ ଶ୍ରୀକୃଷ୍ଣ



ନାୟକ ଧନ୍ୟବାଦ ଦେଇଥିଲେ। ଉକ୍ତ ପ୍ରତିଯୋଗିତାର ଉଭୟ ପୁରୁଷ ଓ ମହିଳା ବିଭାଗର ୬ଟି ଇଭେଣ୍ଟରେ ୩୦୦ରୁ ଅଧିକ ପ୍ରତିଯୋଗୀ ଯୋଗ ଦେଇଥିଲେ। ପବିତ୍ର ଗିରି, ଭବାନୀ ସିଂ, ତ୍ରିଲୋଚନ ବିନ୍ଧାଣି, ବାପୁନ ବିନ୍ଧାଣି, ମାନସ ସିଂ, ଦିଗାମ୍ବର ସିଂ, ପବନ ବିନ୍ଧାଣି ସହଯୋଗ କରିଥିଲେ। ସାଇରଞ୍ଜନ ଲେଙ୍କା ମଞ୍ଚ ପରିଚାଳନା କରିଥିଲେ।

**ବାରିପଦା:** ଶ୍ରୀସତ୍ୟସାଇ ବିଦ୍ୟାବିହାରର ବାର୍ଷିକ ଉତ୍ସବ 'ସାଇ ସ୍ପେକ୍ଟ୍ରମ' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ



ଡ. ସଂଘମିତ୍ରା ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସତ୍ୟସାଇ ସେବା ସଂଗଠନର ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ସାହୁ, ପରିଚାଳନା କମିଟି ସଭାପତି ସନ୍ଦୀପ ଆଚାର୍ଯ୍ୟ ଓ ବିଦ୍ୟାଳୟ ପରିଚାଳକ ଦେବାଶିଷ ମହାପାତ୍ର, ସମିତି ଆବାହକ ମାନସ ମହାପାତ୍ର, ପୂର୍ବତନ ଅଧକ୍ଷା ସୁମିତ୍ରା ମିଶ୍ର, ଜୟଚନ୍ଦ୍ର ବେହେରା, ଭାଗ୍ୟଧର ନନ୍ଦ, ରୂପେଶ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି ବିଦ୍ୟାଳୟର ପତ୍ରିକା 'ସାଇ ବର୍ଣ୍ଣାଳୀ'କୁ ଉନ୍ମୋଚନ ହୋଇଥିଲା। ଅଧକ୍ଷ ଗିରିଜା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯିବା ସହିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ବାଲିଘାଟରେ ପୁଲିସ ଚଢ଼ଉ; ୭ ମାଫିଆ ଅଟକ

## ୨ ହାଇୱା, ୨ ପୋକଲେନ ମେସିନ ସହ କାର୍ ଜବତ

ତୁରୁମୁଙ୍ଗା, ୨୩।୧୨(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ତହସିଲ ଅନ୍ତର୍ଗତ ଜ୍ୟୋତିପୁର ଆରଆଇ ସର୍କଲ ମାଳିପଶି ବୈତରଣୀ ନଦୀ ବାଲିଘାଟରୁ ବାଲି ଚୋରା ଚାଲାଣ ବେଳେ ସୋମବାର ବିଳମ୍ବିତ ରାତିରେ ବାରିଆ ପୁଲିସ ଓ ସ୍ପେସାଲ ସ୍କ୍ୱାଡ ପକ୍ଷରୁ ଚଢ଼ଉ କରାଯାଇଛି। ଏଥିରେ ୨ଟି ବାଲି ବୋଝେଇ ହାଇୱା ସହ ୨ଟି ପୋକଲେନ ମେସିନ ଏବଂ ଏକ କାର୍‌କୁ ପୁଲିସ ଜବତ କରିଛି। ଘଟଣାରେ ସମ୍ପୃକ୍ତ ୭ ଜଣ ମାଫିଆଙ୍କୁ ଅଟକ ରଖି ପୁଲିସ ଘଟଣାର ତଦନ୍ତ କରୁଛି। ବେଆଇନ ବାଲି ଚୋରା ଚାଲାଣ ନେଇ ଖବର ପାଇଁ ପୁଲିସ ଏହି ଚଢ଼ଉ କରିଥିଲଶ। ୭ ବାଲି ମାଫିଆ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ଚଢେଇଭୋଳ ଗ୍ରାମର ଏମ୍‌ଡି ମତିଉଲା ରେହମାନ ଏବଂ ଯୋଗେଶ୍ୱର ବେହେରା, ମହଦେବଦେଉଳି ଗ୍ରାମର ବିଶ୍ୱଜିତ ଦେହୁରୀ, ଚମ୍ପୁଆ ଥାନା ରଜିଆ ଗ୍ରାମର ଅଭିନାଶ ମହାକୁଡ଼ ଏବଂ ପ୍ରଶାନ୍ତ କୁମାର ନାଏକ



ଗୋପୀନାଥପୁର ଗ୍ରାମର ଆଶିଷ ବେହେରା ଓ ସଦର ଥାନା ନେଲୁଙ୍ଗ ଗ୍ରାମର ଅମିତ ନାଏକଙ୍କୁ ଅଟକ ରଖିଛି। ଏନେଇ ବାରିଆ ଥାନାରେ ୨୩୦/୨୫ ଏକ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ରଞ୍ଜୁ ହାସିନି କୁଲୁ କହିଛନ୍ତି।

## ବାଲି ଟ୍ରାକ୍ଟର ଜବତ

ତୁରୁମୁଙ୍ଗା, ୨୩।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଧାନବେଣୀ ନିକଟରୁ ଏକ ବାଲି ବୋଝେଇ ଟ୍ରାକ୍ଟରକୁ ମଙ୍ଗଳବାର ପାଟଣା ପୁଲିସ ଜବତ କରିଛି। ଟ୍ରାକ୍ଟରରେ ବେଆଇନ ଭାବରେ ବାଲି ଚୋରା ଚାଲାଣ ହେଉଥିବା ସମୟରେ ପୁଲିସ ଚଢ଼ଉ କରି ଟ୍ରାକ୍ଟରକୁ ଜବତ କରି ଡ୍ରାଇଭରକୁ ଅଟକ ରଖିବା ପରେ ନୋଟିସ ଦେଇ ଛାଡ଼ିଥିବା ଜଣାପଡ଼ିଛି।

■ ପୁତୁରା ଆକ୍ରମଣରେ ଦାଦା ଗୁରୁତର

# ହତ୍ୟା ଉଦ୍ୟମ ମାମଲାରେ ଯୁବକ ଗିରଫ

ଆନନ୍ଦପୁର,୨୩।୧୨(ସମିସ): ରାମଚନ୍ଦ୍ରପୁର ଥାନା ସାଇଁକୂଳ ଗ୍ରାମରେ ଦେଖାଦେଇଛି ଏକ ଅଭାବନୀୟ ଘଟଣା। କୌଣସି ଏକ କାରଣରୁ ଦାଦା ପୁତୁରାଙ୍କ ମଧ୍ୟରେ କଥା କଟାକଟି ହେବାରୁ ପୁତୁରା ରାଗି ଯାଇ ଶାବଳରେ ଆକ୍ରମଣ କରିଥିଲା ଦାଦାଙ୍କୁ। ସୂଚନା ଅନୁସାରେ, ସାଇଁକୂଳ ଗ୍ରାମର ଅର୍ଜୁନ ଚକ୍ର (୭୫) ଓ ତାଙ୍କ ପୁତୁରା ଅରୁଣ ଚକ୍ର (ନୁଠୁ)(୨୫)ଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଉକ୍ଷିପ୍ତ ହୋଇ ନୁଠୁ




ଏକ ଶାବଳରେ ଆକ୍ରମଣ କରିଥିଲା। ଦାଦା ଗୁରୁତର ଆହତ ହେବାରୁ ପ୍ରଥମେ ସାଇଁକୂଳ ଡାକ୍ତରଖାନା ପରେ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର ହୋଇଛନ୍ତି। ରାମଚନ୍ଦ୍ରପୁର ଥାନାରେ କେସ ନମ୍ବର୍ ୪୦୫/୨୫ ହତ୍ୟା ଉଦ୍ୟମ ମାମଲା ରୁଜୁକରି ଅଭିଯୁକ୍ତ ନୁଠୁକୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଅଭିଯୁକ୍ତ ନୁଠୁ ନାମରେ ପୂର୍ବରୁ ଅନେକ ଗୁଡ଼ିଏ ଡକାୟତି, ଗଣ୍ଡଗୋଳ ଆଦି କେସ୍ ରହିଛି।

# ବାଲ୍ୟବିବାହ ମୁକ୍ତ ଜିଲ୍ଲା ଗଠନ ପାଇଁ ରାଜ୍ୟ ଶିଶୁ ଅଧିକାର ଆୟୋଗଙ୍କ ଆହ୍ୱାନ

 କେନ୍ଦୁଝର, ୨୩।୧୨(ସମିସ): ଦୁଇଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଥିବା ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ବବିତା ପାତ୍ର ଓ ସଦସ୍ୟା ମନସ୍ୱିତା ଖୁଣ୍ଟିଆ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦରବାର ହଲଠାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ବିଭିନ୍ନ ଯୋଜନାର ବାସ୍ତବ ରୂପାୟନ ସମ୍ପର୍କରେ ସମୀକ୍ଷା କରିଥିଲେ। ବୈଠକରେ ଜିଲ୍ଲାପାଳ ବିଶାଳ ସିଂହ, ଆରକ୍ଷୀ ଅଧୀକ୍ଷକ ନିତିନ କୁଶଳକର ଓ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକଙ୍କ ସମେତ ଜିଲ୍ଲାର ସମସ୍ତ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଆୟୋଗର ପ୍ରତିନିଧି ଦଳ ଜିଲ୍ଲାସ୍ତରରେ ଶିଶୁ ସୁରକ୍ଷା, ପୋଷଣ ଏବଂ ସେମାନଙ୍କ ଅଧିକାରକୁ ସୁନିଶ୍ଚିତ କରିବା ଦିଗରେ ଚାଲିଥିବା କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟକାରିତାକୁ ଅନୁଧ୍ୟାନ କରିବା ସହ ଏହାର ସୁପରିଚାଳନା ପାଇଁ ତୃଣମୂଳସ୍ତରର ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଶିଶୁ ମଙ୍ଗଳ ସମିତି, କିଶୋର ନ୍ୟାୟ ବୋର୍ଡ୍, ସ୍ୱତନ୍ତ୍ର ପୁଲିସ ୟୁନିଟ୍, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଚାଇଲ୍ଡ ହେଲ୍ପ



ଲାଇନ୍‌ର କର୍ମଚାରୀ ଯୋଗ ଦେଇଥିଲେ। ଜିଲ୍ଲାରେ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜରୁରୀ ସେବା ଏବଂ କାର୍ଯ୍ୟକ୍ରମ ଉପରେ ଏଠାରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆୟୋଗର ସଦସ୍ୟା ଶ୍ରୀମତୀ ଖୁଣ୍ଟିଆ ଆଦିବାସୀ ସମ୍ପ୍ରଦାୟଙ୍କ ମଧ୍ୟରେ ଅଧିକ ବାଲ୍ୟ ବିବାହ ଘଟଣା ସାମନାକୁ ଆସୁଥିବାରୁ ଏନେଇ ସେମାନଙ୍କୁ ବ୍ୟାପକ ସଚେତନ କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଆରକ୍ଷୀ ଅଧୀକ୍ଷକ ମହିଳାଙ୍କ ସୁରକ୍ଷା ନିମନ୍ତେ ଆରମ୍ଭ ହୋଇଥିବା ରାକ୍ଷୀ ଆପ ସମ୍ବନ୍ଧରେ ସୂଚନା ଦେଇଥିଲେ। ଆୟୋଗ କେନ୍ଦୁଝର ଅଞ୍ଚଳରେ ଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟଧାରାକୁ ପ୍ରତ୍ୟକ୍ଷ ଭାବରେ ଅନୁଧ୍ୟାନ କରିଥିଲେ। ଡିପାସାହିସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର ଗସ୍ତ କରି ସେଠାକାର ଆମ କଳିକା କେନ୍ଦ୍ରରେ ବାଲ୍ୟ ସଭାରେ ଯୋଗ ଦେଇଥିଲେ। ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ସଖୀ ସେଣ୍ଟର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଶିଶୁ ୱାର୍ଡ ଓ ପାଟେଶ୍ୱର ମହାବିଦ୍ୟାଳୟ ଗସ୍ତ କରି ବିଭିନ୍ନ ବ୍ୟବସ୍ଥାର ଅନୁଧ୍ୟାନ କରିବ ସହ ଏହି ସବୁ ଅନୁଷ୍ଠାନର କାର୍ଯ୍ୟକାରିତା, ସେବା ପ୍ରଦାନର ମାନ ଓ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରିଥିଲେ। ଏଥିସହିତ ଭୁବନେଶ୍ୱରର ଏକ ଘରୋଇ ଅନୁଷ୍ଠାନରେ ମୃତ୍ୟୁବରଣ କରିଥିବା କେନ୍ଦୁଝର ଅଞ୍ଚଳର ଛାତ୍ର ଶିବ ମୁଣ୍ଡାଙ୍କ ଘରକୁ ଗସ୍ତ କରି ଶୋକାକୁଳ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।

# ଜୁଡ଼ିଆ ଫାର୍ମରେ କୃଷକ ସମ୍ମାନ ଦିବସ

କେନ୍ଦୁଝର, ୨୩/୧୨(ସମିସ): ଜୁଡ଼ିଆ ଫାର୍ମସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଜାତୀୟ କୃଷକ ସମ୍ମାନ ଦିବସ ପାଳନ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୧୦୦ରୁ ଊର୍ଦ୍ଧ୍ୱ କୃଷକ ଓ କୃଷିଜୀବୀ ମହିଳା ଏହି ଅବସରରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ୍ୟ ମଣ୍ଡିତ କରୁଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ଡ ସୁକାନ୍ତ କୁମାର ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ଚାଷୀଙ୍କୁ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମ ଉନ୍ନୟନ ବିଭାଗ ମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ଉଦବୋଧନ ଭର୍ଚୁଆଲ ମାଧ୍ୟମରେ



ପ୍ରସାରଣ କରାଯାଇଥିଲା। ଆଞ୍ଚଳିକ ଗବେଷଣା କେନ୍ଦ୍ରର ମୁଖ୍ୟ ଡ କିଶୋରଚନ୍ଦ୍ର ସାହୁ, କେନ୍ଦୁଝର ଜିଲ୍ଲା କୃଷି ବିଭାଗର ମୁଖ୍ୟ ପୃଥ୍ୱୀରାଜ ମଣ୍ଡଳ ସମନ୍ୱିତ କୃଷି, ପନିପରିବା ଚାରା ଉତ୍ପାଦନ, ଛତୁ ଉତ୍ପାଦନ, ଛେଳି ପାଳନ ଏବଂ ଜିଆଖତ ପ୍ରସ୍ତୁତି ଆଦିରେ କୃତୀ ଚାଷୀଙ୍କୁ ମାନପତ୍ର, ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ସମ୍ପ୍ରସାରଣ) ଦୀପକ ହେମ୍ବ୍ରମ, କ୍ଷେତ୍ର ବୈଜ୍ଞାନୀ ନିଗମାନନ୍ଦ ବେହେରା, ପ୍ରାଣୀବିଜ୍ଞାନୀ ଡ ଲିପ୍ସା ଦାଶ, ଉଦ୍ୟାନ ବିଜ୍ଞାନୀ ଡ ଅମ୍ରିତା ମହାପାତ୍ର, ମୃତ୍ତିକା ବିଜ୍ଞାନୀ ଡ ସିପ୍ରା ଦାସ ଏବଂ କାର୍ଯ୍ୟକ୍ରମ ସହାୟକ ପୁଷ୍ପାଞ୍ଜଳି ମିଶ୍ର ସହଯୋଗ କରିଥିଲେ।

# ଶୀଘ୍ର ଧାନମଣ୍ଡି ଖୋଲିବା ଦାବିରେ ଧାରଣା



ତୁରୁମୁଙ୍ଗା, ୨୩।୧୨(ସମିସ): ପାଟଣା ବ୍ଲକ ନବନିର୍ମାଣ କୃଷକ ସଂଗଠନ ତରଫରୁ ମଙ୍ଗଳବାର ପାଟଣା ତହସିଲ ସମ୍ମୁଖରେ ଶୀଘ୍ର ଧାନ ମଣ୍ଡି ଖୋଲିବା ଦାବିରେ ଧାରଣା ଦିଆଯାଇଛି। ସଂଗଠନ ପାଟଣା ବ୍ଲକ ସଭାପତି ରାଜବଲ୍ଲଭ ମିଶ୍ର, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଖଗେଶ୍ୱର ମହାନ୍ତ, ସଦସ୍ୟ ରମାକାନ୍ତ ମହାନ୍ତ, ସନାତତନ ମହାନ୍ତ, ସାହାରପଡ଼ା ବ୍ଲକ ଯୁବପ୍ରଭାରୀ ରାଜକିଶୋର ମହାନ୍ତ, ଯାଜ୍ଞସେନି ମହାନ୍ତ, କଳ୍ପନା ମୁଣ୍ଡାରୀ ଥିଲେ। ନବନିର୍ମାଣ କୃଷକ ସଂଗଠନ ତରଫରୁ ଗତ ଡ଼ିସେମ୍ବର ୧୬ତାରିଖ ଦାବିପତ୍ର ପାଟଣା ତହସିଲଦାର ଅଶ୍ୱିନୀ ନାଏକଙ୍କୁ ପ୍ରଦାନ କରାଯାଇଥିଲା। ୭ଦିନ ମଧ୍ୟରେ ଦାବି ପୂରଣ ନହେଲେ ଧାରଣା ଦେବେ ବୋଲି ଚେତାବନୀ ଦେଇଥିଲେ। ସନ୍ଧ୍ୟାରେ ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା ଆନ୍ଦୋଳନକାରୀଙ୍କ ନିକଟକୁ ଆସି ଡିସେମ୍ବର ୨୬ ତାରିଖ ପାଟଣାରେ ଧାନମଣ୍ଡି ଖୋଲିବାର ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଓହରିଥିଲେ।

# କାଠବାଉଁଶୁଳି ପ୍ରିମିୟର ଲିଗ୍ କ୍ରିକେଟ୍

ଝୁମ୍ପୁରା, ୨୩।୧୨(ସମିସ): ସଦର ବ୍ଲକ କାଠବାଉଁଶୁଳି ନେତାଜୀ ୟୁଥ୍ ଆସୋସିଏସନ୍ ପକ୍ଷରୁ ରାଜ୍ୟସ୍ତରୀୟ ୨୫ତମ କେପିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ଡେଞ୍ଜର ଏକାଦଶ ରାଉରକେଲା ଟସ ଜିତି ପ୍ରଥମେ ବ୍ୟାଟିଂ କରି ଷ୍ଟାର୍ ଏକାଦଶ ଭୁବନେଶ୍ୱରକୁ ହରାଇଛି। ସୁଶାନ୍ତ ପଣ୍ଡା, ଦିବ୍ୟରଞ୍ଜନ ରାଣା ମ୍ୟାଚ ପରିଚାଳନା କରିଥିଲେ। ତାରିଣୀ ସେନ୍ ଲୋହାର, ମିତ୍ରଭାନୁ ସର୍ଦ୍ଦାର, ଆକାଶ ଆରୁକ୍ ସ୍କୋରର ଥିବା ବେଳେ ଜାଫରଉଲ୍ଲାହ ଧାରା ବିବରଣୀ ପ୍ରଦାନ କରିଥିଲେ।



ଆସୋସିଏସନ୍ ସଭାପତି ଜଗନ୍ନାଥ୍ ମୋଦୀ, ସଂପାଦକ ବିଶ୍ୱମିତ୍ର ମହାନ୍ତ, ଉପସଭାପତି ପ୍ରସନ୍ନା ସର୍ଦ୍ଦାର, ଡାଇରେକ୍ଟର କରୁଣ ମାଟିଆ ସହଯୋଗ କରିଥିଲେ। ଷ୍ଟୁଡିଓ ରୋର୍ ମିଡିଆ ଲାଇଭ ସ୍କୋରିଂରେ ସହଯୋଗ କରିଥିଲେ। କ୍ଲବ ସଦସ୍ୟ ପ୍ରସନ୍ନ ସର୍ଦ୍ଦାର, ଗୁରୁଚରଣ ମହାନ୍ତ, ମନୋଜ ମହାନ୍ତ, ସନ୍ତୋଷ ମହାନ୍ତ, ତ୍ରିନାଥ ମହାନ୍ତ, ବେଣୁଧର ମୋଦୀ, ବିଡ଼ିଓ ମହାନ୍ତ, କାଳପାଟାରୁ ଆରୁକ୍, କୃପାସିନ୍ଧୁ ସର୍ଦ୍ଦାର, ଡମ୍ବରୁଧର ସର୍ଦ୍ଦାର, କୃଷ୍ଣ ସର୍ଦ୍ଦାର, ଲକ୍ଷ୍ମଣ ବେହେରା, ଜଗବନ୍ଧୁ ମହାନ୍ତ, ସୁଭାଷ ସର୍ଦ୍ଦାର, ଅଶୋକ ଲୋହାର, ନାଳିଆ ସର୍ଦ୍ଦାର, ମଧୁସୂଦନ ସର୍ଦ୍ଦାର, ଶିକ୍ଷକ ତନୁରାମ ମହାନ୍ତ ତଥା ଅନେକ ସଦସ୍ୟ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# 'ମୁଁ ଗଛ କହୁଛି' କାର୍ଯ୍ୟକ୍ରମକୁ ସାଂସଦଙ୍କ ପ୍ରଶଂସା

ଆନନ୍ଦପୁର, ୨୩।୧୨ (ସମିସ): ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁଙ୍କ "ମୁଁ ଗଛ କହୁଛି' କାର୍ଯ୍ୟକ୍ରମକୁ କେନ୍ଦୁଝରର ସାଂସଦ ଅନନ୍ତ ନାୟକ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ନିଜର ଜନ୍ମ ଦିନରେ ଅତି କମ୍‌ରେ ଗୋଟିଏ ଗଛ ଲଗାଇବା ଏବଂ ଏହାର ଯତ୍ନ ନେବା। ଆନନ୍ଦପୁର ପ୍ରେସ କ୍ଲବ୍ ଦ୍ୱାରା ଆୟୋଜିତ ଆନନ୍ଦପୁର ବାଣିଜ୍ୟ ମହୋତ୍ସବର ଉଦଯାପନୀ ସଭାରେ ଆଜି କେନ୍ଦୁଝରର ସାଂସଦ ଅନନ୍ତ ନାୟକ ଶ୍ରୀ ସାହୁଙ୍କ ପରିବେଶ ସୁରକ୍ଷା, ବୃକ୍ଷରୋପଣ ଓ ବନ୍ୟପ୍ରାଣୀ ସଂରକ୍ଷଣ କାର୍ଯ୍ୟ



ସମ୍ବନ୍ଧରେ ଆଲୋଚନା କରିଥିଲେ। ଅଧିକରୁ ଅଧିକ ଔଷଧୀୟ ବୃକ୍ଷ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ତ୍ରିଲୋଚନ ସାହୁ ଫକୀରପୁରରେ ସୃଷ୍ଟି କରିଥିବା କ୍ଷୁଦ୍ରବନକୁ ଏବଂ ବିଭିନ୍ନ ସ୍ଥାନରେ ଲଗାଇଥିବା ବୃକ୍ଷରୋପଣ, ପରିବେଶ ସୁରକ୍ଷା ଓ ବନ୍ୟପ୍ରାଣୀ ସଂରକ୍ଷଣ କାର୍ଯ୍ୟକୁ ସାଂସଦ ଖୁବ୍ ପ୍ରଶଂସା କରିଥିଲେ। କ୍ଷୁଦ୍ର ବନକୁ କେବେ ସମୟ ହେଲେ ଦେଖିବେ ବୋଲି କହିଥିଲେ। କେନ୍ଦୁଝର ପୌରାଧକ୍ଷା ନିକୁ ସାହୁ, ବିଜେପି ରାଜ୍ୟ ସମ୍ପାଦିକା ମମତା ସିଂହ, ଆନନ୍ଦପୁର ପୌର ପରିଷଦର ପୂର୍ବତନ ପୌରାଧ୍ୟକ୍ଷ ରାମଚନ୍ଦ୍ର ସାହୁ, ସାଂସଦ ପ୍ରତିନିଧି ଟୁକୁନା ମହାନ୍ତ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଲୋକ ସେଠୀ, ଘଷିପୁରା ବିଜେପି ନେତା ଶମ୍ଭୁନାଥ ରାଉତ, ଆନନ୍ଦପୁର ପ୍ରେସ କ୍ଲବ ସଭାପତି ନାରାୟଣ ସାହୁ, ସମ୍ପାଦକ ସନ୍ତୋଷ ରାଉତଙ୍କ ସମେତ ପ୍ରେସ କ୍ଲବ୍ ସଦସ୍ୟ ଓ ଉପସ୍ଥିତ ବିଭିନ୍ନ ବୁଦ୍ଧିଜୀବୀ ପ୍ରଶଂସା କରିଥିଲେ।

# ବିଭିନ୍ନ ସ୍କୁଲର ବାର୍ଷିକ କ୍ରୀଡ଼ା



କେନ୍ଦୁଝର, ୨୩।୧୨(ସମିସ): କେନ୍ଦୁଝର ପୁରୁଣା ସହରର ପୁରାତନ ଜିଙ୍ଗଲବେଲ ପ୍ଲେ ସ୍କୁଲର ପଞ୍ଚମ ବାର୍ଷିକ ଦୁଇଦିନିଆ କ୍ରୀଡ଼ା ଉତ୍ସବ ହାଟପଡିଆ ପ୍ଲେଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ୧୦ ମିଟର ଦୌଡ଼, ରିବନ ରେସ, ମ୍ୟୁଜିକ ଚେୟାର, ଜିଲାବି ରେସ ଆଦି ଖେଳରେ ଶତାଧିକ କୁନି କୁନି ପିଲା ଉତ୍ସାହର ସହିତ ଭାଗ ନେଇଥିଲେ। ସମସ୍ତ ପିଲାଙ୍କ ଅଭିବାବକ ସକ୍ରିୟ ଅଂଶଗ୍ରହଣ କରି ପିଲାଙ୍କୁ ଉତ୍ସହିତ କରିଥିଲେ। ଉଦଯାପନୀ ସମାରୋହରେ ବରିଷ୍ଠ ସାମ୍ବାଦିକ ଏଆରଖାନ ମୁଖ୍ୟଅତିଥି ଭାବେ ଯୋଗଦେଇ କୁନି ପ୍ରତିଭାଙ୍କୁ ମେଡାଲ, ପ୍ରମାଣପତ୍ର ଦ୍ୱାରା ସମ୍ବର୍ଦ୍ଧିତ କରି ସେମାନଙ୍କ ସଫଳତା କାମନା କରିବା ସହ ଶିକ୍ଷୟିତ୍ରୀଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଅଧକ୍ଷା ସର୍ବାଣି ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ନିବେଦିତା ପଟ୍ଟନାୟକ, ଜୁଲି ପ୍ରଧାନ, ସୁଦୀପ୍ତା ଦାଶ, ମନୋଜ ମଞ୍ଜରୀ ଜେନା, ସୋନାଲି ଜେନା, କ୍ଷୀରବ୍ଧି ବଡ଼ପଣ୍ଡା, ସୋନାଲି ଅଧିକାରୀ ପରିଚାଳନା କରିଥିଲେ।

ଆନନ୍ଦପୁର: ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦଯାପିତ ହୋଇଯାଇଛି। ସ୍କୁଲର ମ୍ୟାନେଜିଙ୍ଗ ଟ୍ରଷ୍ଟି ଡ.ଅଶୋକ କୁମାର ପୁହାଣ ଓ ସଦସ୍ୟ ଅନ୍ନଦାଶଙ୍କର ମହାନ୍ତି ବିଭିନ୍ନ ବର୍ଗର ଖେଳରେ ତିନିଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ମେଡାଲ ପ୍ରଦାନ କରିଥିଲେ। ସ୍କୁଲର ଅଧକ୍ଷା ଡ. ସୁଜାତ ଘୋଷ ଓ ଉପାଧକ୍ଷା ରଂଜିତା ଜେନା ପାଟ୍ଟଶାଣୀଙ୍କ ଉପସ୍ଥିତିରେ ଆୟୋଜିତ ଉତ୍ସବକୁ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ପ୍ରିୟଙ୍କା ସାହୁ ଓ ଶିକ୍ଷକ ସୁବ୍ରତ କୁମାର ରାମ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ନୟନ ଜାନିଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଘଟଗାଁ ପ୍ରେସ୍ କ୍ଲବ୍‌ର ବୈଠକ



ଘଟଗାଁ, ୨୩।୧୨(ସମିସ): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକରେ କାର୍ଯ୍ୟରତ ସାମ୍ବାଦିକ ସଙ୍ଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବରିଷ୍ଠ ସାମ୍ବାଦିକ ପ୍ରଦୀପ କୁମାର ସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଘଟଗାଁ ପ୍ରେସ କ୍ଲବ୍‌ର ଏକ ସାମ୍ବାଦିକ ଭବନ ନିର୍ମାଣ ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା ପାଇଁ ଆଲୋଚନା ହୋଇଥିଲା। ଏକତା ଭିତ୍ତିରେ କାର୍ଯ୍ୟ କରିବାକୁ ସଂକଳ୍ପ ନିଆଯାଇଥିଲା। ସମସ୍ତେ ସମସ୍ତଙ୍କ ସହ ସମନ୍ୱୟ ରକ୍ଷା କରି ସାମ୍ବାଦିକତାକୁ ଆଗେଇ ନେବାକୁ ବରିଷ୍ଠ ସାମ୍ବାଦିକ ଆନନ୍ଦଚନ୍ଦ୍ର ସିଂ ମତ ରଖିଥିଲେ। ଏଥିପାଇଁ ଏକ ସମନ୍ୱୟ କମିଟି ବିଷୟରେ ବରିଷ୍ଠ ସାମ୍ବାଦିକ ସଂଜୟ ମିଶ୍ର ମତ ରଖିଥିଲେ। ଆଗାମୀ ଦିନରେ ଲୁପ୍ତ ହୋଇ ଯାଇଥିବା ଘଟଗାଁ ମହୋତ୍ସବକୁ ପୁନଶ୍ଚ କରିବା ପାଇଁ ସମସ୍ତ ସାମ୍ବାଦିକ ମତ ରଖିଥିଲେ। ତେବେ ଏନେଇ ଯଥାଶୀଘ୍ର ପ୍ରକ୍ରିୟା ଆରମ୍ଭ ହେବ ବୋଲି ବରିଷ୍ଠ ସାମ୍ବାଦିକ ପ୍ରଦୀପ ସା ପ୍ରତିଶ୍ରୁତି ଦେଇଥିଲେ। ସାମ୍ବାଦିକ ମନୋଜ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଡିଚଡାରରେ ସାନ୍ତାଳି ଦିବସ

କେନ୍ଦୁଝର,୨୩।୧୨(ସମିସ): ପଦ୍ମପୁର ପଞ୍ଚାୟତ ଜଡିଚଡାର ଗ୍ରାମରେ ଆଦିମ ମାର୍ଶାଲ ସାନ୍ତାଳି ଅନଇତୁନ ଆଶାଳା ପକ୍ଷରୁ ସାନ୍ତାଳି ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ବିଜେପି ଉପସଭାପତି ଗଣେଶ୍ୱର ମହାନ୍ତ, ମୁଖ୍ୟବକ୍ତା ସାନ୍ତାଳି ସମାଜର ବିଶିଷ୍ଟ ଲେଖକ କିର୍ତ୍ତୁ ମୁର୍ମୁ, ସମ୍ମାନିତ ଅତିଥି ବିଜେପି ଜିଲ୍ଲା ଉପସଭାପତି ବିବେକାନନ୍ଦ ମହାନ୍ତ, ଇଂ ବସନ୍ତ ଦାନୀ, ବିଶ୍ୱ ହିନ୍ଦୁ ପରିଷଦ ଘାସିରାମ ମାଝୀ, ବିଜେପି ରାଇସୁଆଁ ମଣ୍ଡଳ ସଭାପତି ସମିର ସାହୁ ସାନ୍ତାଳି ଭାଷା ଦିବସର ବହୁ ମୂଲ୍ୟବାନ ଉପଦେଶ ଦେଇଥିଲେ। ଆଦିମ ମାର୍ଶାଲ ସାନ୍ତାଳି ଅଲ୍ ଇତୁନ୍ ଆଶଳାର ସମ୍ପାଦକ ଗୋପାଳ ମାଝୀ, ସଭାପତି ରଘୁନାଥ ମାଝୀ, କୋଷାଧ୍ୟକ୍ଷ ପରେଶ ମାଝୀ ସଦସ୍ୟ ପିତାମ୍ବର ମାଝୀ, ଦିଲ୍ଲୀପ ମାଝୀ, ସୁରେନ୍ଦ୍ର ମାଝୀ, ଯୋଗେନ୍ଦ୍ର ମାଝୀ, ବିଦ୍ୟାଧର ମାଝୀ, ପ୍ରଧାନଶିକ୍ଷକ ଘନଶ୍ୟାମ ମାଝୀ, ଶିକ୍ଷୟିତ୍ରୀ ମିତା ମାଝୀ, ମାର୍ଶାଲ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।



# ବିପ୍ଳବୀ ଧରଣୀଧର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ



କେନ୍ଦୁଝର,୨୩।୧୨(ସମିସ): କେନ୍ଦୁଝର ସଦର ବ୍ଲକ ବରଦାପାଳ ପଞ୍ଚାୟତ କୁସୁମିତା ଗ୍ରାମର ଖେଳପଡ଼ିଆରେ ୨୦ତମ ବିପ୍ଳବୀ ଧରଣୀଧର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ମୁଖ୍ୟଅତିଥି ଭାବେ ବରଦାପାଳ ପଞ୍ଚାୟତ ସରପଞ୍ଚ ଗଣେଶଚନ୍ଦ୍ର ମୁଣ୍ଡା, ସମ୍ମାନିତ ଅତିଥି ସମିତିସଭ୍ୟ ସଞ୍ଜିତା ନାଏକ, ଏଡିଓ ଗଦାଧର ଦେହୁରୀ, ଭୀମସେନ ସେଠୀ, ପ୍ରସାଦ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟ ସଭାପତି ସଞ୍ଜୟ କୁମାର ପ୍ରଧାନ, ସମ୍ପାଦକ ଇଶ୍ୱର ଦେହୁରୀ, କୋଷାଧ୍ୟକ୍ଷ ଆନନ୍ଦ ପ୍ରଧାନ, ମନୋରଞ୍ଜନ ଦେହୁରୀ, ଗଣେଶ ଦେହୁରୀ, ରାଜେନ୍ଦ୍ର ପ୍ରଧାନ, ପଙ୍କଜ କୁମାର ପ୍ରଧାନ, ରାଇବନ ଦେହୁରୀ, ପଞ୍ଚାନନ ନାଏକ, ଲକ୍ଷ୍ମଣ ପ୍ରଧାନ, ଦିଲ୍ଲୀପ କୁମାର ଦେହୁରୀ, ବଳଭଦ୍ର ଦେହୁରୀ ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ। ଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହେବ।

# ସେଙ୍ଗେଲ ପକ୍ଷରୁ ସଂକଳ୍ପ ଦିବସ ଭାବେ ପାଳିତ ହେଲା ହାସା-ଭାଷା ବିଜୟ ଦିବସ

**ବାଲିବନ୍ଧ,୨୩।୧୨(ସମିସ):** ଆଦିବାସୀ ସେଙ୍ଗେଲ ଅଭିଯାନ (ଆସା) ଝୁମ୍ପୁରା ବ୍ଲକ କମିଟିର ସେଙ୍ଗେଲ ସଭାପତି ହିରନ୍ୟ ହେମ୍ବ୍ରମଙ୍କ ନେତୃତ୍ୱରେ ଖୁଣ୍ଟାପଡା ଗ୍ରାମପଞ୍ଚାୟତ ଅଧୀନରେ ଥିବା ଅଶୁକୀ ଗ୍ରାମରେ ହାସା (ମାତୃଭୂମି-ସାନ୍ତାଳ ପାର୍ଗାନା), ଭାଷା (ମାତୃଭାଷା-ସାନ୍ତାଳୀ) ବିଜୟ ଦିବସକୁ ସଂକଳ୍ପ ଦିବସ ରୂପେ ପାଳନ କରାଯାଇଛି। ବୀର ସହୀଦ ସିଦୋ ମୁର୍ମୁଙ୍କ ନେତୃତ୍ୱରେ ଇଂରେଜ ବିରୋଧରେ ଆନ୍ଦୋଳନ କରାଯାଇ ୨୨ ଡିସେମ୍ବର ୧୮୫୫ରେ ସାନ୍ତାଳ ପାର୍ଗାନା ଦିଶୋମ ଏସପିଟି ଆକ୍ଟ ସ୍ଥାପିତ ହୋଇଥିଲା। ପୂର୍ବତନ ସାଂସଦ ସାଲଖାନ ମୁର୍ମୁଙ୍କ ନେତୃତ୍ୱରେ ତୀବ୍ର ଆନ୍ଦୋଳନ କରାଯାଇ ୨୨ ଡିସେମ୍ବର ୨୦୦୩ରେ ସାନ୍ତାଳୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ହୋଇଥିଲା। ଉକ୍ତ ଦୁଇ ବୀରଙ୍କର ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ସମସ୍ତ ସେଙ୍ଗେଲ ନେତା କାର୍ଯ୍ୟକର୍ତ୍ତାଙ୍କର ଉକ୍ତ ସାଧାରଣା ସଭାକୁ ସଂକଳ୍ପ ଦିବସ ରୂପେ ପାଳନ କରାଯାଇଛି। ସମ୍ବିଧାନ ସ୍ୱୀକୃତି ସାନ୍ତାଳୀ ଭାଷାକୁ ଧାରା ୩୪୭ ଅନୁଯାୟୀ ଓଡ଼ିଶାରେ




ଦ୍ୱିତୀୟ ରାଜଭାଷାର ମାନ୍ୟତା, ଧାରା ୩୪୫ ଅନୁଯାୟୀ ଝାଡ଼ଖଣ୍ଡ ରାଜ୍ୟରେ ସାନ୍ତାଳୀ ଭାଷାକୁ ରାଜଭାଷାର ମାନ୍ୟତା ପ୍ରଦାନ କରିବା, ୩-ଆଦିବାସୀ ପ୍ରକୃତି ପୂଜକ ହୋଇଥିବାରୁ ପ୍ରାୟ ୧୫ କୋଟି ପ୍ରକୃତି ପୂଜକ ଆଦିବାସୀଙ୍କର ସାରନା ଧର୍ମ କୋଡ ଜନଗଣନାରେ ଅବିଳମ୍ବେ ସାମିଲ୍ କରିବା, ଆସାମ ଓ ଆଣ୍ଡାମାନରେ ଥିବା ଝାଡ଼ଖଣ୍ଡୀ ଆଦିବାସୀଙ୍କୁ ଅନୁସୂଚିତ ଜନଜାତି (ଏସଟି) ତାଲିକାରେ ଅବିଳମ୍ବେ ସାମିଲ କରିବା, ବୀର ସହିଦ ସିଦୋ ମୁର୍ମୁଙ୍କ ପରିବାରକୁ ସୁରକ୍ଷା ଓ ସମୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ ଟ୍ରଷ୍ଟ ଗଠନ କରି ପ୍ରତ୍ୟେକ ବର୍ଷ ୧କୋଟି ଲେଖାଏଁ ଅନୁଦାନ ରାଶି ଅବିଳମ୍ବେ ପ୍ରଦାନ କରାଯାଉ, ଆଦିବାସୀ ଗ୍ରାମ ସମାଜରୁ ନାସାପାନ, ଅନ୍ଧବିଶ୍ୱାସ, କଙ୍ଗାରୁ କୋର୍ଟ ଦ୍ୱାରା ଗୁଣ୍ଡାଗର୍ଦ୍ଦି କରି ମନଇଚ୍ଛା ଜରିମାନା, ମନଇଚ୍ଛା ସାମାଜିକ ବାସନ୍ଦ, ମହିଳା ବିରୋଧୀ ମାନସିକତା, ନୀରିହ ମହିଳାଙ୍କୁ ଡାହାଣୀ ନାମରେ ହତ୍ୟା, ହାଣ୍ଡିଆ/ମଦରେ ଭୋଟ କିଣାବିକା ଅବିଳମ୍ବେ ବନ୍ଦ କରିବା, ୫ଜାନୁୟାରୀ ୨୦୨୩ରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଦ୍ୱାରା ଆଦିବାସୀ ସାନ୍ତାଳଙ୍କର ବୃହତ ଇଶ୍ୱର ମାରାଂ ବୁରୁକୁ ଜୈନ ଧର୍ମାବଲମ୍ବୀଙ୍କୁ ଅବୈଧ ଭାବେ ହସ୍ତାନ୍ତର କରାଯାଇଥିବାରୁ ଅବିଳମ୍ବେ ଆଦିବାସୀ ସାନ୍ତାଳ ପ୍ରକୃତି ପୂଜକ ସାରନା ଧର୍ମାବଲମ୍ବୀଙ୍କୁ ପ୍ରଦାନ କରାଯାଉ, ସିଏନଟି ଓ ଏସପିଟି ଆକ୍ଟକୁ ଶକ୍ତିସେ ଲାଗୁ କରି କଳକାରଖାନା ଡ଼୍ୟାମ ବିକାଶ ନାମରେ ବିସ୍ଥାପନ ପଳାୟନ ଅବିଳମ୍ବେ ବନ୍ଦ କରାଯାଉ ଆଦି ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଆଦିବାସୀ ସେଙ୍ଗେଲ ଅଭିଯାନ ଭାରତ କିମ୍ବା ବିଶ୍ୱ ସ୍ତରରେ ତୀବ୍ର ଆନ୍ଦୋଳନ କରିବା ସହିତ ହାଇକୋର୍ଟ, ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ମଧ୍ୟ ଲଢ଼ିବାର ଦୃଢ଼ ନିଷ୍ପତ୍ତି ନେଇଛି। କେନ୍ଦୁଝର ଜୋନର ମାଝୀ ମାଣ୍ଡଆ ସଭାପତି ହିରନ୍ୟ ହେମ୍ବ୍ରମ, ସୁବାସ ମାର୍ଣ୍ଡି, ଘନଶ୍ୟାମ ହେମ୍ବ୍ରମ, ପ୍ୟାରୀମୋହନ ମାର୍ଣ୍ଡି, ନନ୍ଦ କୁମାର ମାର୍ଣ୍ଡି, ଗୁନାରାମ ମୁର୍ମୁ, ଖେଲାରାମ ମାର୍ଣ୍ଡି ପ୍ରମୁଖ ପରିଚାଳନା କରିଥିଲେ।

# ବସ୍‌ଷ୍ଟାଣ୍ଡ ନିର୍ମାଣ ପ୍ରସଙ୍ଗରେ ମୁହଁ ଖୋଲିଲେ ଜିଲ୍ଲାପାଳ

ବାରିପଦା,୨୩।୧୨(ସମିସ): ବାରିପଦା ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣରେ ଗଛ କଟାଯିବାର ତୀବ୍ର ବିରୋଧ ସହିତ ଏନଜିଟିରେ ମାମଲା ହେବା ପରେ ମଙ୍ଗଳବାର ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ମୁହଁ ଖୋଲିଛନ୍ତି। ପାଲବଣିଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଗଛ କଟାଯିବା ଏକ ତରବରିଆ ନିଷ୍ପତ୍ତି ନୁହେଁ। ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟର ସୀମାନ୍ତ ମୟୂରଭଞ୍ଜ ଜିଲ୍ଲା ହୋଇଥିବାବେଳେ ବାରିପଦାରେ ଏକ ଆନ୍ତଃରାଜ୍ୟ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଦୀର୍ଘଦିନର ଯୋଜନା। ଉପଯୁକ୍ତ ସ୍ଥାନ ଅଭାବରୁ ଏହା ବିଳମ୍ବିତ ହେଉଛି । ପ୍ରତିଦିନ ଜିଲ୍ଲା ଓ ରାଜ୍ୟର ବହୁ ସଂଖ୍ୟକ ଯାତ୍ରୀବାହୀ ବସ ସହରର ପୁରାତନ ପୌରପାଳିକା ବସଷ୍ଟାଣ୍ଡକୁ ପ୍ରବେଶ କରି ଗନ୍ତବ୍ୟ ସ୍ଥଳକୁ ଯାଉଥିବା ହେତୁ ସମଗ୍ର ସହରରେ ଭୟଙ୍କର ଟ୍ରାଫିକ ସମସ୍ୟା ଉପୁଜୁଛି। ଏ ନେଇ ଅନେକ ଜନସାଧାରଣ ପ୍ରଶାସନ ନିକଟରେ ଗୁହାରୀ କରିବା ପରେ ବସଷ୍ଟାଣ୍ଡ ନିର୍ମାଣ ଅନିର୍ବାର୍ଯ୍ୟ ହୋଇପଡିଥିଲା। ତେଣୁ ରାଜ୍ୟ ପରିବହନ ବିଭାଗ, ରାଜସ୍ୱ ବିଭାଗ, ବନବିଭାଗ, ପୁଲିସ, ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନେଇ ଜିଲ୍ଲା ପ୍ରଶାସନ ସହରର ଆଖପାଖ ୪/୫ଟି ସ୍ଥାନ ପରିଦର୍ଶନ କରିବା ପରେ ସେସବୁ ଜଙ୍ଗଲ କିସମର ରହିବା ଓ ସହରଠାରୁ ଦୂର ହେଉଥିଲା। ପାଲବଣିରେ ଥିବା ରାଜସ୍ୱ ଜମିରେ ୨୦୧୩-୧୪ ବର୍ଷରେ ସହରୀ ବନୀକରଣ ଯୋଜନାରେ ଲଗାଯାଇଥିବା ସ୍ଥାନକୁ ଚିହ୍ନଟ କରାଯାଇଥିଲା। ଏଥିପାଇଁ ୧୭୮୯ ଗଛକୁ କାଟିବାକୁ ଥିବାବେଳେ ପ୍ରତିବଦଳରେ ସହର ଉପକଣ୍ଠ ଛେନାପଦା ଅଞ୍ଚଳରେ ୫୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୧୪ଏକର ଜମି ପରିମିତରେ ଦୁଇ ଗୁଣା ଗଛ ରୋପଣ ସହିତ ବାରିପଦା ସହରର ବିଭିନ୍ନ ସ୍ଥାନରେ ୧୦/୧୨ଫୁଟ ଉଚ୍ଚତା ବିଶିଷ୍ଟ ଗଛ ରୋପଣ ପାଇଁ ଯୋଜନା କରାଯାଇଛି। ଗୋଟିଏ ପଟେ ଜିଲ୍ଲାର ବିକାଶ ଓ ଅନ୍ୟ ପଟେ ପରିବେଶ ସୁରକ୍ଷାର ସମନ୍ୱୟକୁ ରକ୍ଷା କରି ସରକାରୀ ନିୟମ ଅନୁପାଳନ ପୂର୍ବକ ଗଛକଟା ଆରମ୍ଭ ହୋଇଛି। ଚିହ୍ନଟ ସ୍ଥାନରେ ଆବଶ୍ୟକ ୫.୯୯ ଏକର ଜମିରେ ବସଷ୍ଟାଣ୍ଡ ନିର୍ମାଣ ହେବ। କୌଣସି ପ୍ରତିବନ୍ଧକ ତଥା ଆଇନଗତ ପ୍ରତିବନ୍ଧକ ନଆସିବା ପର୍ଯ୍ୟନ୍ତ ଜିଲ୍ଲାବାସୀଙ୍କ ହିତ ଦୃଷ୍ଟିରୁ ସେଠାରେ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଜାରି ରହିବ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି।

## ଭୂମିହୀନଙ୍କୁ ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ

**ଷ୍ଟାଡ଼ିୟମ ନିର୍ମାଣ ନିମନ୍ତେ କରାଯିବ ଉଚ୍ଛେଦ**

**ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ରାଇରଙ୍ଗପୁର,୨୩।୧୨(ସମିସ): ରାଇରଙ୍ଗପୁର ତହସିଲ ଅନ୍ତର୍ଗତ ସାନପାଖନା ପଞ୍ଚାୟତର ନିରଞ୍ଜନ ଗ୍ରାମରେ ଷ୍ଟାଡ଼ିୟମ ନିର୍ମାଣ ନିମନ୍ତେ ଭୂମିହୀନଙ୍କୁ ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କରାଯାଇଛି। ଯାହାକୁ ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି। ଉକ୍ତ ଗ୍ରାମରେ ୨୦୦ରୁ ଊର୍ଦ୍ଧ୍ୱ ଭୂମିହୀନ ପରିବାର ବସବାସ କରୁଛନ୍ତି। ଯେଉଁମାନେ କି ପରିବାର ପ୍ରତିପୋଷଣ ନିମନ୍ତେ କୃଷି କାର୍ଯ୍ୟ କିମ୍ବା ପଶୁ ପାଳନ ଉପରେ ନିର୍ଭରଶୀଳ ଅଟନ୍ତି। ବିପିଏଲ ଶ୍ରେଣୀର ହୋଇଥିବାବେଳେ ଅନେକ ସରକାରୀ ଜମିରେ ଅନେକ ବର୍ଷ ହେବ ରହିଆସୁଛନ୍ତି। କିନ୍ତୁ ଷ୍ଟାଡ଼ିୟମ ନିମନ୍ତେ ଉକ୍ତ ପରିବାର ଲୋକଙ୍କୁ ଉଚ୍ଛେଦ କରାଯିବ। ଯାହାକୁ ନେଇ ତହସିଲଦାର ଓ ରାଜସ୍ୱ ନିରୀକ୍ଷକ ଜମି ଚିହ୍ନଟ କରିଛନ୍ତି ବୋଲି ସୂଚନା ପାଇଛନ୍ତି। ସ୍ଥାନୀୟ ସରପଞ୍ଚ ଓ ୱାର୍ଡ ମେମ୍ବରଙ୍କ ଅଜ୍ଞାତରେ ବିନା ପଲ୍ଲୀ ସଭାରେ କିପରି ଷ୍ଟାଡିୟମ ନିର୍ମାଣ ନିମନ୍ତେ ସ୍ଥିରୀକୃତ ହେଲା, ସେ ନେଇ ପ୍ରଶ୍ନ କରିଛନ୍ତି। ଷ୍ଟାଡ଼ିୟମ ନିର୍ମାଣ ହେଲେ ଲୋକେ ଭୂମିହୀନ ହେବା ସହ ଜୀବନ ଜୀବିକା ଅତିବାହିତ କରିବା ପାଇଁ ସମସ୍ତ ସୁବିଧା ହରାଇବେ। କୃଷି କାର୍ଯ୍ୟ କିମ୍ବା ପଶୁ ପାଳନ କରିପାରିବେନାହିଁ। ତେଣୁ ଷ୍ଟାଡିୟମକୁ ଅନ୍ୟତ୍ର କରିବା ନେଇ ଦାବି ଜଣାଇ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସରପଞ୍ଚ ଓ ୱାର୍ଡ ମେମ୍ବରଙ୍କ ସମେତ ଅନ୍ୟାନ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବିଶ୍ୱବିଦ୍ୟାଳୟରେ ସାନ୍ତାଳୀ ବିଭାଗର ଜାତୀୟ ଆଲୋଚନାଚକ୍ର

ବାରିପଦା,୨୩।୧୨(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସାନ୍ତାଳୀ ବିଭାଗ ପକ୍ଷରୁ ଦ୍ୱିଦିବସୀୟ ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଯାଇଛି । ଓଲ୍‌ଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ପାଳନ ଅବସରରେ ଭାରତ ସରକାରଙ୍କ ପିଏମ୍‌ଉଷା କାର୍ଯ୍ୟକ୍ରମ ପ୍ରାୟୋଜିତ "ଓଲ୍‌ଚିକି- ପୂର୍ବେ ଓ ଏବେ: ପରିବର୍ତ୍ତନଶୀଳ ବିଶ୍ୱରେ ଓଲ୍‌ଚିକି ଲିପି- ଆହ୍ୱାନ ଓ ସମ୍ଭାବନା' ଶୀର୍ଷକ ଏହି ଜାତୀୟ ଆଲୋଚନାଚକ୍ରକୁ କୁଳପତି ପ୍ରଫେସର ପ୍ରମୋଦ ଶତପଥୀ ଉଦ୍‌ଘାଟନ କରି ଓଲ୍‌ଚିକି ଲିପିର ଶତବର୍ଷ ଉତ୍ସବ ଆଦିବାସୀ ଭାଷା ଓ ସଂସ୍କୃତିର ସଂରକ୍ଷଣରେ ଏକ ଐତିହାସିକ ଘଟଣା ଓ ଆମର ବିଶ୍ୱବିଦ୍ୟାଳୟ ଏହାର ଉତ୍ସବ ଆୟୋଜନ କରି ସାନ୍ତାଳୀ ସମାଜର ଗର୍ବକୁ ସମ୍ମାନ ଜଣାଇଛି ବୋଲି କହିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ସହଯୋଗୀ ପ୍ରଫେସର ଡକ୍ଟର ନାକୁ ହାଁସଦା ମୁଖ୍ୟବକ୍ତା, ଓଲ୍ ଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାତି ଚୁନିୟାନ୍ ରଘୁ ମୁର୍ମୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳଲୋଚନ ବାରିକ ସାନ୍ତାଳୀ ଭାଷା ଓ ଲିପିର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ଓ ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷାର ଉନ୍ନତିରେ ଯୋଗଦାନ କରିବ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟ ପିଏମ୍‌ଉଷା କାର୍ଯ୍ୟକ୍ରମର ନୋଡାଲ୍ ଅଧିକାରୀ ପ୍ରଫେସର ଇନ୍ଦ୍ରଜିତ ନାଏକ ଏଭଳି କାର୍ଯ୍ୟକ୍ରମ ଆଦିବାସୀ ଭାଷା ଓ ସଂସ୍କୃତିର ସଂରକ୍ଷଣରେ ସହାୟକ ହେବ ବୋଲି କହିଥିଲେ। ଆବାହକ ତଥା ବିଭାଗୀୟ ସଂଯୋଜକ ଡ. ଯତୀନ୍ଦ୍ର ନାଥ ବେଶ୍ରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ବିଷ୍ଣୁପ୍ରିୟା ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ।

## ଆନ୍ତର୍ଜାତିକ ସମ୍ମିଳନୀରେ ଆଇଏନ୍‌ଓ ଓଡ଼ିଶା ଟିମ୍ ସମ୍ମାନିତ

ବାରିପଦା, ୨୩।୧୨(ସମିସ): ଦ୍ୱିତୀୟ ଧ୍ୟାନ ଦିବସ ଅବସରରେ ୧୯ରୁ ୨୧ ଡିସେମ୍ବର ପର୍ଯ୍ୟନ୍ତ ଗୁଜରାଟ ନ୍ୟାଚୁରାଲ ଫାର୍ମି ସାଇନ୍ସ ୟୁନିଭର୍ସିଟି ହାଲୋଲରେ ତିନିଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀ ଆୟୁଷ ମନ୍ତ୍ରଣାଳୟ ଓ ଗୁଜରାଟ ରାଜ୍ୟ ଯୋଗ ବୋର୍ଡ ସହଯୋଗରେ, ଆଇଏନ୍‌ଓ ଓ ସୂର୍ଯ୍ୟ ଫାଉଣ୍ଡେସନଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ଏଥିରେ ଭାରତ ସହ ବିଭିନ୍ନ ଦେଶରୁ ଗବେଷକ, ଯୋଗାଚାର୍ଯ୍ୟ, ପ୍ରାକୃତିକ ଚିକିତ୍ସକ ଓ ଶିକ୍ଷକ, ବୈଜ୍ଞାନିକ ଓ ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଆଇଏନଓ ଓଡ଼ିଶାର ସଭାପତି ଡ. ସୁଭାଷ ଚନ୍ଦ୍ର ଷଡ଼ଙ୍ଗୀ, ଉପସଭାପତି ଡ. ରମାକାନ୍ତ ମହାନ୍ତ, ଡିଆରଡିଓର ଅବସରପ୍ରାପ୍ତ ବୈଜ୍ଞାନିକ ପ୍ରାକୃତିକ ଚିକିତ୍ସକ ପୂର୍ଣ୍ଣଚନ୍ଦ୍ର ପତିଙ୍କୁ ଯୋଗ ଓ ପ୍ରାକୃତିକ ଚିକିତ୍ସା କ୍ଷେତ୍ରରେ ତାଙ୍କର ଅସାଧାରଣ ଅବଦାନ ପାଇଁ ପ୍ରଶସ୍ତିପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ଦୀର୍ଘକାଳୀନ ସେବାଭାବ, ନିଷ୍ଠା ଓ ସମାଜ ପ୍ରତି ସମର୍ପଣକୁ ପ୍ରଶଂସା କରିଥିଲେ। ସମ୍ମିଳନୀ ଅବଧିରେ ବହୁ ପ୍ରାୟୋଗିକ ଅଧିବେଶନ, ଗବେଷଣା ପତ୍ର ପ୍ରସ୍ତୁତି, ଯୋଗ ପ୍ରଦର୍ଶନ ଏବଂ ପ୍ରାକୃତିକ ଚିକିତ୍ସା ପଦ୍ଧତି ଉପରେ କାର୍ଯ୍ୟଶାଳା ଆୟୋଜିତ ହୋଇଥିଲା। ଓଡ଼ିଶାର ଅନ୍ୟ ପ୍ରାକୃତିକ ଚିକିତ୍ସା ବିଶେଷଜ୍ଞ ଡ. ବିକ୍ରମ କେଶରୀ ସାସମଲ, ଡ. ତାପସ ପ୍ରଧାନ, ଡ. ନିମାଇଁ ବାରିକ, ପ୍ରଫୁଲ୍ଲ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶାର କାର୍ଯ୍ୟକର୍ତ୍ତା ଘୋଷଣା କରିଥିଲେ ଯେ, ଡ.ସତ୍ୟବ୍ରତ ମୀନକେତନଙ୍କ ମାର୍ଗଦର୍ଶନରେ 'ଡାଏବେଟିସ ମୁକ୍ତ ଓଡ଼ିଶା ମିଶନ-୨୦୩୦' ନାମରେ ୬୦-ମାସିଆ ଏକ ମହାଅଭିଯାନ ଶୀଘ୍ର ଆରମ୍ଭ କରାଯିବ। ଏହି ଅଭିଯାନରେ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାକୁ ଏକ ମାସ ମଧ୍ୟରେ ପରିକ୍ରମା କରି ଲକ୍ଷାଧିକ ଓଡ଼ିଆ ଜନସାଧାରଣଙ୍କୁ ପ୍ରାକୃତିକ ଜୀବନଶୈଳୀ ଓ ସ୍ୱାସ୍ଥ୍ୟ ସେବା ପ୍ରଣାଳୀ ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ 'ନାଚୁରୋପାଥି ରଥ ଆରମ୍ଭ କରିବାର ଯୋଜନା ମଧ୍ୟ ରହିଛି ବୋଲି ଇଣ୍ଟରନ୍ୟାସନାଲ ନେଚରପ୍ୟାଥି ସଂଗଠନର ଓଡିଶାର ଉପସଭାପତି ଡକ୍ଟର ରମାକାନ୍ତ ମହାନ୍ତ ଆମ ପ୍ରତିନିଧିଙ୍କୁ ଜଣାଇଛନ୍ତି।




## ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ

କରଞ୍ଜିଆ,୨୩।୧୨(ସମିସ): ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ କରଞ୍ଜିଆ ପିଏମଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟରେ ଆଜି ଅପରାହ୍ନରେ ଉଦ୍‌ଯାପିତ ହୋଇଛି। ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ମୁଖ୍ୟ ବୈଜ୍ଞାନିକ ଶିବାଶିଷ ଗିରି, ବିଶିଷ୍ଟ ଅତିଥି ଭାବେ ମୟୂରଭଞ୍ଜ ସାଂସଦ ନବଚରଣ ମାଝି, ସ୍ୱତନ୍ତ୍ର ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଡେଇ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବିନୋଦ ସିଂ, ଶଶୀଧର ସିଂହ, ଗୌତମ ପାତ୍ର, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗୀରଥି ମଲ୍ଲିକ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚତୁର୍ଭୁଜ ବାରିକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ୧୮୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଯୁକ୍ତି ବିଦ୍ୟାରେ ଓଏଭି, ବିଶୋଇର ଆୟୁଷ ଦେଙ୍କ ପ୍ରକଳ୍ପ "ସ୍ମାର୍ଟ ଆଇଡେଣ୍ଟି କାର୍ଡ', ସବୁଜ ଶକ୍ତିରେ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ହଟବାଦ୍ରାର କରଣ କୌଶିକ ଗିରିଙ୍କ ପ୍ରକଳ୍ପ, ଏନଆରଜି ଏଫିସେଣ୍ଟ ସ୍ମାର୍ଟ ସିଟି, ବର୍ଜ୍ୟବସ୍ତୁ ପରିଚାଳନା ଓ ପ୍ଲାଷ୍ଟିକର ବିକଳ୍ପରେ ରଘୁନାଥ ଉଚ୍ଚବିଦ୍ୟାଳୟ ରାଇକମାର ହିମାଂଶୁ ସେନାପତିଙ୍କ ପ୍ରକଳ୍ପ, ହାଇଟେକ ପ୍ଲାଷ୍ଟିକ ୱେଷ୍ଟ ମ୍ୟାନେଜମେଣ୍ଟ ଡିଭାଇସ ଦୀର୍ଘକାଳୀନ କୃଷିରେ ପିଏମଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟ ଖୁଣ୍ଟାର ବନୀତା ଦାଶଙ୍କ ପ୍ରକଳ୍ପ, ମଲ୍ଟି ପାରପୋଜ ଏଗ୍ରିକାଲଚାର ସୁସ୍ଥତା ଓ ସ୍ୱାସ୍ଥ୍ୟ ରକ୍ଷାରେ ସରକାରୀ ଉଚ୍ଚବିଦ୍ୟାଳୟ ମାଧପୁରର ମନୋରଞ୍ଜନ ପ୍ରଧାନଙ୍କ ପ୍ରକଳ୍ପ ପ୍ରଥମ ହୋଇଛି। ଏସବୁ ପ୍ରକଳ୍ପ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଧନୁର୍ଜୟ ନାରାୟଣ ସରକାରୀ ଉଚ୍ଚବିଦ୍ୟାଳୟ, କେନ୍ଦୁଝରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ସ୍ଥାନ ପାଇବ। ବିଜ୍ଞାନ ଶିକ୍ଷକ ରଞ୍ଜନ ନନ୍ଦ ଅତିଥି ପରିଚୟ ଓ ସଭା ପରିଚାଳନା କରିଥିଲେ।

## ଜାନୁଆରୀ ୭ ସାନ୍ତାଳୀ ଭାଷା ଦିବସ ପାଳନର ଯଥାର୍ଥତା ରହିଛି: ଅର୍ଜୁନ ମୁର୍ମୁ



ବାରିପଦା,୨୩।୧୨(ସମିସ): ଜାନୁଆରୀ ୭ ତାରିଖ ହିଁ ସାନ୍ତାଳୀ ଭାଷା ବିଜୟ ଦିବସ ଭାବେ ପାଳନର ଯଥାର୍ଥତା ରହିଛି ବୋଲି ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ୍ ଏଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ(ମାରିସା) ତଥା ଅଖିଳ ଭାରତ ସାନ୍ତାଳୀ ଭାଷା ଓ ଲିପି ବିକାଶ ମୋର୍ଚ୍ଚାର କେନ୍ଦ୍ରିୟ ସଭାପତି ଅର୍ଜୁନ ମୁର୍ମୁ ପ୍ରକାଶ କରିଛନ୍ତି। ସାନ୍ତାଳୀ ଭାଷାଭାଷୀ ଲୋକେ ଡିସେମ୍ବର ୨୨ ତାରିଖକୁ ଭାଷା ଦିବସ ଭାବେ ପାଳନ କରିଆସୁଛନ୍ତି। ୨୦୦୩ ଡିସେମ୍ବର ୨୨ ତାରିଖରେ ଲୋକସଭାରେ ସାନ୍ତାଳୀ ସମେତ ବୋଡୋ, ମୈଥିଳୀ ଓ ଡୋଗ୍ରି ଭାଷାକୁ ସମ୍ବିଧାନର ୮ମ ଅନୁସୂଚିରେ ଅନ୍ତର୍ଭୁକ୍ତ କରିବା ଉଦ୍ଦେଶ୍ୟରେ ଏକ ବିଲ୍ ଆଗତ କରାଯାଇଥିଲା। ଏହି ବିଲ୍ ଆଲୋଚନା ପରେ ପାରିତ ହୋଇଥିଲା। ପରବର୍ତ୍ତୀ ଦିନ ଅର୍ଥାତ୍ ୨୩ ଡିସେମ୍ବର ୨୦୦୩ ଏହି ବିଲ୍ ରାଜ୍ୟସଭାରେ ଉପସ୍ଥାପିତ ହୋଇ ପାରିତ ହୋଇଥିଲା। ଏହି ବିଲ୍‌କୁ ୭ ଜାନୁଆରୀ ୨୦୦୪ରେ ରାଷ୍ଟ୍ରପତି ସ୍ୱୀକୃତି ପ୍ରଦାନ କରିଥିଲେ। ସାଧାରଣତଃ ଯେକୌଣସି ବିଲ୍ ସଂସଦରେ ପାରିତ ହେବା ପରେ ରାଷ୍ଟ୍ରପତିଙ୍କ ସ୍ୱୀକୃତିର ଆବଶ୍ୟକ ପଡ଼ିଥାଏ। ରାଷ୍ଟ୍ରପତିଙ୍କ ସ୍ୱୀକୃତି ପରେ ହିଁ ବିଲ୍ କାର୍ଯ୍ୟକାରୀ କରାଯାଇଥାଏ। ଉପରୋକ୍ତ ବିଲ୍ ଡିସେମ୍ବର ୨୨ ତାରିଖରେ ସଂସଦର କେବଳ ଗୋଟିଏ ସଭାରେ ହିଁ ପାଶ୍ ହୋଇଥିଲା। ଅନେକ କ୍ଷେତ୍ରରେ ସଂସଦର ଉଭୟ ଗୃହରେ ବିଲ୍ ପାଶ୍ ହେଲା ପରେ ମଧ୍ୟ ରାଷ୍ଟ୍ରପତି ସଂସଦକୁ ପୁଣିଥରେ ଫେରାଇବାର ନଜର ରହିଛି। ସଂସଦର ଗୋଟିଏ ଗୃହରେ ବିଲ୍ ପାଶ୍ ହୋଇଗଲା ବୋଲି ଯେ ବିଲ୍‌ଟି ପୂର୍ଣ୍ଣାଙ୍ଗ ହୋଇଗଲା ଏହା ମନେ କରିବା ଯୁକ୍ତି ସଙ୍ଗତ ନୁହେଁ। ଅନେକ ଏହାକୁ ସାନ୍ତାଳ ପ୍ରଗଣାରେ ସ୍ଥାପନା ଦିବସ ସହ ଉଲ୍ଲେଖ କରି ଡିସେମ୍ବର ୨୨ ତାରିଖକୁ ଭାଷାର ବିଜୟ ଦିବସ ଭାବେ ପାଳନ କରିବାକୁ ଉଚିତ୍ ମନେ କରୁଛନ୍ତି, ଯାହାକି ଠିକ୍ ନୁହେଁ। ତତ୍କାଳୀନ ବିହାରର ସାନ୍ତାଳ ପ୍ରଗଣା ଅଞ୍ଚଳରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ସିଦ୍ଧୁ ମୁର୍ମୁ ଓ କାହ୍ନୁ ମୁର୍ମୁଙ୍କ ନେତୃତ୍ୱରେ ବିରାଟ୍ ସାନ୍ତାଳ ବିଦ୍ରୋହ ୧୮୫୫-୫୬ରେ ସଂଘଟିତ ହୋଇଥିଲା ଓ ବ୍ରିଟିଶ୍ ସରକାର ୧୮୫୬ ଡିସେମ୍ବର ୨୨ ତାରିଖରେ ସାନ୍ତାଳ ପ୍ରଗଣା ଅଞ୍ଚଳ ସ୍ୱତନ୍ତ୍ର ସ୍ୱାୟତ୍ତ ଶାସନ କ୍ଷମତା ପ୍ରଦାନ କରିଥିଲେ। ଡିସେମ୍ବର ୨୨ ତାରିଖ ୨୦୦୩ର ଭାରତୀୟ ସଂସଦର ଗୋଟିଏ ଗୃହରେ ବିଲ୍ ପାଶ୍ ହୋଇଥିବାରୁ ଭାବପ୍ରବଣତାର ଶିକାର ହୋଇ କେତେକ ଲୋକ ଏହାକୁ ଭାଷା ଦିବସଭାବେ ପାଳନ ପାଇଁ ପ୍ରସ୍ତୁତି କରିଆସୁଛନ୍ତି। ଡିସେମ୍ବର ୨୨ ପରିବର୍ତ୍ତେ ଜାନୁଆରୀ ୭ ତାରିଖ ହିଁ ହେଉଛି ବାସ୍ତବରେ ସାନ୍ତାଳୀ ଭାଷା ବିଜୟ ଦିବସ ବୋଲି ଅର୍ଜୁନ୍ ମୁର୍ମୁ ପ୍ରେସ୍ ମାଧ୍ୟମରେ ପ୍ରକାଶ କରିଛନ୍ତି।

## କଂଗ୍ରେସ ପକ୍ଷରୁ ବିକ୍ଷୋଭ

କରଞ୍ଜିଆ, ୨୩।୧୨(ସମିସ): ପଶ୍ଚିମ ମୟୂରଭଞ୍ଜ ସାଂଗଠନିକ ଜିଲ୍ଲା କଂଗ୍ରେସ ପକ୍ଷରୁ ସଭାପତି ଭୁବନ ବିହାରୀ ସାହୁଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ମନରେଗା ଆଇନକୁ ରଦ୍ଦ କରିବା ପ୍ରତିବାଦରେ କରଞ୍ଜିଆ ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆଗାମୀ ଦିନରେ ମନରେଗାର ଶ୍ରମିକ ଓ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ଶ୍ରମିକ ସଂଘଙ୍କୁ ନେଇ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ନେତା ଚେତାବନୀ ଦେଇଛନ୍ତି। ଏଥିରେ ଓଡ଼ିଶା କଂଗ୍ରେସ କମିଟିର ସମ୍ପାଦକ ଶ୍ରୀ ଲକ୍ଷ୍ମୀଧର ସିଂ, ନିର୍ମଳ ସେଠୀ, ଧରଣୀଧର ମହାନ୍ତ, ଲାଲନ ସିଂ, ପ୍ରଫୁଲ୍ଲ ବେହେରା, ହରେକୃଷ୍ଣ ମହାନ୍ତ, ସୁରଜ ସିଂ, ସୁବାସ ସଂଖୀଆଳ, ମଙ୍ଗଳ ଗଡସରା, ମହମ୍ମଦ ମକବୁଲ, ସମରା ନାଏକ, ଘନଶ୍ୟାମ ମହାନ୍ତ, ଛୋଟରାୟ ନାଏକ ସାମିଲ ଥିଲେ।

### 'ଆୟୁର୍ବେଦ ଓ ପ୍ରାଚୀନ ଭାରତୀୟ ଜ୍ଞାନ' ଶୀର୍ଷକ ଆଲୋଚନାଚକ୍ର

ପିଙ୍ଗୁ,୨୩।୧୨(ସମିସ): ଆତ୍ମନିର୍ଭର ଭାରତ ଅଭିଯାନ-୨୦୨୫ ଅବସରରେ ନୁଢ଼ିହା ଗ୍ରାମସ୍ଥ ମେଘାସନ ମହାବିଦ୍ୟାଳୟ ପରିସରରେ 'ଆୟୁର୍ବେଦ ଓ ପ୍ରାଚୀନ ଭାରତୀୟ ଜ୍ଞାନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ ରାଉତ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ସମ୍ବଳ ବ୍ୟକ୍ତି ଭାବେ ଆୟୁର୍ବେଦ ଚିକିତ୍ସକ ଦୀପକ ଦାସ ଯୋଗଦେଇ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଆୟୁର୍ବେଦର ଚାହିଦା ଦିନକୁ ଦିନ ବଢ଼ିଚାଲିବା ସହ ବିଦେଶରେ କିପରି ଲୋକେ ଏହାକୁ ବହୁଳ ଭାବେ ପସନ୍ଦ କରିବା ସହ ବ୍ୟବହାର କରୁଛନ୍ତି କହିଥିଲେ। ଅନ୍ୟମାନଙ୍କ ପ୍ରାଧ୍ୟାପକ ଡ. ନିରଞ୍ଜନ ପାଠୀ ଓ ଅଧ୍ୟାପିକା ଡ. କମଳିନୀ ପଣ୍ଡା ଯୋଗଦେଇଥିଲେ। ଅଧ୍ୟାପିକା ସ୍ୱାତି ସୁଚରିତା ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହ ଧନ୍ୟବାଦ ଦେଇଥିଲେ।

## କାର୍ଯ୍ୟରତ ଜେସିବି ଅପରେଟରଙ୍କ ମୃତ୍ୟୁ

ଯୋଡ଼ା, ୨୩।୧୨(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ କାଶିଆ ଖଣିରେ ସୋମବାର କାର୍ଯ୍ୟରତ ଜଣେ ଜେସିବି ଅପରେଟରଙ୍କ ହୃଦଘାତରେ ମୃତ୍ୟୁ ହୋଇଛି। ମୃତକ ହେଲେ ଚମ୍ପୁଆ ବ୍ଲକ ଚିମିଳା ଗ୍ରାମର ଇନ୍ଦ୍ରଜିତ ମୁଣ୍ଡା (୩୭)। ସାରଦା କଣ୍ଟ୍ରାକ୍ଟର ନାମକ ଠିକାସଂସ୍ଥା ଅଧୀନରେ ଇନ୍ଦ୍ରଜିତ କାର୍ଯ୍ୟରତ ଥିଲେ। ସୋମବାର ନିୟୋଜିତ ଥିବାବେଳେ ହଠାତ ଛାତିରେ ଯନ୍ତ୍ରଣା ଯୋଗୁଁ ସହକର୍ମୀମାନେ କମ୍ପାନୀ ଡିସପେନ୍ସରିକୁ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କମ୍ପାନୀ ପକ୍ଷରୁ ମୃତ ଇନ୍ଦ୍ରଜିତଙ୍କ ପରିବାର ପ୍ରତି ଗଭୀର ଶୋକ ପ୍ରକାଶ କରିବା ସହ ଉଚିତ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ବଡ଼ବିଲ ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ବଡ଼ବିଲ ମେଡିକାଲ ପଠାଇ ତଦନ୍ତ ଜାରି ରଖିଛି।

## ଟାୟାର ଫାଟି ହେଲ୍ପର ମୃତ

ତେଲକୋଇ, ୨୩।୧୨(ସମିସ): ତେଲକୋଇ ଥାନା ଜଗମୋହନପୁରସ୍ଥିତ ୪୯ ନମ୍ବର ଜାତୀୟ ରାଜପଥ କଡ଼ରେ ଟ୍ରକ୍ ଛିଡ଼ା କରି ଗାଡ଼ିର ହେଲ୍ପର ଟାୟାର ଚେକ୍ କରୁଥିବା ବେଳେ ଚକା ଫାଟିଯିବାରୁ ତାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପଶ୍ଚିମବଙ୍ଗ ମେଦିନୀପୁରର ଅପୁ ମହାନ୍ତ (୨୩)। ଡବ୍ଲୁବି ୩୩ ଏଫ୍ ୧୯୯୫ ନମ୍ବର ବିଶିଷ୍ଟ ଏକ ୧୪ ଚକିଆ ମାଲବାହୀ ଟ୍ରକ୍ କଲିକତାରୁ ପଦ୍ମପୁର ଅଭିମୁଖେ ଯାଉଥିବା ବେଳେ ଉକ୍ତ ରାସ୍ତାକଡ଼ରେ ହେଲ୍ପର ଗାଡ଼ିର ଚକାକୁ ଯାଞ୍ଚ କରୁଥିଲେ। ଏହି ସମୟରେ ଗାଡ଼ିର ଏକ ଚକା ଫାଟିଯିବାରୁ ହେଲପର ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଗୁରୁତରକୁ ଉଦ୍ଧାର କରି ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେଲକୋ ପୁଲିସ ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲାରେ ବ୍ୟବଚ୍ଛେଦ କରାଇଥିବା ଜଣାପଡ଼ିଛି।

## ତାଳଗାଁ ପରେ ଖାଳିଆମେଣ୍ଟାରେ ପଶିଲା ହାତୀ




ଆନନ୍ଦପୁର, ୨୩।୧୨ (ସମିସ): ଆନନ୍ଦପୁର ଉପଖଣ୍ଡ ତାଳଗାଁ ନିକଟରେ ବୁଲୁଛି ନରହନ୍ତା ଦନ୍ତା। ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ହାତୀଟି ବାଲେଶ୍ୱରରୁ ଆସି ହଦଗଡ଼ ହସ୍ତୀ ଅଭୟାରଣ୍ୟର ବିଭିନ୍ନ ଗାଁ ବୁଲିବା ପରେ ଏବେ ଘସିପୁରା ବ୍ଲକ ତାଳଗାଁ ଭିତରେ ପଶି ଘର ଘର ବୁଲି ଧାନ ବସ୍ତା ଖାଇବାକୁ ଲାଗିଛି। ସନ୍ଧ୍ୟାରେ ଏହି ହାତୀ ଖାଳିଆମେଣ୍ଟା ଗ୍ରାମରେ ପଶିଥିବାରୁ ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି। ଆନନ୍ଦପୁର ଡ଼ିଏଫଓ ପ୍ରଶାନ୍ତ କୁମାର ପଣ୍ଡା ରେଞ୍ଜର ନବ ନାୟକ ଓ ବନ କର୍ମଚାରୀ ହାତୀଟିକୁ ଜଙ୍ଗଲ ଭିତରକୁ ଘଉଡ଼ାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ଶହ ଶହ ଲୋକ ହାତୀ ପଛରେ ଥିବାରୁ ପୁଲିସ ପକ୍ଷରୁ ଲୋକଙ୍କୁ ହାତୀ ନିକଟକୁ ନଯିବାକୁ ବାରଣ କରାଯାଉଛି। ବିଦ୍ୟାଧରପୁର, ଢେଙ୍କା, ନିକଟରେ ଆଜି ସକାଳୁ ନରହନ୍ତା ଦନ୍ତା, ହାତୀ ବୁଲୁଥିବାରୁ ଲୋକେ ଆତଙ୍କିତ ହୋଇପଡିଛନ୍ତି। ହାତୀଟି ବିଦ୍ୟାଧରପୁର ନିକଟରୁ ବାହାରି ଏବେ ଢେଙ୍କା, ସଙ୍ଗମ ଦେଇ ବଉଳା ପାହାଡ଼ର ପାଦଦେଶର ଚାଷ ଜମିରେ ପଶିଥିବାରୁ ଅମଳ ହେବାକୁ ଥିବା ଧାନ ଫସଲ ନଷ୍ଟ ହେବାର ଆଶଙ୍କା ପ୍ରକାଶ ପାଇଛି। ହାତୀଟି ଗତକାଲି ବାଲେଶ୍ୱର ଜିଲ୍ଲା ଖଇରା ଅଞ୍ଚଳରେ ଜଣେ ବୃଦ୍ଧଙ୍କୁ ମାରିଥିବା ସୂଚନା ମିଳିଛି। ହଦଗଡ଼ ରେଞ୍ଜର ମାର୍ଶାଲ କିସ୍କୁ ଓ ବନ ବିଭାଗ କର୍ମଚାରୀ ହାତୀଟିକୁ ଜଙ୍ଗଲ ଭିତରକୁ ଘଉଡ଼ାଇବାକୁ ଉଦ୍ୟମ ଜାରି ରଖିଛନ୍ତି।

## ସୁନନ୍ଦ ସେଠୀ ହତ୍ୟା ମାମଲା: ଦୋଷୀକୁ ଆଜୀବନ

ଆନନ୍ଦପୁର,୨୩।୧୨(ସମିସ): ବହୁଚର୍ଚ୍ଚିତ ଖଲଣା ଗ୍ରାମର ସୁନନ୍ଦ ସେଠୀ ହତ୍ୟାକାଣ୍ଡ ମାମଲାର ବିଚାର କରି ଆଜି ଆନନ୍ଦପୁର ଅତିରିକ୍ତ ଦୌରାଜଜ୍ ୨୪ ଜଣ ସାକ୍ଷୀ ଓ ୧୦୬ଟି ଦସ୍ତାବିଜ୍ ଆଧାରରେ ଅଭିଯୁକ୍ତ ଅକ୍ଷୟ ଘୋଷଙ୍କୁ ଆଜୀବନ କାରାଦଣ୍ଡ ସହ ଦୁଇ ଲକ୍ଷ ଟଙ୍କା ଜରିମାନା ଆଦାୟ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୨ ଜୁଲାଇ ୧୪ ତାରିଖ ଖଲଣା ଗ୍ରାମରେ ସୁନନ୍ଦଙ୍କୁ ଗୁଳିକରି ହତ୍ୟା କରିଥିଲା ଅକ୍ଷୟ ଘୋଷ। ରାମଚନ୍ଦ୍ରପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା ବେଳେ ଅଦାଲତ ଅକ୍ଷୟକୁ ଦୋଷୀ ସାବ୍ୟସ୍ତ ହୋଇଛି। ସୁନନ୍ଦଙ୍କ ସାନଭାଇ ଲିପୁ ସେଠୀ କହିଛନ୍ତି ଯେ ସୁନନ୍ଦଙ୍କୁ ହାଣିବା ସହ ଅତି ନିର୍ମମ ଭାବେ ଗୁଳି କରି ହତ୍ୟା କରିଥିଲେ ଏକାଧିକ ଯୁବକ। ଏକମାତ୍ର ବ୍ୟକ୍ତି ବା ଗୁଳି କରିଥିବା ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ଆହୁରି ଅନେକ ଅଭିଯୁକ୍ତ ଦଣ୍ଡ ପାଇନାହାନ୍ତି। ଏଥିନିମନ୍ତେ ସେ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

## ବୈରାଟପୁର ଅସ୍ଥାୟୀ ବାଉଁଶ ପୋଲ ଉଦ୍‌ଘାଟିତ



ଉଦଳା,୨୩।୧୨(ସମିସ): ଉଦଳା ବ୍ଲକ୍ ଅନ୍ତର୍ଗତ କୋଚିଲାଡିହା ପଞ୍ଚାୟତ ଅଧୀନରେ ଥିବା ବୈରାଟପୁର ସୋନ ନଦୀରେ ଆଜି ଉଦଘାଟନ ହୋଇଛି ଅସ୍ଥାୟୀ ବାଉଁଶ ପୋଲ। ଉକ୍ତ ନଦୀ ଘାଟ ଦେଇ ପ୍ରାୟ ୪ଟି ପଞ୍ଚାୟତର ଲୋକେ ଯିବାଆସିବା କରୁଥିବାବେଳେ ଉଦଳା ଓ ଜିବି ନଗର ବ୍ଲକ ମଧ୍ୟରେ ଏହି ପୋଲ ଯାତାୟତ ପାଇଁ ସହଜ ହେବ। ଉଦଳା ବ୍ଲକ୍‌ରେ କୋଚିଲାଡିହା ପଞ୍ଚାୟତ, ଖୋଲାଡୀ ପଞ୍ଚାୟତ, ରାଢ଼ ପଞ୍ଚାୟତର ଲୋକେ ଏହି ରାସ୍ତା ଦେଇ ଯିବିନଗର ବ୍ଲକର ବିଭିନ୍ନ ଅଞ୍ଚଳକୁ ଯିବା ଆସିବା କରିଥା'ନ୍ତି। ତେବେ ବୈରାଟପୁର ଗ୍ରାମର ଗ୍ରାମବାସୀ ଓ ସ୍ଥାନୀୟ କିଛି ଯୁବକଙ୍କ ସହଯୋଗରେ ଆଜି ସୋନ ନଦୀ ଉପରେ ଅସ୍ଥାୟୀ ବାଉଁଶ ପୋଲ ଉଦଘାଟନ ହୋଇଛି। ଉଦଘାଟନ କାର୍ଯ୍ୟକ୍ରମରେ ଅନ୍ତର୍ଯ୍ୟାମୀ ମହାପାତ୍ର, ମନୋରଞ୍ଜନ ତ୍ରିପାଠୀ, ଦୀପକ ମିଶ୍ର, ଆମର୍ଜିତ ତ୍ରିପାଠୀ, ଚନ୍ଦନ ବେହେରା, ରୁଦ୍ରନାରାୟଣ ରଣା ପ୍ରମୁଖ ଯୋଗ ଦେଇଥିଲେ।

# ବିଭିନ୍ନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ଉତ୍ସବ





କେନ୍ଦୁଝର, ୨୩।୧୨(ସମିସ): କେନ୍ଦୁଝରଗଡ ଜେଲରୋଡସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୯ତମ ବାର୍ଷିକ ଉତ୍ସବ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତିର ଉପସଭାପତି ପ୍ରିୟବ୍ରତ ସାମଲଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବରେ ଧରଣୀଧର ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରତିଭା ପୃଷ୍ଟି, ସମ୍ମାନିତ ଅତିଥି ଭାବରେ ଜାତୀୟ ନାଟ୍ୟ ବିଦ୍ୟାଳୟର କୁଳସଚିବ ପ୍ରଦୀପ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବରେ ଶିକ୍ଷା ବିକାଶ ସମିତି, ଓଡିଶାର ପ୍ରାକ୍ତନ ସଂପାଦକ ଇଂ ଅମରବର ଖଟୁଆ ଯୋଗ ଦେଇଥିଲେ। ଅରୁଣ ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ଯାଏଁ ଶିଶୁମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଦ୍ୱିତୀୟ ଚରଣରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାକ୍ତନ ଜିଲ୍ଲା ସଂଘଚାଳକ କୈଳାଶଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବରେ କେନ୍ଦୁଝର ଲୋକସଭା ସାଂସଦ ଅନନ୍ତ ନାୟକ, କେନ୍ଦୁଝରଗଡ଼ ପୌରାଧକ୍ଷା ନିକୁ ସାହୁ, ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ବବିତା ପାତ୍ର ଓ ସଦସ୍ୟା ମନସ୍ୱିତା ଖୁଣ୍ଟିଆ ଓ ବିଦ୍ୟାଳୟର ପୂର୍ବଛାତ୍ର ଡା. ଦୀପକ ମିଶ୍ର ଏବଂ ମୁଖ୍ୟବକ୍ତା ଭାବରେ ବିଶ୍ୱ ହିନ୍ଦୁ ପରିଷଦ, ଓଡିଶା ପୂର୍ବପ୍ରାନ୍ତର ରାଜ୍ୟ ଉପସଭାପତି ପ୍ରଶାନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ। ପରିଚାଳନା ସମିତିର ସଂପାଦକ ସୁଧାଂଶୁ ଶେଖର ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଗୁରୁଜୀ ଦୟାନିଧି ରାଉତ ଅବସର ଗ୍ରହଣ କରିବାକୁ ଯାଇଥିବାରୁ ତାଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ସମାଜସେବୀ ସୁଧୀର କୁମାର ନନ୍ଦଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ସମିତିର ସହସଂପାଦକ ଦୀପକ ମହାକୂଳ, କୋଷାଧକ୍ଷ ବିଜୟ ଦୀକ୍ଷିତ, ସଦସ୍ୟା ରଂଜିତା ପ୍ରଧାନ ଓ ଦୁଇରୀ କିସ୍କୁ ଉପସ୍ଥିତ ଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ସନ୍ତୋଷୀ ନନ୍ଦ କୃତୀ ପ୍ରତିଭାଙ୍କ ନାମ ଘୋଷଣା କରିଥିଲେ। ଗତ ହାଇସ୍କୁଲ ପରୀକ୍ଷାରେ ଏ-୧ ପାଇଥିବା ଛାତ୍ରଛାତ୍ରୀ, ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ତଥା ଅନ୍ୟ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ମୁଖପତ୍ର 'ପ୍ରଜ୍ଞାଭାରତୀ' ଉନ୍ମୋଚନ କରାଯାଇଥିଲା। ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ତଥା ସେବକସେବିକା ସହଯୋଗ କରିଥିଲେ।

**ଆନନ୍ଦପୁର:** ଘସିପୁରା ବ୍ଲକ ଅନ୍ତର୍ଗତ ଆଗର୍ଦ୍ଦା ଖଲଣାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ତୃତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଆନନ୍ଦପୁର ପୂର୍ବତନ ବିଇଓ ଶରତ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ମୁଖ୍ୟବକ୍ତା ରୂପେ ଅବସରପ୍ରାପ୍ତ ଶିକ୍ଷକ ତଥା ଟ୍ରଷ୍ଟି ଗୋପାଳଚନ୍ଦ୍ର ପରିଡା, ସମ୍ମାନିତ ଅତିଥି ରୂପେ ଖଲଣା ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ରମାମଣି ଓଝା, ସଦସ୍ୟ ମୋହନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ତଥା ସଂପାଦିକା ପୂର୍ଣ୍ଣମାସୀ ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ସମାଜସେବୀ ଧର୍ମାଧୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ପ୍ରେମଲତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।।

କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଦ୍ୟାଳୟର ଆଚାର୍ଯ୍ୟ ଦୁଷ୍ମନ୍ତ ପାଗଡ, ବାସୁଦେବ ସାହୁ, ଆଚାର୍ଯ୍ୟା ସସ୍ମିତା ପରିଡ଼ା, ଅନିତା ଓଝା, ସ୍ମୃତିଶ୍ରୀ ରାଉତ, ପୁଷ୍ପାଞ୍ଜଳି ନାୟକ, ମିଲାନୀସ୍ମିତା ନାୟକ, ଲକ୍ଷ୍ମୀପ୍ରିୟା ବେହେରା, ସେବିକା ଲୀଳାବତୀ ସାହୁ ସହଯୋଗ କରିଥିଲେ।

**ତୁରୁମୁଙ୍ଗା:** ପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୯ତମ ବାର୍ଷିକ ଉତ୍ସବ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ବ୍ରଜେନ୍ଦ୍ର କୁମାର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାଏକ, ମୁଖ୍ୟବକ୍ତା ଭାବେ କୁନି ପ୍ରବଚକ କେଶବ ଦାସ, ସମ୍ମାନିତ ଅତିଥି ଭାବେ ପାଟଣା ବିଧାୟକଙ୍କ ବ୍ଲକ ପ୍ରତିନିଧି କମଳାକାନ୍ତ ଦାଶ, ପୂର୍ବତନ ସମ୍ପାଦକ ବିଦ୍ୟାଧର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ସାମ୍ବାଦିକତା କ୍ଷେତ୍ରରେ ଅବଦାନ ପାଇଁ ଖବରଦାତା ବୀରକିଶୋର ଦାଶ, କିଶୋରଚନ୍ଦ୍ର ମହାନ୍ତ, ବିଦ୍ୟାଳୟ ପ୍ରତି ଅବଦାନ ପାଇଁ ପୂର୍ବତନ ପରିଚାଳନା କମିଟି ସଭାପତି ଅରବିନ୍ଦ ଦାଶ, ଡ଼ାକ୍ତର ହୋଇଥିବା ବିଦ୍ୟାଳୟର ପ୍ରାକ୍ତନ ଛାତ୍ରୀ ଡ଼ାକ୍ତର ଯାଜ୍ଞସେନି ମହାନ୍ତ, ଆଚାର୍ଯ୍ୟା ଶୋଭାଶ୍ରୀ ଷଡ଼ଙ୍ଗୀ, ଚଳିତ ମ୍ୟାଟ୍ରିକ ପରୀକ୍ଷାରେ ବିଦ୍ୟାଳୟରେ ସର୍ବାଧିକ ୯୨ପ୍ରତିଶତ ନମ୍ବର୍ ରଖିଥିବା ଛାତ୍ରୀ ଅନନ୍ୟା ଅପରାଜିତା ଦାଶ, ୫ମ ଶ୍ରେଣୀ ବୃତ୍ତି ପାଇଁ ଦେବାଶିଷ ଦାଶ, ତୃତୀୟ ଶ୍ରେଣୀ ବୃତ୍ତିପାଇଁ ତରଙ୍ଗିନି ମହାନ୍ତ, ହରପ୍ରୀୟା ମହାନ୍ତଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନଆଚାର୍ଯ୍ୟ ଗଣେଶ୍ୱର କର ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ଦୟାନିଧି ମହାନ୍ତ ବିଦ୍ୟାଳୟର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିଶୁ ଭାରତୀ ଅଧକ୍ଷା ଇପ୍ସିତା ପତି ସଂଯୋଜନା କରିଥିଲେ। ଯୁଗ୍ମ ସମ୍ପାଦକ ନିରଞ୍ଜନ ମହାନ୍ତ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ତରଫରୁ ଅପରାହ୍ନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକୁ ତନୟା ପୃଷ୍ଟି ଓ ଦେବାଂଶୁ ଦାଶ ସଂଯୋଜନା କରିଥିଲେ।



## ଆଜିର ରାଶିଫଳ

**ମେଷ:** ନୂଆ କାମ ଆରମ୍ଭ କରିବା ପାଇଁ ଭଲ ସମୟ। ଧାର କରଜରୁ ଦୂରେଇ ରହିବେ। ବ୍ୟବସାୟରେ କ୍ଷତି ହେବ। ପ୍ରିୟବନ୍ଧୁଙ୍କୁ ନିଜ ମନକଥା କହିବେ। ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

**ବୃଷ:** ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ କରିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ।

**ମିଥୁନ:** ଦୂର ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟୀ ନୂଆ ବ୍ୟବସାୟର ଯୋଜନା କରିବେ। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ।

**କର୍କଟ:** ପଡ଼ୋଶୀଙ୍କ ସାହାଯ୍ୟ ମିଳିବ। କ୍ରୀଡ଼ାବିତ୍‌ଙ୍କୁ ଶୁଭ ଖବର ମିଳିବ। ଜମି କାରବାରରେ ସଫଳ ହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ମନପସନ୍ଦ କାମରୁ ସଫଳତା ମିଳିବ। ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନାଚ, ଗୀତ ପ୍ରତି ରୁଚି ବଢ଼ିବ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହେବେ। ଚାକିରିରେ ବଦଳି ସମ୍ଭାବନା ଅଛି।

**ତୁଳା:** ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ବିଛା:** ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବନ୍ଧୁଙ୍କ କଥା ଖରାପ ଲାଗିବ। ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇବେ। ଆୟ ସହ ଖର୍ଚ୍ଚ ବଢ଼ିବ।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। କଳାକାର, ଡାକ୍ତରଙ୍କୁ ଶୁଭ ଖବର ମିଳିବ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟର୍‌କୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

**ମୀନ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ବିବାହକୁ ନେଇ ଚିନ୍ତାରେ ରହିବେ। ନୂଆ ନିଯୁକ୍ତି ଅବସର ମିଳିବ। ନିଜ ପାଇଁ ସମୟ ବାହାର କରିବେ। ବୈବାହିକ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୭୧୫- ସ୍ୱିଡେନ୍ ସେନା ନରୱେ ଉପରେ କବ୍‌ଜା କଲା।
- ୧୮୯୪- କଲିକତାରେ ପ୍ରଥମ ଥର ପାଇଁ ମେଡିକାଲ୍ କନ୍‌ଫରେନ୍ସର ଆୟୋଜନ କରାଗଲା।
- ୧୯୮୬- ଦିଲ୍ଲୀସ୍ଥିତ ଲୋଟସ୍ ଟେମ୍ପୁଲକୁ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ଖୋଲି ଦିଆଗଲା।
- ୧୯୮୯- ଦେଶର ପ୍ରଥମ ଆମ୍ୟୁଜ୍‌ମେଣ୍ଟ ପାର୍କ 'ଏସ୍‌ଏଲ୍ ୱାର୍ଲ୍ଡ' ମୁମ୍ବାଇରେ ଖୋଲିଲା।
- ୨୦୦୦-ବିଶ୍ୱନାଥନ୍ ଆନନ୍ଦ ବିଶ୍ୱ ଚେସ୍ ଚାମ୍ପିଅନ୍ ହେଲେ।

# ସପୁରି କଟାରେ ବିଶ୍ୱ ରେକର୍ଡ




ରେକର୍ଡ ନିଶା ମଣିଷକୁ ଅସାଧାରଣ କାମ କରିବାକୁ ଉତ୍ସାହିତ କରେ। ଏହି କ୍ରମରେ ସ୍ଲୋଭାକିଆର ଡୋମିନିକା ଗ୍ୟାସ୍‌ପାରୋଭା ନାମ୍ନୀ ଜଣେ ମହିଳା ମାତ୍ର ୧୧.୪୩ ସେକେଣ୍ଡରେ ସପୁରି ଚୋପା ଛଡ଼ାଇବା ସହ ଏହାକୁ ସାଇଜ୍‌ରେ କାଟି ଗିନିଜ୍ ବୁକ୍ ଅଫ୍ ରେକର୍ଡରେ ସାମିଲ ହୋଇଛନ୍ତି। ଏହି ରେକର୍ଡ ବ୍ରିଟେନ୍‌ର ୱିସବେକ୍ ସହରର ଡେଲ୍ ମୋଣ୍ଟେ କମ୍ପାନି ପକ୍ଷରୁ ଆୟୋଜିତ ଏକ ଇଭେଣ୍ଟ ସମୟରେ କରାଯାଇଥିଲା। ଏଥିରେ ଡେଲ ମୋଣ୍ଟେ କମ୍ପାନିର ୧୦ ଜଣ ଅଭିଜ୍ଞ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି କର୍ମଚାରୀମାନେ ନିତିଦିନ କମ୍ପାନି ପକ୍ଷରୁ ସପୁରି ଚୋପା ବାହାର କରିବା ଓ କାଟିବା କାମ କରୁଥିଲେ। ତେବେ ସମସ୍ତେ ପୁରୁଣା ରେକର୍ଡ ଭାଙ୍ଗିବାକୁ ଲକ୍ଷ୍ୟ ରଖିଥିଲେ। ପୂର୍ବରୁ ଏହି ରେକର୍ଡ ୧୭.୮୫ ସେକେଣ୍ଡର ଥିଲା। ଖେଳରେ ସପୁରିର ମୋଟା ଚୋପାକୁ ସମ୍ପୂର୍ଣ୍ଣ ଭାବେ ବାହାର କରି ଏହାକୁ ଛୋଟ ଛୋଟ କରି କାଟିବାର ନିୟମ ରହିଥିଲା। ସେହିପରି କଟାଯାଇଥିବା ସପୁରି ଖଣ୍ଡଗୁଡ଼ିକ ୩.୮ ସେଣ୍ଟିମିଟରରୁ ବଡ଼ ନ ହେବା ନିୟମ ରହିଥିଲା। ଗିନିଜ୍ ଅଧିକାରୀମାନଙ୍କ ଉପସ୍ଥିତିରେ ଡୋମିନିକା ଆଖିପିଛୁଳାକେ ସପୁରିରୁ ଚୋପା ଛଡ଼ାଇ ଛୋଟ ଛୋଟ ଖଣ୍ଡରେ କାଟି ଦେଇଥିଲେ। ତେବେ ତାଙ୍କର ରେକର୍ଡ କରିବାର ଭିଡିଓକୁ ଗିନିଜ୍ ବିଶ୍ୱ ରେକର୍ଡର ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ସେୟାର୍ କରାଯାଇଛି।



# ଦୁଇଟି ପାର୍ଟରେ ଆସିବ AA22xA6

ସାଉଥ୍ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ୍ ଓ ଏଟ୍‌ଲିଙ୍କ ଫିଲ୍ମ 'AA22xA6' ଅନେକ ଦିନରୁ ଚର୍ଚ୍ଚା ଲାଗି ରହିଛି। ଏଯାବତ୍ ଫିଲ୍ମର ଟାଇଟଲ୍ ଫାଇନାଲ କରାଯାଇ ନାହିଁ। 'ଧୁରନ୍ଧର'ର ସଫଳତାକୁ ଦେଖି ଏଟ୍‌ଲି ଏବେ ଏହାକୁ ଦୁଇଟି ପାର୍ଟରେ ଆଣିବା ପାଇଁ ଯୋଜନା କରୁଥିବା ଜଣାପଡ଼ିଛି। ଅବଶ୍ୟ ଏନେଇ ବିଧିବଦ୍ଧ ଭାବେ କିଛି କୁହାଯାଇ ନାହିଁ। ଏଯାବତ୍ ଫିଲ୍ମର ୬୦% ସୁଟିଂ ସରିଛି। ଏବେ ଏକ ଅଣ୍ଡର ୱାଟର୍ ଆକ୍ସନ୍ ସିନ୍ ପାଇଁ ଜୋରସୋରରେ ପ୍ରସ୍ତୁତି ଚାଲିଛି। ଏହାର ପ୍ରଥମ ପାର୍ଟର ସୁଟିଂ ପ୍ରାୟତଃ ସରିଯାଇଛି। ଏହର ଟିଜର୍ ଆସନ୍ତା ଏପ୍ରିଲ୍ ମାସରେ ଆସିବ ବୋଲି କୁହାଯାଉଛି। ଏହାସହ ଫିଲ୍ମର ଫାଇନାଲ ରିଲିଜ୍ ଡେଟ୍ ମଧ୍ୟ ଟିଜର୍‌ରେ ଘୋଷଣା କରାଯାଇପାରେ। ଏଥିରେ ଅଲ୍ଲୁ ଡବଲ୍ ରୋଲରେ ନଜର ଆସିବେ। ଦୀପିକା ପାଦୁ୍ୟକୋନ୍ ଓ ମୃଣାଳ ଠାକୁର ଏଥିରେ ଅଲ୍ଲୁଙ୍କ ସହ ଲିଡ୍ ରୋଲରେ ଦେଖାଯିବେ। ଜାହ୍ନବୀ କପୁର ମଧ୍ୟ ଏଥିରେ ଦେଖାଯାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି।

# ୩୦ ବର୍ଷ ପରେ ପେଟରୁ ବାହାରିଲା ଲାଇଟର୍

ଚୀନ୍‌ର ଚେଙ୍ଗଡୁ ସହରର ୬୭ ବର୍ଷୀୟ ଡେଙ୍ଗଙ୍କ ପେଟରେ ଲାଇଟର୍ ରହିବା ଘଟଣା ଏବେ ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ତେବେ ଏହି ଲାଇଟର୍ ତାଙ୍କ ପେଟ ଭିତରେ ଦିନେ କି ଦୁଇ ଦିନ କିମ୍ବା ବର୍ଷେ କି ଦୁଇ ବର୍ଷ ନୁହେଁ, ତିନି ଦଶନ୍ଧି ଧରି ରହିଥିଲା। ରୋଚକୀୟ ବିଷୟ ହେଉଛି ଏବେ ବି ଏହି ଲାଇଟର୍ କାର୍ଯ୍ୟକ୍ଷମ। ଗତ ମାସରେ ଡେଙ୍ଗଙ୍କ ପେଟ ଫୁଲିବା ସହ ସେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କର ଏସିଡିଟି ହୋଇଛି ଭାବିକି ଔଷଧ ଓ ଡାଏଟ୍‌ରେ ପରିବର୍ତ୍ତନ ଆଣିବାକୁ ଚାହିଁଥିଲେ। ହେଲେ କିଛି ଲାଭ ହେଲା ନାହିଁ। ପରିସ୍ଥିତି ଏତେ ଖରାପ ହେଲା ଯେ, ସେ ଶୋଇପାରିଲେ ନାହିଁ। ସେଇଠୁ ସେ ହସ୍‌ପିଟାଲ ଗଲେ। ଜରୁରିକାଳୀନ ଗ୍ୟାଷ୍ଟ୍ରୋସ୍କୋପିରୁ ଡାକ୍ତରମାନେ ତାଙ୍କ ପେଟ ଭିତରେ ଏକ ଆୟତକାର କଳା ଜିନିଷ ଦେଖିଥିଲେ। ତେବେ ଏହି ଜିନିଷଟି ଏଣ୍ଡୋସ୍କୋପି ମାଧ୍ୟମରେ ବାହାରିବା ବି ସହଜ ନ ଥିଲା। ତେଣୁ ଏହି ଜିନିଷକୁ ପ୍ରଥମେ ଚିହ୍ନଟ କରିବା ଜରୁରି ବୋଲି ଡାକ୍ତର ବିଚାର କଲେ। ଡାକ୍ତର ଡେଙ୍ଗଙ୍କୁ ଏବିଷୟରେ ପଚାରିବାରୁ ୧୯୯୦ ମସିହାରେ ସାଙ୍ଗମାନଙ୍କ ସହ ପାର୍ଟି କରୁଥିବା ବେଳେ ତାଙ୍କୁ ଏକ ସିଗାରେଟ୍ ଲାଇଟର୍ ଗିଳିବାକୁ ଚ୍ୟାଲେଞ୍ଜ କରାଯାଇଥିଲା, ଏହାକୁ ସେ ଗିଳି ଦେଇଥିବା ସ୍ୱୀକାର କରିଥିଲେ। ସେହିପରି ଏହାପରେ ଶରୀରରୁ ବାହାରି ଯାଇଥିବ ବୋଲି ସେ ଭାବିଥିଲେ। ମଝିରେ ମଝିରେ ହେଉଥିବା ପେଟ ଯନ୍ତ୍ରଣାକୁ ଏହି ଘଟଣା ସହିତ ସେ କେବେ ଯୋଡ଼ି ନ ଥିଲେ। ତେବେ ଲାଇଟର୍‌କୁ ଡାକ୍ତର ସଫଳତାର ସହ ପେଟ ଭିତରୁ ବାହାର କରିଥିଲେ। ଅବଶ୍ୟ ଲାଇଟର୍‌ଟି ପେଟର ଏସିଡ୍ ଦ୍ୱାରା କଳା ହୋଇଯାଇଥିଲା। ଏହାସତ୍ତ୍ୱେ ବି ସେଥିରେ ଗ୍ୟାସ୍ ଥିଲା ଏବଂ ଲାଇଟର୍‌ଟି ଜଳିଲା। ଡାକ୍ତରଙ୍କ କହିବା କଥା, ଲାଇଟର୍ କେସ୍ ସାଧାରଣତଃ ଏବିଏସ୍ ପ୍ଲାଷ୍ଟିକ୍‌ରୁ ତିଆରି ହୋଇଥାଏ। ଯାହାକି ଏସିଡ୍ ପ୍ରତିରୋଧକ ହୋଇଥାଏ। ଏହି କାରଣ ଯୋଗୁଁ ୩୦ ବର୍ଷ ଧରି ପେଟରେ ଏହା ସୁରକ୍ଷିତ ଥିଲା।






# ଜେନ୍ ଜେଡ୍ଙ୍କ ପସନ୍ଦ 'କ୍ୟାରିୟର ମିନିମାଲିଜିମ୍'



**ଚାକିରିରେ ଅଧିକ ପରିଶ୍ରମ କଲେ ପଦୋନ୍ନତି ମିଳିବା ସହଜ ବୋଲି କୁହାଯାଏ। ଏବେ ଏହି ଚିନ୍ତାଧାରାରେ ପରିବର୍ତ୍ତନ ଆସିଛି। ଜେନ୍ ଜେଡ୍ ଏବେ 'କ୍ୟାରିୟର ମିନିମାଲିଜିମ୍' ଉପରେ ଧ୍ୟାନ ଦେଉଛନ୍ତି। ପୁରୁଣା ପିଢ଼ିଙ୍କଠାରୁ କାମକୁ ନେଇ ସେମାନଙ୍କ ଦୃଷ୍ଟିକୋଣ ଭିନ୍ନ। କାରଣ ଜେନ୍ ଜେଡ୍ ଚାକିରି ପାଇଁ ନିଜ ସଉକକୁ ବଳିଦାନ ଦେବାକୁ ଚାହୁଁ ନାହାନ୍ତି।**

ଜେନ୍ ଜେଡ୍ ଏବେ ପଦବି ଏବଂ ପଇସା ପଛରେ ଦୌଡ଼ୁ ନାହାନ୍ତି। ହେଲେ ସେମାନେ ସେହି ଉନ୍ନତି ବା ବିକାଶକୁ ପ୍ରାଥମିକତା ଦେଉଛନ୍ତି, ଯେଉଁଥିରେ ସେମାନଙ୍କ ଜୀବନରେ ୱାର୍କ ଲାଇଫ୍ ବାଲାନ୍ସ ବଜାୟ ରହିବ। ସେମାନେ ସେହି ସବୁ କାମ ଉପରେ ଧ୍ୟାନ କେନ୍ଦ୍ରିତ କରୁଛନ୍ତି, ଯେଉଁଥିରେ ସେମାନଙ୍କୁ ଖୁସି ମିଳୁଛି। ଏକ ରିପୋର୍ଟ ଅନୁସାରେ, ଜେନ୍ ଜେଡ୍ ଏବେ କ୍ୟାରିୟର ମିନିମାଲିଜିମ୍‌କୁ ଆପଣାଉଛନ୍ତି। ସେମାନେ ଚାକିରିକୁ କେବଳ ଆୟର ମାଧ୍ୟମ ବୋଲି ଭାବୁ ନାହାନ୍ତି, ବରଂ ଅଫିସ୍ ବାହାରେ ନିଜ ବାସ୍ତବ ଇଚ୍ଛା ଓ ମହତ୍ତ୍ୱାକାଂକ୍ଷାକୁ ପୂରା କରିବାରେ ବିଶ୍ୱାସ ରଖୁଛନ୍ତି। ସରଳ ଭାଷାରେ କହିଲେ, ସେମାନେ ନିଜ ଚାକିରି ପାଇଁ ନିଜ ସଉକୁ ବଳିଦାନ ଦେବାକୁ ଚାହୁଁ ନାହାନ୍ତି। ଏହି ଅଧ୍ୟୟନରେ ହଜାରେ ପିଲାଙ୍କୁ ସାମିଲ କରାଯାଇଥିଲା। ୬୮ ପ୍ରତିଶତ ଜେନ୍ ଜେଡ୍ ଭଲ ଦରମା ନ ମିଳିବା ପର୍ଯ୍ୟନ୍ତ ମ୍ୟାନେଜର ପଦବୀ ଗ୍ରହଣ କରିବାକୁ ଚାହିଁ ନାହାନ୍ତି। ମାଗଣାରେ ସେମାନେ କୌଣସି ଦାୟିତ୍ୱ ନେବାକୁ ଚାହିଁ ନ ଥାନ୍ତି। ସେମାନେ ମ୍ୟାନେଜମେଣ୍ଟଠାରୁ ଦୂରରେ ରହି ଖୁସି ରହିବାରେ ବିଶ୍ୱାସ ରଖନ୍ତି।

ସେହିପରି ସବୁ ଜେନ୍ ଜେଡ୍ ଉଚ୍ଚ ପଦବୀରୁ ଦୂରରେ ରହିବାକୁ ଚାହିଁ ନାହାନ୍ତି। ପ୍ରାୟ ୧୦ ପ୍ରତିଶତ ମ୍ୟାନେଜର ନେତୃତ୍ୱ ନେବାକୁ ମନା କରିଛନ୍ତି। ହେଲେ ସେମାନଙ୍କର ଚିନ୍ତାଧାରା ଅଲଗା। ସେମାନେ କମ୍ପାନି କଥା ଭାବିବା ପୂର୍ବରୁ ପ୍ରଥମେ ନିଜ କଥା ଭାବୁଛନ୍ତି। ଏହାବାଦ୍ ଅତିରିକ୍ତ କାମ ଓ ଚାପର ସମ୍ପୂର୍ଣ୍ଣ ପାରିଶ୍ରମିକ ଦାବି କରୁଛନ୍ତି। ସେମାନଙ୍କ ଉଚ୍ଚ ପଦବୀ ପାଇଁ ଚାକିରି ଉପରେ ଆଶା ରଖୁ ନାହାନ୍ତି, ବରଂ ସନ୍ତୁଳିତ ଜୀବନ ଓ ବ୍ୟକ୍ତିଗତ ସନ୍ତୁଷ୍ଟିକୁ ଅଗ୍ରାଧିକାର ଦେଉଛନ୍ତି। ସେମାନେ ଚିରାଚରିତ ନିୟମକୁ ଆଖି ବୁଜି ବିଶ୍ୱାସ କରିବାକୁ ଚାହୁଁ ନାହାନ୍ତି। ୫୭ ପ୍ରତିଶତ ଜେନ୍ ଜେଡ୍ ନିଜ ସଉକ ପୂରା କରିବାକୁ ଚାହୁଁଛନ୍ତି। ଏଥିରୁ ସେମାନଙ୍କୁ ଅସଲ ଖୁସି ମିଳୁଥିବା ସେମାନେ କହନ୍ତି। ସେହିପରି ସେମାନେ ଅଫିସ୍‌ରେ ଅଧିକ ସମୟ କାମ କରିବା ବିରୋଧରେ ଅଛନ୍ତି। ସମୟରେ ଅଫିସ୍ ଛାଡ଼ିବାକୁ ଜେନ୍ ଜେଡ୍ ପୂରା ପ୍ରୟାସ କରୁଛନ୍ତି। ଅନ୍ୟପକ୍ଷରେ ଜେନ୍ ଜେଡ ଯୁବପିଢ଼ିଙ୍କ ମତରେ, କ୍ୟାରିୟରର ଅର୍ଥ କେବଳ ପଦବି କିମ୍ବା ପଦୋନ୍ନତି ପାଇବା ନୁହେଁ, ଜୀବନରେ ଶାନ୍ତି ଓ ଖୁସି ଦରକାର।

## ସମ୍ଭାବନା



# ନାଇଟ୍ ସିଫ୍ଟରେ କାମ କରୁଥିଲେ...


**ନାଇଟ୍ ସିଫ୍ଟରେ କାମ କରିବା ସମସ୍ତଙ୍କ ପକ୍ଷେ ସହଜ ହୋଇ ନ ଥାଏ। ଅନେକ କର୍ମଚାରୀଙ୍କୁ ବିଭିନ୍ନ ପ୍ରକାର ସମସ୍ୟା ସାମ୍ନା କରିବାକୁ ପଡ଼ିଥାଏ। ଏପରିକି ଏହି ସିଫ୍ଟରେ କାମ କରି ଅନେକ ଜଣ ନିଜ କାମକୁ ଠିକ୍ ଭାବେ ପରିଚାଳିତ କରିପାରନ୍ତି ନାହିଁ। କିଛି ଉପାୟକୁ ଆପଣାଇ ନାଇଟ୍ ସିଫ୍ଟରେ ଭଲ କାମ କରିପାରିବେ।**

- ପ୍ରଥମେ ନିଜର ଏକ ସମୟ ସାରଣୀ ପ୍ରସ୍ତୁତ କରନ୍ତୁ ଏବଂ ସେହି ଅନୁସାରେ କାମ କରନ୍ତୁ।
- ନାଇଟ୍ ସିଫ୍ଟ କର୍ମଚାରୀଙ୍କୁ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଜରୁରି।
- ଡାଏଟ୍‌ରେ ଫଳ ଓ ରାତ୍ରି ଭୋଜନରେ ସାଲାଡ୍ ଖାଇବା ଉଚିତ।
- ନାଇଟ୍ ସିଫ୍ଟକୁ ଯିବା ପୂର୍ବରୁ ନିଦ୍ରା ପୂରା କରନ୍ତୁ। ଏହା ଦ୍ୱାରା କାମ କରିବା ସମୟରେ ଥକ୍କା ଲାଗେ ନାହିଁ।
- ରାତିରେ କାମ କରିବା ସମୟରେ ମଝିରେ ମଝିରେ ବିରତି ନେବା ଜରୁରି।
- ନାଇଟ୍ ସିଫ୍ଟରେ କାମ କରୁଥିଲେ, ପ୍ରଚୁର ପାଣି ପିଇବା ଭଲ।



## ନୂଆ କ୍ୟାରିୟର

# ଡ୍ରୋନ୍ ପାଇଲଟ୍



**ଏବର ଟେକ୍ନୋଲୋଜି ଯୁଗରେ ଲୋକଙ୍କ ପାଖରେ କ୍ୟାରିୟରର ବିଭିନ୍ନ ବିକଳ୍ପ ଅଛି। ନୂଆ କ୍ୟାରିୟର ବିକଳ୍ପ ଭାବେ ଏବେ ଡ୍ରୋନ ପାଇଲଟ ଚର୍ଚ୍ଚା ସାଉଁଟୁଛି। ଖେଳ ପଡ଼ିଆ, ବାହାଘର, ଫିଲ୍ମ ତଥା କୌଣସି ବଡ଼ କାର୍ଯ୍ୟକ୍ରମରେ ଆଜିକାଲି ଡ୍ରୋନର ବ୍ୟବହାର କରାଯାଉଛି। ପ୍ରତ୍ୟେକ ଉତ୍ସବରେ ଏବେ ଏହା ଲୋଡ଼ା ପଡ଼ୁଛି।**

ଡ୍ରୋନ ପାଇଲଟ ହେବା ଲାଗି କଳା, ବାଣିଜ୍ୟ, ବିଜ୍ଞାନ ଯେକୌଣସି ବିଭାଗରୁ ଦ୍ୱାଦଶ ପାସ୍ କରିବା ଦରକାର। ଏହା ଲାଗି ମାନ୍ୟତାପ୍ରାପ୍ତ ଇନଷ୍ଟିଚ୍ୟୁଟ୍‌ରୁ ଟ୍ରେନିଂ ନେବା ଖୁବ୍ ଜରୁରି। ଡ୍ରୋନ୍ ପରିଚାଳନା କରିବା ହେଉଛି ଏକ ବଡ଼ କାମ। ତେଣୁ ଏ ଲାଗି ଏହି ନିୟମ ରହିଛି। ଟ୍ରେନିଂ ଲାଗି ଡାଇରେକ୍ଟର ଜେନରାଲ ଅଫ୍ ସିଭିଲ ଆଭିଏସନ ପକ୍ଷରୁ ରିମୋଟ୍ ପାଇଲଟ୍ ଟ୍ରେନିଂ ଅର୍ଗାନାଇଜେସନ (ଆର୍‌ପିଟିଓ)କୁ ମାନ୍ୟତା ପ୍ରଦାନ କରାଯାଇଛି। ଏହି ଟ୍ରେନିଂ ସମୟରେ ଡ୍ରୋନ ଉଡ଼ାଇବା, ସୁରକ୍ଷା ନିୟମ, ପାଣିପାଗ, ବ୍ୟାଟେରି-କ୍ୟାମେରା ସହିତ ଇମରଜେନ୍ସି ଆଦି ସ୍ଥିତିରେ ଡ୍ରୋନ୍ ପରିଚାଳନା କରିବା ଶିଖାଯାଏ। ଏହାବାଦ୍ ପ୍ରଫେସନାଲ ଡ୍ରୋନ ପାଇଲଟ୍ ହେବା ଲାଗି ଡିଜିସିଏର ରିମୋଟ୍ ପାଇଲଟ ପ୍ରମାଣପତ୍ର ନେବାକୁ ହେବ। ଏହାକୁ ଅପରେଟ୍ କରିବା ଲାଗି ପାଖରେ ଲାଇସେନ୍ସ ରହିବା ଜରୁରି। ଏହା ୧୦ ବର୍ଷ ପର୍ଯ୍ୟନ୍ତ ବୈଧ। ସେହିପରି ଡ୍ରୋନ ଟେକ୍ନୋଲୋଜି ଏବଂ ଏୟାରକ୍ରାଫ୍ଟ କ୍ଷେତ୍ରରେ ଭବିଷ୍ୟତ ଗଢ଼ିବାକୁ ଚାହୁଁଥିଲେ, ବିଟେକ୍ ଇନ୍ ଏରୋସ୍ପେସ୍ ଇଞ୍ଜିନିୟରିଂ, ବିଟେକ୍ ଇନ୍ ଏରେନେଟିକଲ ଇଞ୍ଜିନିୟରିଂ, ବିଏସ୍‌ସି ବା ବିଟେକ ଇନ୍ ଆଭିଏସନ ବା ଡିପ୍ଲୋମା ଇନ୍ ଏରୋନଟିକ୍ସ/ ଡ୍ରୋନ୍ ଟେକ୍ନୋଲୋଜିର ଡ୍ରିଗୀ ଆବଶ୍ୟକ।

# ଗୁଗଲ୍ ଟ୍ରାନ୍ସଲେଟ୍‌ର ନୂଆ ଫିଚର୍

ଗୁଗଲ ଏମିତି ଏକ ସ୍ମାର୍ଟ ଫିଚର୍ ଲଞ୍ଚ କରିଛି, ଯାହାକି ନୂଆ ଏବଂ ପୁରୁଣା ହେଡ୍‌ଫୋନ୍‌କୁ ରିୟଲ ଟାଇମ୍ ଟ୍ରାନ୍ସଲେଟର୍‌ରେ ବଦଳାଇ ଦେବ। ତେଣୁ କମ୍ପାନି ଏକ ବିଟା ଫିଚର୍ ଲଞ୍ଚ କରିଛି। ଏହା ଦ୍ୱାରା କୌଣସି ୱେୟାର୍ ଏବଂ ୱେୟାରଲେସ୍ ହେଡ୍‌ଫୋନ୍‌କୁ ରିୟଲ ଟାଇମ ଟ୍ରାନ୍ସଲେସନ ଡିଭାଇସ୍‌ରେ ରୂପାନ୍ତରିତ କରାଯାଇପାରିବ। ଏହା ସହ ଟ୍ରାନ୍ସଲେଟ୍ ଆପ୍‌ରେ ଗୁଗଲର ଏଆଇ ଜେମିନି ଯୁକ୍ତ ସ୍ମାର୍ଟ ଟ୍ରାନ୍ସଲେସନ ଏବଂ ଉନ୍ନତ ଭାଷା ଶିଖିବା ଟୁଲ୍‌କୁ ସାମିଲ କରାଯାଇଛି। ଏବେ ଏହା ବିଟା ଫିଚର୍‌ର କିଛି ଆଣ୍ଡ୍ରଏଡ୍ ଟ୍ରାନ୍ସଲେଟ୍ ଆପ୍‌ରେ ଉପଲବ୍ଧ ଅଛି। ତେଣୁ ଏଥିରେ କେବଳ ହେଡଫୋନ୍‌କୁ ସଂଯୋଗ କରି ଏହାକୁ ରିୟଲ ଟାଇମ ଟ୍ରାନ୍ସଲେସନ ଡିଭାଇସ୍‌ରେ ପରିବର୍ତ୍ତନ କରାଯାଇପାରିବ। ଏ ଲାଗି କେବଳ ବ୍ୟବହାରକାରୀଙ୍କୁ ହେଡ୍‌ଫୋନ୍ କନେକ୍ଟ କରିକି ଗୁଗଲ ଟ୍ରାନ୍ସଲେଟ୍ ଆପ୍‌କୁ ଯିବାକୁ ପଡ଼ିବ। ଏହାପରେ ଯେକୌଣସି ଭାଷାର ଟ୍ରାନ୍ସଲେସନ୍ ବାସ୍ତବ ସମୟ ମଧ୍ୟରେ ଶୁଣିପାରିବେ। ଏହି ଫିଚର୍ ୭୦ରୁ ଅଧିକ ଭାଷାକୁ ସମର୍ଥନ କରେ। ୨୦୨୬ରେ ଏହି ସୁବିଧା ଆଇଫୋନ୍ ବ୍ୟବହାରାକାରୀଙ୍କୁ ମିଳିବା କୁହାଯାଉଛି।



### ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ମହିଳା ଟି-୨୦

# ଭାରତର ସୁନ୍ଦର ବୋଲିଂ ପ୍ରଦର୍ଶନ

ବିଶାଖାପାଟଣା,୨୩।୧୨(ଏଜେନ୍ସି)





ଏଠାରେ ମଙ୍ଗଳବାର ଅନୁଷ୍ଠିତ ଭାରତ ବିପକ୍ଷ ଦ୍ୱିତୀୟ ମହିଳା ଟି-୨୦ ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୨୮ ରନ୍ ସଂଗ୍ରହ କରିନେଇଛି। ଦଳ ପକ୍ଷରୁ ହର୍ଷିତା ସମରବିକ୍ରମା ସର୍ବାଧିକ ୩୩, ଅଧିନାୟିକା ଚାମରି ଆଟାପାଟୁ ୩୧, ହାସିନି ପରେରା ୨୨ ରନ୍ କରିଛନ୍ତି। ଭାରତ ପକ୍ଷରୁ ବୈଷ୍ଣବୀ ମିଶ୍ର, ଶ୍ରୀ ଚରଣି ଦୁଇଟି ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି। ଏଠାରେ ଭାରତୀୟ ଅଧିନାୟିକା ହରମନପ୍ରୀତ୍ କୌର କ୍ରମାଗତ ଦ୍ୱିତୀୟଥର ଟସ୍ ଜିତିବା ପରେ ଶ୍ରୀଲଙ୍କାକୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରଥିଲେ। ୫ ମ୍ୟାଚ୍ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟର ରବିବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌କୁ ଭାରତ ୬ ୱିକେଟରେ ଜିତିଥିଲା। ଏଠାରେ ପ୍ରଥମ ଦୁଇଟି ମ୍ୟାଚ୍ ଖେଳାଯିବା ପରେ ପରବର୍ତ୍ତୀ ୩ଟି ମ୍ୟାଚ୍ କେରଳର ତିରୁଅନନ୍ତପୁରମରେ ଖେଳାଯିବ। ଏଠାରେ ମ୍ୟାଚ୍ ଗୁଡ଼ିକ ଡିସେମ୍ବର ୨୬ (ତୃତୀୟ), ୨୮ (ଚତୁର୍ଥ) ଓ ୩୦ (ପଞ୍ଚମ ତଥା ଶେଷ ମ୍ୟାଚ୍)ରେ ଖେଳାଯିବ। ଜବାବରେ ଭାରତ ୨ ଓଭରରେ କୌଣସି ୱିକେଟ ନ ହରାଇ ୧୦ ରନ୍ ସଂଗ୍ରହ କରିନେଇଛି।

ଏଠାରେ ଶ୍ରୀଲଙ୍କା ଦଳ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ର ଟପ୍ ସ୍କୋରର ଭିଷ୍ମି ଗୁଣରତ୍ନେ (୧) ପ୍ରଥମ ଓଭରରେ ଆଉଟ ହୋଇଥିଲେ। ଯୁବ ଫାଷ୍ଟ ବୋଲର କ୍ରାନ୍ତି ଗୌଡ଼ ତାଙ୍କୁ କଟ୍ ଆଣ୍ଡ ବୋଲ୍ଡ ଆଉଟ କରିଥିଲେ। ତାଙ୍କ ଆଉଟ ପରେ ଦ୍ୱିତୀୟ ୱିକେଟରେ ଚାମରି ଓ ହାସିନୀ ୩୬ରନ୍, ତୃତୀୟ ୱିକେଟରେ ହାସିନୀ ଓ ହର୍ଷିତା ୪୪ ରନ୍ ଓ ଚତୁର୍ଥ ୱିକେଟରେ ହର୍ଷିତା ଓ କାଭିସା ୨୨ ରନ୍ ଉଠାଇ ଏକ ସମ୍ମାନଜନକ ସ୍କୋର କରିବେ ବୋଲି ଆଶା ସୃଷ୍ଟି କରିଥିଲେ। କିନ୍ତୁ ଚତୁର୍ଥ ଖେଳାଳିଭାବେ ହର୍ଷିତା ୩୨ ବଲ୍‌ରୁ ୪ ଚୌକା ସହ ସର୍ବାଧିକ ୩୩ ରନ୍ କରି ଆଉଟ ହେବା ପରେ ଶ୍ରୀଲଙ୍କାର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ଦଳ ତାହାର ଶେଷ ୬ ୱିକେଟ ୨୪ ରନ୍‌ରେ ହରାଇଥିଲା। ଏହା ମଧ୍ୟରେ ଚାମରି ଆଟାପାଟୁ ୩୧, ହାସିନି ପରେରା ୨୨, କାଭିସା ଦିଲହାରୀ ୧୪ ଓ କୌଶାନି ନୁଥ୍ୟାଙ୍ଗନା ୧୧ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ।

ଭାରତ ପକ୍ଷରୁ ଦୁଇ ସ୍ପିନର ବୈଭବୀ ମିଶ୍ର ଓ ଶ୍ରୀ ଚରଣି ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ପେସ୍ ବୋଲର କ୍ରାନ୍ତି ଗୌଡ଼ଙ୍କୁ ଓ ସ୍ପିନର ସ୍ନେହ ରାଣାଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ଇନିଂସ: ୧୨୮/୯, ୨୦ ଓଭର (ହର୍ଷିତା ସମରବିକ୍ରମ-୩୩, ଚାମରି ଆଟାପାଟୁ-୩୧, ହାସିନି ପରେରା-୨୨, କାଭିଶା ଦିଲହରୀ-୧୪, ଶ୍ରୀ ଚରଣି-୨/୨୩, ବୈଷ୍ଣବୀ ଶର୍ମା-୨/୩୨)।

### ଅନ୍ତର୍ଜାତୀୟ ଟି-୨୦ରେ ଗୋଟିଏ ଓଭରରେ ୫ ୱିକେଟ୍

## ଇଣ୍ଡୋନେସିଆର ପ୍ରିଆନ୍ଦନାଙ୍କ କୀର୍ତ୍ତିମାନ

ବାଲି, ୨୩।୧୨ (ଏଜେନ୍ସି): ଇଣ୍ଡୋନେସିଆ କ୍ରିକେଟର୍ ଗେଡେ ପ୍ରିଆନ୍ଦନା ବିଶ୍ୱର ପ୍ରଥମ ବୋଲର ଭାବେ ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ୍‌ରେ ଗୋଟିଏ ଓଭରରେ ୫ ୱିକେଟ୍ ନେବାର ବିରଳ ସଫଳତା ପାଇଛନ୍ତି। ମଙ୍ଗଳବାର ଏଠାରେ ଅନୁଷ୍ଠିତ କାମ୍ବୋଡିଆ ବିପକ୍ଷ ପ୍ରଥମ ଟି-୨୦ରେ ୨୮ ବର୍ଷୀୟ ଗେଡେ ଏହି ବିଧ୍ୱଂସୀ ବୋଲିଂ କରିଥିଲେ। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଇଣ୍ଡୋନେସିଆ ଓପନର୍ ଧର୍ମା କେଶୁମା (୧୧୦)ଙ୍କ ଶତକ ବଳରେ ୫ ୱିକେଟ୍‌ରେ ୧୬୭ ରନ କରିଥିଲା। ଜବାବରେ କାମ୍ବୋଡିଆ ୧୬ ଓଭରରେ ୧୦୭ ରନରେ ଅଲ୍‌ଆଉଟ୍ ହେବା ସହ ୬୦ ରନରେ ପରାସ୍ତ ହୋଇଥିଲା। କାମ୍ବୋଡିଆ ଇନିଂସର ୧୬ତମ ଓଭର ବୋଲିଂ କରିଥିବା ଗେଡେ ପ୍ରଥମ ୩ଟି ବଲ୍‌ରେ ୱିକେଟ୍ ନେଇ ହ୍ୟାଟ୍ରିକ ପୂରଣ କରିଥିଲେ। ଏହାପରେ ସେହି ଓଭରର ଶେଷ ୨ଟି ବଲରେ ଆଉ ୨ଜଣ ବ୍ୟାଟର୍‌ଙ୍କୁ ଆଉଟ୍ କରି ଓଭରରେ ମୋଟ୍ ୫ଟି ୱିକେଟ୍ ନେଇଥିଲେ। ଏହି ଓଭରରେ ସେ ୧ ରନ ବ୍ୟୟ କରିଥିଲେ। ଏକଦା ୧୫ ଓଭରରେ ୫ ୱିକେଟରେ ୧୦୬ ରନ କରିଥିବା କାମ୍ବୋଡିଆ ୧୬ତମ ଓଭରରେ ୧୦୭ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ପ୍ରକାଶଯୋଗ୍ୟ, ଅନ୍ତର୍ଜାତୀୟ ଟି-୨୦ରେ ଏହା ୩୬୪୬ତମ ମ୍ୟାଚ୍ ଥିଲା। ପ୍ରଥମ ବୋଲର ଭାବେ ପ୍ରିଆନ୍ଦନା ଗୋଟିଏ ଓଭରରେ ୫ ୱିକେଟ୍ ନେଇଛନ୍ତି। ଏଥିପୂର୍ବରୁ ୧୪ଥର ଗୋଟିଏ ଓଭରରେ ୪ ୱିକେଟ୍ ପତନ ଘଟିଛି। ଯେଉଁଥିରେ ୨୦୧୯ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ମାଲିଙ୍ଗା ୪ଟି ବଲରେ ୪ଟି ୱିକେଟ୍ ନେଇଥିଲେ।

## ୧୮ ବର୍ଷ ସାନ ପ୍ରେମିକାଙ୍କୁ ଦ୍ୱିତୀୟ ବିବାହ କଲେ ଷ୍ଟ୍ରସ



ଲଣ୍ଡନ, ୨୩।୧୨ (ଏଜେନ୍ସି): ଇଂଲଣ୍ଡ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ଆଣ୍ଡ୍ରିଉ ଷ୍ଟ୍ରସ ଦ୍ୱିତୀୟ ବିବାହ କରି ଚର୍ଚ୍ଚାକୁ ଆସିଛନ୍ତି। ପ୍ରଥମ ପତ୍ନୀ ରୁଥଙ୍କ ବିୟୋଗର ୮ ବର୍ଷ ପରେ ୪୮ ବର୍ଷୀୟ ଷ୍ଟ୍ରସ ତାଙ୍କ ପ୍ରେମିକା ଆଣ୍ଟୋନିଆ ଲିନାଇଅସ୍-ପିଟ୍‌ଙ୍କୁ ଶେଷରେ ବିବାହ କରିଛନ୍ତି। ଦକ୍ଷିଣ ଆଫ୍ରିକାର କେପ୍ ଟାଉନଠାରୁ ୫୦ ମାଇଲ ଦୂର ଫ୍ରାନଶୋକ ସହରରେ ଏହି ବିବାହ ଗତ ସପ୍ତାହରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଷ୍ଟ୍ରସ୍‌ଙ୍କ ପ୍ରଥମ ପତ୍ନୀଙ୍କ ଦୁଇ ପୁଅ ୨୦ ବର୍ଷୀୟ ସାମୁଏଲ୍ ଓ ୧୭ ବର୍ଷୀୟ ଲୁକା ଉପସ୍ଥିତ ରହିଥିଲେ। ପେସାରେ ବର୍ତ୍ତମାନ ଗୋଟିଏ କମ୍ପାନୀର ନିର୍ଦ୍ଦେଶିକା ରହିଥିବା ଆଣ୍ଟୋନିଆ ବୟସରେ ଷ୍ଟ୍ରସଙ୍କଠାରୁ ୧୮ ବର୍ଷ ସାନ। ଦୁଇ ବର୍ଷ ପୂର୍ବେ ଉଭୟଙ୍କ ମଧ୍ୟରେ ଡେଟ୍ ଆରମ୍ଭ ହୋଇଥିଲା। ପ୍ରକାଶଯୋଗ୍ୟ, ୨୦୧୮ ଡିସେମ୍ବରରେ ଷ୍ଟ୍ରସଙ୍କ ପ୍ରଥମ ପତ୍ନୀ ରୁଥ କ୍ୟାନସରରେ ପ୍ରାଣ ହରାଇଥିଲେ।

## ୧୯ ବର୍ଷରୁ ଏସିଆ କପ୍ ଭାରତୀୟ ଦଳର ପ୍ରଦର୍ଶନ ତର୍ଜମା କରାଯିବ

ମୁମ୍ବଇ,୨୩।୧୨(ଏଜେନ୍ସି): ଦୁବାଇରେ ଅନୁଷ୍ଠିତ ୧୯ ବର୍ଷରୁ ଏସିଆ କପ୍ କ୍ରିକେଟ ଫାଇନାଲରେ ପାକିସ୍ତାନ ନିକଟରୁ ପରାଜିତ ହୋଇଥିବା ଭାରତୀୟ ଦଳର ପ୍ରଦର୍ଶନରେ ବିସିସିଆଇ କ୍ଷୁବ୍ଧ ହୋଇଛି। ଦଳର ଏପରି ନୈରାଶ୍ୟଜନକ ପ୍ରଦର୍ଶନ କାହିଁକି ହେଲା ସେ ସମ୍ପର୍କରେ ମ୍ୟାନେଜର ସଲିଲ ଦତାରଙ୍କୁ ରିପୋର୍ଟ ଦେବାକୁ କୁହାଯାଇଛି। ଡିସେମ୍ବର ୨୨ରେ ଅନୁଷ୍ଠିତ ଆପେକ୍ସ କାଉନ୍ସିଲ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।



ଏହା ବ୍ୟତୀତ ଅଧିନାୟକ ଆୟୂଷ ମାହାତ୍ରେ ଓ ହେଡ୍ କୋଚ୍ ହୃଷିକେଶ କାନିତକରଙ୍କ ସହ ଖୁବ୍ ଶୀଘ୍ର ଆଲୋଚନା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହାଛଡ଼ା ଫାଇନାଲ ମ୍ୟାଚ୍‌ରେ କିଛି ଭାରତୀୟ ଖେଳାଳିଙ୍କ ବ୍ୟବହାରକୁ ନେଇ ପାକିସ୍ତାନ ମେଣ୍ଟର ସର୍ଫରାଜ ଖାନ୍ ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି। ଏହାର ମଧ୍ୟ ତଦନ୍ତ କରାଯିବ। ଆସନ୍ତାବର୍ଷ ପ୍ରାରମ୍ଭରେ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଆୟୋଜିତ ହେବ। ଏହା ପୂର୍ବରୁ ଭାରତୀୟ ଦଳର ସମସ୍ୟାକୁ ଏଡ଼ାଇବା ଲାଗି ବିସିସିଆଇ ସମସ୍ତ ପ୍ରକାର ଉଦ୍ୟମ କରୁଛି।

### ଖେଳାଳିଙ୍କ ବିରୋଧରେ ଆଇସିସିରେ ଅଭିଯୋଗ କରିବେ ପିସିବି ସଭାପତି

ପାକିସ୍ତାନ ବିପକ୍ଷ ଫାଇନାଲରେ ଭାରତୀୟ ଖେଳାଳିଙ୍କ ବ୍ୟବହାର ଅଶୋଭନୀୟ ଓ ସ୍ପିରିଟ୍ ଅଫ୍ କ୍ରିକେଟର ପରିପନ୍ଥୀ ବୋଲି ମେଣ୍ଟର ସର୍ଫରାଜ ଅହମ୍ମଦ୍ କହିବା ପରେ ଏକ ଭିନ୍ନ ପରିବେଶ ସୃଷ୍ଟି ହୋଇଛି। ସର୍ଫରାଜ ପାକିସ୍ତାନର ଅନ୍ୟ ଖେଳାଳିଙ୍କ ପରି ଏକତରଫା କଥା କୁହନ୍ତି ନାହିଁ। ତାଙ୍କ ମତରେ ଭାରତୀୟ ଖେଳାଳିଙ୍କ ବ୍ୟବହାର ସମ୍ପୂର୍ଣ୍ଣ ଅଣଖେଳୱାଡ ଓ ଅଶୋଭନୀୟ। ଏହି ମ୍ୟାଚ୍‌ରେ ଏକାଧିକ ଥର ଉଭୟ ଦଳର ଖେଳାଳିଙ୍କ ମଧ୍ୟରେ ଯୁକ୍ତିତର୍କ, ଉଚ୍ଚବାଚ ହୋଇଥିଲା। ଭାରତୀୟ ବିରୋଧରେ ପାକିସ୍ତାନ କ୍ରିକେଟ ବୋର୍ଡ ସଭାପତି ମୋହସିନ ନକ୍‌ଭୀ ବିଶ୍ୱ କ୍ରିକେଟ ବୋର୍ଡର ସର୍ବୋଚ୍ଚ ସଂସ୍ଥା ଆଇସିସି ନିକଟରେ ଆନୁଷ୍ଠାନିକ ଅଭିଯୋଗ କରିବେ ବୋଲି ଆଜି ଘୋଷଣା କରିଛନ୍ତି। ଭାରତ ଓ ପାକିସ୍ତାନ ମଧ୍ୟରେ କ୍ରିକେଟ ମ୍ୟାଚ୍ ସର୍ବଦା ଉତ୍ତେଜନାମୂଳକ ହୋଇଥାଏ। କିନ୍ତୁ ଜୁନିଅର ମୁକାବିଲାରେ ଏଭଳି ଘଟଣା ଖୁବ୍ କମ୍ ଦେଖିବାକୁ ମିଳିଥାଏ।

## ଆସେସ ସିରିଜ୍: ଇଂଲଣ୍ଡ ଖେଳାଳିଙ୍କ ଅତ୍ୟଧିକ ମଦ୍ୟପାନ

ଲଣ୍ଡନ,୨୩।୧୨(ଏଜେନ୍ସି): ଅଷ୍ଟ୍ରେଲିଆ ବିପକ୍ଷରେ ମାତ୍ର ୧୧ ଦିନର ଟେଷ୍ଟ ଲଢ଼େଇରେ ଇଂଲଣ୍ଡ ଆସେସ ସିରିଜ୍ ହାରିଯାଇଛି। ଏହି ୧୧ ଦିନ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ୩ଟି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ବିନା ଲଢ଼େଇରେ ବିଜୟୀ ହୋଇଛି। ଇଂଲଣ୍ଡର ଏପରି ଦୟନୀୟ ପ୍ରଦର୍ଶନ ଦେଶର କ୍ରିକେଟ ବୋର୍ଡ ଓ ହେଡ୍ କୋଚ୍ ବ୍ରେଣ୍ଡାନ ମ୍ୟାକ୍‌କୁଲାମଙ୍କୁ ବ୍ୟଥିତ କରିଛି। ବାକିଥିବା ୨ଟି ଟେଷ୍ଟରେ ଇଂଲଣ୍ଡ ଯଦି ଭଲ ନ ଖେଳେ ତେବେ ହେଡ୍ କୋଚ୍ ପଦରୁ ମ୍ୟାକ୍‌କୁଲାମ ଇସ୍ତଫା ଦେବେ ବୋଲି ଏକ ରିପୋର୍ଟ ପ୍ରକାଶ ପାଇଛି। ସେହିପରି ଦ୍ୱିତୀୟ ଓ ତୃତୀୟ ଟେଷ୍ଟ ମଝିରେ ଇଂଲଣ୍ଡ ଖେଳାଳିଙ୍କ ଲାଗି ବ୍ରିସ୍‌ବେନ୍‌ର ଉତ୍ତରାଞ୍ଚଳରେ ବିଶ୍ରାମ ବ୍ୟବସ୍ଥା କରାଯାଇଥିଲା। ଏହି ସମୟରେ କିଛି ଖେଳାଳି ମାତ୍ରାଧିକ ମଦ୍ୟପାନ କରିଥିବା ରିପୋର୍ଟ ପ୍ରକାଶ ପାଇଛି। ଏ ସମ୍ପର୍କରେ ଇଂଲଣ୍ଡ କ୍ରିକେଟ ବୋର୍ଡ ମୁଖ୍ୟ ରବର୍ଟ କୀ' ଘଟଣାର ତଦନ୍ତ କରିବାକୁ କହିଛନ୍ତି। ଅତ୍ୟଧିକ ମଦ୍ୟପାନ କରିବା ପରେ ଖେଳାଳିମାନେ କୌଣସି ଖରାପ ବ୍ୟବହାର ଦେଖାଇ ନାହାନ୍ତି। ତଦନ୍ତରୁ ସତ୍ୟାସତ୍ୟ ଜଣାପଡ଼ିଲେ କୌଣସି ଆନୁଷ୍ଠାନିକ କାର୍ଯ୍ୟାନୁଷ୍ଠାନ ହେବ ନାହିଁ।

### ଖେଳିବେନି ପ୍ୟାଟ୍ କମିନ୍ସ

ଇଂଲଣ୍ଡ ବିପକ୍ଷ ତୃତୀୟ ଆସେସ ଟେଷ୍ଟରେ ନେତୃତ୍ୱ ନେଇଥିବା ଅଷ୍ଟ୍ରେଲିଆର ପ୍ୟାଟ କମିନ୍ସ ଶେଷ ଦୁଇଟି ଟେଷ୍ଟରେ ଖେଳିବେ ନାହିଁ। ପିଠିରେ ଯନ୍ତ୍ରଣା ହେଉଥିବାରୁ ସେ ପ୍ରଥମ ଦୁଇଟି ଟେଷ୍ଟ ଖେଳି ନ ଥିଲେ। ଏବେ ଯନ୍ତ୍ରଣା ବୃଦ୍ଧି ପାଇଥିବାରୁ ସେ ଶେଷ ୨ଟି ଟେଷ୍ଟ ନ ଖେଳି ବିଶ୍ରାମ ନେବେ ବୋଲି ଅଷ୍ଟ୍ରେଲିଆ କ୍ରିକେଟ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମ ୩ଟି ମ୍ୟାଚ୍‌ରେ ବିଜୟୀ ହୋଇ ଆସେସ୍ ବଜାୟ ରଖିଥିବା ଅଷ୍ଟ୍ରେଲିଆ ଦଳରେ ଶେଷ ଦୁଇଟି ଟେଷ୍ଟ ଲାଗି ଫାଷ୍ଟ ବୋଲର ଝାଇ ରିଚାର୍ଡସନ ଓ ସ୍ପିନର ଟଡ୍ ମର୍ଫିଙ୍କୁ ସାମିଲ କରାଯାଇଛି।

## ଦୁର୍ଘଟଣା ଯୋଗୁ ଘୁଞ୍ଚିଲା ମେସିଙ୍କ ଭଉଣୀ ବିବାହ



ମିଆମି, ୨୩।୧୨ (ଏଜେନ୍ସି): ଆର୍ଜେଣ୍ଟିନାର ମହାନ ଫୁଟ୍‌ବଲ ଖେଳାଳି ଲିଓନେଲ ମେସିଙ୍କ ସାନ ଭଉଣୀ ମାରିଆ ସୋଲ୍ ମେସି ଏକ କାର ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ଫ୍ଲୋରିଡାର ମିଆମି ସହରରେ କାର ଚଳାଇ ଯାଉଥିବାବେଳେ ୩୨ ବର୍ଷୀୟା ମାରିଆ ଦୁର୍ଘଟଣାର ଶିକାର ହୋଇଥିଲେ। ଫଳରେ ତାଙ୍କ ମେରୁଦଣ୍ଡ ସମେତ ଏକାଧିକ ସ୍ଥାନରେ ଫ୍ୟାକଚର ହୋଇଛନ୍ତି। ତେବେ ସେ ବିପଦମୁକ୍ତ ଥିବା ମେସିଙ୍କ ମା ସେଲିଆ ଗଣମାଧ୍ୟମକୁ କହିଛନ୍ତି। ଅପରପକ୍ଷରେ ଏହି ଦୁର୍ଘଟଣା ଯୋଗୁ ମାରିଆଙ୍କ ବିବାହକୁ ଘୁଞ୍ଚାଇ ଦିଆଯାଇଛି। ଜାନୁଆରୀ ୩ ତାରିଖରେ ଇଣ୍ଟର ମିଆମି ଫୁଟ୍‌ବଲ ଦଳର କୋଚ୍ ଜୁଲିୟନ ଟୁଲି ଓରେଲାନୋଙ୍କ ସହ ହେବାର ଥିଲା। ଉଲ୍ଲେଖଯୋଗ୍ୟ, ମେସି ଗତ ସପ୍ତାହରେ ୩ ଦିନିଆ ଭାରତ ଗସ୍ତରେ ଆସିଥିଲେ।

### ଜାତୀୟ କନିଷ୍ଠ ଜୁ ଜିତ୍ସୁ

## ଓଡ଼ିଶାକୁ ୧ ସ୍ୱର୍ଣ୍ଣ ସହ ୬ ପଦକ

ଭୁବନେଶ୍ୱର,୨୩।୧୨(ସମିସ): ଉତ୍ତରାଖଣ୍ଡରେ ଅନୁଷ୍ଠିତ ଜାତୀୟ ଉପକନିଷ୍ଠ ଓ କନିଷ୍ଠ ଜୁ ଜିତ୍ସୁ ଚାମ୍ପିଅନସିପ୍‌ରେ ଓଡ଼ିଶାକୁ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୪ଟି କାଂସ୍ୟ ସହ ମୋଟ ୬ଟି ପଦକ ମିଳିଛି। ଉପକନିଷ୍ଠ ବିଭାଗରେ ଓଡ଼ିଶାକୁ ଏକମାତ୍ର ସ୍ୱର୍ଣ୍ଣ ପଦକ ମିଳିଛି। ବାଳିକା ୪୦ କିଲୋରୁ ଅଧିକ ନେ-ୱାଜା ବିଭାଗରେ ଶ୍ରେୟଂଶୀ ତ୍ରିପାଠୀଙ୍କୁ ସ୍ୱର୍ଣ୍ଣ ମିଳିଛି। ସେହିପରି କନିଷ୍ଠ ବିଭାଗର ୫୭ କିଲୋ ନେ-ୱାଜା ବର୍ଗରେ ପଲକ ପ୍ରିୟଦର୍ଶିନୀ ରୌପ୍ୟ ହାସଲ କରିଛନ୍ତି। ଅନ୍ୟମାନଙ୍କୁ କାଂସ୍ୟ ପଦକ ମିଳିଛି। ଫାଇଟିଂ ସିଷ୍ଟମରେ ମଧ୍ୟ ପଲକ ଏକ କାଂସ୍ୟ ଜିତିଛନ୍ତି। ଉପକନିଷ୍ଠ ଫାଇଟିଂ ସିଷ୍ଟମରେ ଶ୍ରେୟଂଶୀ, ୨୫ କିଲୋଗ୍ରାମ୍‌ରୁ କମ୍ ନେ-ୱାଜାରେ ସାନ୍‌ଭି ସାହୁ, ବାଳକ ୫୬ କିଲୋରୁ କମ୍ ଫାଇଟିଂ ସିଷ୍ଟମ୍‌ରେ କୋନା ମହେଶ ରେଡ୍ଡୀ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ସ୍ୱରାଜ ଜାନୀ ଦଳର କୋଚ୍ ରହିଥିଲେ। ଏହି ସଫଳତା ଲାଗି ଓଡ଼ିଶା ଜୁ-ଜିତ୍ସୁ ସଂଘର ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ଡଃ. ହରିପ୍ରସାଦ ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତମାନେ ଶୁଭେଚ୍ଛା ଜଣାଇଛନ୍ତି।




## ଗୁଞ୍ଜନଙ୍କୁ ୪ ୱିକେଟ; ପଞ୍ଜାବ ୨୫୪/୮

କଟକ,୨୩।୧୨(ସମିସ): ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ୪ର୍ଥ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ମଧ୍ୟପ୍ରଦେଶର ଏମପିସିଏ ଗ୍ରାଉଣ୍ଡରେ ଅନୁଷ୍ଠିତ ପଞ୍ଜାବ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ପଞ୍ଜାବ ୮ ୱିକେଟ ବିନିମୟରେ ୨୫୪ରନ ସଂଗ୍ରହ କରିଛି। ୩୩ରନରେ ପ୍ରଥମ ୪ ୱିକେଟ ହରାଇଥିବା ପଞ୍ଜାବକୁ ଶିବାଂଶ ବିପର୍ଯ୍ୟୟରୁ ମୁକୁଳାଇଥିଲେ। ୨୨୩ବଲ ସମ୍ମୁଖୀନ ହୋଇଥିବା ଶିବାଂଶ ୧୭ଟି ଚୌକା ସହାୟତାରେ ୧୧୪ରନ ସଂଗ୍ରହ କରି ଅପରାଜିତ ରହିଛନ୍ତି। ଓଡ଼ିଶା ପକ୍ଷରୁ ଗୁଞ୍ଜନ ସାହୁ ସର୍ବାଧିକ ୪ଟି ୱିକେଟ ଦଖଲ କରିଛନ୍ତି। ଶିବେନ ମାଝୀ ୨ଟି, ମିଧାଂଶୁ ଦାସ ଏବଂ ସିଦ୍ଧେଶ୍ୱର ବାଗଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଛି।

### ● ମୁକ୍ତେଶ୍ୱର କପ୍

## କ୍ୱାର୍ଟରରେ ରାଇଜିଂ ଓ ଆଇଆଇସି

ଭୁବନେଶ୍ୱର, ୨୩।୧୨ (ସମିସ): ମୁକ୍ତେଶ୍ୱର କପ୍ ୧୬ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରି-କ୍ୱାର୍ଟର ଫାଇନାଲ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏଥିରେ ରାଇଜିଂ ଷ୍ଟାର୍ ଓ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ୍ କ୍ରିକେଟ୍ (ଆଇଆଇସି) ଦଳ ବିଜୟ ଲାଭ କରି କ୍ୱାର୍ଟରରେ ପହଞ୍ଚିଛନ୍ତି। ପ୍ରଥମ ପ୍ରି-କ୍ୱାର୍ଟରରେ ରାଇଜିଂ ଷ୍ଟାର ବ୍ୟାଟିଂ କରି ୨୦ ଓଭରରେ ୬ ୱିକେଟ୍ ହରାଇ ୮୯ ରନ କରିଥିଲା। ଜବାବରେ ଗ୍ରୀନ୍ସ କ୍ରିକେଟ ଏକାଡେମୀ ୮ ୱିକେଟରେ ୭୩ ରନ କରିବା ସହ ୧୬ ରନରେ ପରାସ୍ତ ହୋଇଥିଲା। ଦୁଇଟି ୱିକେଟ୍ ନେଇଥିବା ସୂର୍ଯ୍ୟାଂଶ ସ୍ୱାଇଁ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚରେ ଭାରତ ଭୂଷଣ କ୍ରିକେଟ ଏକାଡେମୀ (ବିବିସିଏ) ଓ ଆଇଆଇସି ଦଳ ସାମ୍ନାସାମ୍ନି ହୋଇଥିଲେ। ସାଇ ଶଙ୍କର ସେଠୀଙ୍କ ୫୬ ରନ ବଳରେ ବିବିସିଏ ୭ ୱିକେଟରେ ୧୧୪ ରନ କରିଥିଲା। ଜବାବରେ ୫ ୱିକେଟ ହରାଇ ଆଇଆଇସି ୨ଟି ବଲ୍ ବଳକା ଥାଇ ବିଜୟୀ ହୋଇଥିଲା। ବିବିସିଏର ମୃତ୍ୟୁଞ୍ଜୟ ରୟ ୪ ଓଭରରେ ୧୩ ରନ ବ୍ୟୟରେ ୨ଟି ୱିକେଟ୍ ନେଇଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଆଇଆଇସିର ରାଜବୀର ସାମନ୍ତରାୟ ୨୧ ରନ କରି ଶ୍ରେଷ୍ଠ ଖେଳାଳି ହୋଇଥିଲେ।

## ବିଜୟ ମହାନ୍ତି ସ୍ମାରକୀ ବାସ୍କେଟବଲରେ ୧୦ ଦଳ




ଭୁବନେଶ୍ୱର,୨୩।୧୨(ସମିସ): ଭୁବନେଶ୍ୱର ମଧ୍ୟର ପୂର୍ବତନ ବିଧାୟକ ସ୍ୱର୍ଗତ ବିଜୟ କୁମାର ମହାନ୍ତିଙ୍କ ସ୍ମୃତିରେ ଏକ ସିନିଅର ବାସ୍କେଟବଲ ଟୁର୍ଣ୍ଣାମେଣ୍ଟ ୟୁନିଟ୍-୧ ବାସ୍କେଟବଲ କମ୍ପ୍ଲେକ୍ସରେ ଚଳିତମାସ ୨୬ରୁ ୨୮ ଯାଏ ଅନୁଷ୍ଠିତ ହେବ। ଖୋର୍ଦ୍ଧା ଜିଲ୍ଲା ବାସ୍କେଟବଲ ସଂଘ ଓ ବିଜୟ ମହାନ୍ତି ସ୍ମୃତି କମିଟି ପକ୍ଷରୁ ଏହି ଟୁର୍ଣ୍ଣାମେଣ୍ଟ ମିଳିତଭାବେ ଆୟୋଜନ କରାଯିବ। ଏଥିରେ ୬ଟି ପୁରୁଷ ଓ ୪ଟି ମହିଳା ଦଳ ଅଂଶଗ୍ରହଣ କରିବେ। ଲିଗ୍ କମ୍ ନକ୍‌ଆଉଟ ପଦ୍ଧତିରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ ବୋଲି ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ବରିଷ୍ଠ କ୍ରୀଡ଼ାବିତ୍ ସକଳେଶ୍ୱର ପଟ୍ଟନାୟକ। ଅନ୍ୟମାନଙ୍କ ମଧ୍ୟରେ ଅଶ୍ୱିନୀ ପ୍ରହରାଜ ଓ ମନୋଜ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟେକ ବିଭାଗରେ ଚାମ୍ପିଅନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୭,୦୦୦ ଓ ୫,୦୦୦ ଟଙ୍କା ପ୍ରଦାନ କରାଯିବ।

## ଜାତୀୟ ତୀରନ୍ଦାଜୀ: ବାଳିକା ଦଳକୁ କାଂସ୍ୟ



କଟକ,୨୩।୧୨(ସମିସ): ୪୫ତମ ଜୁନିୟର ଜାତୀୟ ତୀରନ୍ଦାଜୀ ଚାମ୍ପିଅନସିପ୍‌ର ଦଳଗତ ଇଭେଣ୍ଟରେ ଓଡ଼ିଶା ବାଳିକା ଦଳ କାଂସ୍ୟ ବିଜୟୀ ହୋଇଛି। ରିକର୍ଭ ରାଉଣ୍ଡରେ ଓଡ଼ିଶାକୁ ଏହି ସଫଳତା ମିଳିଛି। ବାଳିକା ଦଳରେ ମମିତା ଓରାମ, ମାନେଶ୍ୱରୀ ହାସଁଦା, ସୁନୀତା ନାୟକ ଓ ସାବିତ୍ରୀ ପାତ୍ର ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ। ତେବେ ଜାତୀୟ ଚାମ୍ପିଅନସିପ୍‌ରେ ରାଜ୍ୟ ଦଳର ପ୍ରଦର୍ଶନ ପ୍ରଭାବଶାଳୀ ରହିଥିଲା। ପଦକ ବିଜୟୀ ପ୍ରତିଯୋଗୀଙ୍କୁ ଓଡ଼ିଶା ତୀରନ୍ଦାଜ ସଂଘ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

### ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ କବାଡ଼ି

## ସେଞ୍ଚୁରିଆନ, ଗୁଗଲ ସ୍ପୋର୍ଟ୍ସ ଚାମ୍ପିଅନ

ଭୁବନେଶ୍ୱର,୨୩।୧୨(ସମିସ)

ଜଟଣୀର ସେଞ୍ଚୁରିଆନ୍ କଲେଜ ଅଫ୍ ସାଇନ୍ସ ଓ ଭୁବନେଶ୍ୱରର ଗୁଗଲ ସ୍ପୋର୍ଟ୍ସ କ୍ଲବ୍ ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ କବାଡ଼ି ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ଖୋର୍ଦ୍ଧାସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଏହି ଦୁଇଦିନିଆ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଏଥିରେ ଦୁଇଟି କାଟାଗୋରୀରେ ରାଜ୍ୟର ୧୫ଟି ସ୍କୁଲର ୧୫୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ୧୯ ବର୍ଷରୁ କମ୍ ବାଳକ ବିଭାଗରେ ଜଟଣୀର ମହିମା ସ୍ପୋର୍ଟ୍ସକୁ ହରାଇ ସେଞ୍ଚୁରିଆନ୍ ଓ ୧୭ ବର୍ଷରୁ କମ୍ ବିଭାଗରେ କଟକର ରେନ୍‌ବୋ ସ୍ପୋର୍ଟ୍ସ କ୍ଲବ୍‌କୁ ହରାଇ ଗୁଗଲ ସ୍ପୋର୍ଟ୍ସ କ୍ଲବ୍ ଚାମ୍ପିଅନ ହୋଇଛି। ୧୯ ବର୍ଷରୁ କମ୍ ବିଭାଗରେ ମହିମା ସ୍ପୋର୍ଟ୍ସର କାର୍ତ୍ତିକ ବେଷ୍ଟ ରେଡର, ସେଞ୍ଚୁରିଆନ୍‌ର ସୁଜଳ ଯାଦବ ବେଷ୍ଟ ଡିଫେଣ୍ଡର, ୧୭ ବର୍ଷରୁ କମ୍‌ରେ ଗୁଗଲ ସ୍ପୋର୍ଟ୍ସର ପ୍ରଦୀପ ବେଷ୍ଟ ରେଡର ଓ କଟକ ରେନ୍‌ବୋ ସ୍ପୋର୍ଟ୍ସ କ୍ଲବ୍‌ର ଜିୟୁ ରେଡ୍ଡୀ ବେଷ୍ଟ ଡିଫେଣ୍ଡର ବିବେଚିତ ହୋଇଛନ୍ତି। ଖେଳ ଶେଷରେ ଟିଆଇଟିଇର ନିର୍ଦ୍ଦେଶକ ପ୍ରଫେସର ଡଃ. ଅନାଦି ଚରଣ ସାହୁ ମୁଖ୍ୟ ଅତିଥି, ଟିଇଟିଇ ଅଧ୍ୟକ୍ଷ ଡଃ. ସୁବ୍ରତ କୁମାର ମହାନ୍ତି ଆଦତ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।



'ନନ୍ଦିଘୋଷ ଟିଭି'
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ
କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି। ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS